ପୃଷ୍ଠା-୮+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) | Bhubaneswar, Monday, December 22/2025 | Page 16 | ₹ 7.00

୫୨ଶ ଭାଗ ୨୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 29 | ମୂଲ୍ୟ ₹୭/-



**ଦୁର୍ଘଟଣାରେ ନୋରା ଫତେହି ଆହତ**

କାର୍ ଦୁର୍ଘଟଣାରେ ଅଭିନେତ୍ରୀ ନୋରା ଫତେହି ଆହତ ହୋଇଛନ୍ତି। ସେ ସାମାନ୍ୟ ଆଘାତ ପାଇଥିଲେ ମଧ ସମ୍ପୂର୍ଣ୍ଣ ଠିକ୍ ଥିବା ସୋସିଆଲ ମିଡିଆରେ ଜଣାଇଛନ୍ତି।

୦୨

୦୮

**ଆଲେକ୍ସ କାରେ ପ୍ଲେୟର ଅଫ୍ ଦି ମ୍ୟାଚ**

ଇଂଲଣ୍ଡ ବିପକ୍ଷ ତୃତୀୟ ଆଶେସ କ୍ରିକେଟ ଟେଷ୍ଟରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି ଅଷ୍ଟ୍ରେଲୀୟ ବ୍ୟାଟର ଆଲେକ୍ସ କାରେ।



# ବଢ଼ିଲା ରେଳ ଭଡ଼ା

**ରେଳ ମନ୍ତ୍ରଣାଳୟ ପକ୍ଷରୁ ରବିବାର ଯାତ୍ରୀ ଭଡ଼ା ବଢ଼ାଯାଇଛି, ଯାହାକି ଚଳିତ ବର୍ଷର ୨ୟ ବୃଦ୍ଧି। ଡିସେମ୍ବର ୨୬ ତାରିଖରୁ ନୂଆ ଦର ଲାଗୁ ହେବ। ଏହି ବର୍ଦ୍ଧିତ ଦର ସବ୍-ଅର୍ବାନ(ଉପନଗର) ଏବଂ ସ୍ୱଳ୍ପ ଦୂରକୁ ସାଧାରଣ ଶ୍ରେଣୀରେ ଯାତ୍ରା କରୁଥିବା ଲୋକଙ୍କୁ କୌଣସି ପ୍ରଭାବିତ କରିବ ନାହିଁ। କିନ୍ତୁ ୨୧୫ କିଲୋମିଟରରୁ ଅଧିକ ଦୂର ସାଧାରଣ ଶ୍ରେଣୀରେ ଯାତ୍ରା କରୁଥିବା ଲୋକମାନଙ୍କୁ ଏବେ କିଲୋମିଟର ପିଛା ୧ ପଇସା ଅଧିକ ଦେବାକୁ ପଡ଼ିବ। ସେହିପରି ମେଲ୍ ଏବଂ ଏକ୍ସପ୍ରେସ ଟ୍ରେନ୍‌ର ନନ୍ ଏସି ଶ୍ରେଣୀ ଓ ସମସ୍ତ ଟ୍ରେନ୍‌ର ଏସି ଶ୍ରେଣୀରେ କିଲୋମିଟର ପିଛା ୨ ପଇସା ଲେଖାଏ ବୃଦ୍ଧି କରାଯାଇଛି। ପୂର୍ବରୁ ଗତ ଜୁଲାଇ ୧ରେ ରେଳଭଡ଼ା ବୃଦ୍ଧି କରାଯାଇଥିଲା। ୬ମାସ ମଧ୍ୟରେ ୨ୟ ଥର ବୃଦ୍ଧିକୁ ସାଧାରଣରେ ନାପସନ୍ଦ କରାଯାଇଛି। ବିଭିନ୍ନ ସୋସିଆଲ୍ ମିଡିଆରେ ଏନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଭଡ଼ା ବୃଦ୍ଧି ମାଧ୍ୟମରେ ସରକାର ଜିଏସ୍‌ଟି-୨ କ୍ଷତିର ଭରଣା କରିବାକୁ ଯାଉଛନ୍ତି ବୋଲି କେତେକ ମତପ୍ରକାଶ କରିଛନ୍ତି। ଏପରି ଅନେକ ଟ୍ରେନ୍ ଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ସହ ବାରମ୍ବାର ଦୁର୍ଘଟଣା ଘଟିବାକୁ ନେଇ ମଧ ପ୍ରଶ୍ନ ଉଠାଇଛନ୍ତି।**

## ୬ ମାସରେ ୨ୟ ବୃଦ୍ଧି



ନୂଆଦିଲ୍ଲୀ,୨୧।୧୨(ପି.ଟି.)

ଚଳିତବର୍ଷ ଜୁଲାଇ ପରେ ରବିବାର ଦ୍ୱିତୀୟ ଥର ଭଡ଼ା ବୃଦ୍ଧି କରାଯାଇଛି। ୨୧୫ କି.ମି. ପରେ ସାଧାରଣ ଶ୍ରେଣୀରେ ଯାତ୍ରୀଙ୍କ ପାଇଁ କି.ମି. ପ୍ରତି ଭଡ଼ା ୧ ପଇସା ବଢ଼ିବାକୁ ଥିବାବେଳେ ମେଲ୍ ବା ଏକ୍ସପ୍ରେସ୍ ଟ୍ରେନ୍‌ର ଅଣବାତାନୁକୂଳିତ ଶ୍ରେଣୀ ଏବଂ ସମସ୍ତ ଟ୍ରେନ୍‌ର ବାତାନୁକୂଳିତ ଶ୍ରେଣୀ ପାଇଁ ଭଡ଼ା ୨ ପଇସା ବୃଦ୍ଧି କରାଯାଇଛି। ନୂଆ ଦର ଆସନ୍ତା ୨୬ ତାରିଖରୁ ଲାଗୁ ହେବ। ତେବେ ସହର ମଧ୍ୟରେ ଯାତ୍ରା କରୁଥିବା ଲୋକମାନଙ୍କ ପାଇଁ ମାସିକ ସିଜନ୍ ଟିକେଟ ମୂଲ୍ୟରେ କୌଣସି ବୃଦ୍ଧି ହୋଇନାହିଁ। ସେହିପରି ଅନ୍ୟାନ୍ୟ ଟ୍ରେନ୍‌ର ସାଧାରଣ ଶ୍ରେଣୀରେ ୨୧୫ କି.ମି. ପର୍ଯ୍ୟନ୍ତ ଯାତ୍ରା ଲାଗି କୌଣସି ବର୍ଦ୍ଧିତ ଭଡ଼ା ପଡ଼ିବ ନାହିଁ। ଭଡ଼ା ବୃଦ୍ଧି ଦ୍ୱାରା ରେଲ୍‌ୱେ ଆସନ୍ତାବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ଅଧିକ ୬୦୦ କୋଟି ଟଙ୍କା ସଂଗ୍ରହ କରିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ଭଡ଼ା ବୃଦ୍ଧି ସାମାନ୍ୟ ହେଲେ ମଧ ଏହା ସାଧାରଣ ଯାତ୍ରୀଙ୍କ ଉପରେ ଚାପ ପକାଇବା ସହ ଶିଳ୍ପ ପାଇଁ ଲାଭଦାୟକ ହେବ ବୋଲି କେତେଜଣ ସୋସିଆଲ ମିଡିଆ ୟୁଜର ଯୁକ୍ତି ଦର୍ଶାଇଛନ୍ତି। ମାଲବାହୀ ଟ୍ରେନ୍ ଭଡ଼ା ବହୁବର୍ଷ ଧରି ଅପରିବର୍ତ୍ତିତ ରହିଥିବାବେଳେ ଟ୍ରେନ୍ ଚଳାଚଳ ବ୍ୟୟ ବୃଦ୍ଧି ପାଇଁ ଯାତ୍ରୀଙ୍କୁ କ୍ଷତି ଭରଣା କରିବାକୁ ବାଧ୍ୟ କରାଯାଉଥିବା ସେମାନେ କହିଛନ୍ତି। ଭଡ଼ା ବୃଦ୍ଧି ପାଇଁ ସରକାର ସଙ୍ଗତୀକରଣ ଶବ୍ଦ ବ୍ୟବହାର କରୁଥିବା କେତେଜଣ କହିଛନ୍ତି। ଟ୍ରେନ୍‌ରେ ପରିଚ୍ଛନ୍ନତାକୁ ନେଇ ☞ପୃଷ୍ଠା-୪



ପ୍ରବଳ କୁହୁଡ଼ି କାରଣରୁ ରବିବାର ବହୁ ଟ୍ରେନ ବିଳମ୍ବ ଏବଂ ବାତିଲ ହେବା ଯୋଗୁ ଯାତ୍ରୀମାନେ ରାଞ୍ଚି ରେଳ ଷ୍ଟେଶନ ସମ୍ମୁଖରେ ଅଟକି ରହିଛନ୍ତି।

## ଦକ୍ଷିଣ ଆଫ୍ରିକା ପବ୍‌ରେ ଗୁଳିକାଣ୍ଡ: ୯ ମୃତ, ୧୦ ଆହତ

ଜୋହାନ୍ସବର୍ଗ,୨୧।୧୨

ଦକ୍ଷିଣ ଆଫ୍ରିକାର ଏକ ପବ୍‌ରେ ରବିବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟି ୯ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ଜୋହାନ୍ସବର୍ଗଠାରୁ ପଶ୍ଚିମରେ ୪୬ କି.ମି. ଦୂରରେ ଥିବା ବେକ୍କେର୍ସଡାଲ୍ ସହରସ୍ଥିତ ପବ୍‌ରେ କେତେଜଣ ବନ୍ଧୁକଧାରୀ ଆଖିବୁଜା ଗୁଳି ଚଳାଇଥିଲେ। ଦକ୍ଷିଣ ଆଫ୍ରିକାରେ ୩ ସପ୍ତାହ ମଧ୍ୟରେ ଏହା ଦ୍ୱିତୀୟ ଗଣଗୁଳିକାଣ୍ଡ। ୧୨ ଜଣ ଅଜଣା ସନ୍ଦିଗ୍ଧ ଏକ ମିନିବସ୍ ଏବଂ ସେଡାନ୍‌ରେ ଥାଇ ପବ୍‌ର ଗ୍ରାହକମାନଙ୍କ ଉପରକୁ ଗୁଳି ଚଳାଇଥିଲେ। ସେମାନେ ରାସ୍ତାରେ ମଧ କେତେଜଣଙ୍କୁ ଗୁଳିମାଡ଼ କରିଥିଲେ ବୋଲି ପୋଲିସ କହିଛି। ଆହତ ୧୦ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସନ୍ଦିଗ୍ଧମାନଙ୍କୁ ଧରିବା ପାଇଁ ପୋଲିସ ତନାଘନା ଜାରି ରଖିଛି। ଚଳିତ ମାସ ଆରମ୍ଭରେ ଦକ୍ଷିଣ ଆଫ୍ରିକା ରାଜଧାନୀ ନିକଟରେ ଗୁଳିକାଣ୍ଡ ଘଟି ଅନ୍ୟୁନ ୧୨ ଜଣ ନିହତ ହେବା ସହ ୧୩ ଆହତ ହୋଇଥିଲେ। ୨୦୨୨ରେ ଜୋହାନ୍ସବର୍ଗର ସୋୱେଟୋ ସହରରେ ଗୁଳିକାଣ୍ଡ ଘଟି ୧୬ ଜଣଙ୍କ ଜୀବନ ଯାଇଥିଲା।

**ଆଜିର ସମ୍ପାଦକୀୟ**

ବାଂଲାଦେଶ ପରେ ବର୍ମା

# କୋରାପୁଟ ଜିଲ୍ଲାର ଉତ୍ପାଦିତ ଶସ୍ୟ ବିଶ୍ୱବିଦିତ: ମୁଖ୍ୟମନ୍ତ୍ରୀ

- **ପରବ ମହୋତ୍ସବରେ ୧୬ ପ୍ରକଳ୍ପ ଉଦ୍‌ଘାଟିତ**
- **୫୨୧ କୋଟି ଟଙ୍କା ବ୍ୟୟରେ ୭୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ**

କୋରାପୁଟ,୨୧।୧୨
(ଅମିତାଭ ବେହେରା)

କୋରାପୁଟ ଜିଲ୍ଲା ଜାତୀୟସ୍ତରୀୟ ଆଦିବାସୀ ଲୋକ ମହୋତ୍ସବର ରବିବାର ୪ର୍ଥ ସନ୍ଧ୍ୟାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କୋରାପୁଟ ହେଉଛି ଶହୀଦ ଲକ୍ଷ୍ମଣ ନାୟକଙ୍କ ମାଟି, ପର୍ଯ୍ୟଟନସ୍ଥଳୀରେ ପରିପୂର୍ଣ୍ଣ କୋରାପୁଟ ଜିଲ୍ଲା। ଜିଲ୍ଲାର କୋଣଅନୁକୋଣରେ ଆଦିବାସୀ ସଂସ୍କୃତି ଭରି ରହିଛି ବୋଲି ସେ କହିଛନ୍ତି। କୋରାପୁଟ ଜିଲ୍ଲା ଓ କେନ୍ଦୁଝର ଜିଲ୍ଲା ବିଭିନ୍ନ ଦୃଷ୍ଟିରେ ସମାନତା ରହିଛି। ଏଠାରୁ ଉତ୍ପାଦନ ହେଉଥିବା ମାଣ୍ଡିଆ, କଳାଜିରା ଧାନ, ହଳଦୀ ଓ କଫି ବିଶ୍ୱବିଦିତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାର ☞ପୃଷ୍ଠା-୪





ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ଅନ୍ତର୍ଗତ ଗୁଲ୍‌ମାର୍ଗରେ 'ଚିଲଇ କଲାଂ'ର ପ୍ରଥମ ଦିନରେ ତୁଷାରପାତ ଯୋଗୁ ବରଫାବୃତ ହୋଇଥିବା ରାସ୍ତାରେ ଗାଡ଼ିଗୁଡ଼ିକ ଚଳାଚଳ କରୁଛନ୍ତି।

# ଦିଲ୍ଲୀସ୍ଥିତ ଢାକା ମିଶନ ବାହାରେ ବିକ୍ଷୋଭ ନେଇ ବାଂଲାଦେଶୀ ଗଣମାଧ୍ୟମ ରିପୋର୍ଟକୁ ନିନ୍ଦାକଲା ଭାରତ

ନୂଆଦିଲ୍ଲୀ,୨୧।୧୨(ପି.ଟି.)

ବାଂଲାଦେଶରେ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ଘଟଣା ପ୍ରତିବାଦରେ ନୂଆଦିଲ୍ଲୀସ୍ଥିତ ଢାକା ମିଶନ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ନେଇ କେତେକ ବାଂଲାଦେଶୀ ଗଣମାଧ୍ୟମ ଖବର ପ୍ରକାଶ କରିଥିଲା। ଭାରତ ଏଭଳି ରିପୋର୍ଟକୁ ନିନ୍ଦା କରିବା ସହ ଏହା ବିଭ୍ରାନ୍ତିକର ପ୍ରଚାର ବୋଲି ରବିବାର କହିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି, ବାଂଲାଦେଶ ହାଇକମିଶନଙ୍କ କାର୍ଯ୍ୟାଳୟ ବାହାରେ ଶନିବାର ୨୦-୨୫ ଜଣ ଯୁବକ ଏକାଠି ହୋଇ ବାଂଲାଦେଶରେ ଦୀପୁ ଚନ୍ଦ୍ର ଦାସଙ୍କୁ ହତ୍ୟା ଘଟଣା ପ୍ରତିବାଦରେ ସ୍ଲୋଗାନ ଦେଇଥିଲେ। ବାଂଲାଦେଶରେ ଥିବା ସମସ୍ତ ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେବା ପାଇଁ ସେମାନେ ଦାବି କରିଥିଲେ। ବୀଭତ୍ସ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅପରାଧୀମାନଙ୍କୁ ଆଇନର କାଠଗଡ଼ାକୁ ଆଣିବା ପାଇଁ ନୂଆଦିଲ୍ଲୀ ବାଂଲାଦେଶର ଅନ୍ତରୀଣ ସରକାରଙ୍କୁ ନିବେଦନ କରିଥିଲା। ତେବେ ବାଂଲାଦେଶୀ ଗଣମାଧ୍ୟମର କେତେକ ରିପୋର୍ଟରେ ଯୁବକମାନେ ହାଇକମିଶନ ବାହାରେ ବିକ୍ଷୋଭ କରିବା ସହ ସୁରକ୍ଷା ବ୍ୟବସ୍ଥାର ଉଲ୍ଲଂଘନ କରିବାକୁ ଉଦ୍ୟମ କରିଥିଲେ ବୋଲି ଲେଖାଯାଇଛି। କୌଣସି ସମୟରେ ସୁରକ୍ଷା ଉଲ୍ଲଂଘନ କରି ଭିତରେ ପ୍ରବେଶ କରିବାର ଉଦ୍ୟମ ହୋଇ ନ ଥିଲା ବୋଲି ମନ୍ତ୍ରଣାଳୟ କହିଛି। କିଛି ସମୟ ପରେ ପୋଲିସ ସେମାନଙ୍କୁ ଘଉଡ଼ାଇ ଦେଇଥିଲା, ଯାହାର ଭିଡିଓ ପ୍ରମାଣ ସର୍ବସାଧାରଣରେ ଉପଲବ୍ଧ।

## ଚିଟ୍ଟାଗଙ୍ଗରେ ଭିଜା ସେବା ବନ୍ଦ

ଢାକା,୨୧।୧୨(ପି.ଟି.)

ବାଂଲାଦେଶର ପ୍ରମୁଖ ଯୁବନେତା ଶରିଫ୍ ଓସ୍‌ମାନ ହାଦିଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ଲାଗିରହିଥିବାରୁ ଚିଟ୍ଟାଗଙ୍ଗ ବନ୍ଦର ସହରରେ ଭାରତୀୟ ଭିଜା ଆପ୍ଲିକେଶନ ସେଣ୍ଟରକୁ ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ବନ୍ଦ କରିଦିଆଯାଇଛି। ଗତବର୍ଷ ଜୋର୍‌ଦାର ଛାତ୍ର ଆନ୍ଦୋଳନ ଫଳରେ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ସରକାର କ୍ଷମତାଚ୍ୟୁତ ହୋଇଥିଲା। ହାଡ଼ି ଏହି ଆନ୍ଦୋଳନର ଅନ୍ୟତମ ପ୍ରମୁଖ ନେତା ଥିଲେ। ଆଗାମୀ ଫେବୃଆରୀ ୧୨ରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସେ ପ୍ରାର୍ଥୀ ହୋଇଥିଲେ। ତେବେ ଗତ ୧୨ ତାରିଖରେ କେନ୍ଦ୍ରୀୟ ଢାକାର ବିଜୟନଗରଠାରେ ଏକ ନିର୍ବାଚନ ପ୍ରଚାର ସଭାରେ କେତେଜଣ ମୁଖାପିନ୍ଧା ବନ୍ଧୁକଧାରୀଙ୍କ ଗୁଳିରେ ସେ ଗୁରୁତର ଆହତ ହୋଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ତାଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ମୃତ୍ୟୁକୁ ନେଇ ବାଂଲାଦେଶରେ ଉତ୍ତେଜନା ପ୍ରକାଶ ପାଇବା ସହ ଆକ୍ରମଣ ଓ ଭଙ୍ଗାରୁଜା ଦେଖିବାକୁ ମିଳିଥିଲା। ଚଟ୍ଟୋଗ୍ରାମସ୍ଥିତ ଭାରତୀୟ ସହକାରୀ ଉଚ୍ଚାୟୁକ୍ତଙ୍କ ବାସଭବନକୁ ଟେକାମାଡ଼ ହୋଇଥିଲା। ଏହି ଘଟଣାକୁ ନେଇ ଚିଟ୍ଟାଗଙ୍ଗସ୍ଥିତ ଭାରତୀୟ ଭିଜା ଅପରେଶନ କେନ୍ଦ୍ରକୁ ରବିବାରଠାରୁ ପରବର୍ତ୍ତୀ ବିଜ୍ଞପ୍ତି ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ସ୍ଥିତି ସମୀକ୍ଷା ପରେ ଭିଜା କେନ୍ଦ୍ର ଖୋଲିବା ନେଇ ଘୋଷଣା କରାଯିବ।

## ଏସ୍‌ଏଚ୍‌ଏଏନ୍‌ଟିଆଇ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି

ନୂଆଦିଲ୍ଲୀ,୨୧।୧୨

ସଷ୍ଟେନେବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଏସ୍‌ଏଚ୍‌ଏଏନ୍‌ଟିଆଇ) ବିଲ୍‌କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ଫଳରେ ଘରୋଇ କମ୍ପାନୀଗୁଡ଼ିକ ଭାରତର ବେସାମରିକ ଆଣବିକ ସେକ୍ଟରରେ ପ୍ରବେଶ ପାଇଁ ଦ୍ୱାର ଖୋଲିଯାଇଛି। ପାର୍ଲାମେଣ୍ଟର ଶୀତ ଅଧିବେଶନରେ ଉକ୍ତ ବିଲ୍ ଗୃହୀତ ହୋଇଥିଲା। ଆଣବିକ ଶକ୍ତି ଆଇନ,୧୯୬୨ ଏବଂ ସିଭିଲ୍ ଲାଏବିଲିଟି ଫର୍ ନ୍ୟୁକ୍ଲିୟର ଡ୍ୟାମେଜ୍ ଆକ୍ଟ, ୨୦୧୦ ସ୍ଥାନରେ ନୂଆ ଆଇନ ଲାଗୁହେବ। ପୁରୁଣା ଆଇନ ଦେଶର ଆଣବିକ ଶକ୍ତି ବୃଦ୍ଧିରେ ପ୍ରତିବନ୍ଧକ ହୋଇ ଛିଡ଼ା ହୋଇଥିଲା ବୋଲି ସରକାର କହିଛନ୍ତି।

# 'ଭୋଟ ପାଇଁ ବାଂଲାଦେଶୀଙ୍କୁ ଥଇଥାନ କରିଥିଲା କଂଗ୍ରେସ'

ଗୁଆହାଟୀ,୨୧।୧୨

ବେଆଇନ ବାଂଲାଦେଶୀ ଆପ୍ରବାସୀ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କଂଗ୍ରେସକୁ କଡ଼ା ସମାଲୋଚନା କରିଛନ୍ତି। ଏହି ଦଳ ବେଆଇନ ବାଂଲାଦେଶୀଙ୍କୁ ଥଇଥାନ କରିବା ସହ ସେମାନଙ୍କୁ ସୁରକ୍ଷା ଦେଉଥିଲା। ଭାଜପା ନେତୃତ୍ୱରେ ଡବଲ ଇଞ୍ଜିନ୍ ସରକାର ଆସାମରେ ବହୁ ଦଶନ୍ଧିର ଅବହେଳା ଏବଂ ନୀତିଗତ ବିଫଳତାର ସଂଶୋଧନ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆସାମର ଡିବ୍ରୁଗଡ଼ରେ ୧୦,୬୦୧ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ବ୍ରାଉନଫିଲ୍ଡ ଆମୋନିଆ-ୟୁରିଆ ପ୍ଲାଣ୍ଟର ଶିଳାନ୍ୟାସ ଅବସରରେ ଜନସଭାକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଆହୁରି ଅଭିଯୋଗ କରିଥିଲେ, କଂଗ୍ରେସ ଭାରତବିରୋଧୀ କାର୍ଯ୍ୟସୂଚୀର ପ୍ରସାର କରିବା ସହ ଅସମୀୟା ଲୋକମାନଙ୍କ ପରିଚୟ ଏବଂ ଆଶା ଆକାଂକ୍ଷା ପ୍ରତି ଉଦାସୀନ ରହିଆସିଛି। ଆସାମ ଓ ଏହାର ଲୋକମାନଙ୍କ ପରିଚୟ ପାଇଁ ଉକ୍ତ ଦଳର କୌଣସି ଚିନ୍ତା ନାହିଁ। ସେମାନେ କେବଳ ସ୍ୱାର୍ଥ ପାଇଁ ଆଗ୍ରହୀ ଏବଂ ପୂର୍ବରୁ ଏଥିପାଇଁ କାର୍ଯ୍ୟ କରୁଥିଲେ। ସେଥିପାଇଁ ସେମାନେ ବେଆଇନ ବାଂଲାଦେଶୀ ଆପ୍ରବାସୀମାନଙ୍କୁ ଅଧିକ ଭଲ ପାଉଥିଲେ ଏବଂ ସେମାନଙ୍କୁ ଥଇଥାନ କରିବା ସହ ସୁରକ୍ଷା ଦେଉଥିଲେ। ଏହି କାରଣରୁ ସମ୍ପ୍ରତି ଚାଲିଥିବା ଭୋଟର ତାଲିକା ସଂଶୋଧନକୁ କଂଗ୍ରେସ ବିରୋଧ କରୁଥିବା ମୋଦି କହିଛନ୍ତି।
 ଏବେ ମଧ୍ୟ କଂଗ୍ରେସ ଆସାମ ଭୂମି ଓ ଜଙ୍ଗଲ ଅଞ୍ଚଳରେ ବାଂଲାଦେଶୀଙ୍କୁ ଥଇଥାନ କରି ଏହାର ଭୋଟବ୍ୟାଙ୍କ ବଢ଼ାଇବାକୁ ଚାହେଁ। ଏହି ତୁଷ୍ଟୀକରଣ ଏବଂ ଭୋଟବ୍ୟାଙ୍କ ରାଜନୀତିର ବିଷରୁ ଆସାମ ସୁରକ୍ଷିତ ହେବାର ଥିଲା। ଭାଜପା ଆସାମ ଜନସାଧାରଣଙ୍କ ସହ ଦୃଢ଼ ଭାବେ ଛିଡ଼ାହୋଇ ରାଜ୍ୟର ପରିଚୟ ଓ ସମ୍ମାନକୁ ସୁରକ୍ଷିତ କରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଆସାମର ମର୍ଯ୍ୟାଦା ବୃଦ୍ଧି କରୁଥିବା ପ୍ରତ୍ୟେକ କାର୍ଯ୍ୟ ଉପରେ ଭାଜପା ପ୍ରାଥମିକତା ଦେଉଥିବାରୁ କଂଗ୍ରେସକୁ ଅସୁବିଧା ହେଉଛି। ଭାଜପା ସରକାର ଭୁପେନ ହାଜାରିକାଙ୍କୁ ଭାରତରତ୍ନ ପ୍ରଦାନ କଲାବେଳେ କଂଗ୍ରେସ ଏହାକୁ ଖୋଲାବିରୋଧ କରିଥିଲା ବୋଲି ମୋଦି କହିଛନ୍ତି। ଆସାମ ଗସ୍ତର ଦ୍ୱିତୀୟ ଦିନରେ ପ୍ରଧାନମନ୍ତ୍ରୀ କ୍ରୁଜ୍ ଜାହାଜରେ ବ୍ରହ୍ମପୁତ୍ର ନଦୀରେ ଭ୍ରମଣ କରିବା ଅବସରରେ କେତେଜଣ ଛାତ୍ରୀଛାତ୍ରଙ୍କ ସହ 'ପରୀକ୍ଷା ପେ ଚର୍ଚ୍ଚା' କାର୍ଯ୍ୟକ୍ରମ ଉପରେ କଥା ହୋଇଥିଲେ। ଏଥିରେ ଆସାମର ବିଭିନ୍ନ ସ୍କୁଲ୍‌ରୁ ମୋଟ ୨୫ ଜଣ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ଡିବ୍ରୁଗଡ଼ରେ ଆମୋନିଆ-ୟୁରିଆ ପ୍ଲାଣ୍ଟ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ




ଡିବ୍ରୁଗଡ଼ରେ ପ୍ରଧାନମନ୍ତ୍ରୀ ବ୍ରାଉନଫିଲ୍ଡ ଆମୋନିଆ-ୟୁରିଆ ପ୍ଲାଣ୍ଟର ଶିଳାନ୍ୟାସ କରୁଛନ୍ତି। ପାଖରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଉପସ୍ଥିତ ଅଛନ୍ତି।

## ଘରୁ ଖାଦ୍ୟ ନେଇଗଲେ ଆତଙ୍କବାଦୀ

ଜମ୍ମୁ,୨୧।୧୨

ଜମ୍ମୁ-କଶ୍ମୀରର ଉଧାମପୁର ଜିଲା ଅନ୍ତର୍ଗତ ଏକ ଗ୍ରାମରେ ଆତଙ୍କବାଦୀମାନେ ଜଣକ ଘରେ ପଶି ଖାଦ୍ୟ ନେଇ ଜଙ୍ଗଲ ମଧ୍ୟକୁ ଖସି ପଳାଇଥିବା ସୂଚନା ମିଳିଛି। ସେମାନଙ୍କୁ ଧରିବା ପାଇଁ ସୁରକ୍ଷା ବଳ ତଲାସି ଅଭିଯାନ ଚଳାଇଥିବା ରବିବାର ଜଣେ ଅଧିକାରୀ କହିଛନ୍ତି। ଚୋରେ ମୋଟୁ ଏବଂ ଏହାର ପାଖ ଜଙ୍ଗଲ ଗ୍ରାମଗୁଡ଼ିକରେ ପୋଲିସ ଏବଂ ଅର୍ଦ୍ଧସାମରିକ ବାହିନୀ ପକ୍ଷରୁ ମିଳିତ ତଲାସି ଅଭିଯାନ ଜାରି ରହିଛି। ଗୋଇନ୍ଦା ସୂଚନା ଅନୁଯାୟୀ ଶନିବାର ସନ୍ଧ୍ୟାରେ ଆତଙ୍କବାଦୀ ଚୋରେ ମୋଟୁ ଗ୍ରାମର ମଙ୍ଗଟୁ ରାମଙ୍କ ଘରେ ପଶି ଖାଦ୍ୟ ନେଇଯାଇଥିଲେ। ତୁରନ୍ତ ପୋଲିସ ଏବଂ ଅର୍ଦ୍ଧସାମରିକ ଯବାନଙ୍କୁ ଡକାଯାଇଥିଲେ ମଧ୍ୟ ଆତଙ୍କବାଦୀ ମିଳି ନ ଥିଲେ। ଗାଁ ପାଖ ଜଙ୍ଗଲକୁ ଘେରାବନ୍ଦୀ କରି ସୁରକ୍ଷା ବଳ ତଲାସି ଜୋର୍‌ଦାର କରିଛି।

## ଭାଜପା ଚଷମାରେ ସଂଘକୁ ଦେଖିବା ବଡ଼ ଭୁଲ୍: ଭାଗବତ



ମୋହନ ଭାଗବତ

ନୂଆଦିଲ୍ଲୀ,୨୧।୧୨

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)ର କୌଣସି ରାଜନୈତିକ କାର୍ଯ୍ୟସୂଚୀ ନାହିଁ। ଭାଜପା ଚଷମାରେ ଏହି ସଂଗଠନକୁ ଦେଖିବା ବଡ଼ ଭୁଲ୍ ବୋଲି ଆର୍‌ଏସ୍‌ଏସ୍ ମୁଖ୍ୟ ମୋହନ ଭାଗବତ କହିଛନ୍ତି। କୋଲକାତାରେ ରବିବାର 'ଆର୍‌ଏସ୍‌ଏସ୍ ୧୦୦ ବ୍ୟାଖ୍ୟାନ ମେଳା' କାର୍ଯ୍ୟକ୍ରମରେ ଭାଗବତ କହିଛନ୍ତି, ସଂଘକୁ ସଂକୀର୍ଣ୍ଣ କିମ୍ବା ତୁଳନାତ୍ମକ ଢାଞ୍ଚାରେ ଦେଖା ନ ଯାଉ। ଯଦି ଆପଣମାନେ ସଂଘକୁ ବୁଝିବାକୁ ଚାହୁଁଛନ୍ତି, ତୁଳନା କରିବା ଦ୍ୱାରା ଏହା ଭୁଲ୍ ବୁଝାମଣା ଆଡ଼କୁ ନେଇଯିବ। ଯଦି ଆପଣ ସଂଘକୁ କେବଳ ଏକ ସେବା ସଂଗଠନ ବିବେଚନା କରନ୍ତି, ତେବେ ତାହା ଭୁଲ୍ ହେବ। ଆର୍‌ଏସ୍‌ଏସ୍‌କୁ ଭାଜପା ସହ ନ ଯୋଡ଼ିବାକୁ ସେ କହିଛନ୍ତି। ଭାଜପା ଚଷମାରେ ଆର୍‌ଏସ୍‌ଏସ୍‌କୁ ଦେଖିବା ଅନେକଙ୍କ ପ୍ରବୃତ୍ତିରେ ପରିଣତ ହୋଇଛି। ଆର୍‌ଏସ୍‌ଏସ୍ କୌଣସି ରାଜନୈତିକ ଏଜେଣ୍ଡା ପାଇଁ ଉଦ୍ୟମ କରେନାହିଁ। ହିନ୍ଦୁ ସମାଜର ଉନ୍ନତି ଓ ସୁରକ୍ଷା ପାଇଁ ସଂଗଠନ କାମ କରେ ବୋଲି ଭାଗବତ କହିଛନ୍ତି।

## ସାନ୍ ଫ୍ରାନ୍ସିସ୍କୋ: ୧.୩ ଲକ୍ଷ ଘର ଅନ୍ଧାରରେ

ସାନ୍ ଫ୍ରାନ୍ସିସ୍କୋ,୨୧।୧୨

ସାନ୍ ଫ୍ରାନ୍ସିସ୍କୋରେ ବିଜୁଳି ବିଭ୍ରାଟରୁ ୧ ଲକ୍ଷ ୩୦ ହଜାର ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନ ଅନ୍ଧାରରେ ରହିଥିବା ପାସିଫିକ୍ ଗ୍ୟାସ୍ ଆଣ୍ଡ ଇଲେକ୍ଟ୍ରିକ୍ କମ୍ପାନୀ କହିଛି। ସହରର ଉତ୍ତର ଭାଗର ଅନେକ ଅଞ୍ଚଳରେ ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ବିଦ୍ୟୁତ୍ କମ୍ପାନୀର ସହରରେ ଥିବା ଏକ-ତୃତୀୟାଂଶ ଉପଭୋକ୍ତା ବିଦ୍ୟୁତ୍ ସେବାରୁ ବଞ୍ଚିତ ହୋଇଛନ୍ତି। ପିଜି ଆଣ୍ଡ ଇ ସବ୍‌ଷ୍ଟେଶନରେ ଅଗ୍ନିକାଣ୍ଡ ଯୋଗୁ କେତେକ ଭାଗରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଥିବାବେଳେ ଅନ୍ୟ ଅଞ୍ଚଳରେ ବିଜୁଳି ବିଭ୍ରାଟର କାରଣ ଜଣାପଡ଼ିନାହିଁ।

## ମହାରାଷ୍ଟ୍ର ପୌର ନିର୍ବାଚନରେ ମହାଯୁତି ବିଜୟୀ

ମୁମ୍ବାଇ,୨୧।୧୨

ମହାରାଷ୍ଟ୍ରରେ ଅନୁଷ୍ଠିତ ନଗର ପରିଷଦ ଓ ପଞ୍ଚାୟତ ନିର୍ବାଚନରେ ଶାସକ ମହାଯୁତି ବିପୁଳ ବିଜୟ ଲାଭ କରିଥିବାବେଳେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଛି। ୨୮୮ଟି ମହାରାଷ୍ଟ୍ର ନଗର ପରିଷଦ ଏବଂ ପଞ୍ଚାୟତ ନିର୍ବାଚନ ଫଳାଫଳ ଘୋଷିତ ହୋଇଥିବାବେଳେ ମହାଯୁତିକୁ ୨୦୭ ଆସନ ମିଳିଛି। ୧୧୭ ଆସନ ଜିତି ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇଥିବାବେଳେ ଏକନାଥ ଶିନ୍ଦେଙ୍କ ଶିବସେନା ୫୩ ଏବଂ ଏନ୍‌ସିପି ୩୭ ଆସନ ଜିତିଛି। ବିରୋଧୀ ମହାବିକାଶ ଅଘାଡ଼ି ୪୪ ଆସନରେ ସୀମିତ ରହିଛି। କଂଗ୍ରେସ ଏବଂ ଶିବସେନା(ୟୁବିଟି) ପରାଜିତ ହୋଇଥିବାବେଳେ ଏଥିପାଇଁ ନିର୍ବାଚନ କମିଶନଙ୍କୁ ଦୋଷ ଦେଇଛନ୍ତି। ମହାଯୁତିକୁ ବିଜୟୀ କରାଇବାରେ ନିର୍ବାଚନ କମିଶନ ସୁବିଧା କରାଇଥିବା ରାଜ୍ୟ କଂଗ୍ରେସ ସଭାପତି ହର୍ଷବର୍ଦ୍ଧନ ସପକଲ କହିଛନ୍ତି। ନିର୍ବାଚନରେ ବିପୁଳ ବିଜୟ ପାଇଁ ଭାଜପାର ମୁଖ୍ୟ ରଣନୀତିକାର ଅମିତ୍ ଶାହା ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବିଜୟ କେନ୍ଦ୍ର ଓ ରାଜ୍ୟର ଏନ୍‌ଡିଏ ସରକାରଙ୍କ ଦୂରଦୃଷ୍ଟିକୁ ଜନସାଧାରଣଙ୍କ ଆଶୀର୍ବାଦ ବୋଲି ସେ କହିଛନ୍ତି। ଆମ ପ୍ରତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଅନ୍ୟ ନେତାମାନେ ଦେଖାଇଥିବା ଆସ୍ଥା ପୂରଣ କରିବାରେ ଆମେ ସମର୍ଥ ହୋଇଛୁ ବୋଲି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍ କହିଛନ୍ତି। ପ୍ରାୟ ଗୋଟିଏ ଦଶନ୍ଧି ପରେ ମହାରାଷ୍ଟ୍ରର ୨୬୪ ମ୍ୟୁନିସିପାଲ କାଉନସିଲ ଏବଂ ନଗର ପଞ୍ଚାୟତ ପାଇଁ ଡିସେମ୍ବର ୨ରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଶନିବାର ଆଉ ୨୦ରୁ ଅଧିକ ମ୍ୟୁନିସିପାଲ କାଉନ୍‌ସିଲ୍ ଓ ନଗର ପଞ୍ଚାୟତରେ ଭୋଟଗ୍ରହଣ କରାଯାଇଥିଲାବେଳେ ରବିବାର ଭୋଟଗଣତି ହୋଇଥିଲା।

# ଜି ରାମ ଜି ବିଲ୍‌କୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ

ନୂଆଦିଲ୍ଲୀ,୨୧।୧୨

ପାର୍ଲାମେଣ୍ଟରେ ଗୃହୀତ ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ବିଲ୍‌କୁ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଞ୍ଜୁରୀ ପ୍ରଦାନ କରିଛନ୍ତି। ବିପକ୍ଷ ଦଳଗୁଡ଼ିକର ତୀବ୍ର ବିରୋଧ ମଧ୍ୟରେ ଗତ ୧୮ ତାରିଖରେ ଏହି ବିଲ୍ ପାର୍ଲାମେଣ୍ଟର ଅନୁମୋଦନ ଲାଭ କରିଥିଲା।
 ଏହି ଆଇନ ଗ୍ରାମୀଣ ପରିବାର ପାଇଁ ପ୍ରତି ଆର୍ଥିକ ବର୍ଷରେ ସାମ୍ବିଧାନିକ ମଜୁରିଭିତ୍ତିକ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରିଛି। ଏହା ସଶକ୍ତୀକରଣ ଓ ସମାବେଶୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ସହ ଏକ ସମୃଦ୍ଧ, ସ୍ଥିର ଏବଂ ଆତ୍ମନିର୍ଭରଶୀଳ ଗ୍ରାମୀଣ ଭାରତ ପାଇଁ ମୂଳଦୁଆକୁ ମଜଭୁତ କରିବ ଏବଂ ଭାରତର ଗ୍ରାମୀଣ ନିଯୁକ୍ତି ଏବଂ ବିକାଶ ଢାଞ୍ଚାରେ ଏକ ନିର୍ଣ୍ଣାୟକ ସଂସ୍କାର ଆଣିବ। ଏହି ଆଇନ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ଆଇନ (ଏମ୍‌ଜିଏନ୍‌ଆରଇଜିଏ) ୨୦୦୫କୁ ଏକ ଆଧୁନିକ ସାମ୍ବିଧାନିକ ଢାଞ୍ଚା ସହିତ ପରିବର୍ତ୍ତିତ କରେ। ଏହା ଜୀବିକା ସୁରକ୍ଷାକୁ ବୃଦ୍ଧି କରିବ। ବିକଶିତ ଭାରତ ୨୦୪୭ର ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱିତ। ଏହା ଗ୍ରାମୀଣ ପରିବାର ପାଇଁ ଆୟ ସୁରକ୍ଷାକୁ ସୁଦୃଢ଼ କରିବା ସହିତ ଶାସନ ଓ ଉତ୍ତରଦାୟିତ୍ୱକୁ ଆଧୁନିକ କରି ମଜୁରିଭିତ୍ତିକ ନିଯୁକ୍ତିକୁ ସ୍ଥାୟୀ ଏବଂ ଗ୍ରାମୀଣ ଭିତ୍ତିଭୂମି ସୃଷ୍ଟି ସହିତ ସଂଯୋଗ କରିବ।
 ଏହି ଆଇନ ପ୍ରତି ଆର୍ଥିକ ବର୍ଷରେ ପ୍ରତ୍ୟେକ ଗ୍ରାମୀଣ ପରିବାରକୁ ଅତି କମ୍‌ରେ ୧୨୫ ଦିନର ମଜୁରି ନିଯୁକ୍ତିର ଏକ ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରେ, ଯଦି ପରିବାରର ବୟସ୍କ ସଦସ୍ୟମାନେ ଅଣକୁଶଳୀ ହସ୍ତକୃତ କାମ କରିବାକୁ ଇଚ୍ଛୁକ ହୁଅନ୍ତି। ପୂର୍ବ ୧୦୦-ଦିନର ଅଧିକାର ଉପରେ ଏହି ବୃଦ୍ଧି ଗ୍ରାମୀଣ ପରିବାର ପାଇଁ ଜୀବିକା ସୁରକ୍ଷା, କାର୍ଯ୍ୟର ପୂର୍ବାନୁମାନ ଏବଂ ଆୟ ସ୍ଥିରତାକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ସୁଦୃଢ଼ କରେ, ଏବଂ ଜାତୀୟ ବିକାଶରେ ସେମାନଙ୍କୁ ଅଧିକ ପ୍ରଭାବଶାଳୀ ଏବଂ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବାକୁ ସକ୍ଷମ କରେ। ସର୍ବାଧିକ ବୁଣା ଏବଂ ଅମଳ ଋତୁରେ କୃଷି ଶ୍ରମିକଙ୍କ ପର୍ଯ୍ୟାପ୍ତ ଉପଲବ୍ଧତାକୁ ସୁଗମ କରିବା ପାଇଁ ଏହି ଆଇନ ରାଜ୍ୟଗୁଡ଼ିକୁ ଏକ ଆର୍ଥିକ ବର୍ଷରେ ଷାଠିଏ ଦିନ ପର୍ଯ୍ୟନ୍ତ ଏକ ସାମଗ୍ରିକ ବିରତି ଅବଧି ସୂଚିତ କରିବାକୁ କ୍ଷମତା ପ୍ରଦାନ କରେ। ସମ୍ପୂର୍ଣ୍ଣ ୧୨୫-ଦିନର ନିଯୁକ୍ତି ଗ୍ୟାରେଣ୍ଟି ଅକ୍ଷୁଣ୍ଣ ରହିଥାଏ। ଏହି ଆଇନ ସାପ୍ତାହିକ ଭାବରେ କିମ୍ବା ଯେକୌଣସି କ୍ଷେତ୍ରରେ କାମ ସମାପ୍ତ ହେବାର ପନ୍ଦର ଦିନ ମଧ୍ୟରେ ମଜୁରି ପ୍ରଦାନ କରିବାକୁ ବାଧ୍ୟ କରେ। ନିର୍ଦ୍ଧାରିତ ସମୟଠାରୁ ଅଧିକ ବିଳମ୍ବ ହେଲେ ବିଳମ୍ବ କ୍ଷତିପୂରଣ ବ୍ୟବସ୍ଥା ଅନୁଯାୟୀ ପ୍ରଦାନ କରାଯିବ, ଯାହା ମଜୁରି ସୁରକ୍ଷାକୁ ସୁଦୃଢ଼ କରିବ ଏବଂ ଶ୍ରମିକମାନଙ୍କୁ ବିଳମ୍ବରୁ ରକ୍ଷା କରିବ। ମୁଖ୍ୟତଃ ଜଳ ସୁରକ୍ଷା ଏବଂ ଜଳ-ସମ୍ବନ୍ଧୀୟ କାର୍ଯ୍ୟ, ମୂଳ ଗ୍ରାମୀଣ ଭିତ୍ତିଭୂମି, ଜୀବିକା-ସମ୍ବନ୍ଧୀୟ ଭିତ୍ତିଭୂମି ଏବଂ ଅତି ତୀବ୍ର ପାଣିପାଗ ଘଟଣାଗୁଡ଼ିକୁ ହ୍ରାସ କରିବା ପାଇଁ କାର୍ଯ୍ୟ ଏହି ଯୋଜନାରେ କରାଯିବ। ସମସ୍ତ କାର୍ଯ୍ୟ ବଟମ୍-ଅପ୍ ପ୍ରକ୍ରିୟା ମାଧ୍ୟମରେ ଯୋଜନା କରାଯାଇଛି ଏବଂ ସୃଷ୍ଟି ହୋଇଥିବା ସମସ୍ତ ସମ୍ପତ୍ତିକୁ ବିକଶିତ ଭାରତ ଜାତୀୟ ଗ୍ରାମୀଣ ଭିତ୍ତିଭୂମି ଷ୍ଟାକରେ ସଂଗୃହୀତ କରାଯାଇଛି।
 ଏହି ଆଇନକୁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଭାବରେ କାର୍ଯ୍ୟକାରୀ କରାଯାଇଛି, ଯାହାକୁ ଆଇନର ବ୍ୟବସ୍ଥା ଅନୁଯାୟୀ ରାଜ୍ୟ ସରକାରମାନେ ଅଧିସୂଚିତ ଏବଂ କାର୍ଯ୍ୟକାରୀ କରିବେ। ଖର୍ଚ୍ଚ-ବଣ୍ଟନ ଢାଞ୍ଚା କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ୬୦:୪୦, ଉତ୍ତର-ପୂର୍ବ ଏବଂ ହିମାଳୟ ରାଜ୍ୟ ପାଇଁ ୯୦:୧୦ ଏବଂ ବିଧାନସଭା ବିନା କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ୧୦୦ ପ୍ରତିଶତ କେନ୍ଦ୍ରୀୟ ପାଣ୍ଠି ସୁବିଧା ରହିବ। ନିଯୁକ୍ତି ତଥା ବେକାରି ଭତ୍ତା ପାଇଁ ବୈଧାନିକ ଅଧିକାରକୁ ଏହି ଆଇନ ସମ୍ପୂର୍ଣ୍ଣ ସଂରକ୍ଷଣ କରେ। ପ୍ରଶାସନିକ ଖର୍ଚ୍ଚ ସୀମାକୁ ୬ ପ୍ରତିଶତରୁ ୯ ପ୍ରତିଶତକୁ ବୃଦ୍ଧି କରାଯାଇଛି, ଯଦ୍ୱାରା ଉନ୍ନତ କର୍ମଚାରୀ ନିଯୁକ୍ତି, ତାଲିମ, ବୈଷୟିକ କ୍ଷମତା ଓ କ୍ଷେତ୍ରସ୍ତରୀୟ ସହାୟତା ସମ୍ଭବ ହୋଇଛି ଏବଂ ଫଳପ୍ରଦ ଭାବରେ ଫଳାଫଳ ପ୍ରଦାନ କରିବା ପାଇଁ ଅନୁଷ୍ଠାନଗୁଡ଼ିକର କ୍ଷମତାକୁ ସୁଦୃଢ଼ କରାଯାଇଛି। ବିକଶିତ ଭାରତ - ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିଶନ (ଗ୍ରାମୀଣ) ଆଇନ, ୨୦୨୫, ବିକଶିତ ଭାରତ @ ୨୦୪୭ର ଦୃଷ୍ଟିକୋଣ ସହିତ ଭାରତର ଗ୍ରାମୀଣ ନିଯୁକ୍ତି ଢାଞ୍ଚାକୁ ନବୀକରଣ ଏବଂ ସୁଦୃଢ଼ କରିବା ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ପ୍ରତିନିଧିତ୍ୱ କରେ। ପ୍ରତି ଆର୍ଥିକ ବର୍ଷରେ ସାମ୍ବିଧାନିକ ମଜୁରୀ ନିଯୁକ୍ତି ଗ୍ୟାରେଣ୍ଟିକୁ ୧୨୫ ଦିନକୁ ବୃଦ୍ଧି କରି, ଏହି ଆଇନ ବିକେନ୍ଦ୍ରୀକରଣ, ଅଂଶଗ୍ରହଣକାରୀ ଶାସନକୁ ଗଭୀର କରିବା ସହିତ ନିଯୁକ୍ତି ଦାବି କରିବାର ଅଧିକାରକୁ ସୁଦୃଢ଼ କରେ। ଏହା ସ୍ୱଚ୍ଛ, ନିୟମ-ଆଧାରିତ ପାଣ୍ଠି, ଉତ୍ତରଦାୟିତ୍ୱ ବ୍ୟବସ୍ଥା, ପ୍ରଯୁକ୍ତିବିଦ୍ୟା-ସକ୍ଷମ ଅନ୍ତର୍ଭୁକ୍ତୀକରଣ ଏବଂ ସମନ୍ୱୟ-ଚାଳିତ ବିକାଶକୁ ଏକୀକୃତ କରେ ଯାହା ଦ୍ୱାରା ଗ୍ରାମୀଣ ନିଯୁକ୍ତି କେବଳ ଆୟ ସୁରକ୍ଷା ପ୍ରଦାନ କରେ ନାହିଁ ବରଂ ସ୍ଥାୟୀ ଜୀବିକା, ସ୍ଥିର ସମ୍ପତ୍ତି ଏବଂ ଦୀର୍ଘକାଳୀନ ଗ୍ରାମୀଣ ସମୃଦ୍ଧିରେ ମଧ୍ୟ ଯୋଗଦାନ କରେ।

ଫୁର୍‌ସତ୍

# ଗ୍ରୀନ୍‌ଲାଣ୍ଡରେ ପିମ୍ପୁଡ଼ି ଦେଖିବାକୁ ମିଳନ୍ତିନାହିଁ

ନୂଆଦିଲ୍ଲୀ



ପିମ୍ପୁଡ଼ି ପ୍ରାୟତଃ ସବୁଠି ଦେଖାଯା'ନ୍ତି। ମାତ୍ର ବିଶ୍ୱରେ ଏପରି ଏକ ସ୍ଥାନ ଅଛି, ଯେଉଁଠି ଗୋଟିଏ ବି ପିମ୍ପୁଡ଼ି ନାହାନ୍ତି। ତାହା ହେଉଛି ଗ୍ରୀନ୍‌ଲାଣ୍ଡ। ଏହା ବିଶ୍ୱର ସବୁଠାରୁ ବଡ଼ଦ୍ୱୀପ। ଏଠାକୁ ବୁଲିବାକୁ ଗଲେ ଗୋଟିଏ ବି ପିମ୍ପୁଡ଼ି ଦେଖିବାକୁ ପାଇବେ ନାହିଁ। ପିମ୍ପୁଡ଼ିଙ୍କ ପ୍ରଜନନ ପାଇଁ ଏଠାକାର ଜଳବାୟୁ ସମ୍ପୂର୍ଣ୍ଣ ଅନୁପଯୁକ୍ତ। ଗ୍ରୀନ୍‌ଲାଣ୍ଡର ଜଳବାୟୁ ଅତ୍ୟନ୍ତ ଥଣ୍ଡା, ଯାହା ପିମ୍ପୁଡ଼ିଙ୍କ ରହିବା ପାଇଁ ଇକୋସିଷ୍ଟମ୍‌କୁ ଅନୁପଯୁକ୍ତ କରିଥାଏ। ଥଣ୍ଡା ଜଳବାୟୁ ପିମ୍ପୁଡ଼ି ଉପରେ ନକାରାତ୍ମକ ପ୍ରଭାବ ପକାଏ। ଏହି କାରଣରୁ ଏଠାରେ ଗୋଟିଏ ବି ପିମ୍ପୁଡ଼ି ନାହାନ୍ତି। ଉତ୍ତର ମେରୁରେ ଅବସ୍ଥିତି ଯୋଗୁ ଗ୍ରୀନ୍‌ଲାଣ୍ଡର ତାପମାତ୍ରା ସର୍ବଦା ଥଣ୍ଡା ରହିଥାଏ। ପୃଥିବୀର ଦକ୍ଷିଣ ମେରୁ ଆଣ୍ଟାର୍କଟିକାରେ ସମାନ ପରିସ୍ଥିତି ରହିଛି। ଏହି କାରଣରୁ ଆଣ୍ଟାର୍କଟିକାରେ ମଧ୍ୟ ପିମ୍ପୁଡ଼ି ଦେଖାଯାଆନ୍ତି ନାହିଁ। ଏଠାରେ ପିମ୍ପୁଡ଼ିଙ୍କ ଲାଗି କୌଣସି ଖାଦ୍ୟଶୃଙ୍ଖଳା ନାହିଁ। ଖାଦ୍ୟଶୃଙ୍ଖଳାର ଅଭାବ ଯୋଗୁ ସେମାନେ ଏଠାରେ ବଞ୍ଚିପାରନ୍ତି ନାହିଁ। ଗ୍ରୀନ୍‌ଲାଣ୍ଡ ବିଶ୍ୱର ସର୍ବବୃହତ୍ ଦ୍ୱୀପ। ଏହି ସ୍ଥାନଟି ଅତ୍ୟନ୍ତ ସୁନ୍ଦର, ଯାହାର ଏକ ବଡ଼ ଅଂଶ ବରଫରେ ଆଚ୍ଛାଦିତ। ଅନେକ ଲୋକ ପ୍ରାୟତଃ ଗ୍ରୀନ୍‌ଲାଣ୍ଡ ପରିଦର୍ଶନରେ ଆସିଥା'ନ୍ତି।

# ଦୁର୍ଘଟଣାରେ ନୋରା ଫତେହି ଆହତ

ନୂଆଦିଲ୍ଲୀ,୨୧।୧୨



କାର୍ ଦୁର୍ଘଟଣାରେ ଅଭିନେତ୍ରୀ ନୋରା ଫତେହି ଆହତ ହୋଇଛନ୍ତି। ଦୁର୍ଘଟଣାରେ ସାମାନ୍ୟ ଆଘାତ ପାଇଥିଲେ ମଧ୍ୟ ଏବେ ସେ ସମ୍ପୂର୍ଣ୍ଣ ଠିକ୍ ଥିବା ସୋସିଆଲ ମିଡିଆରେ ଏକାଧିକ ଭିଡିଓ ଶେୟାର କରି ତାଙ୍କ ଫଲୋର୍ସମାନଙ୍କୁ ସୁନିଶ୍ଚିତ କରାଇଛନ୍ତି। ୩୩ ବର୍ଷୀୟା ଅଭିନେତ୍ରୀ ଶନିବାର ମୁମ୍ବାଇର ସନ୍‌ବର୍ନ ମ୍ୟୁଜିକ୍ ଫେଷ୍ଟିଭାଲକୁ ଯାଉଥିବାବେଳେ ବାଟରେ ଏକ କାର୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଉକ୍ତ କାର୍‌ର ଡ୍ରାଇଭରଙ୍କୁ ପୋଲିସ ଗିରଫ କରିଛି। ଡ୍ରାଇଭର ମଦ ନିଶାରେ ଥିଲେ ବୋଲି କୁହାଯାଉଛି। ଇନ୍‌ଷ୍ଟାଗ୍ରାମରେ ଭିଡିଓ ଶେୟାର କରି ନୋରା କହିଛନ୍ତି, ବାସ୍ତବରେ ଏହା ଗୁରୁତର ଦୁର୍ଘଟଣା ଥିଲା। ମଦ ନିଶାରେ ଥିବା ବ୍ୟକ୍ତିଜଣକ ମୋ କାର୍‌କୁ ଧକ୍କା ଦେଇଥିଲେ। ଫଳରେ କାର୍ କ୍ଷତିଗ୍ରସ୍ତ ହେବା ସହ ତାଙ୍କ ମୁଣ୍ଡ କାର୍ ୱିଣ୍ଡୋରେ ପିଟିହୋଇ ଯାଇଥିଲା। ତେବେ ସେ ବଞ୍ଚିଯାଇଛନ୍ତି ଓ ସୁସ୍ଥ ଅଛନ୍ତି। ମୁଣ୍ଡ ଫୁଲିଯିବା ସହ ସାମାନ୍ୟ ମସ୍ତିଷ୍କାଘାତ ଲାଗିଥିବା ନୋରା କହିଛନ୍ତି।

# ଓଡ଼ିଶାର ୫ ଜଳପଥ ବିକାଶ ଆଶା ଉଜ୍ଜୀବିତ

- ମହାନଦୀ, ବ୍ରାହ୍ମଣୀ-ଖରସ୍ରୋତା, ବୈତରଣୀ, ବିରୂପା, ବଡ଼ଗେଙ୍ଗୁଟି ନଦୀ ସାମିଲ
- କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାତୀୟ ଜଳପଥ ଭାବେ ଘୋଷଣା
- ଆଇଡବ୍ଲ୍ୟୁଏଆଇ ଦ୍ୱାରା ବିକାଶ କାର୍ଯ୍ୟ ହେବ

ଯାଜପୁର,୨୧।୧୨
(ହର୍ଷବର୍ଦ୍ଧନ ବେହେରା)

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ପ୍ରାଧିକରଣ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟ ଜଳପଥ ଆଇନ-୨୦୧୬ ଅନୁଯାୟୀ ଦେଶର ୧୧୧ଟି ଜଳପଥକୁ ଜାତୀୟ ଜଳପଥ ଭାବେ ଘୋଷଣା କରାଯାଇଛି। ଏହି ତାଲିକାରେ ଓଡ଼ିଶାର ୫ଟି ଜଳପଥକୁ ସ୍ଥାନ ମିଳିଛି। ଏହି ଆଇନ ଅନୁସାରେ ପ୍ରସ୍ତାବିତ ଜଳପଥଗୁଡ଼ିକର ବିକାଶ ପାଇଁ ସବିଶେଷ ରିପୋର୍ଟ ଦାଖଲ କରିବାକୁ ମନ୍ତ୍ରଣାଳୟ ପକ୍ଷରୁ ସଚିବ ବିଜୟ କୁମାର ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛନ୍ତି। ଉକ୍ତ ପତ୍ର ଆଧାରରେ ରାଜ୍ୟ ସରକାରଙ୍କ ଜଳ ସମ୍ପଦ ବିଭାଗ ପକ୍ଷରୁ ଶନିବାର ଜାତୀୟ ଜଳପଥର ବିକାଶ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ସର୍ବୋଚ୍ଚ ଯନ୍ତ୍ରୀ ଏବଂ କଟକ ଡ୍ରେନେଜ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ମନ୍ତ୍ରଣାଳୟ ଅଧୀନରେ ଇନ୍‌ଲାଣ୍ଡ୍ ୱାଟରୱେ ଅଥରିଟି ଅଫ୍ ଇଣ୍ଡିଆ (ଆଇଡବ୍ଲ୍ୟୁଏଆଇ) ବା ଭାରତୀୟ ଆଭ୍ୟନ୍ତରୀଣ ଜଳପଥ ପ୍ରାଧିକରଣ ଏକ ସ୍ୱାୟତ୍ତ ସଂସ୍ଥା। ଏହି ସଂସ୍ଥା ଦେଶର ଜଳପଥଗୁଡ଼ିକର ବିକାଶ ଏବଂ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଛି। ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ଜଳପଥ ମାଧ୍ୟମରେ ପରିବହନ ୨୦୧୩-୧୪ରେ ୧୮ ମିଲିୟନ ମେଟ୍ରିକ ଟନ (ଏମ୍‌ଏମ୍‌ଟି)ରୁ ୨୦୨୪-୨୫ରେ ୧୪୬ ଏମ୍‌ଏମ୍‌ଟିକୁ ବୃଦ୍ଧି ପାଇଛି। ମାଲ ପରିବହନ, ଯାତ୍ରୀ ଏବଂ କ୍ରୁଜ ପରିବହନ ପାଇଁ ଉତ୍ତର-ପଶ୍ଚିମ ଦିଗରେ ୫୧୫୫ କିଲୋମିଟର ଲମ୍ବ ସହିତ ୩୨ଟି ଜାତୀୟ ଜଳପଥ କାର୍ଯ୍ୟକ୍ଷମ କରାଯାଇଛି। ୨୦୨୪-୨୫ ମଧ୍ୟରେ ଯାତ୍ରୀ ପରିବହନ ବୃଦ୍ଧି ୭.୭୬ କୋଟିକୁ ବୃଦ୍ଧି ପାଇଛି। ୯ଟି ରାଜ୍ୟର ୧୩ଟି ଜାତୀୟ ଜଳ ପଥରେ ୧୫ଟି ରିଭର କ୍ରୁଜ ସର୍କିଟ ବା ନଦୀ ପର୍ଯ୍ୟଟନକ୍ଷେତ୍ର କାର୍ଯ୍ୟକ୍ଷମ ହୋଇଛି। ଆଇଡବ୍ଲ୍ୟୁଏଆଇ ଦ୍ୱାରା ନିଆଯାଇଥିବା ପଦକ୍ଷେପଗୁଡ଼ିକରେ ମଲ୍ଟି ମୋଡାଲ ବା ଇଣ୍ଟର୍ ମୋଡାଲ ଟର୍ମିନାଲ, କମ୍ୟୁନିଟି ଜେଟି, ନେଭିଗେଶନାଲ ଲକ୍, ଜାହାଜ ମରାମତି ସୁବିଧା, ଫେୟାରୱେ ରକ୍ଷଣାବେକ୍ଷଣ ଇତ୍ୟାଦି ଅନ୍ତର୍ଭୁକ୍ତ। ଥରେ କୌଣସି ଜଳପଥକୁ ଜାତୀୟ ଜଳପଥ ଭାବରେ ଘୋଷଣା କରାଯିବା ପରେ ଏହାର ବିକାଶ ଆଇଡବ୍ଲ୍ୟୁଏଆଇ ଦ୍ୱାରା କରାଯାଇଥାଏ। ଯେଉଁଥିରେ ଅନ୍ତର୍ଦେଶୀୟ ଜଳ ଟର୍ମିନାଲ ସମ୍ବନ୍ଧିତ ଭିତ୍ତିଭୂମି, ନଦୀ ତାଲିମ କାର୍ଯ୍ୟ ଏବଂ ଡ୍ରେଜିଂ ଦ୍ୱାରା ନେଭିଗେଶନାଲ ଫେୟାରୱେ ଅନ୍ତର୍ଭୁକ୍ତ। ପଣ୍ୟଦ୍ରବ୍ୟ, କ୍ରୁଜ ଏବଂ ଯାତ୍ରୀବାହୀ ଜାହାଜର ସୁଗମ ଗତିବିଧି ସୁନିଶ୍ଚିତ କରିବା ପାଇଁ ନେଭିଗେଶନର ସହାୟତା ନିଆଯାଏ। ଏହିକ୍ରମରେ ପୂର୍ବ ପ୍ରସ୍ତାବିତ ଓଡ଼ିଶାର ବ୍ରାହ୍ମଣୀ-ଖରସ୍ରୋତା-ଧାମରା ପର୍ଯ୍ୟନ୍ତ ୨୬୫ କି.ମି., ବୈତରଣୀ ନଦୀର ୪୮ କି.ମି., ବିରୂପା-ବଡ଼ଗେଙ୍ଗୁଟି-ବ୍ରାହ୍ମଣୀ ରିଭର ସିଷ୍ଟମ୍‌ର ୧୫୬ କି.ମି. ସମେତ ମହାନଦୀର ୪୨୬ କି.ମି., ବୁଢାବଳଙ୍ଗ ନଦୀର ୫୬ କି.ମି. ଜଳପଥର ବିକାଶ ପ୍ରସ୍ତାବ ଦିଆଯାଇଛି। ଏହାବାଦ୍ ଦେଶରେ ଆଭ୍ୟନ୍ତରୀଣ ଜଳପଥର ବିକାଶ ପାଇଁ ପୂର୍ବରୁ ଘୋଷିତ ଜଳପଥ ବ୍ୟତୀତ ଆହୁରି ସମ୍ଭାବ୍ୟ ଜଳପଥଗୁଡ଼ିକୁ ଜାତୀୟ ଜଳପଥ ଭାବରେ ଘୋଷଣା କରିବା ପାଇଁ ତାଲିକା ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାପରେ ଆଇଡବ୍ଲ୍ୟୁଏଆଇ ପକ୍ଷରୁ ନୂତନ ପ୍ରସ୍ତାବିତ ଜଳପଥଗୁଡ଼ିକର ଆବଶ୍ୟକ ତଦନ୍ତ କରାଯାଇ ଜାତୀୟ ଜଳପଥ ଭାବରେ ଘୋଷଣା ପାଇଁ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ହୋଇଛି।

ସୂଚନାଥାଉ କି ୧୯୫୬ରୁ ବ୍ରାହ୍ମଣୀ ଓ ଖରସ୍ରୋତାକୁ ଚିରସ୍ରୋତାରେ ପରିଣତ କରିବା ପାଇଁ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଜେନାପୁରଠାରୁ ବ୍ରାହ୍ମଣୀ ନଦୀରୁ ବାହାରିଥିବା ଖରସ୍ରୋତା ନଦୀଟି ଏବେ ମୁହାଣ ଓ ଟିକରପଡ଼ାଠାରେ ପୋତି ହେବା ଫଳରେ ନଦୀ ଜଳ ତଳ ମୁଣ୍ଡକୁ ଯାଇପାରୁ ନାହିଁ। ଦିନଥିଲା ଏହି ନଦୀର ପାଣି ଉପରେ ୧୮୦ ଖଣ୍ଡ ଗାଁର ଲୋକଙ୍କ ଜୀବନ ଓ ଜୀବିକା ନିର୍ଭରଶୀଳ ଥିଲା। ୮୦ ଭାଗ ଜମି ଏହି ନଦୀ ଜଳରୁ ଜଳସେଚିତ ହେବା ସହିତ ମଧୁର ମାଛ ଉତ୍ପାଦିତ ହୋଇ ଯାଜପୁର ଜିଲା ସମେତ ବାହାରକୁ ରପ୍ତାନି ହୋଇ ପାରୁଥିଲା। ବ୍ରିଟିଶ ସମୟରେ ଜଳପଥରେ ପଣ୍ୟଦ୍ରବ୍ୟ ପରିବହନ ହେଉଥିଲା। କିନ୍ତୁ ଏବେ ପାଣି ଅଭାବରୁ ଯାଜପୁର ଜିଲା ମରୁଡ଼ିଗ୍ରସ୍ତ ହୋଇ ପଡୁଛି। ଶୀତ ଦିନିଆ, ଖରାଦିନିଆ ଫସଲ ଓ ପନିପରିବା ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ତେଣୁ ଜାତୀୟ ଜଳପଥ ଯୋଜନାରେ ଏହି ନଦୀଗୁଡ଼ିକର ବିକାଶ ହେଲେ ଅଞ୍ଚଳବାସୀ ଅନେକ ସୁବିଧା ପୁଣି ପାଇପାରିବେ ବୋଲି ଆଶା କରାଯାଇଛି।

# ଚିଲିକା ମୁହାଣରେ ବୁଡ଼ି ପର୍ଯ୍ୟଟକ ମୃତ

## ପର୍ଯ୍ୟଟକଙ୍କ ପାଇଁ ନାହିଁ ମୌଳିକ ସୁରକ୍ଷା

ବ୍ରହ୍ମଗିରି,୨୧।୧୨
(ସ୍ୱାଧୀନ ଚମ୍ପତିରାୟ)

ଚିଲିକାରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଭୁବନେଶ୍ୱରର ଏକ ଘରୋଇ କମ୍ପାନୀର କର୍ମଚାରୀ ଚିଲିକା ବୁଲିବାକୁ ଆସିଥିଲେ। ମୁହାଣରେ ଗାଧୋଇବା ବେଳେ ଜଣେ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝାଡ଼ଖଣ୍ଡର କୁଶଗ୍ର ଦିବ୍ୟ।

ସୂଚନାଯୋଗ୍ୟ, ରବିବାର ଏକ ଘରୋଇ କମ୍ପାନୀର କର୍ମଚାରୀ ବସ୍‌ରେ ଆସି ଡଙ୍ଗାରେ ଚିଲିକା ବୁଲିବାକୁ ଯାଇଥିଲେ। ଡଙ୍ଗା ଚିଲିକାର ନୂଆମୁହାଣ ଠାରେ ଲାଗିବାରେ ୪/୫ ଜଣ ସେଠାରେ ଗାଧୋଇଥିଲେ। ହଠାତ୍ ସେମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡର କୁଶଗ୍ର ଦିବ୍ୟ ମୁହାଣ ମଧ୍ୟରେ ଭାସି ଯାଇଥିଲେ। ଖବରପାଇ ବ୍ରହ୍ମଗିରି ଅଗ୍ନିସେବା ବିଭାଗ ଓ ସ୍ଥାନୀୟ ଲୋକେ ଖୋଜାଖୋଜି କରି ଅପରାହ୍ନରେ ତାଙ୍କ ମୃତଦେହ ପାଇଥିଲେ।

ଚିଲିକା ହେଉଛି ନୌବିହାରର କେନ୍ଦ୍ରବିନ୍ଦୁ। ଚିଲିକାର ଅଗାଧ ଜଳରାଶିରେ ଡଙ୍ଗାରେ ବସି ପ୍ରାକୃତିକ ଶୋଭା ଉପଭୋଗ କରିବାକୁ ଦେଶବିଦେଶରୁ ପର୍ଯ୍ୟଟକ ଆସିଥାନ୍ତି। ପର୍ଯ୍ୟଟକଙ୍କୁ ଚିଲିକା ବୁଲାଇ ନେବା ପାଇଁ ଚିଲିକା କୂଳରେ ଖୋଲିଛି ଅନେକ ବୋଟିଂ ପଏଣ୍ଟ। ସେଠାରୁ ପର୍ଯ୍ୟଟକମାନେ ଡଙ୍ଗାରେ ଚିଲିକା ବୁଲିବାକୁ ଯାଇଥାନ୍ତି। ଏହାସହ କିଛି ଘରୋଇ ଡଙ୍ଗା ଚାଳକ ଏହି କାମରେ ନିୟୋଜିତ ହୋଇଛନ୍ତି। କିନ୍ତୁ ପ୍ରଶାସନିକ କଟକଣା ଅଭାବରୁ ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ବିନା ଲାଇଫ୍ ଜ୍ୟାକେଟ୍ ଓ ଲାଇଫ୍ ଗାର୍ଡଙ୍କ ସହାୟତାରେ ଡଙ୍ଗା ଚାଳକମାନେ ପର୍ଯ୍ୟଟକଙ୍କୁ ଚିଲିକା ମଧ୍ୟକୁ ନେଉଛନ୍ତି। ଫଳରେ ଚିଲିକାରେ ଏଭଳି ଦୁର୍ଘଟଣା ଘଟୁଛି। ଏଥିପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

# ୭ଦିନ ଜାରି ରହିବ ଶୀତ ଲହରି

ଭୁବନେଶ୍ୱର, ୨୧।୧୨
(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରି ଜାରି ରହିବ। ଆସନ୍ତା ୭ଦିନ ପର୍ଯ୍ୟନ୍ତ ପାଣିପାଗର କୌଣସି ବିଶେଷ ପରିବର୍ତ୍ତନ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୪ ଘଣ୍ଟାରେ ଉତ୍ତର ଉପକୂଳ ଓଡ଼ିଶାର ଜିଲାଗୁଡିକର କିଛି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ହ୍ରାସ ପାଇଛି। ସେହିପରି ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୩ରୁ ୪ ଡିଗ୍ରୀ କମ୍, ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରାୟ ୨ଡିଗ୍ରୀ କମ୍, ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସ୍ୱାଭାବିକଠାରୁ ପ୍ରାୟ ୨ଡିଗ୍ରୀ ଅଧିକ ଏବଂ ଓଡ଼ିଶାର ଅନ୍ୟ ଜିଲାରେ ତାପମାତ୍ରା ସ୍ୱାଭାବିକ ଥିଲା। ଅନ୍ୟପକ୍ଷରେ ରାଉରକେଲାରେ ଘନ କୁହୁଡି ପାଇଁ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। କେନ୍ଦୁଝର, ଫୁଲବାଣୀ, ଭବାନୀପାଟଣା, ଚାନ୍ଦବାଲି, କୋରାପୁଟ ଏବଂ ବାରିପଦାରେ କୁହୁଡି ଦେଖାଦେଇଥିଲା। ପାଣିପାଗ କେନ୍ଦ୍ରର ତଥ୍ୟ ଅନୁସାରେ, ଜି.ଉଦୟଗିରିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୫.୬ ଡିଗ୍ରୀ ରହିଥିଲା। ସେହିପରି ସେମିଲିଗୁଡାରେ ୬.୭ ଡିଗ୍ରୀ, ଦାରିଙ୍ଗବାଡି ଏବଂ ଫୁଲବାଣୀରେ ୭ଡିଗ୍ରୀ, କୋରାପୁଟ ୭.୬, ନବରଙ୍ଗପୁର ଓ ଟିପିଲିମାରେ ୯ ଡିଗ୍ରୀ, ଭବାନୀପାଟଣା ୯.୪, ଝାରସୁଗୁଡା ଓ ଅନୁଗୋଳରେ ୯.୬ ଡିଗ୍ରୀ ରେକର୍ଡ କରାଯାଇଛି। ଅପରପକ୍ଷେ ଆସନ୍ତା ୨ଦିନ ପାଇଁ ସୁନ୍ଦରଗଡ, ଝାରସୁଗୁଡା, ସମ୍ବଲପୁର, କେନ୍ଦୁଝର ଓ ମୟୂରଭଞ୍ଜ ପାଇଁ ଘନ କୁହୁଡି ସତର୍କତା ଜାରି କରାଯାଇଛି।

# ମର୍କତନଗର ଥାନାରେ ଏତଲା ଦେଲେ ହ୍ୟୁମାନଙ୍କ ମା’

## ହ୍ୟୁମାନଙ୍କ ମୃତ୍ୟୁର ତଦନ୍ତ ସହ ଦୋଷୀଙ୍କୁ ଦଣ୍ଡ ଦିଆଯାଉ



ଶେଫାଳି ସୁନା ମର୍କତନଗର ଥାନାରେ ଏତଲା ଦେଉଛନ୍ତି।

କଟକ,୨୧।୧୨(କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ୍ ସାଗରଙ୍କ ମୃତ୍ୟୁ ଘଟଣାକୁ ନେଇ ମାଆ ଶେଫାଳି ସୁନା ରବିବାର କଟକ ମର୍କତନଗର ଥାନାରେ ଏତଲା ଦେଇଛନ୍ତି। ତୁରନ୍ତ ମାମଲା ରୁଜୁ କରି ସମସ୍ତ ଦିଗରୁ ତଦନ୍ତ କରିବା ପାଇଁ ସେ ଏତଲାରେ ଦର୍ଶାଇଛନ୍ତି। ଏଥିସହ ଏତଲାର ନକଲ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ହ୍ୟୁମାନଙ୍କ ମୃତ୍ୟୁ ପାଇଁ ପ୍ରଶାନ୍ତ ବେହେରା, ଲୁଲୁ ମହାନ୍ତି, ଜଗଦୀଶ ମହାନ୍ତିଙ୍କ ଭୂମିକା ସବୁଠାରୁ ସନ୍ଦେହଜନକ ଜଣାପଡୁଥିବା ସେ ଅଭିଯୋଗ କରିଛନ୍ତି। ଏଥିସହ ହ୍ୟୁମାନଙ୍କ ସ୍ତ୍ରୀ ଶ୍ରେୟା ମିଶ୍ର ଓ ତାଙ୍କ ପରିବାର, ଅର୍ପିତା ଚୌଧୁରୀ ଓ ତାଙ୍କ ପରିବାର, ଉଭୟଙ୍କ ବନ୍ଧୁ ଓ ନିକଟତମ ସହଯୋଗୀ, ସୋମେଶ ଶତପଥୀ, ଦୀନେଶ ବେହେରା, ମହମ୍ମଦ ଆବିଦ (ବବଲୁ)ଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଏତଲାରେ ଉଲ୍ଲେଖ କରିଛନ୍ତି।

ପ୍ରକାଶ ଯେ, ହ୍ୟୁମାନଙ୍କ ମୃତ୍ୟୁର କିଛିଦିନ ପରେ ତାଙ୍କ ମାଆ ଶେଫାଳି ପୁଅ ମୃତ୍ୟୁ ଘଟଣାର ଗଭୀର, ନିରପେକ୍ଷ, ସମୟୋଚିତ ତଥା ସ୍ୱଚ୍ଛ ତଦନ୍ତ ଦାବି କରି ଏତଲା ଦେଇଛନ୍ତି। ଏହି ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ତଥ୍ୟ, ପ୍ରମାଣ ସହ ଆଇନ ଅନୁଯାୟୀ ତଦନ୍ତ ପରିସରଭୁକ୍ତ କରିବା, ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ତଦନ୍ତ ସାରିବା ସହ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ହ୍ୟୁମାନଙ୍କ କୋଟି କୋଟି ପ୍ରଶଂସକ ଚାହିଁ ରହିଥିବାରୁ ସତ୍ୟ ଓ ନ୍ୟାୟର ଉନ୍ମୋଚନ କରିବା ନିମନ୍ତେ ମା’ ଶେଫାଳି ଏତଲାରେ ଦର୍ଶାଇଛନ୍ତି। ଅଭିଯୁକ୍ତମାନଙ୍କ ଆର୍ଥିକ କାରବାର ଓ ମୋବାଇଲ ତଥ୍ୟ, ଇମେଲ୍, ହ୍ୱାଟ୍ସଆପ୍ ଆଦି ତଥ୍ୟ, କଟକ ବାସଭବନର ସିସିଟିଭି ଫୁଟେଜକୁ ତଦନ୍ତ ପରିସରଭୁକ୍ତ କରାଇବାକୁ ସେ ଏତଲାରେ ଉଲ୍ଲେଖ କରିଛନ୍ତି।

ଶେଫାଳି ଗଣମାଧ୍ୟମକୁ କହିଛନ୍ତି, ମାନସିକ ଚାପ ଯୋଗୁ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯାଇଥିଲା। ସ୍ତ୍ରୀ ଶ୍ରେୟା ବୈବାହିକ ଜୀବନରେ ବିଚ୍ଛେଦ ହେବା ସହ ବିଭିନ୍ନ ସମୟରେ ତାଙ୍କୁ ମାନସିକ ନିର୍ଯାତନା ଦେଉଥିଲେ। ହ୍ୟୁମାନ୍‌ଙ୍କ ୨ ମ୍ୟାନେଜର ଅର୍ଥ ରୋଜଗାର ପାଇଁ ଦେହ ଅସୁସ୍ଥ ଥିଲେ ବି ତାଙ୍କୁ ଷ୍ଟେଜ ଶୋ’ କରାଉଥିଲେ। ଏହି ମାମଲାରେ ବହୁ ବ୍ୟକ୍ତି ସାମିଲ ଅଛନ୍ତି। ସମସ୍ତଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଶେଫାଳି କହିଛନ୍ତି। ଅପରପକ୍ଷରେ ମର୍କତନଗର ଥାନା ଆଇଆଇସି ସତ୍ୟବ୍ରତ ଭୂତିଆ କହିଛନ୍ତି, ହ୍ୟୁମାନ୍ ସାଗରଙ୍କ ମା’ ଦେଇଥିବା ଏତଲା ପାଇଛୁ। ଏତଲା ଉପରେ ତର୍ଜମା କରାଯାଉଛି।

# ମୂଷା ଥିଲେ ସାପ ଆସିବେ: ସମ୍ବିତ

## ଭାଜପା-କଂଗ୍ରେସ କନ୍ଦଳ ବିଜେଡିରେ ନାହିଁ:ଅଶୋକ

ଭୁବନେଶ୍ୱର,୨୧।୧୨
(ରବିନାରାୟଣ ଜେନା)

ଅମାର ରହିଲେ ମୂଷା ରହିବେ। ମୂଷା ରହିଲେ ସାପ ଖାଇବାକୁ ଆସିବେ। ଇଏ କିଛି ନୂଆ କଥା ନୁହେଁ। ସବୁ ଦଳରେ ମୂଷା ଅଛନ୍ତି ବୋଲି ଭି.କେ. ପାଣ୍ଡିଆନଙ୍କୁ ଇଙ୍ଗିତ କରି ଏହା କହିଛନ୍ତି ବିଜେଡି ନେତା ସମ୍ବିତ ରାଉତରାୟ।

ସମ୍ବିତ ଗଣମାଧ୍ୟମକୁ କହିଛନ୍ତି, ଏବେ ଆଉ ପାଣ୍ଡିଆନ୍ କଥା କାହିଁକି ଉଠୁଛି। ସରକାର ଥିବାବେଳେ ସିଏ ଗୋଟିଏ ଫ୍ୟାକ୍ଟର ଥିଲା। ହଁ ସେ ଜଣେ ଭଲ ମ୍ୟାନେଜର ଥିଲେ। କିନ୍ତୁ ନେତା ହିସାବରେ ଆମେ ତାଙ୍କୁ କେବେ ମାନିନାହୁଁ। ନବୀନବାବୁଙ୍କର ଅନେକ ସେବା ସେ କରିଛନ୍ତି। ପୁଅଠାରୁ ଅଧିକ କରିଛନ୍ତି। କିନ୍ତୁ ନେତା ହେଉଛନ୍ତି ଆମର ଜଣେ, ନବୀନ।

ଏହି ଅବସରରେ ସମ୍ବିତ ବିଜେଡିର ପ୍ରତିଷ୍ଠା ଦିବସକୁ ନେଇ କହିଛନ୍ତି, ଆସନ୍ତା ନୂଆବର୍ଷ ୨୦୨୬ରେ ବହୁତ କିଛି ହେବ। ଆଞ୍ଚଳିକ ଦଳ ଭାବେ ବିଜେଡି ସର୍ବବୃହତ୍ ଦଳ। ଦଳରେ ନେତୃତ୍ୱର ସଙ୍କଟ ନାହିଁ। ତେବେ ବିଜେଡି କ’ଣ କେବଳ ନବୀନଙ୍କୁ ନେଇ ଗଢ଼ାଯାଇଥିଲା କି ? ବିଜୁଙ୍କ ଆଦର୍ଶରେ ଦଳ ଗଢ଼ା ହୋଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତ, କାଳନ୍ଦି ଚରଣ ବେହେରା, ପ୍ରଦୀପ ମହାରଥୀ, ବିଜୟଶ୍ରୀ ରାଉତରାୟ, କଳ୍ପତରୁ ଦାସଙ୍କ ଭଳି ନେତାଙ୍କ ଅବଦାନ ରହିଛି। ଦଳକୁ କେହି ‘ହାଇଜାକ’ କରିପାରିବେ ନାହିଁ। ଆମେ ସବୁ ସୈନିକ ଅଛୁ। ବିରୋଧୀ ଦଳ ଭାବେ ଆମେ ସରକାରର ଦୋଷ ତ୍ରୁଟି ଲୋକଲୋଚନକୁ ଆଣିବୁ। ଲୋକେ ବୁଝିଲେଣି ଭାଜପା କ’ଣ, ଆଉ ବିଜେଡି କ’ଣ ଥିଲା। ନୂଆବର୍ଷରେ ନୂଆ ତରିକାରେ ଦଳ ଆହୁରି ସୁଦୃଢ଼ ହେବ। ଅତୀତରେ ଦଳରେ ବହୁ କଟକଣା ଥିଲା। ଭୋଜିଭାତ ପ୍ରାୟତଃ ହେଉ ନ ଥିଲା। ଏବେ ଆଉ ସେସବୁ ନାହିଁ। ୨୦୨୪ରେ ଦଳ ହାରିଗଲା ପରେ ଏବେ ଆଉ ରେଷ୍ଟ୍ରିକ୍ସନ ନାହିଁ।

ସେହିପରି ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ଅଶୋକ ପଣ୍ଡା ଆସନ୍ତା ୨୬ରେ ଦଳର ପ୍ରତିଷ୍ଠା ଦିବସକୁ ନେଇ କହିଛନ୍ତି, ବୃହତ୍ ଆଞ୍ଚଳିକ ଦଳ ହିସାବରେ ବିଜେଡି ପ୍ରତିଷ୍ଠିତ। ତେବେ ଭାଜପା ସରକାର ଅନେକ ପ୍ରତିଶ୍ରୁତି ଦେଇ ଆସିଲେ, କିନ୍ତୁ ଲୋକଙ୍କୁ ଏବେ ଭୁଆଁ ବୁଲାଉଛନ୍ତି। ଅନ୍ୟପକ୍ଷରେ ବିଜେଡିରେ ଭୋଜିଭାତ ଓ ନୂତନ ନେତୃତ୍ୱକୁ ନେଇ ସେ କହିଛନ୍ତି, ସବୁ ଦଳରେ ମତାନ୍ତର ଓ ମନାନ୍ତର ରହିଛି। ତେବେ ଭାଜପା ଓ କଂଗ୍ରେସରେ ଯେଭଳି କନ୍ଦଳ ହୋଇଥିଲା ଓ ଲହୁଲୁହାଣ ପର୍ଯ୍ୟନ୍ତ କଥା ଯାଇଛି, ସେଭଳି କନ୍ଦଳ ବିଜେଡିରେ ହେବ ନାହିଁ। ଭୋଜି ଭାତ ଚାଲିବ। କାହାକୁ ଡାକିବେ ନ ଡାକିବେ ତାହା ସେମାନଙ୍କ ନିଷ୍ପତ୍ତି। କିନ୍ତୁ ମେଳି କିଛି ନୁହେଁ। ଦଳ ଏକଜୁଟ ରହିଛି ଓ ନବୀନବାବୁ ଆମ ନେତା ବୋଲି ଅଶୋକ କହିଛନ୍ତି।


वित्त मंत्रालय
MINISTRY OF FINANCE
सत्यमेव जयते

ଜିଏସ୍‌ଟି ଟିକସଦାତା ଧ୍ୟାନ ଦିଅନ୍ତୁ!

ଦୟାକରି ଆର୍ଥିକ ବର୍ଷ ୨୦୨୪-୨୫ ପାଇଁ ଆପଣଙ୍କର ବାର୍ଷିକ ରିଟର୍ନ
ଫର୍ମ ଜିଏସ୍‌ଟିଆର୍-୯* ଏବଂ ଫର୍ମ ଜିଏସ୍‌ଟିଆର୍ ୯ସି#ରେ ଦାଖଲ କରନ୍ତୁ

ଶେଷ ତାରିଖ ପୂର୍ବରୁ
୩୧ ଡିସେମ୍ବର ୨୦୨୫



CBC 15502/13/0046/2526

ଫର୍ମ ଜିଏସ୍‌ଟିଆର୍-୯ କ’ଣ?
ଫର୍ମ ଜିଏସ୍‌ଟିଆର୍-୯ ଏକ ବ୍ୟାପକ ବାର୍ଷିକ ରିଟର୍ନ ହୋଇଥାଏ, ଯେଉଁଥିରେ ମାସିକ/ତ୍ରୈମାସିକ ଜିଏସ୍‌ଟି ରିଟର୍ନ (ଯେପରିକି ଫର୍ମ ଜିଏସ୍‌ଟିଆର୍-୧ ଏବଂ ଫର୍ମ ଜିଏସ୍‌ଟିଆର୍-୩ବି)ରେ ପୂର୍ବରୁ ଦାଖଲ କରାଯାଇଥିବା ସମସ୍ତ ସୂଚନାକୁ ଏକତ୍ରିତ କରାଯାଇଥାଏ।

ଫର୍ମ ଜିଏସ୍‌ଟିଆର୍-୯ସି କ’ଣ?
ଫର୍ମ ଜିଏସ୍‌ଟିଆର୍-୯ସି ଏକ ମିଳାମିଶା ବିବରଣୀ ଅଟେ ଯାହା ଫର୍ମ ଜିଏସ୍‌ଟିଆର୍-୯ରେ ଘୋଷିତ ତଥ୍ୟର ତୁଳନା ଅଡିଟ୍ କରାଯାଉଥିବା ଆର୍ଥିକ ବିବରଣୀ ସହ କରିଥାଏ, ତା’ ସହିତ ଏଥିରେ ସିଏ/ସିଏମ୍‌ଏଙ୍କ ଦ୍ୱାରା ପ୍ରମାଣିତ ସୂଚନା ମଧ୍ୟ ଅନ୍ତର୍ଭୁକ୍ତ ହୋଇଥାଏ।

| *ନିମ୍ନଲିଖିତ ଟିକସଦାତାଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍-୯ ଦାଖଲ କରାଯିବା ବାଧ୍ୟତାମୂଳକ | #ନିମ୍ନଲିଖିତ ଟିକସଦାତାଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍-୯ସି ଦାଖଲ କରାଯିବା ବାଧ୍ୟତାମୂଳକ |
| --- | --- |
| ଏପରି ସମସ୍ତ ଜିଏସ୍‌ଟି ଟିକସଦାତା, ଯେଉଁମାନଙ୍କର ସର୍ବମୋଟ ବାର୍ଷିକ କାରବାର ₹୨ କୋଟିରୁ ଅଧିକ ହୋଇଥିବ (ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ), ନିମ୍ନଲିଖିତଙ୍କୁ ବାଦ୍ ଦେଇ: » ଇନ୍‌ପୁଟ୍ ସର୍ଭିସ୍ ଡିଷ୍ଟ୍ରିବ୍ୟୁଟର » କାଜୁଆଲ୍ ଟିକସଯୋଗ୍ୟ ବ୍ୟକ୍ତି » ଟିଡିଏସ୍ ଡିଡକ୍ଟର » ଟିସିଏସ୍ କଲେକ୍ଟର » ପ୍ରବାସୀ ଟିକସଯୋଗ୍ୟ ବ୍ୟକ୍ତି | ଏପରି ଟିକସଦାତା, ଯେଉଁମାନଙ୍କର ସର୍ବମୋଟ ବାର୍ଷିକ କାରବାର ₹୫ କୋଟିରୁ ଅଧିକ ହୋଇଥିବା (ଆର୍ଥିକ ବର୍ଷ ୨୦୨୪-୨୫ ଅବଧିରେ), ସେମାନଙ୍କ ଦ୍ୱାରା ଫର୍ମ ଜିଏସ୍‌ଟିଆର୍-୯ରେ ବାର୍ଷିକ ରିଟର୍ନ ସହିତ ଫର୍ମ ଜିଏସ୍‌ଟିଆର୍-୯ସିରେ ସ୍ୱ-ପ୍ରମାଣିତ ରିକନ୍‌ସିଲିଏଶନ୍ ଷ୍ଟେଟମେଣ୍ଟ ଦାଖଲ କରାଯିବା ଆବଶ୍ୟକ |

ଫର୍ମ ଜିଏସ୍‌ଟିଆର୍-୯ ଏବଂ ଫର୍ମ ଜିଏସ୍‌ଟିଆର୍ ୯-ସି ବିଳମ୍ବରେ ଦାଖଲ କରାଗଲେ ବିଳମ୍ବ ଶୁଳ୍କ ଲାଗୁ ହେବ।

ଜିଏସ୍‌ଟି ବାର୍ଷିକ ରିଟର୍ନର ବିବରଣୀ ପାଇଁ ଦୟାକରି ସ୍କାନ୍ କରନ୍ତୁ →

@cbicindia | @cbic_india | @cbicindia | @CBICINDIA | CBIC India

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓୟୁଏଟି ଛାତ୍ରୀଛାତ୍ରଙ୍କ ପକ୍ଷରୁ ଧାରଣା, ସ୍ଥାନ: ଓୟୁଏଟି ମେନ୍ ବିଲ୍ଡିଂ, ସମୟ: ପୂର୍ବାହ୍ନ ୧୦ଟା।
- ପୂର୍ବତନ ବିଧାୟକ ବିଜୟ କୁମାର ମହାନ୍ତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସମାରୋହ, ସ୍ଥାନ: ବୁଦ୍ଧମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକା ପକ୍ଷରୁ ବିଶ୍ୱ ଓଡ଼ିଶୀ ଉତ୍ସବ ପାଳନ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ବାମପନ୍ଥୀ ଦଳ ପକ୍ଷରୁ ଧାରଣା, ସ୍ଥାନ: ଗାନ୍ଧୀ ମାର୍ଗ, ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପ୍ରାକ୍ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ଧାରଣା ପ୍ରଦର୍ଶନ, ସ୍ଥାନ: ଲୋୟର ପିଏମ୍‌ଜି ଛକ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାଧା କଳାକୁଞ୍ଜ ଟ୍ରଷ୍ଟ ପକ୍ଷରୁ କଳାକୁଞ୍ଜ ଉତ୍ସବ ୨୦୨୫, ସ୍ଥାନ: ଜିକେସିଏମ୍ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର, ସମୟ: ଅପରାହ୍ନ ୩ଟା।
- ଶାଶ୍ୱତୀ ସାମାଜିକ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ସଙ୍ଗୀତ ସନ୍ଧ୍ୟା 'ସମର୍ପଣ' କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।

## କଟକ

- ଜିଲା ପ୍ରଶାସନ ପକ୍ଷରୁ ସାଂସଦ ଖେଳ ମହୋତ୍ସବରେ କବାଡ଼ି ପ୍ରତିଯୋଗିତା, ସ୍ଥାନ: କବାଡ଼ି କମ୍ପ୍ଲେକ୍ସ, ବାରବାଟୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ପ୍ରାଣଯୋଗ ପ୍ରତିଷ୍ଠାନ ତରଫରୁ ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ: କର ବିଜ୍ଞାନ ଓ ବୈଷୟିକ ଏକାଡେମୀ, ବଡ଼ମ୍ବା, ସମୟ : ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ମାହାଙ୍ଗା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବଡ଼ମ୍ବା ବିଦ୍ୟୁତ୍ ଉପଭୋକ୍ତା ମହାସଂଘର ବିଦ୍ୟୁତ କାର୍ଯ୍ୟାଳୟ ଘେରାଓ, ସ୍ଥାନ: ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ରେଭେନ୍‌ଶା କଲିଜିଏଟ୍ ସ୍କୁଲରେ ଡିବେଟ୍ ଓ ଜ୍ଞାନକେନ୍ଦ୍ରର ଉଦ୍‌ଘାଟନ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମାଧ୍ୟମିକ ଶିକ୍ଷା ପରିଷଦ, ଓଡ଼ିଶାର ୭୦ତମ ପ୍ରତିଷ୍ଠା ଦିବସ, ସ୍ଥାନ: ପରିଷଦ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରଶିକ୍ଷଣ ଶିକ୍ଷା ସାମଗ୍ରୀ ପ୍ରଦର୍ଶନୀ, ସ୍ଥାନ: ହିନ୍ଦୀ ଶିକ୍ଷକ ତାଲିମ ଅନୁଷ୍ଠାନ, ପୁରୁଣା ସଚିବାଳୟ ମାର୍ଗ, ସମୟ: ଅପରାହ୍ନ ୩ଟା ୩୦ ।

## ପୁରୀ

- ପୁରୀ ଜିଲା କଂଗ୍ରେସ ପକ୍ଷରୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ନାମ ପରିବର୍ତ୍ତନ ପ୍ରତିବାଦରେ ବିକ୍ଷୋଭ, ସ୍ଥାନ: ଜିଲାପାଳ ଅଫିସ୍, ସମୟ: ପୂର୍ବାହ୍ନ ୧୦ଟା।
- ଫାଶୀକାଠ ଦାତାଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ବାମପନ୍ଥୀ ଦଳ ପକ୍ଷରୁ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ରେଡ୍‌କ୍ରସ ରୋଡ୍, ବିଦ୍ୟୁତ୍ କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।
- ନିମାପଡ଼ା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୫ତମ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପ୍ରାଙ୍ଗଣ, ସମୟ: ଅପରାହ୍ନ ୨ଟା।
- ଆଲୋଚନାରେ ଐତିହ୍ୟ ପୁସ୍ତକ କୋଣାଦିତ୍ୟ ସମ୍ପର୍କିତ ଆଲୋଚନାଚକ୍ର, ସ୍ଥାନ: ଝାଡ଼େଶ୍ୱରୀ କ୍ଲବ, ସମୟ: ଅପରାହ୍ନ ୪ଟା୩୦ ।

## ଖୋର୍ଦ୍ଧା

- ଜଟଣୀ ପ୍ରଗତି ପରିଷଦ ପକ୍ଷରୁ ଅସହାୟଙ୍କୁ ଶୀତବସ୍ତ୍ର ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ୍(ସ୍ରଷ୍ଟା) ସମ୍ମୁଖ, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।
- ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଶରଧାପୁର ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଖୋର୍ଦ୍ଧା ମହୋତ୍ସବ, ସ୍ଥାନ: ବିଡିଏ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ:ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର,ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ,ସ୍ଥାନ:ବ୍ଲକ୍ ପରିସର, ସିମୁଳିଆ, ସମୟ:ପୂର୍ବାହ୍ନ ୧୦ଟା।
- 'ଶବ୍ଦ କୁଞ୍ଜ' ପରିବାରର ବାର୍ଷିକ ଉତ୍ସବ,ସ୍ଥାନ:ଚଉମୁଖ ବେଳାଭୂମି ଗ୍ରାମ୍ୟ ଉଦ୍ୟାନ, ବାଲିଆପାଳ.ସମୟ:ପୂର୍ବାହ୍ନ ୧୦ଟା।
- ନୋସି ଏକ୍ସପୋ ମେଳାର ଉଦ୍‌ଯାପନୀ ଦିବସ,ସ୍ଥାନ:ନୋସି ବିଜିନେସ ପାର୍କ ପରିସର, ବାମପଦା, ବାଲେଶ୍ୱର,ସମୟ:ଅପରାହ୍ନ ୩ଟା।

## ଭଦ୍ରକ

- ନାୟକାଣୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: ବୋଡ଼କ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ବାରିପଦା ଷ୍ଟାଡିୟମ ଓ ଷ୍ଟେଶନ ବଜାର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ରକ୍ତଦାନ ଶିବିର, ସ୍ଥାନ: ଡିଏଭି ପବ୍ଲିକ ସ୍କୁଲ, ଗୋଷାଣୀନୂଆଗାଁ, ସମୟ: ସକାଳ ୯ଟା।
- ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଆଇନ ସୁରକ୍ଷା ଦାବିରେ ବାମପନ୍ଥୀ ଦଳର ପ୍ରତିବାଦ, ସ୍ଥାନ: କମାପଲି ଛକ, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: କାଳଷଣ୍ଢପୁର ଗ୍ରାମପଞ୍ଚାୟତ,ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ମା' ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ କ୍ରୀଡା, ସ୍ଥାନ: ପାତ୍ରପୁର,ସମୟ: ପୂର୍ବାହ୍ନ ୧୧ଟା।
- ରଜତ ଜୟନ୍ତୀ ସମାରୋହ ଉଦଘାଟନୀ, ସ୍ଥାନ: ଦିଗପହଣ୍ଡି ସରସ୍ୱତୀ ଶିଶୁ ମନ୍ଦିର, ସମୟ: ଅପରାହ୍ନ ୩ଟା ୪୫ ।

## ଗଜପତି

- ଏକ ବିଂଶତମ ବାର୍ଷିକ ଉତ୍ସବ, ସ୍ଥାନ: ମୋହନା, ସରସ୍ୱତୀ ବିଦ୍ୟା ମନ୍ଦିର, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗଁନ୍ଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସର୍ଦ୍ଦାର ପଟେଲ ହାଇସ୍କୁଲର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଯାପନ, ସ୍ଥାନ: ସ୍କୁଲ ପରିସର, ସଦାଶିବପୁର, ଓଡ଼ାପଡ଼ା ବ୍ଲକ, ସମୟ: ଅପରାହ୍ନ ସାଢେ ୩ଟା।
- ଜିଲା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ

- ଜାତୀୟ ଗଣିତ ଦିବସ ପାଳନ, ସ୍ଥାନ : ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୧୫ ।
- ଅଷ୍ଟକିଳା ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ଆଠମଲ୍ଲିକ ପତାକା ଖେଳପଡ଼ିଆ, ସମୟ : ଅପରାହ୍ନ ୨ଟା ୩୦ ।
- ଆଠମଲ୍ଲିକ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଶୁଭାରମ୍ଭ, ସ୍ଥାନ: ଆଠମଲ୍ଲିକ କଲେଜ ଖେଳପଡ଼ିଆ, ସମୟ : ସକାଳ ୮ଟା।

## ଜଗତ୍‌ସିଂହପୁର

- କୁଜଙ୍ଗ କ୍ରୀଡ଼ା ମହୋତ୍ସବ-୨୦୨୫ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ବିବି ହାଇସ୍କୁଲ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଉଦଘାଟନ,ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା

- ଧନୁଯାତ୍ରା ମହୋତ୍ସବ, ସ୍ଥାନ: ଶ୍ରୀମହାପୁରୁଷ ମଧୁସୂଦନ ଦାସ ପୀଠ, କନ୍ତିଆ ମଠ, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।

## ଯାଜପୁର

- ଜିଲାପାଳ ଏବଂ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ : ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୨୬ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ୨୬ତମ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।
- ଘୋଡଲାଗି ପର୍ବର ୨୬ତମ ଦିବସ, ସ୍ଥାନ: ନୟାଗଡ଼ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା।

## ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଉପ ଜିଲାପାଳଙ୍କ ସଦ୍‌ଭାବନା ଗୃହ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ (ଏମ୍‌ଏଲ୍) ପକ୍ଷରୁ ପ୍ରତିବାଦ ସଭା, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ପିଷ୍ପାଗାଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ସାଂସଦ ସ୍ତରୀୟ ଖେଳ ମହୋତ୍ସବ ଦ୍ୱିତୀୟ ଦିବସ, ସ୍ଥାନ: ନବରଙ୍ଗପୁର ଷ୍ଟାଡିୟମ, ସମୟ: ସକାଳ ୯ଟା।
- ବାର୍ଷିକ ଉତ୍ସବ, ସ୍ଥାନ: ଇନ୍ଦ୍ରାବତୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତେନ୍ତୁଳିଖୁଣ୍ଟି, ସମୟ: ସକାଳ ୯ଟା।
- ଦଣ୍ଡକାରଣ୍ୟ ବିକାଶ ମହାମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା, ସ୍ଥାନ: ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୧ଟା।
- ଧାନ ମଣ୍ଡି ତୁରନ୍ତ ଖୋଲାଯିବା ନେଇ ଏବଂ ମକା ଦର ବୃଦ୍ଧିକୁ ନେଇ ଚାଷୀ ଆନ୍ଦୋଳନ ଓ ଚକ ଅଖ ବନ୍ଦ, ସ୍ଥାନ: ଉମରକୋଟ,ଝରିଗାଁ ଓ ରାଇଘର, ସମୟ: ପୂର୍ବାହ୍ନ ୧୧ଟା।
- ଗାଁରେ ପ୍ରଶାସନ, ସୁଶାସନ ସପ୍ତାହ ଅବସରରେ କର୍ମଶାଳା, ସ୍ଥାନ: ତେନ୍ତୁଳିଖୁଣ୍ଟି, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ପିତାଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ବିପିଏଚ୍‌ସି ନୂତନ ଗୃହ ଉଦ୍‌ଘାଟନ, ସ୍ଥାନ: କୋଟପାଡ଼ ସ୍ୱାସ୍ଥ୍ୟକେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ଈଶ୍ୱର ତଲିଆଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ, ସ୍ଥାନ: କେନ୍ଦୁଗୁଡ଼ା ପଞ୍ଚାୟତ ବଡ଼ାଗୁଡ଼ା ଗ୍ରାମ, ବୈପାରୀଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ସାଂସଦ ଖେଳ ମହୋତ୍ସବ, ସ୍ଥାନ: ଶ୍ରୀଅରବିନ୍ଦ ଶିକ୍ଷା ନିକେତନ ଖେଳ ପଡ଼ିଆ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ଶ୍ରୀଅରବିନ୍ଦ ଯୋଗାଳୟ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, କୋଟପାଡ଼, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ମାଲ୍ୟବନ୍ତ ମହୋତ୍ସବର ପୁନଃ ତାରିଖ ଧାର୍ଯ୍ୟ ସମ୍ବନ୍ଧୀୟ ବୈଠକ, ସ୍ଥାନ: ଡିଆର୍‌ଡିଏ ବୈଠକ ଗୃହ, ସମୟ: ଅପରାହ୍ନ ୪ଟା।

## ସମ୍ବଲପୁର

- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ପଶ୍ଚିମାଞ୍ଚଳ ଏକତା ମଞ୍ଚ ଆୟୋଜିତ ଜାତୀୟ ସମ୍ବଲପୁରୀ ସମ୍ମିଳନୀରେ ବିବିଧ କାର୍ଯ୍ୟକ୍ରମ, ସ୍ଥାନ : ସମ୍ବଲପୁରୀ ଡେରା, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।
- ମାରୱାଡ ମହୋତ୍ସବ-୨୦୨୫ର ଉଦ୍‌ଯାପନୀ ଉତ୍ସବ ଏବଂ ଚଳଚ୍ଚିତ୍ର ଗାୟିକା ରୁପାଲି ଜଗାଙ୍କ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ରେମେଡ ନିକଟସ୍ଥ ଉତ୍ସବସ୍ଥଳୀ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ରାଜ୍ୟସ୍ତରୀୟ ଫେନ୍‌ସିଂ ପ୍ରଶିକ୍ଷଣ ଶିବିର, ସ୍ଥାନ: ବଲାଙ୍ଗୀରସ୍ଥିତ ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସ, ସମୟ: ସକାଳ ୭ଟା।
- ୫୪ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ, ସ୍ଥାନ: ବଲାଙ୍ଗୀର ଗାନ୍ଧୀ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ଶ୍ରମିକଙ୍କ ଧାରଣା ଓ ଶୋଭାଯାତ୍ରା। ସ୍ଥାନ: ଗାନ୍ଧୀ ପ୍ରତିମୂର୍ତ୍ତି ସ୍ଥଳ, ଗାନ୍ଧୀନଗର, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟରେ ଖାଦ୍ୟମେଳା, ସ୍ଥାନ: ଲୋଇସିଂହା ବ୍ଲକ୍ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା

- ଓଡ଼ିଶା ରସାୟନ ସୋସାଇଟିର ବାର୍ଷିକୋତ୍ସବ, ସ୍ଥାନ: ଏନ୍‌ଆଇଟି ରସାୟନ ବିଭାଗ, ସମୟ: ପୂର୍ବାହ୍ନ ୧୦ଟା।
- ମନଟୋଲା ବସ୍ତିବାସିନ୍ଦାଙ୍କ ବିକ୍ଷୋଭ କାର୍ଯ୍ୟକ୍ରମ, ସ୍ଥାନ: ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଜଗଦା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୨ଟା।

## ସୁନ୍ଦରଗଡ଼

- ସୁନ୍ଦରଗଡ ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ,ସମୟ: ପୂର୍ବାହ୍ନ ୧୦ ଟା।

## ବରଗଡ଼

- ଧନୁଯାତ୍ରା ଅବସରରେ ରଙ୍ଗୋଲି, ସ୍ଥାନ: ଭିଏସ୍‌ଏସ୍ ନଗର ଛକ, ବରଗଡ଼, ସମୟ: ସକାଳ ୯ଟା।
- ମ୍ୟୁନିସିପାଲ କଲେଜରେ ଅଧ୍ୟାପନା ବିକାଶର ଚତୁର୍ଥ ଦିବସ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିବେକାନନ୍ଦ ଉଚ୍ଚ ବିଦ୍ୟାଳୟର ୩୯ତମ ବାର୍ଷିକୋତ୍ସବ, ସ୍ଥାନ: ଗର୍ଜନ, ସମୟ: ପୂର୍ବାହ୍ନ ୧୦ଟା।
- ଉଦିତ ନଗର ସରକାରୀ ହାଇସ୍କୁଲରେ ସଂକଳ୍ପ କାର୍ଯ୍ୟକ୍ରମ, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବାର୍ଷିକ ମହୋତ୍ସବ, ସ୍ଥାନ: ସରକାରୀ ଆଇଟିଆଇ କଲେଜ, ପାନପୋଷ, ସମୟ: ପୂର୍ବାହ୍ନ ୧୦ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ମାରକୀ ଜାତୀୟ ନାଟ୍ୟ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ସନ୍ଧ୍ୟା ୭ଟା।
- ଏନ୍‌ଏସି ସ୍ତରୀୟ କଳାହାଣ୍ଡି ଉତ୍ସବ ଘୁମୁରା ୨୦୨୬ ପାଳନ ପାଇଁ ଆଲୋଚନା, ସ୍ଥାନ: ଏନ୍‌ଏସି ଅଫିସ ସଦ୍‌ଭାବନା ସଭାଗୃହ, ସମୟ: ଅପରାହ୍ନ ୩ଟା।

## ବୌଦ୍ଧ

- ପଞ୍ଚାୟତସ୍ତରୀୟ ପ୍ରଥମ ଲୋକକଳା ମହୋତ୍ସବ, ସ୍ଥାନ: ବାରିଙ୍ଗ ଖେଳ ପଡିଆ, ହରଭଙ୍ଗା ବ୍ଲକ ବୌଦ୍ଧ, ସମୟ: ସକାଳ ୮ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପଦ୍ମନପୁର, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ୍ କାଦପଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବୀରମହାରାଜପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୪ତମ ବାର୍ଷିକ ଉତ୍ସବ, ସ୍ଥାନ: ଶିଶୁ ବିଦ୍ୟା ମନ୍ଦିର ପରିସର, ସମୟ: ଅପରାହ୍ନ ୫ଟା।
- ବୀରମହାରାଜପୁର ଗଣପତି ଆଦର୍ଶ ଶିକ୍ଷାନୁଷ୍ଠାନର ୧୮ତମ ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସନ୍ଧ୍ୟା ୭ଟା।

## ନୂଆପଡ଼ା

- ପ୍ରଥମ ଜୋନସ୍ତରୀୟ ୟୁନିଟ କପ କ୍ରିକେଟ ଅଷ୍ଟମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଦେବାହାଲ ଗାଁ, ସମୟ: ପୂର୍ବାହ୍ନ ୧୦ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଜି ଗାଁରେ କୁଜି,**
**ଯେଉଁ ଗାଁରେ ଦେବତା ନାହାନ୍ତି**
**ଶିଳ ଶିଳପୁଆ ପୂଜି ।**

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଉଲାରିଲା ଘର,**
**ମଙ୍ଗୁଳିଲା ବର,**
**ୟାଙ୍କୁ ନ ରଖିବ ବହୁତ କାଳ ।**

ଛାଉଣି ପାଇଁ ଉଲୁରା ଯାଇଥିବା ଘରକୁ ବେଶି ଦିନ ଖୋଲା ପକାଇ ରଖିବା ଅଶୁଭ ଲକ୍ଷଣ ହୋଇଥାଏ। ସେହିପରି ମଙ୍ଗୁଳା ବରକୁ ଅଧିକ ସମୟ ନ ରଖି ଯଥାଶୀଘ୍ର ତା'ର ବିବାହ କରାଇଦେବା ଲାଗି ଏଠାରେ ଉପଦେଶ ଦିଆଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।



ପରବ ମହୋତ୍ସବର ରବିବାର ୪ର୍ଥ ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

# ପ୍ରଥମ ପୃଷ୍ଠାରୁ...

## କୋରାପୁଟ ଜିଲାର ...

ବିକାଶ ପାଇଁ ପ୍ରାୟ ୫୪୬ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ୨୩.୯୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୬ଟି ପ୍ରକଳ୍ପର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ୫୨୧ କୋଟି ୨୭ ଲକ୍ଷ ଟଙ୍କା ବ୍ୟୟରେ ୭୦ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଯୋଗଦେଇ ପରବ ଦ୍ୱାରା ଜିଲାର ଆଦିବାସୀ ସଂସ୍କୃତି ଉଜ୍ଜୀବିତ ହେଉଛି ବୋଲି କହିଥିଲେ। ସେହିପରି ରାଜ୍ୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଛନ୍ତି, ଜିଲାର ସଂସ୍କୃତି ଓ ପରମ୍ପରା ନିଆରା। ପରବ ଦ୍ୱାରା ଜିଲାର ଆଦିବାସୀ ପରମ୍ପରା ଓ ସଂସ୍କୃତି ଅକ୍ଷୁଣ୍ଣ ରହୁଛି। କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଅଧ୍ୟକ୍ଷତା କରିଥିବାବେଳେ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲ୍ଲାକା,ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝୀ, କୋରାପୁଟ ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, କୋରାପୁଟ ବିଧାୟକ ରଘୁରାମ ମାଛ, ପଟ୍ଟାଙ୍ଗି ବିଧାୟକ ରାମଚନ୍ଦ୍ର କାଡାମ, କୋଟପାଡ଼ ବିଧାୟକ ରୁପୁ ଭତ୍ରା, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା, ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ପ୍ରମୁଖ ଯୋଗଦେଇଥିଲେ। ପଲ୍ଲିଶ୍ରୀ ମେଳାରେ ମାଣ୍ଡିଆ ପ୍ରଦର୍ଶନୀ ଷ୍ଟଲ ଓ କୋରାପୁଟ କଫି ଷ୍ଟଲ ବୁଲି ଦେଖିଥିଲେ। ପୋଲିସ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ନିୟୋଜିତ ହୋଇଥିଲେ।

## ବଢ଼ିଲା ରେଳ ...

ସମସ୍ୟା ଲାଗି ରହିଥିବାବେଳେ ମୌଳିକ ସୁବିଧା ମିଳୁନାହିଁ ଏବଂ ବାରମ୍ବାର ଟ୍ରେନ୍ ବିଳମ୍ବିତ ହେଉଛି। ଯାତ୍ରା ଅଭିଜ୍ଞତାରେ ଉନ୍ନତି ହେଉ ନ ଥିବାବେଳେ ଭଡ଼ା କ'ଣ ପାଇଁ ବୃଦ୍ଧି କରାଯାଉଛି ବୋଲି କେତେଜଣ ପ୍ରଶ୍ନ କରିଛନ୍ତି। ସେହିପରି ନିର୍ଦ୍ଧାରିତ ସମୟଠାରୁ ବିଳମ୍ବରେ ଟ୍ରେନ୍ ଚାଲିଲେ ଯାତ୍ରୀମାନଙ୍କୁ ରେଲୱେ ପକ୍ଷରୁ ପେନାଲ୍‌ଟି ଦେବା ଉଚିତ୍ ବୋଲି ଜଣେ ସୋସିଆଲ୍ ମିଡିଆ ୟୁଜର ମତ ରଖିଛନ୍ତି। ସୂଚନାଯୋଗ୍ୟ, ଦୀର୍ଘବର୍ଷ ପରେ ରେଳ ମନ୍ତ୍ରଣାଳୟ ଗତ ଜୁଲାଇ ୧ରେ ଟ୍ରେନ୍ ଯାତ୍ରୀ ଭଡ଼ା ବୃଦ୍ଧି କରିଥିଲା। ସେତେବେଳେ ଦ୍ୱିତୀୟ ଶ୍ରେଣୀ ଟ୍ରେନ୍ ଯାତ୍ରା ପାଇଁ ଭଡ଼ା କିଲୋମିଟର ପ୍ରତି ଅଧ ପଇସା ବଢ଼ିଥିଲା। ତେବେ ୫୦୦ କିଲୋମିଟର ପର୍ଯ୍ୟନ୍ତ ଭଡ଼ା ଆଦୌ ବୃଦ୍ଧି ହୋଇ ନ ଥିଲା। ୫୦୧ରୁ ୧୫୦୦ କି.ମି. ପର୍ଯ୍ୟନ୍ତ ଭଡ଼ା ୫ଟଙ୍କା ବଢ଼ିଥିବାବେଳେ ୧୫୦୧ରୁ ୨୫୦୦ କି.ମି. ପର୍ଯ୍ୟନ୍ତ ୧୦ଟଙ୍କା ଏବଂ ୨୫୦୧ରୁ ୩୦୦୦ କି.ମି. ପର୍ଯ୍ୟନ୍ତ ୧୫ ଟଙ୍କା ବୃଦ୍ଧି କରାଯାଇଥିଲା। ସ୍ଲିପର ଶ୍ରେଣୀ ଏବଂ ପ୍ରଥମ ଶ୍ରେଣୀ ପାଇଁ ଭଡ଼ା କି.ମି. ପ୍ରତି ୦.୫ ପଇସା ବୃଦ୍ଧି ହୋଇଥିଲା। ମେଲ୍/ଏକ୍ସପ୍ରେସ୍ (ନନ୍-ଏସି) ଦ୍ୱିତୀୟ ଶ୍ରେଣୀ, ସ୍ଲିପର କ୍ଲାସ୍ ଏବଂ ପ୍ରଥମ ଶ୍ରେଣୀ ପାଇଁ ଭଡ଼ା କି.ମି. ପ୍ରତି ୧ ପଇସା ବଢ଼ିଥିଲା। ସେହିପରି ଏସି ଚେୟାର କାର୍, ଏସି୩-ଟାୟାର/୩-ଇକୋନୋମି, ଏସି-୨-ଟାୟାର ଏବଂ ଏସି ଫାଷ୍ଟ/ଏକ୍‌ଜିକ୍ୟୁଟିଭ୍ କ୍ଲାସ୍/ଏକ୍‌ଜିକ୍ୟୁଟିଭ୍ ଅନୁଭୂତି ପାଇଁ ଭଡ଼ା କି.ମି. ପିଛା ୨ ପଇସା ବୃଦ୍ଧି କରାଯାଇଥିଲା। ଏହି ଭଡ଼ା ବୃଦ୍ଧି ଯୋଗୁ ରେଲୱେ ବର୍ତ୍ତମାନ ସୁଦ୍ଧା ୭୦୦ କୋଟି ଟଙ୍କା ଆୟ କରିପାରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ଚନ୍ଦ୍ର ସହ ମଙ୍ଗଳଙ୍କ ମିଳନ ପାରିବାରିକ ଜୀବନକୁ ସରସ,ସୁନ୍ଦର କରିବ। ତଥାପି ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ଟଣାଓଟରା ଭିତରେ ପାଇବେ। ସାହାଯ୍ୟ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିବା ବନ୍ଧୁ ପରକ୍ଷଣରେ ଓଲଟା କଥା କହିପାରନ୍ତି। କର୍ମକ୍ଷେତ୍ରରେ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**ବୃଷ** ସ୍ୱାସ୍ଥ୍ୟ ପୂର୍ବଭଳି ରହିଲେ ମଧ୍ୟ ଦୁର୍ବଳତା କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ। ଆପଣଙ୍କ କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରି ପଦସ୍ଥବ୍ୟକ୍ତି ଗୁରୁଦାୟିତ୍ୱ ବହନ କରିବାକୁ ଅନୁରୋଧ କରିପାରନ୍ତି। ଦୂରଯାତ୍ରା, ବାଣିଜ୍ୟ, ପରିବହନ କ୍ଷେତ୍ରରେ ସୁଫଳ ପାଇବେ। ଚତୁର୍ଥାଧିପ ସ୍ୱଗୃହରୁ ଅଷ୍ଟମସ୍ଥ ଯୋଗୁ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି।

**ମିଥୁନ** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବାଜନିତ ଆଜି ଘରକଥା ବୁଝିବା ପାଇଁ ମଧ ସମୟ ପାଇବେ ନାହିଁ। ସାମାଜିକ ସ୍ତରରେ ବନ୍ଧୁବର୍ଗଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ ହେଲେ ମଧ ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିପାରନ୍ତି।

**କର୍କଟ** ଆଜି ଶୁକ୍ରଙ୍କ ରାଶ୍ୟାବଲୋକନରୁ ସକାଳୁ ଅଫିସ୍‌ରୁ କୌଣସି ଖବର ପାଇ ଖୁସି ହେବେ। ପ୍ରତିଶ୍ରୁତି ଦେଇ ମଧ ଶେଷ ସମୟରେ ପାରିବାରିକ ବନ୍ଧୁଟି ଅବିଶ୍ୱାସ କାମ କରିପାରନ୍ତି। ଶିଳ୍ପ, ବାଣିଜ୍ୟରେ ଲକ୍ଷ୍ୟ ହାସଲ କରିବେ କିନ୍ତୁ ବହୁତ ଶ୍ରମ ସ୍ୱୀକାର କରିବାକୁ ପଡିବ। ଅନିୟମିତ ଭୋଜନ କାରଣରୁ ପେଟ ଗୋଳମାଳ ଦେଖାଦେଇ ପାରେ।

**ସିଂହ** କୋଣଭାବସ୍ଥ ଗ୍ରହମାନଙ୍କ ସୁପ୍ରଭାବରୁ ଆଜି ନିକଟସ୍ଥ ବନ୍ଧୁମାନଙ୍କ ସହଯୋଗରୁ ଅଭିଳଷିତ ଫଳ ପାଇ ଖୁସି ହେବେ। ଶିଳ୍ପ, ବାଣିଜ୍ୟ, ନିର୍ମାଣ ଓ ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ ହୋଇଯିବ। ପରକଥାରେ ଭୁଲ୍ ମାର୍ଗ ଅନୁସରଣ କରି ଅନୁତାପ କରିବେ। ସ୍ୱାସ୍ଥ୍ୟରେ ସମାନ୍ୟ ବ୍ୟତିକ୍ରମ ଦେଖାଦେବାର ସୂଚନ ରହିଛି।

**କନ୍ୟା** କେନ୍ଦ୍ର ଓ କୋଣସ୍ଥ ଗ୍ରହଜନିତ ନିଜର ଚତୁଃପାର୍ଶ୍ୱରେ ଘଟିଯାଉଥିବା ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ। ପରିବାରର ବରାଦ ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିବେ। ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହେବେ। ସଭାସମିତିରେ ଅନ୍ୟମାନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ।

**ତୁଳା** ଦ୍ୱାଦଶସ୍ଥ ମଙ୍ଗଳ ହେତୁ ପରିସ୍ଥିତି ପ୍ରତି ଲକ୍ଷ୍ୟ କରି ନୀରବ ରହିବାକୁ ବାଧ୍ୟ ହେବେ। କର୍ମକ୍ଷେତ୍ରରେ ଆବଶ୍ୟକତା ଉପଲବ୍ଧି କରି ଏକାଧିକ କାମ ହାତକୁ ନେଇ ବ୍ୟଥିତ ହୋଇପାରନ୍ତି। ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରାରେ ସଫଳତା ପାଇବେ। ଆନୁଷ୍ଠାନିକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ।

**ବିଛା** କାମ ହାସଲ କରିବା ସକାଶେ କଅଁଳ କଥା କହି ପରିସ୍ଥିତିକୁ ସୁଧାରି ନେଇପାରନ୍ତି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ଚେଷ୍ଟା କରିପାରନ୍ତି। ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନାହିଁ। ଅନିୟମିତ ଆହାର ଯୋଗୁ ସ୍ୱାସ୍ଥ୍ୟରେ ସମସ୍ୟା ଦେଖାଦେଇପାରେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। ଶାସ୍ତ୍ରାଧ୍ୟୟନ, ସାହିତ୍ୟ ଚର୍ଚ୍ଚା ଓ ସତ୍‌ସଙ୍ଗ, ସଭାସମିତି, ବିତର୍କରେ ଅଂଶଗ୍ରହଣ କରି ପ୍ରଶଂସିତ ହେବେ। ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ।

**ମକର** ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନ ପାରେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ମେଳରେ ରହିବାର ସୁଯୋଗ ପାଇବେ ଏବଂ କାମ ହାସଲ କରିବେ। ପାରିବାରିକ ପରିସ୍ଥିତି ପୂର୍ବପରି ରହିବ ଏବଂ ସମସ୍ୟା ସମାଧାନ ହୋଇଯିବ। କଳା,ସାହିତ୍ୟ ଓ ଚଳଚ୍ଚିତ୍ର ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ହେବ।

**କୁମ୍ଭ** ବନ୍ଧୁଙ୍କ ସହ ପୂର୍ବାଲୋଚନା ଅନୁଯାୟୀ ଆଜିର କାମ ସବୁ ଠିକ୍ ଠିକ୍ ହୋଇଯିବ। ତଥାପି କୌଣସି ସମସ୍ୟାର ଆଶଙ୍କା କରି ଅସୁବିଧା ନ ଥିଲେ ମଧ୍ୟ ମନ ଅସ୍ଥିର ରହିପାରେ। ସନ୍ଧ୍ୟା ସମୟରେ ଫେରିବା ବାଟରେ ଅର୍ଥ କିମ୍ବା ଦ୍ରବ୍ୟହାନି ଯୋଗୁ ବିଚଳିତବୋଧ କରିପାରନ୍ତି। ଗଠନମୂଳକ କାର୍ଯ୍ୟରେ ନେତୃତ୍ୱ ଗ୍ରହଣ କରି ଉଚ୍ଚ ପ୍ରଶଂସିତ ହେବେ।

**ମୀନ** ଯେ କୌଣସି କାମରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କରିବା ବହୁତ ଭଲ ହେବ। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ତଥାପି ଅର୍ଥ ଲାଭ, ସାହିତ୍ୟ, ଆଲୋଚନା କ୍ଷେତ୍ରରେ ବେଶ୍ ଆଦୃତ ହେବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

ଆଜି ଡିସେମ୍ବର ୨୨ ତାରିଖ, ବିଶ୍ୱଗଣିତ ଦିବସ, ପଲ୍ଲୀକବି ନନ୍ଦକିଶୋର ବଳଙ୍କ ଜୟନ୍ତୀ, ଶାରଦା ଦେବୀଙ୍କ ଜନ୍ମଦିବସ, ପୌଷ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା ସୋମବାର। ରାଶିନକ୍ଷତ୍ର-ଉତ୍ତରାଷାଢ଼ା/ଧନୁ, ଦିବା ଘ. ୧୦.୦୬ ଗତେ ମକରଚନ୍ଦ୍ର, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୬.୨୧ ଗତେ ଘ.୦୭.୪୨ ମଧ୍ୟେ, ଘ.୦୯.୧୩ ଗତେ ଘ.୧୧.୨୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭.୪୨ ଗତେ ଘ.୦୯.୦୩ ମଧ୍ୟେ ରାହୁକାଳ ।

# ଭିଭିଭୂମି ଅଛି, ଚାଷୀଙ୍କ ଆଗ୍ରହ ନାହିଁ

■ ଆଳୁ ମିଶନର ସଫଳତା ନେଇ ପ୍ରଶ୍ନବାଚୀ

■ ଆବଶ୍ୟକ ୩,୪୫୫ ମେଟ୍ରିକ ଟନ୍, ଉତ୍ପାଦିତ ହେଉଛି ୧୪୫ କୁଇଣ୍ଟାଲ

ଭଣ୍ଡାରିପୋଖରୀ,୨୧।୧୨
(ରାଜେନ୍ଦ୍ର ଶତପଥୀ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ଆଳୁଚାଷ ପାଇଁ ଉପଯୋଗୀ ୮ଶହ ହେକ୍ଟର ଉର୍ବର ପଟୁ ମାଟି ମିଶା ଦୋରସା ଚାଷଜମି ରହିଛି। ବ୍ଲକରେ ୧୦ହଜାର ମେଟ୍ରିକ ଟନ୍‌କ୍ଷମତା ବିଶିଷ୍ଟ ରାଜ୍ୟର ସର୍ବବୃହତ୍ 'ଚକାଡୋଲା' ଶୀତଳଭଣ୍ଡାର ମଧ ରହିଛି। ହେଲେ ଭିଭିଭୂମି ଥାଇ ବି ଚାଷୀମାନେ ଆଳୁଚାଷକୁ ଆଦରୁନାହାନ୍ତି। ଅର୍ଥକରୀ ଆଳୁଚାଷ ଯେଉଁ ପରିମାଣରେ ହେବା କଥା, ତାହା ହୋଇପାରୁ ନାହିଁ। ଆଳୁ ଉତ୍ପାଦନରେ ସ୍ୱାବଲମ୍ବୀ ପାଇଁ ସରକାରଙ୍କ ଲକ୍ଷ୍ୟ ପୂରଣ ହେବାରେ ଅନ୍ତରାୟ ସୃଷ୍ଟି ହୋଇଛି।

ଏହି ବ୍ଲକ ଅଞ୍ଚଳରେ ବାର୍ଷିକ ୩,୪୫୫ ମେଟ୍ରିକ ଟନ୍ ଆଳୁ ଆବଶ୍ୟକ। ହେଲେ ୨୦୨୪-୨୫ ବର୍ଷରେ ମାତ୍ର ୧୨.୨୯ ହେକ୍ଟର ଜମିରେ ଆଳୁଚାଷ ହୋଇଥିବା ବେଳେ ମାତ୍ର ୧୪.୫ ଟନ୍ ଉତ୍ପାଦିତ ହୋଇଥିଲା। ଚଳିତ ବର୍ଷ ୪୦ ହେକ୍ଟର ଜମିରେ ଆଳୁଚାଷ ଲକ୍ଷ୍ୟ ରଖାଯାଇଛି। ନଭେମ୍ବର ୧୫ରୁ ଡିସେମ୍ବର୧୫ ମଧ୍ୟରେ ଆଳୁ ବିହନ ରୋପଣ ହେବା କଥା। ସେଥିପାଇଁ ପ୍ରଥମ ଦଫାରେ ପଞ୍ଜାବରୁ 'କୁଫ୍ରିଜ୍ୟୋତି' କିସମ ବିହନ ସରକାରଙ୍କ ପକ୍ଷରୁ ସ୍ଥାନୀୟ କୃଷି ଉଦ୍ୟାନ ବିଭାଗକୁ ଯୋଗାଇ ଦିଆଯାଇଛି। ବିଭାଗ ପକ୍ଷରୁ ଚାଷୀମାନଙ୍କୁ କ୍ରମାଗତ ପ୍ରରୋଚିତ କରାଯିବା ପରେ ଏଯାବତ୍ ୨୪ ହେକ୍ଟର ଜମିରେ ଆଳୁ ବିହନ



ଚତୁର୍ଭୁଜପୁର ଗ୍ରାମରେ ଏକ ଚାଷଜମିରେ ହୋଇଥିବା ଆଳୁ ଚାଷ।

ଲଗାଯାଇଥିବା ସହକାରୀ କୃଷି ଉଦ୍ୟାନ ଅଧିକାରିଣୀ ଶୁଭଦର୍ଶନୀ ରଥ ସୂଚନା ଦେଇଛନ୍ତି। ଡିସେମ୍ବର ୨ ସୁଦ୍ଧା ବନ୍ଧାଲୋ, ମଢ଼ିଆଳି, ବାବଲପୁର, ଝୁଟୁଣା, ବାଲିପୋଖରୀ, କୋରକୋରା, ନିର୍ଗୁଣ୍ଡି, ଦକ୍ଷିଣବାଡ଼, କୋରିଗାଁ, ଷୋଳମପୁର ଆଦି ପଞ୍ଚାୟତର ଚାଷୀମାନଙ୍କୁ କିଲୋ ପିଛା ୨୦ ଟଙ୍କା ଦରରେ ବିହନ ଯୋଗାଇ ଦିଆଯାଇଛି। ସେଥିମଧ୍ୟରୁ ୧୦ଟଙ୍କା ଡିବିଟି ଯୋଗେ ବିହନ ଉପଯୋଗ କରିଥିବା ଚାଷୀମାନଙ୍କୁ ସବ୍‌ସିଡ଼ି ମିଳିପାରିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଆଗାମୀ ୨ ସପ୍ତାହ ମଧ୍ୟରେ ଚାଷ ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି ବିଭାଗ ଆଶାବାଦୀ ଅଛି। ଏହାଦ୍ୱାରା ଆଳୁ ଉତ୍ପାଦନ ୩ ହଜାର କୁଇଣ୍ଟାଲକୁ ବୃଦ୍ଧି ପାଇବ। ମାତ୍ର ଏହି ପରିମାଣ ଆବଶ୍ୟକତାଠାରୁ ଯଥେଷ୍ଟ କମ୍। ବ୍ଲକ ଅଞ୍ଚଳରେ ବୈତରଣୀ ନଦୀ ଉପକୂଳବର୍ତ୍ତୀ ୮ ପଞ୍ଚାୟତର ଶତାଧିକ ହେକ୍ଟର ଚାଷଜମି ଆଳୁଚାଷ ପାଇଁ ବେଶ୍ ଉପଯୋଗୀ। ସ୍ଥାନୀୟ ମୃତ୍ତିକାର ଉର୍ବରତା ଓ ପାଣିପାଗ ଦୃଷ୍ଟିରୁ ଏଠାରେ ମଧ୍ୟମ ପରିମାଣରେ ଆଳୁ ଉତ୍ପାଦନ ହୋଇପାରିବ। ଉତ୍ପାଦିତ ଆଳୁକୁ ମହଜୁଦ କରି ରଖିବା ପାଇଁ ୨୦୧୬ରେ କୃଷି ଉଦ୍ୟାନ ବିଭାଗ ସହାୟତାରେ 'ଆଳୁ ମିଶନ' ଲକ୍ଷ୍ୟ ପୂରଣ ନିମନ୍ତେ ୧୦ ହଜାର ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶୀତଳଭଣ୍ଡାର କାର୍ଯ୍ୟକ୍ଷମ ହୋଇଥିଲା। ଉଦ୍ୟୋଗପତି ଉଦୟ ନାରାୟଣ ନନ୍ଦ ସ୍ଥାନୀୟ ଚାଷୀଙ୍କୁ ଆଳୁଚାଷ ପାଇଁ ପ୍ରରୋଚିତ କରି ବିଫଳ ହୋଇଥିଲେ। ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ କରି ଗଚ୍ଛିତ ରଖିବା ସହ ବିକ୍ରୟ କରି ଶୀତଳଭଣ୍ଡାର ଚଳାଇଥିଲେ। ହେଲେ ତାହା ଲାଭଜନକ ହୋଇ ନ ଥିଲା। ୪ ବର୍ଷ ପରେ ଶୀତଳଭଣ୍ଡାର ବନ୍ଦ ହୋଇଯାଇଥିଲା। ବନ୍ଦ ହେବାର ୪ ବର୍ଷ ପରେ ଶୀତଳଭଣ୍ଡାରର ଅର୍ଦ୍ଧେକ ସ୍ଥାନରେ ଛତୁଚାଷ ଆରମ୍ଭ କରି ନନ୍ଦ ଶୀତଳଭଣ୍ଡାରକୁ କାର୍ଯ୍ୟକ୍ଷମ କରିଥିଲେ। ଏବେ ଛତୁଚାଷରେ ସଫଳ ହୋଇଥିବା ନନ୍ଦ ବାକି ଅର୍ଦ୍ଧେକ ସ୍ଥାନରେ ୫ ହଜାର ମେଟ୍ରିକ ଟନ୍ ଆଳୁ ଗଚ୍ଛିତ କରିବା ପାଇଁ ଆଗ୍ରହୀ ଅଛନ୍ତି ବୋଲି ପ୍ରକାଶ କରିଛନ୍ତି। ଏପରିକି ଆଗ୍ରହୀ ଆଳୁଚାଷୀଙ୍କୁ ସବୁମନ୍ତେ ସହାୟତା କରିବାକୁ ପ୍ରସ୍ତୁତ ଥିବା ସେ କହିଛନ୍ତି। ମାତ୍ର ଚାଷୀମାନେ ଆଳୁଚାଷ ପ୍ରତି ଆଗ୍ରହ ପ୍ରକାଶ କରୁ ନ ଥିବା ଚିନ୍ତାର କାରଣ ହୋଇଛି। ନଦୀ ଉପକୂଳ ଅଞ୍ଚଳର ଚାଷୀମାନେ ଜମିରେ ପନିପରିବା ଚାଷ, ବାଦାମ ଚାଷ କରିବାକୁ ଇଚ୍ଛା କରୁଥିବା ଦେଖିବାକୁ ମିଳିଛି। ଏପରିକି ସହଜରେ ଉପଲବ୍ଧ ବାଲି, ମାଟି ଓ ଶ୍ରମର ଉପଯୋଗ କରି ଦୋରସା ଜମିରେ ଇଟା ଗଢ଼ିବାକୁ ବେଶ୍ ପସନ୍ଦ କରୁଥିବା ଜଣାପଡ଼ିଛି। ସ୍ୱଳ୍ପ ଖର୍ଚ୍ଚରେ ଭଲ ଲାଭ ମିଳୁଥିବାରୁ ଇଟା ଗଢ଼ା ପ୍ରତି ଆଗ୍ରହ ପ୍ରକାଶ ପାଉଛି। ଫଳରେ 'ଆଳୁ ମିଶନ' ଲକ୍ଷ୍ୟସ୍ଥଳରେ ପହଞ୍ଚିପାରୁ ନାହିଁ। ଚାଷୀମାନଙ୍କୁ ଆଳୁଚାଷ ପ୍ରତି ପ୍ରରୋଚିତ କରିବାକୁ ବିଭାଗ ପକ୍ଷରୁ ସବୁପ୍ରକାର ଉଦ୍ୟମ କରାଯାଉଛି ବୋଲି ବିଭାଗୀୟ ଅଧିକାରିଣୀ ରଥ କହିଛନ୍ତି।

> ସ୍ଥାନୀୟ ଅଞ୍ଚଳରେ ଆଳୁଚାଷ ପାଇଁ ଆବଶ୍ୟକ ଅନୁସାରେ ଜଳ ଯୋଗାଇ ହେଉନାହିଁ। ଜଳ ଅଭାବରୁ ଲଗାଯାଇଥିବା ବିହନରେ ପୋକ ଲାଗିଯାଇ ନଷ୍ଟ ହେଉଛି। କ୍ଷତି ସହିବାକୁ ପଡୁଥିବାରୁ ଏହି ଚାଷ ପ୍ରତି ଆଗ୍ରହ ରହୁନାହିଁ।
>
> - ପ୍ରଭାତ ସାମଲ, ଚାଷୀ, ମାଳଦା

> ଚାଷ ପରେ ଆଳୁ ଉଚିତ ମୂଲ୍ୟରେ ବିକ୍ରି କରିହେଉ ନାହିଁ। ଏହାବ୍ୟତୀତ ସ୍ଥାନୀୟ ଅଞ୍ଚଳରେ ଶୀତଳଭଣ୍ଡାର ବ୍ୟବସ୍ଥା ନ ଥିବାବେଳେ ପ୍ରାୟ ୭କି.ମି. ଦୂରରେ ଥିବାରୁ ଆଳୁ ମହଜୁଦ କରି ରଖିହେଉ ନ ଥିବା ଯୋଗୁ ଚାଷ ପ୍ରତି ଆଗ୍ରହ କମୁଛି।
>
> - ଋଷିକେଶ ପରିଡ଼ା, ଚାଷୀ, ଚତୁର୍ଭୁଜପୁର

# ଗଣିତରେ ଅଧିକ ଗବେଷଣା ପ୍ରତି ଆଗ୍ରହ ଆବଶ୍ୟକ

## ଆଜି ଜାତୀୟ ଗଣିତ ଦିବସ



ଗଣିତର ବିକାଶ ବିନା କୌଣସି ସଭ୍ୟତାର ବିକାଶ ସମ୍ଭବ ନୁହେଁ। ଆଜକୁ ୪୦୦୦ ବର୍ଷ ପୂର୍ବେ ଭାରତର ଉତ୍ତର-ପଶ୍ଚିମାଞ୍ଚଳରେ ଗଢ଼ିଉଠିଥିବା ସିନ୍ଧୁ ସଭ୍ୟତାର ଭଗ୍ନାବଶେଷରୁ ସେମାନଙ୍କର ଗଣିତ ଜ୍ଞାନର ପରିଚୟ ମିଳେ। ସେମାନେ ବ୍ୟବହାର କରୁଥିବା ଇଟାର ମାପ, ବିଭିନ୍ନ ସ୍କେଲ୍ ଓ ବଟକରାରୁ ସ୍ପଷ୍ଟ ଜଣାପଡ଼େ ଯେ ସେମାନେ ଗଣିତ ବ୍ୟବହାର କରୁଥିଲେ। ଅନ୍ୟପକ୍ଷରେ ବୈଦିକ ଯୁଗରେ ଯଜ୍ଞବେଦି ନିର୍ମାଣ କରିବା ଲାଗି ଜ୍ୟାମିତିର ବିକାଶ ହୋଇଥିଲା। ଭାରତରେ ପିଥାଗୋରାସ୍ ଉପପାଦ୍ୟ ବ୍ୟବହାର ହେବାର ୩୦୦ ବର୍ଷ ପରେ ଗ୍ରୀକ୍ ଗଣିତଜ୍ଞ ପିଥାଗୋରାସ୍ ଏହାକୁ ଗ୍ରୀସ୍‌ରେ ଆବିଷ୍କାର କରି ଏହାର ଗୌରବ ନେଇଛନ୍ତି।

ପଞ୍ଚମ ଶତାବ୍ଦୀରୁ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ହେଉଛି ଭାରତୀୟ ଗଣିତର ସୁବର୍ଣ୍ଣ ଯୁଗ। ଏହି ସମୟରେ ଆର୍ଯ୍ୟଭଟ୍ଟ, ବ୍ରହ୍ମଗୁପ୍ତ, ମହାବୀର ଓ ଭାସ୍କରାଚାର୍ଯ୍ୟ ଆଦି ଗଣିତର ଅନେକ ସୂତ୍ର ଓ ଉପପାଦ୍ୟ ଆବିଷ୍କାର କରିଥିଲେ। ଭାରତରେ ଆବିଷ୍କୃତ ସ୍ଥାନାଙ୍କ, ଦଶମିକ ସଂଖ୍ୟା ପଦ୍ଧତି ଓ ଶୂନ ସଂଖ୍ୟା ଜଗତକୁ ସରଳ କରିପାରିଛି। ତା' ସହ ଏଗୁଡିକ ଆଜି ମଧ ପୃଥିବୀରେ ବ୍ୟବହୃତ ହେଉଛି। ଏହା ଭାରତରୁ ଆରବକୁ ଏବଂ ସେଠାରୁ ୟୁରୋପକୁ ପ୍ରସାରଲାଭ କରିଥିଲା। ୟୁରୋପୀୟମାନେ ଏହାର ସୃଷ୍ଟିର ପ୍ରକୃତ ଉତ୍ସ ଜାଣି ନ ପାରି ଏହାର ନାମ 'ଆରବୀୟ ସଂଖ୍ୟା ପଦ୍ଧତି' ରଖିଥିଲେ। ମାତ୍ର ପରେ ଏହାର ପ୍ରକୃତ ଆବିଷ୍କାରକ ଦେଶର ନାମ ଜଣାପଡିବା ପରେ ଏହା ବର୍ତ୍ତମାନ 'ହିନ୍ଦୁ-ଆରବୀୟ ସଂଖ୍ୟା ପଦ୍ଧତି' ଭାବେ ଜଣାଯାଇଛି। ବିଶିଷ୍ଟ ଗଣିତଜ୍ଞ ଲାପ୍ଲାସ ଓ ଆଇନଷ୍ଟାଇନ୍ କହିଛନ୍ତି ଯେ, ସଂଖ୍ୟା ପଦ୍ଧତିର ବିକାଶ ପାଇଁ ଗଣିତ ଭାରତ ପାଖରେ ଚିର ଋଣୀ। ତାମିଲନାଡୁର କୁମ୍ଭକୋଣମ୍‌ଠାରେ ୧୮୮୭ ମସିହାରେ ଜନ୍ମଗ୍ରହଣ କରିଥିବା ଶ୍ରୀନିବାସ ରାମାନୁଜନ ହେଉଛନ୍ତି ଆଧୁନିକ ଯୁଗର ଜଣେ ଶ୍ରେଷ୍ଠ ଗଣିତଜ୍ଞ। ସେ ମାତ୍ର ୩୩ ବର୍ଷର ସ୍ୱଳ୍ପ ଜୀବନ କାଳରେ ପ୍ରମାଣ ବିନା ଯେତିକି ଗଣିତ ସୂତ୍ର ପ୍ରକାଶ କରିଥିଲେ ସେଗୁଡ଼ିକୁ ପ୍ରମାଣ କରିବା ପାଇଁ ଗଣିତଜ୍ଞମାନଙ୍କୁ ପ୍ରାୟ ଶହେ ବର୍ଷ ଲାଗିଗଲା। ଭାରତ ସରକାର ରାମାନୁଜନଙ୍କ ସମ୍ମାନାର୍ଥେ ତାଙ୍କର ଜନ୍ମ ଦିବସ (ଡିସେମ୍ବର ୨୨)କୁ 'ଜାତୀୟ ଗଣିତ ଦିବସ' ଭାବରେ ଘୋଷଣା କରିଥିଲେ, ଯାହା ଏ ପର୍ଯ୍ୟନ୍ତ ପାଳିତ ହୋଇଆସୁଅଛି। ଏକ ଗରିବ ପରିବାରରେ ଜନ୍ମଗ୍ରହଣ କରି ମଧ ରାମାନୁଜନ ନିଜେ ପଢ଼ି ଉଚ୍ଚତର ଗଣିତକୁ ଆୟତ୍ତ କରିପାରିଥିଲେ। ଗଣିତ କ୍ଷେତ୍ରରେ ଅଧିକ ଜ୍ଞାନ ଅର୍ଜନ କରିବା ଲାଗି ସେ ଇଂଲଣ୍ଡର କେମ୍ବ୍ରିଜ ବିଶ୍ୱବିଦ୍ୟାଳୟର ଗଣିତ ପ୍ରଫେସର ଜି.ଏଚ୍. ହାର୍ଡିଙ୍କ ସହାୟତାରେ ୧୯୧୪ ମସିହାରେ ଇଂଲଣ୍ଡ ଯାଇଥିଲେ। ସେ କେମ୍ବ୍ରିଜଠାରେ ହାର୍ଡିଙ୍କ ସହ ମିଶି ଗଣିତ ଉପରେ ଅନେକ ଗବେଷଣା କରିଥିଲେ। କିନ୍ତୁ ଏହି ସମୟରେ ସେ ହଠାତ୍ ଯକ୍ଷ୍ମା ରୋଗରେ ପୀଡ଼ିତ ହୋଇ ୧୯୧୯ରେ ଭାରତ ଫେରି ଆସିଲେ। ଠିକ୍ ତା' ପରବର୍ଷ ଏପ୍ରିଲ ୨୬ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।

ଆମ ଦେଶରେ ଗଣିତରେ ଗବେଷଣା ପ୍ରତି ଛାତ୍ରୀଛାତ୍ରମାନଙ୍କ ମନରେ ଅଧିକରୁ ଅଧିକ ଆଗ୍ରହ ସୃଷ୍ଟି କରିବା ହେଉଛି ଜାତୀୟ ଗଣିତ ଦିବସ ପାଳନର ଲକ୍ଷ୍ୟ। ବାସ୍ତବରେ ନବୋଭାବନ, ପ୍ରଯୁକ୍ତିବିଦ୍ୟା ଓ ସମସ୍ୟା ସମାଧାନରେ ଗଣିତର ଭୂମିକା ଅନସ୍ୱୀକାର୍ଯ୍ୟ।

-ଇଂ. ମାୟାଧର ସ୍ୱାଇଁ,
ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

# ପିକ୍‌ନିକ୍ ବସ୍ ଓଲଟି ଜଣେ ମୃତ, ୨୦ ଆହତ

## ବାରହା ପଥରରେ ପିକ୍‌ନିକ୍ କରି ଫେରୁଥିଲେ

ପାତ୍ରପୁର, ୨୧।୧୨
(ଉମା ଚରଣ ନେପାକ)

ପିକ୍‌ନିକ୍ କରିବାକୁ ଯାଇ ଗଞ୍ଜାମ ଜିଲା ଜରଡା ଥାନା ଅନ୍ତର୍ଗତ ବୁରାଡାଲ ପଞ୍ଚାୟତ ସାପୁଆଖତଠାରେ ରବିବାର ସନ୍ଧ୍ୟାରେ ବ୍ରହ୍ମପୁରସ୍ଥିତ ତକ୍ଷଶିଳା ଘରୋଇ ସ୍କୁଲର ବସ୍ ଓଲଟି ପଡିଛି। ଫଳରେ ଜଣଙ୍କର ମୃତ୍ୟୁ ଘଟିଛି। ସେ ହେଲେ ରତ୍ନା ବିଶୋୟୀ (୪୫)। ଏଥିରେ ୨୦ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି।

ଖବରରୁ ଜଣାପଡିଛି, ରୟାଲ ଏନ୍‌ଫିଲ୍ଡର ୫୫ ଜଣ କର୍ମଚାରୀ ପିକ୍‌ପିକ୍ କରିବାକୁ ତକ୍ଷଶିଳା ଘରୋଇ





ଓଲଟି ପଡ଼ିଥିବା ବସ୍।

ସ୍କୁଲ ବସ୍ (ନଂ. ଓଆର୍ ୦୨ ଏଏସ୍-୦୫୪୪)କୁ ଭଡାରେ ନେଇ ବାରହା ପଥର ପିକ୍‌ନିକ୍ କରିବାକୁ ଆସିଥିଲେ। ବୁଲାବୁଲି ସହ ଭୋଜିସାରି ସେମାନେ ଫେରୁଥିବା ବେଳେ ବସ୍‌ଟି ଭାରସାମ୍ୟ ହରାଇ ସାପୁଆଖତଠାରେ ଓଲଟି ପଡିଥିଲା। ଖବର ପାଇ ଜରଡ଼ା ଥାନା ଅଧିକାରୀ ଟୁନା ସାସମଲ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ଉଦ୍ଧାର କରି ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ରତ୍ନାଙ୍କ ମୃତ୍ୟୁ ଘଟିଥିଲା। ଏନେଇ ଜରଡା ଥାନାରେ ନଂ. ୪୨୨/୨୫ରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# ସୀତାକୁଣ୍ଡରେ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ: ବେଲୁନ ବିକାଳି ଗୁରୁତର

ବାରିପଦା,୨୧।୧୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଶିମିଳିପାଳ ପାଦଦେଶରେ ଥିବା ସୀତାକୁଣ୍ଡ ଜଳପ୍ରପାତ ପର୍ଯ୍ୟଟନସ୍ଥଳୀରେ ରବିବାର ଏକ ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଘଟି ଜଣେ ବେଲୁନ ବିକାଳି ଗୁରୁତର ହୋଇଛନ୍ତି। ସେ ହେଲେ ବାରିପଦା ସହର ଶୂନଗଡ଼ିଆର ସେରୁ ସିଂ(୨୪)। ତାଙ୍କୁ ପ୍ରଥମେ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ପରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଡିସେମ୍ବର ତୃତୀୟ ରବିବାର ଯୋଗୁ ଏଠାରେ ବହୁସଂଖ୍ୟକ ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ବେଲୁନ ବିକାଳି ଜଣକ ଧୂମ୍ରପାନ କରି ସିଲିଣ୍ଡରକୁ ଅନ୍ୟତ୍ର ନେଇ ଯାଉଥିଲେ। ପୂର୍ବରୁ ଲିକ୍ ଥିବା ସିଲିଣ୍ଡରରେ ଅଠା ଦେଇ ସେ ଅସ୍ଥାୟୀ ସିଲ୍ କରିଥିବା ବେଳେ ସେଠାରୁ ଗ୍ୟାସ୍ ଲିକ୍ ହେବାରୁ ଏହି ଦୁର୍ଘଟଣା ଘଟିଥିବା ଜଣାପଡ଼ିଛି। ସିଲିଣ୍ଡରଟି ପାର୍କିଂରେ ଛିଡ଼ା ହୋଇଥିବା ବସ୍ ଉପରେ ପଡ଼ିଥିଲା। ପାଖରେ କେହି ଗ୍ରାହକ ନ ଥିବାରୁ ଦୁର୍ଘଟଣାରୁ ବର୍ତ୍ତିଯାଇଛନ୍ତି। ପର୍ଯ୍ୟଟନସ୍ଥଳୀ ଉନ୍ନୟନ କମିଟି ପ୍ରବେଶ ଶୁଳ୍କ ଆଦାୟ କରୁଥିଲେ ହେଁ ସୁରକ୍ଷା ପ୍ରତି ଦୃଷ୍ଟି ଦେଉ ନ ଥିବା ପର୍ଯ୍ୟଟକମାନେ ଅଭିଯୋଗ କରିଛନ୍ତି।

# ୧୩ କ୍ୟାଡର ମାଓବାଦୀଙ୍କୁ ଧରିବାକୁ ପ୍ରୟାସ ଜୋରଦାର

## ଗଣେଶଙ୍କ ମୁଣ୍ଡ ଉପରେ ୧.୨୦ କୋଟି

ଫୁଲବାଣୀ,୨୧।୧୨
(ରାକେଶ କୁମାର ରାଉତ)

କେନ୍ଦ୍ର ସରକାର ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀ ମୂଳୋତ୍ପାଟନ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏହି ସମୟ ପାଖେଇ ଆସୁଥିବାରୁ ପୋଲିସ ମାଓବାଦୀଙ୍କୁ ସଫା କରିବାକୁ ଜୋରଦାର ଉଦ୍ୟମ କରୁଛି। କନ୍ଧମାଳ ଜିଲାରେ ୧୩ କ୍ୟାଡର ମାଓବାଦୀଙ୍କ ତାଲିକା ପୋଲିସ ଜାରି କରିଛି। ଏମାନଙ୍କୁ ଧରାଇ ଦେଲେ ପୁରସ୍କାର ରାଶି ଯୋଗାଇ ଦିଆଯିବ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। ପୋଷ୍ଟରଗୁଡ଼ିକ ଫିରିଙ୍ଗିଆ ବ୍ଲକର ଗୋଚ୍ଛାପଡା ଏବଂ ଅନ୍ୟାନ୍ୟ ଅଞ୍ଚଳରେ ଦେଖିବାକୁ ମିଳିଛି।

ମାଓବାଦୀ ସଙ୍ଗଠନର କେନ୍ଦ୍ରୀୟ କମିଟି ସଦସ୍ୟ ଗଣେଶ ଉଇକେଙ୍କ ମୁଣ୍ଡ ଉପରେ ସର୍ବାଧିକ ୧କୋଟି





ପୋଲିସ ଜାରି କରିଥିବା ପୋଷ୍ଟର।

୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଛି। ସ୍ୱତନ୍ତ୍ର ଜୋନାଲ କମିଟି ସଦସ୍ୟ ସୁଦର୍ଶନ, ନିଖିଲ, ଅଙ୍କିତା, ଶୁକ୍ରୁ, ନୀତାଙ୍କୁ ଧରାଇଲେ ୬୫ ଲକ୍ଷ ଲେଖାଏ ପୁରସ୍କାର ଥିବା ବେଳେ ପ୍ଲାଟୁନ କମାଣ୍ଡର ଶୀଲା ଏବଂ ରେଣୁଙ୍କ ମୁଣ୍ଡ ଉପରେ ୩୨ ଲକ୍ଷ ୫୦ ହଜାର ଟଙ୍କା ପୁରସ୍କାର ଅର୍ଥ ରାଶି ରଖାଯାଇଛି। ସେହିପରି ଡିଭିଜନାଲ ମେମ୍ବରଙ୍କୁ ଧରାଇଦେଲେ ୩୨ ଲକ୍ଷ ଟଙ୍କା ପୁରସ୍କାର ଘୋଷଣା କରାଯାଇଛି। ଯେ କୌଣସି ବ୍ୟକ୍ତି ଏମାନଙ୍କ ସମ୍ପର୍କରେ ସୂଚନା ଦେଲେ ସେମାନଙ୍କୁ ଏହି ପୁରସ୍କାର ଅର୍ଥ ରାଶି ଯୋଗାଇ ଦିଆଯିବ ବୋଲି କନ୍ଧମାଳ ଏସ୍‌ପି ହରିଷ ବିଶି କହିଛନ୍ତି। ସେହିପରି ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ଫଟୋ ସହିତ ସରକାରଙ୍କ ପକ୍ଷରୁ ରହିଥିବା ଥଇଥାନ ପ୍ୟାକେଜ ଉପରେ ମଧ ସୂଚନା ଦିଆଯାଇଛି। ଏ ଦିଗରେ ପୋଲିସ ବ୍ୟାପକ ସଚେତନତା ସୃଷ୍ଟି କରୁଛି। ଲୋକେ ନିର୍ଭୟରେ ପୋଲିସକୁ ସହଯୋଗ କରିବା ପାଇଁ ଏସ୍‌ପି କହିଛନ୍ତି।

# ଦୁର୍ଘଟଣାରେ ସ୍କୁଲ ଅଧକ୍ଷଙ୍କ ମୃତ୍ୟୁ

ବଇଣ୍ଡା, ୨୧।୧୨ (ପରିକ୍ଷିତ ସାହୁ)

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା କମରେଇ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ପିକ୍‌ଅପ୍ ଭ୍ୟାନ୍ ପଛରେ ବାଇକ୍ ପିଟି ହେବାରୁ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଇଣ୍ଡା ଧରଣୀଧର ପବ୍ଲିକ ସ୍କୁଲ ଅଧକ୍ଷ ସୌରଭ କୁମାର ମହାନ୍ତି (୪୨)। ସୂଚନା ଅନୁଯାୟୀ, ସୌରଭଙ୍କ ଘର ଜାମସେଦପୁର ହୋଇଥିବାବେଳେ ସେ ରେଢ଼ାଖୋଲରେ ଭଡ଼ା ଘରେ ରହୁଥିଲେ। ଶନିବାର ରାତିରେ ସେ ବାଇକ୍ (ନଂ. ଓଆର ୦୨ବିଜେଡ୍ ୩୫୧୮) ଯୋଗେ ବଇଣ୍ଡାରୁ ରେଢ଼ାଖୋଲ ଯାଉଥିବାବେଳେ କମରେଇ ନିକଟରେ ଅନୁଗୋଳରୁ ସମ୍ବଲପୁର ଯାଉଥିବା ଏକ ପିକଅପ୍ ଭ୍ୟାନ୍ (ନଂ. ଏମ୍‌ପି ୦୯ ଡି ଡବ୍ଲ୍ୟୁ ୭୩୮୧) ପଛରେ ପିଟି ହୋଇଯାଇଥିଲେ। ହଣ୍ଡପା ପୋଲିସ ତାଙ୍କୁ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

# ଗାଡ଼ି ଧକ୍କାରେ ୨ ମୃତ, ରାସ୍ତାରୋକୋ

ସୋନପୁର,୨୧।୧୨
(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ଥାନା ଅଧୀନ ୫୭ ନମ୍ବର ଜାତୀୟ ରାଜପଥର ହରଡ଼ଖୋଲ ନିକଟରେ ରବିବାର ସନ୍ଧ୍ୟା ୬ ଟାରେ ଏକ ସଡ଼କ ଦୁର୍ଘଟଣାରେ ୨ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ସୋନପୁର ଥାନା ଗଡରକେଲା ଗାଁର ଗଙ୍ଗାଧର ବେହେରା(୩୦) ଓ ଜୟ ବେହେରା(୩୬)। କୌଣସି କାମରେ ବଲାଙ୍ଗୀର ଯାଇଥିବା ଗଙ୍ଗାଧର ଓ ଜୟ ବାଇକ (ନଂ. ଓଡି ୩୧-ଏଚ୍ ୮୩୫୦)ରେ ଘରକୁ ଫେରୁଥିବା ବେଳେ ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟେ ରାସ୍ତାପାର୍ଶ୍ୱକୁ ଛିଟିକି ପଡ଼ିଥିଲେ। ଘଟଣାସ୍ଥଳରେ ଜୟଙ୍କ ମୃତ୍ୟୁ ଘଟିଥିଲା। ଗଙ୍ଗାଧରଙ୍କୁ ଗୁରୁତର ଅବସ୍ଥାରେ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହରଡ଼ଖୋଲ ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରିଛି। ତେବେ କ୍ଷତିପୂରଣ ଦାବିରେ ଅଞ୍ଚଳବାସୀ ହରଡଖୋଲଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ପ୍ରଶାସନ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ଜାରି ରଖିଛି।

# ଅରାଜକତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି ମିଲର୍ସ: ପୁରୋହିତ

## 'ବିଜେଡି ଯାହା କରୁଥିଲା ଏବେ ଭାଜପା ତାହା କରୁଛି'

ଝାରସୁଗୁଡ଼ା, ୨୧।୧୨
(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା କୋଲାବିରା ବ୍ଲକ ମୁଖ୍ୟାଳୟରେ ରବିବାର ଏକ କୃଷକ ସମାବେଶ ଅନୁଷ୍ଠିତ ହୋଇଥିଲା। ଏଥିରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ ଯୋଗଦେଇ ବ୍ୟାନରରେ ନିଜ ଫଟୋ ନ ଥିବା ନେଇ ଅସନ୍ତୋଷ ପ୍ରକାଶ କରିବା ସହ ମିଲର୍ସମାନେ ରାଜ୍ୟରେ ଅରାଜକତା ସୃଷ୍ଟି କରିବା ପାଇଁ ଚେଷ୍ଟା କରୁଛନ୍ତି ବୋଲି କହିଛନ୍ତି।

ଝାରସୁଗୁଡା ଜିଲା ପ୍ରଶାସନ ତରଫରୁ ଆୟୋଜିତ କୃଷକ ସମାବେଶରେ ଯୋଗଦେବା ପାଇଁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଏମ୍‌ପି ପ୍ରଦୀପ ପୁରୋହିତ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ ମଞ୍ଚରେ ପହଞ୍ଚିଥିଲେ। ବିଧାୟକ ତ୍ରିପାଠୀଙ୍କ ବକ୍ତବ୍ୟ ପରେ ଏମ୍‌ପି ପୁରୋହିତ ନିଜ





ବ୍ୟାନରରେ ଫଟୋ ନ ଥିବାରୁ ଅସନ୍ତୋଷ ପ୍ରକାଶ କରୁଛନ୍ତି ଏମ୍‌ପି।

ବକ୍ତବ୍ୟ ରଖିବା ବେଳେ ସମାବେଶ ପାଇଁ ହୋଇଥିବା ବ୍ୟାନରରେ ନିଜ ଫଟୋ ନ ଥିବା ନେଇ ଜିଲାପାଳଙ୍କୁ ତାଗିଦ କରିଥିଲେ। ସେ କହିଥିଲେ ଯେ, ମୋତେ କ'ଣ ଅସମ୍ମାନ କରିବା ପାଇଁ ଏଠାକୁ ଡକାଯାଇଛି। ପ୍ରୋଟୋକଲ ହିସାବରେ ବ୍ୟାନରରେ କ'ଣ ଏମ୍‌ପିଙ୍କ ଫଟୋ ଦେବାର ନିୟମ ନାହିଁ, ଯଦି ତୁମର ଏମିତି କରିବାର ଥିଲା ତେବେ ମୋତେ କାର୍ଯ୍ୟକ୍ରମକୁ କାହିଁକି ଡାକିଛ ବୋଲି ଜିଲାପାଳଙ୍କୁ ତାଗିଦ କରିଥିଲେ। ବିଜେଡି ସରକାର ଥିବାବେଳେ ଭାଜପା ବିଧାୟକ, ଏମ୍‌ପିମାନଙ୍କୁ ଏପରି ବ୍ୟବହାର କରାଯାଉଥିଲା। ଏବେ ଆମ ସରକାରରେ ଆମପ୍ରତି ଏପରି ଅସମ୍ମାନକୁ ପ୍ରଶ୍ରୟ ଦିଆଯିବ ନାହିଁ। ଏଥିପ୍ରତି ସତର୍କ ରହିବାକୁ ଜିଲାପାଳଙ୍କୁ କହିଥିଲେ। ଚାଷୀଙ୍କ ସମସ୍ୟା ନେଇ ସେ କହିଥିଲେ, ମିଲର୍ସମାନେ ଜାଣିଶୁଣି ଚାଷୀଙ୍କ ଧାନ ଉଠାଉ ନାହାନ୍ତି। ସେମାନେ ଚାହୁଁଛନ୍ତି ଚାଷୀମାନେ ରାଜରାସ୍ତାକୁ ଆସନ୍ତୁ ଏବଂ ରାଜ୍ୟରେ ଥିବା ଭାଜପା ସରକାର ବଦନାମ ହୁଅନ୍ତୁ। ମିଲର୍ସମାନେ ବିଜେଡି ଦ୍ୱାରା ପରିଚାଳିତ ହେଉଛନ୍ତି। ତେଣୁ ସେମାନେ ଚାଷୀ ଓ ସରକାରଙ୍କୁ ହଇରାଣ କରୁଛନ୍ତି। ମିଲର୍ସଙ୍କ ଏପରି କାର୍ଯ୍ୟକଳାପ ଅକ୍ଷମଣୀୟ ବୋଲି ସେ କହିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ତାଙ୍କ ଅଭିଭାଷଣ ରଖିବା ସମୟରେ ଏମ୍‌ପି ପୁରୋହିତଙ୍କ ଅସନ୍ତୋଷ ଘଟଣା ନେଇ କହିଥିଲେ, ଜିଲା ପ୍ରଶାସନ ଆଗକୁ ଏପରି କରିବ ନାହିଁ। ଏହା ଅଜାଣତରେ ହୋଇଯାଇଛି, ଏମ୍‌ପି ଏହି ଘଟଣାରେ ମନଦୁଃଖ କରନ୍ତୁ ନାହିଁ ବୋଲି କହିଥିଲେ।



ମଧ୍ୟଯୁଗରେ ସନ୍ୟାସୀମାନେ ନାରୀଙ୍କୁ ଘୃଣାର ପାତ୍ରୀ ବୋଲି ଭାବୁଥିଲେ। ସେମାନେ ଭାବୁଥିଲେ- ଭଗବାନ ସନ୍ୟାସୀମାନଙ୍କୁ ପ୍ରଲୁବ୍ଧ କରିବାକୁ ନାରୀମାନଙ୍କୁ ସୃଷ୍ଟି କରିଛନ୍ତି। ଭଗବାନଙ୍କ ସମ୍ବନ୍ଧ ଓ ନାରୀ ସମ୍ବନ୍ଧରେ ଆଉ କିଏ ଉକ୍ତ ଧାରଣା କରିବା ନିଶ୍ଚୟ ଅନ୍ୟାୟ ହେବ ନାହିଁ। -ଶ୍ରୀଅରବିନ୍ଦ



# ବାଂଲାଦେଶ ପରେ ବର୍ମା

ପ୍ରାୟ ଦେଢ଼ ବର୍ଷ ପରେ ପୁଣି ବାଂଲାଦେଶ ଅଶାନ୍ତ ହୋଇପଡ଼ିଛି। ଏବର ଅସ୍ୱାଭାବିକ ସ୍ଥିତି ସେଠାକାର ଉଗ୍ର ଯୁବ ନେତା ଶରିଫ୍ ଓସ୍‌ମାନ ହାଦିଙ୍କୁ ଅଚିହ୍ନା ମୁଖାପିନ୍ଧା ବ୍ୟକ୍ତି ଗୁଳି କରି ହତ୍ୟା କରିବାରୁ ଉତ୍ପନ୍ନ ହୋଇଛି। ଆସନ୍ତା ବର୍ଷ ଫେବୃଆରୀ ୧୨ରେ ବାଂଲାଦେଶରେ ନିର୍ବାଚନ ହେବାକୁ ଅଛି। ଏହା ପୂର୍ବରୁ ଇନ୍‌କିଲାବ ମଞ୍ଚ ନେତା ହାଦି ଗାଦିଚ୍ୟୁତ ନେତ୍ରୀ ତଥା ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କ ବିରୋଧରେ ଗତ ୧୨ ତାରିଖରେ ଆୟୋଜିତ ଏକ ସଭାରେ ଯୋଗଦେଇଥିବା ବେଳେ ଦୁର୍ବୃତ୍ତମାନେ ତାଙ୍କୁ ଗୁଳି କରିଥିଲେ। ଢାକାରେ ଅତ୍ୟାଧୁନିକ ଚିକିତ୍ସାର ଅଭାବ ଯୋଗୁ ହାଦିଙ୍କୁ ସିଙ୍ଗାପୁର ନିଆଯାଇଥିଲା, ଯେଉଁଠାରେ ୬ ଦିନ ପରେ ତାଙ୍କର ମୃତ୍ୟୁ ଘଟିଲା। ସୂଚନା ଦିଆଯାଇପାରେ ଯେ, ୨୦୨୪ ଅଗଷ୍ଟରେ ତତ୍‌କାଳୀନ ହାସିନା ସରକାରଙ୍କ ବିରୋଧରେ ହୋଇଥିବା ବିଦ୍ରୋହରେ ହାଦି ନେତୃତ୍ୱ ନେବାରେ ଆଗରେ ଥିଲେ। ହାଦିଙ୍କ ମୃତ୍ୟୁ ବିଷୟ ପ୍ରଘଟ ହେବା ପରେ ବାଂଲାଦେଶବ୍ୟାପୀ ଅଶାନ୍ତି ସୃଷ୍ଟି ହୋଇଛି। ଏପରିକି ଉତ୍ତ୍ୟକ୍ତ ଲୋକମାନେ 'ପ୍ରୋଥୋମ ଆଲୋ' ଓ 'ଡେଲି ଷ୍ଟାର' ଖବରକାଗଜ କାର୍ଯ୍ୟାଳୟରେ ନିଆଁ ଲଗାଇବା ସହ ଅନେକ ସ୍ଥାନରେ ଭଙ୍ଗାରୁଜା କରିଥିବା ବେଳେ ପ୍ରବଳ ଭାରତ ବିରୋଧୀ ମନୋଭାବ ପ୍ରଦର୍ଶିତ ହୋଇଛି। ଏହି ଦୁଇ ଖବରକାଗଜ ଭାରତ ସପକ୍ଷବାଦୀ ଭାବେ ବାଂଲାଦେଶରେ ପରିଚିତ। ଏଭଳି ସ୍ଥଳେ ଯେଉଁ ଦ୍ୱିତୀୟ ଘଟଣା ସ୍ଥିତିକୁ ସଙ୍ଗିନ କରିଦେଇଛି ତାହା ହେଲା ମୟମନ୍ ସିଂ ଜିଲାରେ ହିନ୍ଦୁ ଯୁବକ ଦୀପୁଚନ୍ଦ୍ର ଦାସଙ୍କୁ କିଛି ଲୋକ ପିଟି ମାରିଦେବା ପରେ ଗଛରେ ଟାଙ୍ଗି ନିଆଁ ଲଗାଇ ଦେଇଛନ୍ତି। ଦୀପୁଚନ୍ଦ୍ର ଇସ୍‌ଲାମ ବିରୋଧୀ ମତ ଦେଇଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା କୁହାଯାଉଛି। ଦୀପୁଙ୍କ ହତ୍ୟା ଭାରତରେ ମଧ୍ୟ ପ୍ରଭାବ ପକାଇପାରେ। ହିନ୍ଦୁ ଧ୍ୱନି ଦେଉଥିବା ରାଜନୈତିକ ଗୋଷ୍ଠୀ ଏହି ଘଟଣାର ଲାଭ ଉଠାଇବା ପାଇଁ ଚେଷ୍ଟା କରିବା ସ୍ୱାଭାବିକ। କିନ୍ତୁ ଏହିଭଳି କ୍ଷୁଦ୍ର ରାଜନୈତିକ ମନୋଭାବ ପ୍ରଦର୍ଶନ ଭାରତର ଦୀର୍ଘମିଆଦୀ ବହିର୍ବ୍ୟାପାର ନୀତିକୁ କ୍ଷତି ପହଞ୍ଚାଇବ।

ଗତବର୍ଷ ବାଂଲାଦେଶ ଜଳୁଥିବା ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ହାସିନା ଭାରତ ଆସି ଏଠାରେ ଆଶ୍ରୟ ନେଇଛନ୍ତି। ଗତ ୧୭ ନଭେମ୍ବରରେ ତାଙ୍କୁ ମାନବତା ବିରୋଧୀ ଅପରାଧରେ ଦୋଷୀ ସାବ୍ୟସ୍ତ କରି ବାଂଲାଦେଶରେ ଆଭ୍ୟନ୍ତରୀଣ ଯୁଦ୍ଧଜନିତ ଅପରାଧକୁ ତଦନ୍ତ କରିବା ଲାଗି ଗଠିତ ଇଣ୍ଟରନ୍ୟାଶନାଲ କ୍ରାଇମ୍ସ ଟ୍ରିବ୍ୟୁନାଲ (ଆଇସିଟି) ମୃତ୍ୟୁ ଦଣ୍ଡାଦେଶ ଦେଇଥିଲା। ଏହି ରାୟର ମାସକ ମଧ୍ୟରେ ହାଦିଙ୍କୁ ହତ୍ୟା କରାଯିବା ସେଠାକାର ଅନ୍ତରୀଣ ସରକାର ଭାରତକୁ ସନ୍ଦେହାତ୍ମକ ଦୃଷ୍ଟିରେ ଦେଖିଛି। ହତ୍ୟା ପଛରେ ଭାରତର ହାତ ରହିଥିବା ବିଷୟ ମଧ୍ୟ ଆଲୋଚନା ହେଲାଣି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ପଡ଼ୋଶୀ ଦେଶରେ ସୃଷ୍ଟ ଆଭ୍ୟନ୍ତରୀଣ ସଙ୍କଟ ଭିତରକୁ ଭାରତ ଯେଉଁଭଳି ପ୍ରବେଶ କରୁଥିବା ଧାରଣା ସୃଷ୍ଟି ହେଉଛି ତାହା ଦ୍ୱାରା ଭାରତର ଭବିଷ୍ୟତରେ ପଡ଼ୋଶୀ ଦେଶଗୁଡ଼ିକ ସହ ଅଧିକ ସମସ୍ୟା ବୃଦ୍ଧି ପାଇପାରେ। ବାଂଲାଦେଶ ଘଟଣାରୁ ସ୍ପଷ୍ଟ ବୁଝାପଡୁଛି ଯେ ଭାରତର ଗୋଇନ୍ଦା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିଫଳ ହେବାରେ ଲାଗିଛି। ଭାରତ ପ୍ରତି ଆଭିମୁଖ୍ୟ ଅନ୍ୟ ଦେଶର ଜନସାଧାରଣଙ୍କର ସକାରାତ୍ମକ ହେବା ପରିବର୍ତ୍ତେ ନକାରାତ୍ମକ ହେଉଛି। କେବଳ ବ୍ୟବସାୟିକ ସ୍ୱାର୍ଥକୁ ଦେଖି ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ସହିତ ଯେଉଁଭଳି ସମ୍ବନ୍ଧ ସୃଷ୍ଟି କରାଯାଉଛି, ସେଥିରେ ସେହି ଦେଶର ଶାସକ ଗୋଷ୍ଠୀଙ୍କୁ ଭାରତ ସାଙ୍ଗରେ ନେଇପାରୁଛି। ଯେତେବେଳେ ସେହି ଶାସକଙ୍କ ପତନ ଘଟୁଛି, ସେତେବେଳେ ଭାରତଠାରୁ ସେଠାକାର ଜନସାଧାରଣ ଦୂରେଇ ଯାଉଛନ୍ତି ଏବଂ ଶତ୍ରୁତା ସୃଷ୍ଟି ହେଉଛି। ବାଂଲାଦେଶର ଘଟଣା ଏହିଭଳି ଦୁର୍ବଳ ସରକାରୀ ନୀତି ପରିଚାଳନାର ଏକ ଦୃଷ୍ଟାନ୍ତ। ବାଂଲାଦେଶ ମୁକ୍ତି ସଂଗ୍ରାମରେ ଭାରତର ଭୂମିକା ବିଷୟ ସମସ୍ତେ ଜାଣନ୍ତି। ତାହା ଏକ ରାଷ୍ଟ୍ର ମାନ୍ୟତା ପାଇବା ପରେ ଭାରତ କେବଳ ତା'ର ବହିର୍ବ୍ୟାପାର ନୀତି ଅନୁଯାୟୀ ସମ୍ପର୍କ ସ୍ଥାପନ କରିବା କଥା। କିନ୍ତୁ ହାସିନାଙ୍କୁ ପୂର୍ବରୁ ସମର୍ଥନ ଓ ଏବେ ଆଶ୍ରୟ ଦେବାରୁ ତାହା ବାଂଲାଦେଶର ଅନ୍ତରୀଣ ସରକାରକୁ କ୍ଷୁବ୍ଧ କରିବା ସ୍ୱାଭାବିକ। ବିଶ୍ୱ ରାଜନୈତିକ ଦୃଶ୍ୟପଟକୁ ଦେଖିଲେ ପାକିସ୍ତାନ ହେଉ କିମ୍ବା ଅନ୍ୟ ଆରବ ଦେଶରେ ମୁଖିଆମାନଙ୍କ ଉପରେ ଚଡ଼କ ପଡ଼ିଲେ ସେମାନେ ବ୍ରିଟେନ କିମ୍ବା ଅନ୍ୟ ଦୂର ରାଷ୍ଟ୍ରଗୁଡ଼ିକୁ ଆଶ୍ରୟ ନେବାକୁ ଚାଲି ଯାଇଥାଆନ୍ତି। ହାସିନାଙ୍କ କ୍ଷେତ୍ରରେ ଅନ୍ୟ ଦେଶଗୁଡ଼ିକ ତାଙ୍କୁ ଆଶ୍ରୟ ଦେବାକୁ ମନା କରିଦେବାରୁ ବାଧ୍ୟ ହୋଇ ସେ ଭାରତକୁ ଆସିଥିଲେ। ବାଂଲାଦେଶର ଅତି ନିକଟ ପଡ଼ୋଶୀ ହୋଇଥିବାରୁ ସାମାନ୍ୟ ବିଭ୍ରାଟ ଘଟିଲେ ଭାରତର ଭୂମିକା ସନ୍ଦେହ ଘେରକୁ ଆସିଯାଉଛି। ଦୀପୁଚନ୍ଦ୍ରଙ୍କୁ ଯେଭଳି ବୀଭତ୍ସ ଭାବେ ହତ୍ୟା କରାଯାଇ ଗଛରେ ଟାଙ୍ଗି ଜାଳିଦିଆଗଲା ସେଥିରୁ ଭାରତୀୟ ନେତୃତ୍ୱ ବୁଝିଯିବା ଦରକାର ଯେ ହାସିନାନିଆଁ ଦୀର୍ଘ ଦିନ ଅଣ୍ଟାରେ ପୂରାଇ ରଖିଲେ ଦୁଇ ଦେଶର ସମ୍ପର୍କ ଆହୁରି ବିଗିଡ଼ିଯିବ। ଏହା ଜଣାଶୁଣା ଯେ ହାସିନା କ୍ଷମତାକୁ ଆସିବା ପରେ ବାଂଲାଦେଶରେ ଥିବା ହିନ୍ଦୁମାନେ କ୍ଷମତାଶାଳୀ ହେବା ସହ ଅନେକାଂଶରେ ସେମାନଙ୍କ ଦୌରାତ୍ମ୍ୟ ବଢ଼ିଯାଇଥିଲା। ତତ୍‌ସହିତ ହାସିନାଙ୍କ ସରକାର ଆଦାନୀ କମ୍ପାନୀଠାରୁ ବର୍ଦ୍ଧିତ ମୂଲ୍ୟର ବିଦ୍ୟୁତ୍‌ଶକ୍ତି କିଣିବା ଫଳରେ ସେଠାକାର ଜନସାଧାରଣ ଉତ୍‌କ୍ଷିପ୍ତ ହୋଇପଡ଼ିଥିଲେ।

ଗତବର୍ଷ ବାଂଲାଦେଶରେ ଅପ୍ରୀତିକର ସ୍ଥିତି ଉପୁଜିବା ପରେ ସେଠାକାର ଅନ୍ତରୀଣ ସରକାର ଭାରତଠାରୁ ସମ୍ପର୍କ ହ୍ରାସ କରି ପାକିସ୍ତାନ ଓ ଚାଇନା ସହ ସମ୍ବନ୍ଧ ଯଥେଷ୍ଟ ବଢ଼ାଇଛି। ଏଠି ମନେପଡ଼େ କିଛି ବର୍ଷ ତଳେ ମ୍ୟାନ୍‌ମାର (ବର୍ମା) ବ୍ୟାପାରରେ ଭାରତ କିଭଳି ସେହି ସମାନ ଧରଣର ଭୁଲ୍ କରିଥିଲା। ସେଠାକାର ଲୋକଙ୍କ ସ୍ୱାର୍ଥକୁ ନ ଦେଖି ସାମରିକ ସରକାର ସହ ସମ୍ବନ୍ଧ ବଢ଼ାଇଛି। ଫଳରେ ମ୍ୟାନ୍‌ମାରବାସୀ ଭାରତୀୟଙ୍କୁ ଭିନ୍ନ ଦୃଷ୍ଟିରେ ଦେଖୁଛନ୍ତି। ଭବିଷ୍ୟତରେ ବର୍ମାର ସାମରିକ ଜୁଣ୍ଟା ସୁନିଶ୍ଚିତ କ୍ଷମତାରୁ ବିଦା ହେବେ, ଏଥିରେ କାହାରି ମନରେ ସନ୍ଦେହ ରହିବାର ପ୍ରୟୋଜନ ନାହିଁ। ସେଠାକାର ଜନସାଧାରଣ ଚିରସ୍ଥାୟୀ। ଭାରତର ବୈଦେଶିକ ନୀତିରେ ମ୍ୟାନ୍‌ମାରର ଜନସାଧାରଣଙ୍କୁ ଅଣଦେଖା କରି ଜୁଣ୍ଟାକୁ ଯେଉଁଭଳି ପ୍ରାଧାନ୍ୟ ଦିଆଯାଉଛି, ତାହାର ପରିଣାମ ସମୟ ଆସିଲେ ଭାରତକୁ ଭୋଗିବାକୁ ପଡ଼ିବ। ଅର୍ଥାତ୍ ଅଳ୍ପକିଛି ଦୂରଦୃଷ୍ଟିବିହୀନ ବ୍ୟକ୍ତିବିଶେଷଙ୍କ ଦ୍ୱାରା ନିର୍ଦ୍ଧାରିତ ହେଉଥିବା ଭାରତୀୟ ବୈଦେଶିକ ନୀତିରେ ଆମୂଳଚୂଳ ତ୍ରୁଟି ଥିବାରୁ ଦେଶର ଭବିଷ୍ୟତ ଜଟିଳ ଆଡ଼କୁ ଠେଲି ହୋଇଯାଉଛି।

# ଗଣତନ୍ତ୍ର କାହିଁକି ଦୋଷୀ ହେବ



ଡ. ଚନ୍ଦ୍ରକଳା ନାୟକ

ଶାସନ ପଦ୍ଧତି ମଧ୍ୟରୁ ଗଣତନ୍ତ୍ର ହିଁ ସର୍ବୋତ୍କୃଷ୍ଟ। ଗଣତନ୍ତ୍ର ଶାସନର ଅର୍ଥ ଗଣଙ୍କର ଶାସନ, ନିଜକୁ ଶାସନ କରିବା। ହେଲେ ଏଥିରେ ଜନତାର ଶାସନ ପ୍ରତ୍ୟକ୍ଷ ନ ହୋଇ ପରୋକ୍ଷ ହୋଇଥାଏ। ସିଧାସଳଖ ଭାବରେ ଶାସନକର୍ତ୍ତା ହୁଅନ୍ତି ଜନତାର ପ୍ରତିନିଧି। ଯାହାଙ୍କୁ ଲୋକମାନେ ନିଜେ ବାଛନ୍ତି, ଯାହାଙ୍କ ହାତରେ ଶାସନ କ୍ଷମତା ଓ ଶାସନ ଭାର ଦେଇଥାନ୍ତି। ଏଥିରେ ଶାସନ ଓ ଶାସିତ ଏକ ଓ ଅଭିନ୍ନ। ସେଥିପାଇଁ ଏଥିରେ ସାମାଜିକ ନ୍ୟାୟ, ଅର୍ଥନୈତିକ ସମତା, ବ୍ୟକ୍ତିଗତ ଅଧିକାର ଓ ବ୍ୟକ୍ତିଗତ ସ୍ୱାଧୀନତା ଲାଭ କରିବା ସଙ୍ଗେ ସଙ୍ଗେ ସମଷ୍ଟିଗତ ପ୍ରଗତି ହିଁ ଶାସନର ମୂଳଲକ୍ଷ୍ୟ।

ଦୁଇଶହ ବର୍ଷ ତଳେ ହୋଇଥିବା ଫରାସୀ ବିପ୍ଳବ ଇତିହାସକୁ ଏକ ବିଶେଷ ବେଗ ଓ ଉଦ୍‌ବେଳନ ଆଣି ଦେଇଥିଲା। ଏହି ଫରାସୀ ବିପ୍ଳବ ସାରା ବିଶ୍ୱକୁ ଦୋହଲାଇ ଦେଇଥିଲା। ସେଇ ବିପ୍ଳବୀମାନଙ୍କ ସ୍ଲୋଗାନ ଅନୁସାରେ, ସର୍ବପ୍ରଥମେ ହେଉଛି ସ୍ୱାଧୀନତା। ଦ୍ୱିତୀୟରେ ସମାନତା ଓ ତୃତୀୟରେ ଭ୍ରାତୃତ୍ୱ ପ୍ରତିଷ୍ଠା ପାଇଁ ସେମାନଙ୍କ ଆନ୍ଦୋଳନର ମୂଳ ଲକ୍ଷ୍ୟ ଥିଲା। ସାରା ପୃଥିବୀରେ ମଣିଷଙ୍କ ପାଇଁ ରାଜତନ୍ତ୍ର ବିରୋଧରେ ନୂଆ ପଥ ଯୋଗାଇ ଦେଇଥିଲା ଏଇ ତିନୋଟି ଶବ୍ଦ। ଫରାସୀ ବିପ୍ଳବ କାଳୀନ ଅର୍ଥ ସନ୍ଦର୍ଭରେ ଶାସନତନ୍ତ୍ରରେ ପରିବର୍ତ୍ତନ ହେଲା। ରାଜତନ୍ତ୍ର ଶାସନରୁ ମୁକ୍ତ ହୋଇ ଗଣତନ୍ତ୍ର ପ୍ରତିଷ୍ଠା ହେଲା।

ଲୋକ ପ୍ରତିନିଧି ମନୋନୟନ ଗଣତନ୍ତ୍ରର ମେରୁଦଣ୍ଡ। ଯେଉଁ ଦେଶର ଲୋକ ଶାସନ ସମ୍ବନ୍ଧୀୟ ଜ୍ଞାନରେ ସୁଶିକ୍ଷିତ, ନିଜ ନାଗରିକ ଅଧିକାର ତଥା ପ୍ରତିନିଧି ବାଛିବାର ଗୁରୁତ୍ୱ ସମ୍ବନ୍ଧରେ ସଚେତନ, ସେ ଦେଶଗୁଡ଼ିକରେ ଭୋଟଦାତାମାନେ ଲୋକ ପ୍ରତିନିଧି ହେବା ପାଇଁ ଉପଯୁକ୍ତ। ପ୍ରତ୍ୟେକ ବ୍ୟକ୍ତିର ଦୋଷଗୁଣ, କ୍ରିୟାକଳାପ, ଚିନ୍ତାଧାରା, ମାନସିକ ଦୃଷ୍ଟିକୋଣ, ସାଧୁତା ଓ ସଚ୍ଚୋଟପଣିଆ ତଥା ଦକ୍ଷତା ସମ୍ବନ୍ଧରେ ବ୍ୟକ୍ତିଗତ ଭାବରେ ଜ୍ଞାନ ସଂଗ୍ରହ କରି ଉପଯୁକ୍ତ ପ୍ରତିନିଧି ବାଛିବା ଜନସାଧାରଣଙ୍କ କର୍ତ୍ତବ୍ୟ। ଆମ ଦେଶର ଜନସାଧାରଣଙ୍କ ଅଭିଜ୍ଞତାରୁ ମନେହୁଏ, ଏହା ଆଲୋଚନା କରିବା କେବଳ ତାତ୍ତ୍ୱିକ ଓ ପୋଥିଗତ। ଛୁଆଁ ଅଛୁଆଁର ପୀଠସ୍ଥଳୀ ଭାରତ ସାମାଜିକ ନ୍ୟାୟ ପ୍ରତିଷ୍ଠାରେ ବହୁ ପଛରେ। ପୁଞ୍ଜିପତିର ବିଶାଳ ପ୍ରାସାଦ ଓ ଭିକାରିର ପତ୍ରକୁଡିଆ ମଧ୍ୟରେ ଅର୍ଥନୈତିକ ସମତାର ଆଶା କେବଳ କଳ୍ପନା ବିଳାସ। କୁସଂସ୍କାର ପୂର୍ଣ୍ଣ ସମାଜରେ ବ୍ୟକ୍ତିଗତ ଅଧିକାର ଆକାଶ କଇଆ ଚିଲିକା ମାଛ ପରି ସ୍ୱପ୍ନିଳ। ବେଳେବେଳେ ପ୍ରଶ୍ନ ଆସେ ଗଣତନ୍ତ୍ରକୁ ଯାହା ବୋଲି ଘୋଷଣା କରାଯାଏ, ସତରେ କ'ଣ ତାହା କି?



ଯେଉଁ ଦେଶର ନାଗରିକ ନିଜ ଅଧିକାର ତଥା କର୍ତ୍ତବ୍ୟ ଜ୍ଞାନ ସମ୍ବନ୍ଧରେ ଅଜ୍ଞ, ସେ ଦେଶଗୁଡ଼ିକରେ ଗୁଣ ଅପେକ୍ଷା ପ୍ରୋପାଗଣ୍ଡା କିମ୍ବା ଅପପ୍ରଚାର ବିଶେଷ କାମ କରେ। ବହୁବିଧ ଅସମାନତା ତଥା ଉପେକ୍ଷାକୁ ସାମୂହିକ ଜୀବନ କାରବାରରେ ମୁଖ୍ୟ ମୀମାଂସକ ରୂପେ ଯୋଡି ରଖିଥିବା ସ୍ୱାର୍ଥ ପକ୍ଷଟି ସର୍ବଦା କ୍ଷମତାଗୁଡ଼ିକୁ ଦଖଲ କରି ଆପଣାର ବିଶେଷ ସ୍ୱାର୍ଥ ସାଧନରେ ବ୍ୟବହାର କରିଛନ୍ତି। ପୃଥିବୀରେ ଶାସନ ସ୍ତରୀୟ ଗଢଣଗୁଡ଼ିକ ରାଜତନ୍ତ୍ରରୁ ଏକ ଗଣତନ୍ତ୍ରୀୟ ଚେହେରାକୁ ବଦଳି ଯାଇଥିଲେ ମଧ୍ୟ ପୁରୁଣା ସ୍ୱାର୍ଥୀମାନେ ପୂର୍ବପରି ସକ୍ରିୟ ହୋଇ ରହୁଛନ୍ତି। ଦେଶର ଅଶିକ୍ଷା, ଦାରିଦ୍ର୍ୟ, ରୋଗ, ନିତିଦିନର ସ୍ୱାଭାବିକ ଶୈଳୀ ପ୍ରାୟ ହୋଇ ଅନେକ କୋଟି ମନୁଷ୍ୟଙ୍କ ଭାଗ୍ୟକୁ ଏହି ବ୍ୟବସ୍ଥା କାମୁଡ଼ି ଧରିଛି। ଭାରତୀୟ ଗଣତନ୍ତ୍ରରେ ଅନଟନ ଅବିଚ୍ଛିନ୍ନ ଜାରି ରହିଛି।

ଭାରତର ଗଣତନ୍ତ୍ରର ପ୍ରଥମ କାଳରେ ବିପ୍ଳବୀଙ୍କର ଯେଉଁ ଆଭିମୁଖ୍ୟ ଥିଲା, ପରବର୍ତ୍ତୀ ସମୟରେ ପରିବର୍ତ୍ତିତ ହୋଇଗଲା। ଭାରତୀୟ ଗଣତନ୍ତ୍ରରେ ଯେଉଁ ଜାତୀୟବାଦକୁ ଆଶ୍ରୟ କରାଗଲା, ତାହା ସମଗ୍ର ଭାରତ ଭୂଖଣ୍ଡରୁ ଶୋଷଣ ତଥା ଯାବତୀୟ ଆନୁଷଙ୍ଗିକ ଯାବତୀୟ ଅସମାନତାକୁ ଦୂର କରିବାର ନିଜର ସେଇ ପ୍ରଥମ ଲକ୍ଷ୍ୟଟି ଧୀରେ ଧୀରେ ଗୌଣ ହୋଇଗଲା। ଗଣତନ୍ତ୍ର ଶାସନର ସଫଳ ପ୍ରତିଫଳନ ମରୀଚିକା ପରି ହାତଛଡ଼ା ହେଲା।

ଆମ ଦେଶରେ କେତେ ବିରାଡି ବୈଷ୍ଣବ ଶାସନ କ୍ଷମତା ପାଇବା ଲୋଭରେ ଜନପ୍ରତିନିଧି ହେବାକୁ ପ୍ରତିଦ୍ୱନ୍ଦ୍ୱିତା ଆରମ୍ଭ କରିଦେଲେ। ବାଜା ବଜାଇ, ନାଚ ଗୀତ କରି, ସଭା ସମିତିରେ ଛାତି ପିଟି ବାହୁସ୍ଫୋଟ ମାରି, ଧୂଆଁବାଣର ମିଛ ପ୍ରତିଶ୍ରୁତି ଦେଇ, ଭଡାଟିଆ ଲୋକଙ୍କ ସାହାଯ୍ୟରେ ଭ୍ରମ ବାଡେଇ, ଧନ କାର୍ପଣ୍ୟ ଓ ସେବାର ଆଶ୍ରୟ ନେଇ ପ୍ରତିନିଧିମାନେ ମିଥ୍ୟା ପ୍ରଚାର କରଅପପ୍ରଚାର ବଳରେ କଳାକୁ ଧଳା ଓ ଧଳାକୁ କଳା କରିବାକୁ ଚେଷ୍ଟା ଜାରି ରଖିଲେ।

ସାଧାରଣ ଜନତା ଯେତେବେଳେ ଭଲ ମନ୍ଦ ଚିହ୍ନିବାର ଯୋଗ୍ୟତା ହରାଇ ବସନ୍ତି, ସେଠାରେ ପ୍ରୋପାଗଣ୍ଡାର ଜୟ ହୁଏ। ପ୍ରଶ୍ନ ଉଠେ ପ୍ରୋପାଗଣ୍ଡା କ'ଣ? ମିଥ୍ୟାକୁ ସତ୍ୟରେ ପରିଣତ କରିବା ହିଁ ପ୍ରୋପାଗଣ୍ଡା। ତିନି ତୁଣ୍ଡରେ ଛେଳି କୁକୁର ହେବା ପରି ଗଣତନ୍ତ୍ର ଶାସନରେ ଲୋକ ପ୍ରତିନିଧି ଶାସନ କ୍ଷମତା ନିଜ ହାତକୁ ଆଣୁଛନ୍ତି। କେବଳ ତିନି ତୁଣ୍ଡ ନୁହେଁ ତା ସାଙ୍ଗକୁ ପ୍ରଚାର ପତ୍ର, କାନ୍ଥବାଡ ଲେଖା, ଆଧୁନିକ ସଙ୍ଗୀତ, ସିନେମା, ରେଡିଓ, ସଭାସମିତି, ଶୋଭାଯାତ୍ରା ଓ ଡିଜିଟାଲ ମାଧ୍ୟମରେ ଅନେକ ନୂତନ ଆଧୁନିକ ଢଙ୍ଗରେ ଏହି ପ୍ରଚାର ଅସ୍ତ୍ର ସାଧାରଣ ଆଖିକୁ ଚମକାଇ ଦେଉଛି। ସେହିଭଳି ପ୍ରାର୍ଥୀଙ୍କ ପାଖରେ ଧନର ଅଭାବ ନ ଥିବାରୁ ଏଭଳି ପ୍ରୋପାଗଣ୍ଡା କରି ପାରୁଛନ୍ତି। ଯେଉଁଠାରେ ଶିକ୍ଷିତ ଭୋଟର ଉଦାସୀନ ସେହିଠାରେ ଅନେକ କ୍ଷେତ୍ରରେ କେବଳ ଅପପ୍ରଚାର ଦ୍ୱାରା ଜନପ୍ରତିନିଧିଙ୍କ ଜୟ ହୋଇଥାଏ। ଏହିପରି ଅସତ ଉପାୟରେ, ଅପପ୍ରଚାର ଶକ୍ତି ବଳରେ ଜିଣିଥିବା କେତେକ ଜନପ୍ରତିନିଧି କ୍ଷମତା ପାଇ ଗରିବ ଜନତାଙ୍କ ମଧ୍ୟରେ ସୀମିତ ସୁବିଧା ବାଣ୍ଟିବା ବେଳେ ମାଙ୍କଡ ଓ ଦୁଇ ବିରାଡିଙ୍କ ମଧ୍ୟରେ ପିଠା ବାଣ୍ଟିବା ନ୍ୟାୟରେ, ଏପଟୁ ପୁଳେ ସେପଟୁ ପୁଳେ କାଢି ଆଣି ନିଜ ପକେଟରେ ଭର୍ତ୍ତି କରି ନେଉଛନ୍ତି। ତରାଜୁର ଦୁଇପଟ ଖାଲି ହେବା ପରେ ବିଚରା ଜନତା ମିଟି ମିଟି କରି ଅନାଇ ରହିବା ସାର ହେଉଛି। ଆଜିକାଲିର ଜନପ୍ରତିନିଧି ଠିକ ବାଉଁଶ ରାଣୀର ଖେଳ ପରି ଖେଳ କରି ନିଜର ଦିଗ ପରିବର୍ତ୍ତନ କରୁଛନ୍ତି। ଥରେ ଏହି ଖେଳ ଭାଙ୍ଗିଗଲେ, ପୁଣି ନୂଆ ଅଭିନୟ ଆରମ୍ଭ ହେଉଛି, ଠିକ୍ ପୂର୍ବପରି ଢଙ୍ଗରେ। ଫରକ ଏତିକି, ସେଇ ଜନତା, ସେଇ ନେତା, ସେଇ ଖେଳ, ସେଇ ଭ୍ରଷ୍ଟାଚାର, ବ୍ୟବଧାନ କେବଳ ସମୟ।

ଯେଉଁ ଲୋକ ପ୍ରତିନିଧି କିଛି ଅର୍ଥ, କିଛି ଉପହାର, କିଛି ଭୋଜିଭାତ ଦ୍ୱାରା ଜନତାଙ୍କ ମୁଣ୍ଡ କିଣି ଥାଏ ସେହି ପ୍ରତିନିଧି ନିଜର ସଚ୍ଚୋଟ ପଣିଆକୁ କିପରି ଆପଣେଇ ପାରିବ? ଗଣତନ୍ତ୍ର ବା ଏଥିପାଇଁ ଦୋଷୀ କାହିଁକି ହେବ। ଗଧିଆ ଯଦି ମେଣ୍ଢା ପୋଷାକରେ ମେଣ୍ଢାଙ୍କ ମେଳରେ ପଶି, ଗୋଟି ଗୋଟି ମେଣ୍ଢାଙ୍କୁ ଖାଇବାକୁ ଆରମ୍ଭ କରିଦିଏ, ସେଥିପାଇଁ ଦୋଷୀ କିଏ? ଗଧିଆ ନାଁ ମେଣ୍ଢା।

ଗଣତନ୍ତ୍ର ଶ୍ରେଷ୍ଠ ଶାସନ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। କଥାରେ ଅଛି, ଯିଏ ଯେଉଁ ଶାସନ ପାଇଁ ଉପଯୁକ୍ତ, ସେ ତାହା ପାଏ। ଆଜି ପ୍ରତ୍ୟେକ ଜନସାଧାରଣ ସେମାନଙ୍କ ଅବସ୍ଥା ପାଇଁ ସେମାନେ ନିଜେ ଦାୟୀ। ଆତ୍ମ ସମୀକ୍ଷା ନ କରି ଗଣତନ୍ତ୍ରକୁ ଦୋଷ ଦେବା ଆଦୌ ଗ୍ରହଣୀୟ ନୁହେଁ। ଆଜି ସାଧାରଣ ଜନତା ନିଜେ ନିଜ ବିବେକକୁ ନେତାଙ୍କ ନିକଟରେ ବନ୍ଧା ପକାଇବା ଗଣତନ୍ତ୍ର ପାଇଁ ବଡ ସଙ୍କଟ ହୋଇଛି।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ,**
**ମୋ:୯୪୩୭୯୫୭୬୧୭**

# ମୋବାଇଲ ସ୍କ୍ରିନ୍ ଆସକ୍ତି



ସୌମ୍ୟ ରଞ୍ଜନ ଦାଶ

ସକାଳେ ନିଦରୁ ଉଠିବାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ, ଆଖି ସବୁଠାରୁ ଅଧିକ ଯେଉଁ ବସ୍ତୁଟିକୁ ଦେଖୁଛି, ତାହା ହେଉଛି ଆମ ମୋବାଇଲ୍ ସ୍କ୍ରିନ୍। ଏହି ଆସକ୍ତିର ଭୟାବହତା ଏତିକି ଯେ, ଆମେ ଶାରୀରିକ ଭାବରେ ଘରର ଚାରିକାନ୍ଥ ଭିତରେ ଥାଇ ମଧ୍ୟ ପରିବାର ସହ ସମ୍ପର୍କ କ୍ଷେତ୍ରରେ ଧୀରେ ଧୀରେ ଦୂରେଇଯାଉଛୁ। ପୂର୍ବରୁ ଘରେ ଲାଗି ରହିଥିବା ଆଲୋଚନା, ହସ ଓ ଆନନ୍ଦର ପରିବେଶ ଏବେ ନୀରବତା ଦ୍ୱାରା ଆଚ୍ଛାଦିତ। ଏହା କେବଳ ଆଧୁନିକ ଜୀବନର ଏକ ସାମାନ୍ୟ ଦୁର୍ବଳତା ନୁହେଁ, ଏହା ସମାଜରେ ବୃଦ୍ଧି ପାଉଥିବା ଏକ ଗଭୀର ମାନସିକ ତଥା ସାମାଜିକ ସମସ୍ୟା।

ସ୍କ୍ରିନ୍ ଆସକ୍ତିର ପ୍ରଥମ ଶିକାର ଆମ ଘରର ପିଲାମାନେ। କାର୍ଯ୍ୟବ୍ୟସ୍ତତା କିମ୍ବା ପିଲାଙ୍କୁ ଶାନ୍ତ ରଖିବା ନାମରେ ମୋବାଇଲ ଧରାଇଦେବା ଆଜି ସାଧାରଣ ଅଭ୍ୟାସ ହୋଇଛି। ଖାଇବା, ପଢ଼ିବା ଓ ଶୋଇବା ସବୁଠାରେ ସ୍କ୍ରିନ୍। କିନ୍ତୁ ଏହା ସ୍ନେହର ବିକଳ୍ପ ନୁହେଁ, ଏକ ଧୀର ମାନସିକ ବିଷ। ସ୍କ୍ରିନ୍ ପିଲାଙ୍କର ଧ୍ୟାନଶକ୍ତି କମାଉଛି, କ୍ରୋଧ ବଢ଼ାଉଛି, ପଢ଼ାର ଆଗ୍ରହ ହ୍ରାସ କରୁଛି ଏବଂ ସମୂହ ଖେଳାଧୂଳାକୁ ଅଲୋଡ଼ା କରୁଛି। ଘରେ ଥିଲେ ମଧ୍ୟ ପିଲାମାନେ ଆମ ସହିତ ନୁହେଁ, ସେମାନେ ସ୍କ୍ରିନ୍ ଭିତର ଭର୍ଚୁଆଲ ଜଗତରେ ବନ୍ଦୀ।

ଦ୍ୱିତୀୟ ସ୍ଥାନରେ ସବୁଠାରୁ ବେଶି ପ୍ରଭାବିତ ହେଉଛି ପତ୍ନୀ-ପତିଙ୍କ ସମ୍ପର୍କ। ପୂର୍ବରୁ ଯେଉଁ ଦମ୍ପତିମାନେ ଦିନଶେଷରେ ଏକାଠି ବସି କଥା ହେଉଥିଲେ, ଆଜି ସେମାନେ ପାଖାପାଖି ବସିଥିଲେ ମଧ୍ୟ ପ୍ରକୃତ ସାଥୀ ହେଉଛି ମୋବାଇଲ। ସ୍ୱାମୀ ନ୍ୟୁଜ୍ କିମ୍ବା କ୍ରିକେଟ୍‌ରେ ବ୍ୟସ୍ତ, ପତ୍ନୀ ସିରିଏଲ କିମ୍ବା ଭିଡିଓରେ ମଜ୍ଜିଥା'ନ୍ତି। ଫଳରେ ଦାମ୍ପତ୍ୟ ନିକଟତା ଶାରୀରିକରେ ସୀମିତ ହୋଇ ମାନସିକ ଓ ଆବେଗିକ ସମ୍ପର୍କରେ ସରୁଛି। ଆଜି ମୋବାଇଲ ପତ୍ନୀ-ପତିଙ୍କ ମଧ୍ୟରେ ଏକ ନୀରବ ଦିୱାର ଭାବେ ଠିଆ ହୋଇଛି।

ତୃତୀୟ ଏବଂ ସବୁଠାରୁ ଅବହେଳିତ ହେଉଛନ୍ତି ଆମ ଘରର ବୟସ୍କ ସଦସ୍ୟ ବୃଦ୍ଧ ମାତାପିତା। ପରିବାରରେ ସମସ୍ତେ ଥିଲେ ମଧ୍ୟ ସେମାନଙ୍କ ପାଇଁ ଦଶ ମିନିଟ୍ ସମୟ ନାହିଁ। ନିଜ ଦୁଃଖସୁଖ କିମ୍ବା ଅନୁଭୂତି କହିବାକୁ ସେମାନେ ସୁଯୋଗ ଖୋଜୁଥିବା ବେଳେ ଯୁବ ସଦସ୍ୟମାନେ ସ୍କ୍ରିନ୍‌ରେ ମଜ୍ଜି ରହୁଛନ୍ତି। ଫଳରେ ମୋବାଇଲ ଏକ ଆବେଗିକ ଦୂରତା ସୃଷ୍ଟି କରିଛି, ଯେଉଁଠି ବୃଦ୍ଧମାନେ ନିଜ ଘରେ ଥାଇ ମଧ୍ୟ ଅନ୍ୟ ଘରର ଅଲଗା ଲୋକ ଭାବେ ଅନୁଭବ କରୁଛନ୍ତି। ଏହି ଅବହେଳା ପାରିବାରିକ ଏକତାକୁ ଭାଙ୍ଗି ଦେଇ ବୃଦ୍ଧମାନଙ୍କ ମଧ୍ୟରେ ଏକାକୀପଣ ଓ ଅସୁରକ୍ଷା ଭାବନା ବଢ଼ାଇ ଦେଉଛି।

ସ୍କ୍ରିନ୍ ଆସକ୍ତି କେବଳ ପାରିବାରିକ ସମ୍ପର୍କକୁ ନୁହେଁ, ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭୟଙ୍କର ଭାବରେ ପ୍ରଭାବ ପକାଉଛି। ଦୀର୍ଘ ସମୟ ଧରି ସ୍କ୍ରିନ ଦେଖିବା ଦ୍ୱାରା ଆଖିର ଶକ୍ତି କମିଯାଉଛି, ବେକ ଓ ପିଠିରେ ଯନ୍ତ୍ରଣା ବୃଦ୍ଧି ପାଉଛି



ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି, ନିଦ କମିଯାଉଛି। ଏହି ଅଭ୍ୟାସ କାରଣରୁ ଯୁବପିଢ଼ି ଓ ପିଲାମାନଙ୍କ ମଧ୍ୟରେ (ଚିନ୍ତା), 'ଅବସାଦ, ମନର ବାରମ୍ବାର ପରିବର୍ତ୍ତନ ଏବଂ ବିରକ୍ତିଭାବ ଭଳି ମାନସିକ ସମସ୍ୟା ବଢ଼ିବାରେ ଲାଗିଛି। ପିଲାମାନେ ସେମାନଙ୍କ ସମସ୍ୟାକୁ ବୁଝିପାରୁନାହାନ୍ତି, ବୟସ୍କମାନେ ଏହି ଅଭ୍ୟାସକୁ ଛାଡ଼ିପାରୁନାହାନ୍ତି ଏବଂ ବୃଦ୍ଧମାନେ ଅବହେଳାର ଯନ୍ତ୍ରଣାକୁ ନୀରବରେ ସହିଯାଉଛନ୍ତି। ଏହିଭଳି ସ୍ୱାସ୍ଥ୍ୟଗତ ସମସ୍ୟା ଶେଷରେ ଏକ ଦୁର୍ବଳ ଓ ରୋଗଗ୍ରସ୍ତ ସମାଜର ମୂଳଦୁଆ ପକାଉଛି।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପରିଣାମ ହେଉଛି ଘରର ପାରମ୍ପରିକ ରୀତିନୀତି, ଆଧ୍ୟାତ୍ମିକତା, ଏକାଠି ଖାଇବାର ଆନନ୍ଦ, ସାମାଜିକ ସମାବେଶ ଆଦି ଧୀରେ ଧୀରେ ଅଲୋଡ଼ା ହେବାରେ ଲାଗିଛି। ଘରେ ଅନେକ ଲାଇଟ୍ ବା ଦୀପ ଜଳୁଛି, କିନ୍ତୁ 'ଘର'ର ପ୍ରକୃତ ଆଲୋକ ପରସ୍ପର କଥାବାର୍ତ୍ତା ସେଇଟା ଧୀରେ ଧୀରେ ନିର୍ବାପିତ ହେବାକୁ ବସିଛି। ଆମେ ଜୀବନର ଛୋଟ ଛୋଟ ମୁହୂର୍ତ୍ତଗୁଡ଼ିକୁ ମୋବାଇଲ କ୍ୟାମେରାରେ କଏଦ କରିବାରେ ବ୍ୟସ୍ତ, କିନ୍ତୁ ସେହି ମୁହୂର୍ତ୍ତଗୁଡ଼ିକୁ ପ୍ରକୃତରେ ଅନୁଭବ କରିବାକୁ ଭୁଲିଯାଉଛୁ। ମୋବାଇଲ ଆମକୁ ଅନ୍‌ଲାଇନ ରଖୁଛି, କିନ୍ତୁ 'ଇନଲାଇନ' (ସମ୍ପର୍କରେ) ରଖିପାରୁ ନାହିଁ।

ଏହି ସମସ୍ତ ବିଷୟକୁ ବିଚାରକୁ ନେଲେ, ଏଠାରେ ଏକ ମୂଳ ପ୍ରଶ୍ନ ଜନ୍ମ ନେଉଛି ଆମେ ପ୍ରକୃତରେ କାହା ପାଇଁ ଏଭଳି ବଞ୍ଚୁଛୁ? ଆମ ଘର ପାଇଁ, ନା ମୋବାଇଲ ସ୍କ୍ରିନ ପାଇଁ? ସମାଜରେ ଅନେକ ପ୍ରକାରର ଦୃଶ୍ୟମାନ ସମସ୍ୟା ରହିଛି, କିନ୍ତୁ ମୋବାଇଲ ସ୍କ୍ରିନ ଆସକ୍ତି ଏମିତି ଏକ ସମସ୍ୟା ଯାହା ନା ଦେଖାଯାଏ, ନା ଶୁଣାଯାଏ, କିନ୍ତୁ ଅତି ଚତୁରତାର ସହିତ ଏହା ଆମ ପାରିବାରିକ ସମ୍ପର୍କର ମୂଳଦୁଆକୁ ଖାଇଦେବାରେ ଲାଗିଛି। ଏହାର ଫଳାଫଳ ଭବିଷ୍ୟତରେ ଆମ ସାମାଜିକ ବ୍ୟବସ୍ଥାକୁ ବିପଦରେ ପକାଇପାରେ।

ମୁଖ୍ୟ ସମାଧାନ କ'ଣ? ଏଥିପାଇଁ କୌଣସି ବାହ୍ୟ ଅଭିନୟର ଆବଶ୍ୟକତା ନାହିଁ, ବରଂ ନିଜର ଦୈନନ୍ଦିନ ଅଭ୍ୟାସରେ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି। ପ୍ରତ୍ୟେକ ପରିବାରରେ କିଛି ନିର୍ଦ୍ଦିଷ୍ଟ ପାରିବାରିକ ନୀତି ତିଆରି କରାଯିବା ଉଚିତ୍, ଖାଇବା ବେଳେ ସମସ୍ତଙ୍କର ମୋବାଇଲ ବନ୍ଦ ରଖିବା ଏବଂ ଏହି ସମୟକୁ ଆଲୋଚନା ଓ ହସଖୁସି ପାଇଁ ଉତ୍ସର୍ଗ କରିବା। ପିଲାମାନଙ୍କ ପାଇଁ ସ୍କ୍ରିନ୍ ସମୟ ସୀମିତ କରିବା ଏବଂ ସେମାନଙ୍କୁ ବାହାରର ଖେଳାଧୂଳା ଓ ପଢ଼ାପଢ଼ି ପାଇଁ ଉତ୍ସାହିତ କରିବା। ପତ୍ନୀ-ପତି ମଧ୍ୟରେ ଶୋଇବା ପୂର୍ବରୁ ଅତିକମ୍‌ରେ ୨୦ ମିନିଟ କେବଳ ପରସ୍ପର ବିଷୟରେ କଥାବାର୍ତ୍ତା ପାଇଁ ସମୟ ଦେବା। ବୃଦ୍ଧ ମାତାପିତାଙ୍କ ସହ ଦୈନିକ ଅତିକମ୍‌ରେ ୧୫ରୁ ୩୦ ମିନିଟ ସମୟ ବିତାଇବା।

ସ୍ମାର୍ଟଫୋନ୍ ଆମ ଜୀବନକୁ ସୁବିଧା ଓ ସହଜ କରିବା ପାଇଁ ଆସିଛି, ନୁହେଁ ଆମ ପରିବାର ଓ ସମ୍ପର୍କକୁ ଛିନ୍ନ କରିବା ପାଇଁ। ଆମକୁ ଏହି ଯନ୍ତ୍ରର ମାଲିକ ହେବାକୁ ପଡ଼ିବ, ଏହାର ଦାସ ନୁହେଁ। ଆଜିଠାରୁ ଗୋଟିଏ ସ୍କ୍ରିନ ଅଫ୍ କରିବା ଏବଂ ବଦଳରେ ପରିବାରରେ ଆନନ୍ଦର ଆଲୋକ ଆଣିବା।

**ଅଧ୍ୟାପକ, ବିରଜା ଆଇନ ମହାବିଦ୍ୟାଳୟ, ଯାଜପୁର**
**ମୋ: ୮୮୯୫୯୫୨୩୧୫**

## ଏଇ ଭାରତରେ

ମହାରାଷ୍ଟ୍ରର ୨୦୪ଟି ମରୁଡ଼ିପ୍ରବଣ ଗାଁରେ ଜଳ ସଙ୍କଟ ଦୂର କରିବାକୁ ପ୍ରୟାସ ଜାରି ରଖିଛନ୍ତି ପୂର୍ବତନ ଭାରତୀୟ ରାଜସ୍ୱ ଅଧିକାରୀ (ଆଇଆର୍‌ଏସ୍) ଉଜ୍ଜ୍ୱଳ କୁମାର ଚଭନ। ବିଶେଷକରି ମରାଠାୱାଡ଼ା ଓ ଖଣ୍ଡେଶ ଅଞ୍ଚଳରେ ସେ ଜଳାଶୟ ଏବଂ ଚେକ୍ ଡ୍ୟାମ୍ ନିର୍ମାଣ କରି ଜଳ ସଂରକ୍ଷଣ କରୁଛନ୍ତି। ଲୋକମାନଙ୍କ ସମ୍ମିଳିତ ପ୍ରୟାସରେ ଏହା କରାଯାଉଛି। ୨୦୧୬ରେ ଉଜ୍ଜ୍ୱଳ ତାଙ୍କ ଗାଁକୁ ଆସିଥିବା ସମୟରେ ଉତ୍କଟ ଜଳାଭାବ ସ୍ଥିତିକୁ ଲକ୍ଷ୍ୟକରି ଜଳ ସଂରକ୍ଷଣ ମାଧ୍ୟମରେ ଏହାର ସମାଧାନ କରିବାକୁ ଯୋଜନା କରିଥିଲେ। ସେ ପ୍ରଥମେ ତାଙ୍କ ଗାଁରେ ପୋଖରୀ ଖୋଳି ବର୍ଷାଜଳ ସଂରକ୍ଷଣରେ ସଫଳ ହୋଇଥିଲେ। ପରେ ଅନ୍ୟ ୬ଟି ଗାଁରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। କୃଷକଙ୍କ ସହ ଯୋଗାଯୋଗ କରି ଏହି କାର୍ଯ୍ୟ ଆଗକୁ ନେବା ଲାଗି ସେ 'ପଞ୍ଚ ପାଟିଲ' ସ୍ୱେଚ୍ଛାସେବୀ ଗୋଷ୍ଠୀ ଗଠନ କରିଛନ୍ତି। ଏହି ଟିମ୍ ୫ଟି ଲେଖା ଗାଁର ଦାୟିତ୍ୱ ନେଉଛନ୍ତି। ଏହାବ୍ୟତୀତ ପ୍ରବାହିତ ଜଳଧାରରେ ଚେକ୍ ଡ୍ୟାମ୍ ନିର୍ମାଣ କରାଯାଉଛି। ଏହି କାର୍ଯ୍ୟକ୍ରମ ଆରମ୍ଭ ହେବା ପୂର୍ବରୁ ଗଚ୍ଛିତ ରହୁଥିବା ବର୍ଷାଜଳ ଅକ୍ଟୋବର କିମ୍ବା ନଭେମ୍ବରରେ ଶେଷ ହୋଇଯାଉଥିଲା, କିନ୍ତୁ ଏବେ ତାହା ମାର୍ଚ୍ଚ-ଏପ୍ରିଲ ଯାଏ ବ୍ୟବହାର ହେଉଛି। ୨୦୪ଟି ଗାଁରେ ୫୦୦ କୋଟି ଲିଟର ଜଳ ସଂରକ୍ଷିତ ହୋଇ ରହୁଛି। ଫଳରେ କପା, ମକା, ଯଅ ଇତ୍ୟାଦି ଉତ୍ପାଦନ ହେବା ଯୋଗୁ କୃଷକମାନେ ଲାଭ ପାଉଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨୨ ଡିସେମ୍ବର ୧୯୭୬**

- ୧ କୋଟି ଟଙ୍କା ବ୍ୟୟରେ ତାଳଚେର ସାର କାରଖାନାର ଆପଦକାଳୀନ ପାୱାର ହାଉସ ଚାଲୁ କରାଯାଇଛି।
- ଦୁର୍ଗମ ଅଞ୍ଚଳରେ ଡାକ ଯୋଗାଣ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ନିମନ୍ତେ ସୀମାନ୍ତର ଲଦାଖ ଅଞ୍ଚଳରେ ହେଲିକପ୍ଟର ଯୋଗେ ଚିଠିପତ୍ର ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 4 | | | | | |
| | | | | | | 1 | 4 | |
| 7 | | 1 | | | 9 | 5 | 8 | |
| | | 5 | 8 | | | | 7 | |
| | | | 3 | | | | | |
| 1 | 8 | | | | | 6 | | 5 |
| | | | | 3 | | 2 | | |
| 6 | | 7 | | | | | 9 | |
| | 2 | | 5 | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 8 | 3 | 9 | 4 | 5 | 6 | 7 | 2 |
| 7 | 9 | 5 | 6 | 1 | 2 | 4 | 8 | 3 |
| 2 | 4 | 6 | 3 | 8 | 7 | 1 | 9 | 5 |
| 9 | 2 | 7 | 8 | 6 | 3 | 5 | 1 | 4 |
| 4 | 6 | 8 | 7 | 5 | 1 | 3 | 2 | 9 |
| 5 | 3 | 1 | 2 | 9 | 4 | 7 | 6 | 8 |
| 6 | 7 | 2 | 4 | 3 | 8 | 9 | 5 | 1 |
| 3 | 1 | 9 | 5 | 2 | 6 | 8 | 4 | 7 |
| 8 | 5 | 4 | 1 | 7 | 9 | 2 | 3 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବାଇଶି ପାହାଚରେ ଶ୍ରାଦ୍ଧ ଦିଆଯାଉ

ମହାଶୟ,

ପୁରୀ ଶ୍ରୀମନ୍ଦିର ବାଇଶି ପାହାଚରେ ପିତୃପକ୍ଷଙ୍କୁ ଶ୍ରାଦ୍ଧ ଅର୍ପଣ କରିବାର ପରମ୍ପରା କେଉଁ ଯୁଗରୁ ପ୍ରବର୍ତ୍ତନ ହୋଇଆସୁଥିଲା। ଦୂର ଦୂରାନ୍ତରରୁ ଭକ୍ତବୃନ୍ଦ ବାଇଶି ପାହାଚରେ ପିତୃପକ୍ଷଙ୍କୁ ପିଣ୍ଡଦାନ କରିଆସୁଥିଲେ। ଏହି ପରମ୍ପରା ଦ୍ୱାରା ଭକ୍ତବୃନ୍ଦ ପରମ ଆତ୍ମସନ୍ତୋଷ ଲାଭ କରୁଥିଲେ। ଏହାର ପ୍ରମୁଖ କାରଣ ହେଲା ବାଇଶି ପାହାଚରେ ଅବସ୍ଥାନ କରୁଥିବା ପ୍ରଭୁ କାଶୀବିଶ୍ୱନାଥ ଦେବଙ୍କ ମନ୍ଦିର ବିଦ୍ୟମାନ। ବର୍ତ୍ତମାନର କ୍ରମବର୍ଦ୍ଧିଷ୍ଣୁ ଭକ୍ତବୃନ୍ଦ ଶ୍ରୀମନ୍ଦିରର ଏହି ପବିତ୍ର ପରମ୍ପରାରୁ ଆତ୍ମସନ୍ତୋଷ ଲାଭ କରିପାରୁନାହାନ୍ତି। କାରଣ ବାଇଶି ପାହାଚରେ ଏହି ପୌରାଣିକ ପରମ୍ପରାକୁ ଉଲ୍ଲଂଘନ କରି ପ୍ରଶାସନ ମନମୁଖି ସ୍ଥାନାନ୍ତର କରିଛି। ଏହି ପରମ୍ପରାକୁ ସଂପୂର୍ଣ୍ଣ ବନ୍ଦ ନ କରି ପୁନଃ ପ୍ରଚଳନ କରାଯାଉ । ବାଇଶି ପାହାଚର ୨ ପାର୍ଶ୍ୱରେ ଏଥିପାଇଁ କେତେଜଣ ବ୍ରାହ୍ମଣଙ୍କୁ ଦାୟିତ୍ୱ ଦିଆଯାଉ । ଯାହାଫଳରେ ଭକ୍ତବୃନ୍ଦ ପିତୃପକ୍ଷ ଶ୍ରାଦ୍ଧ କର୍ମାଦି ପାଳନ କରିବା ସଙ୍ଗେ ସଙ୍ଗେ ବହୁ ବ୍ରାହ୍ମଣ ପରିବାର ମଧ୍ୟ ପୂର୍ବବତ୍ ଉପକୃତ ହୋଇପାରିବେ। ଭକ୍ତମାନେ ଶ୍ରୀମନ୍ଦିରକୁ ଆସି ପୂର୍ବବତ୍ ପିଣ୍ଡଦାନ କରିପାରିବେ ଏବଂ ପରମ୍ପରା ଅକ୍ଷୁଣ୍ଣ ରହିବ। ତେଣୁ ଏହି ପରମ୍ପରାର ପ୍ରଚଳନ ନିମନ୍ତେ ପୁନଃ ବିଚାରବିମର୍ଶ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ବିନମ୍ର ନିବେଦନ।

**-ସୌମ୍ୟରାଜ ପଟ୍ଟନାୟକ, ରେଡ୍‌କ୍ରସ ରୋଡ଼, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗିରିପରେ ପୁଣି ଉଠିଥିଲା ଗିରି-ଲହରୀ
ଜଟିଳ ପଥରେ ମଟର ଚାଲଇ ପହଁରି
ତଳେ କାହିଁ ଧାଏଁ କୁଟିଳ ଝରଣା
ଚାହିଁଲେ ଚକିତ ହୁଏ କଳପନା
ଛାତି ଚିରି ତହିଁ ଗୀତ ଉଠିଥିଲା ମୋହରି
ଗିରି ପରେ ଗିରି ତଥି ପରେ ଗିରି-ଲହରୀ!
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଶରୀରର ସୁରକ୍ଷା କବଚ : ଆଣ୍ଟିଅକ୍ସିଡାଣ୍ଟ


ନିକୁଞ୍ଜ ବିହାରୀ ସାହୁ

''ଆଣ୍ଟିଅକ୍ସିଡାଣ୍ଟ ମଧ ଏକପ୍ରକାର ରାସାୟନିକ ପଦାର୍ଥ, ଯାହା ଶରୀରରେ ସ୍ୱତଃ ସୃଷ୍ଟି ହୋଇଥାଏ। କିଛି ଆଣ୍ଟିଅକ୍ସିଡାଣ୍ଟ ମଧ ବାହ୍ୟ ଉତ୍ସରୁ ଯଥା ଆମେ ଖାଉଥିବା ଖାଦ୍ୟ, ଫଳମୂଳ, ପନିପରିବା ଇତ୍ୟାଦିରେ ମହଜୁଦ ଥାଏ। ଆଣ୍ଟିଅକ୍ସିଡାଣ୍ଟର ଅଣୁ ଶରୀରରେ ସୃଷ୍ଟି ହେଉଥିବା ମୁକ୍ତ ମୂଳକର ଅଣୁସହିତ ରାସାୟନିକ ପ୍ରତିକ୍ରିୟା କରି ସେଗୁଡ଼ିକୁ ନିଜର ଇଲେକ୍‌ଟ୍ରନ୍ ପ୍ରଦାନ କରିବା ପୂର୍ବକ ସେଗୁଡ଼ିକର ଇଲେକ୍‌ଟ୍ରନ୍ ସଂଖ୍ୟାକୁ ଯୁଗ୍ମକ (Paired) ଅବସ୍ଥାକୁ ଆଣି ସେଗୁଡ଼ିକୁ ଉଦାସୀନତା (Neutralization) କରିଥାଏ। ଫଳରେ ଶରୀରରେ ମୁକ୍ତ ମୂଳକର ମାତ୍ରା ହ୍ରାସ ପାଇବା ଦ୍ୱାରା ସେଗୁଡ଼ିକ କୋଷିକାମାନଙ୍କର ବିଶେଷ କ୍ଷତି ସାଧନ କରିପାରନ୍ତି ନାହିଁ।''

**ଆ**ଜିକାଲି ସ୍ୱାସ୍ଥ୍ୟ ଓ ପୋଷଣ କ୍ଷେତ୍ରରେ ଆଣ୍ଟିଅକ୍ସିଡାଣ୍ଟ (Antioxidant) ବିଷୟରେ ବେଶ୍ ଚର୍ଚ୍ଚା ହେଉଛି। ତେବେ ପ୍ରଶ୍ନ ଉଠେ: ଆଣ୍ଟିଅକ୍ସିଡାଣ୍ଟ କ'ଣ, ଏହା ଆମ ଶରୀର ପାଇଁ କେତେ ଆବଶ୍ୟକ, ଏସବୁ ତତ୍ତ୍ୱ ଶରୀରକୁ ମିଳିବ କିପରି? ଆଣ୍ଟିଅକ୍ସିଡାଣ୍ଟ ହେଉଛି ଏକ ପ୍ରକାରର ରାସାୟନିକ ପଦାର୍ଥ, ଯାହା ଆମ ଶରୀରରେ ନିରନ୍ତର ଉତ୍ପନ୍ନ ହେଉଥିବା ମୁକ୍ତ ମୂଳକ (Free radicals) ଗୁଡ଼ିକୁ ନଷ୍ଟ କରି ଶରୀରକୁ ସୁରକ୍ଷିତ ରଖିଥାଏ। ଏହାଦ୍ୱାରା ଅକାଳ ବାର୍ଦ୍ଧକ୍ୟ, ଦୁରାରୋଗ୍ୟ ତଥା ଦୀର୍ଘସ୍ଥାୟୀ ବ୍ୟାଧି ଯଥା କର୍କଟ, ମଧୁମେହ, ହୃଦ୍‌ରୋଗ, ବୟସ ହେତୁ କେନ୍ଦ୍ରୀୟ ମୁକୁରିକାର ଅବକ୍ଷୟଜନିତ ଚକ୍ଷୁ ରୋଗ ଓ ଅଲ୍‌ଝିମରସ୍ ରୋଗରୁ ମୁକ୍ତି ମିଳେ।

**ମୁକ୍ତ ମୂଳକ କ'ଣ :** ମୁକ୍ତ ମୂଳକ ଏକ ପ୍ରକାରର ରାସାୟନିକ ପଦାର୍ଥ, ଯାହା ଶରୀରର ନିଜସ୍ୱ ଚୟାପଚୟ ପ୍ରକ୍ରିୟାରେ ନିରନ୍ତର ସୃଷ୍ଟି ହେଉଥାଏ। ଶରୀରର କିଛି ମୁକ୍ତ ମୂଳକ ମଧ ବିଭିନ୍ନ ପାରିପାର୍ଶ୍ୱିକ କାରକ ଯଥା ଧୂମପାନ, ବାୟୁ ପ୍ରଦୂଷଣ ଏବଂ ଅତିବାଇଗଣି ରଶ୍ମିର ସଂସ୍ପର୍ଶ ଫଳରେ ଜାତ ହୁଏ। ଏହା ଅଯୁଗ୍ମକ ଇଲେକ୍‌ଟ୍ରନ୍ ବିଶିଷ୍ଟ ଅଣୁ, ଯାହା ରାସାୟନିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ପ୍ରତିକ୍ରିୟାଶୀଳ, ସକ୍ରିୟ ଏବଂ ଅସ୍ଥାୟୀ। ସେଗୁଡ଼ିକର ମାତ୍ରା ଶରୀରରେ ବୃଦ୍ଧି ପାଇଲେ ସେଗୁଡ଼ିକ ଜୀବନ୍ତ କୋଷିକାମାନଙ୍କୁ ଆକ୍ରମଣ କରି ସେଥିରେ ଥିବା ଡି.ଏନ୍.ଏ.କୁ ନଷ୍ଟ କରିଦିଅନ୍ତି। ଫଳରେ ଶରୀର ଦୁର୍ବଳ ହୋଇଯାଇ ଉପରୋକ୍ତ ବ୍ୟାଧିଗୁଡ଼ିକର ପ୍ରାଦୁର୍ଭାବ ଘଟେ। ଏଭଳି ପରିସ୍ଥିତିକୁ ଜାରକତ୍ୱ ଚାପ (Oxidative Stress) କହନ୍ତି।



**ଆଣ୍ଟିଅକ୍ସିଡାଣ୍ଟ ଶରୀରକୁ ରକ୍ଷା କରେ କିପରି:** ଆଣ୍ଟିଅକ୍ସିଡାଣ୍ଟ ମଧ ଏକପ୍ରକାର ରାସାୟନିକ ପଦାର୍ଥ, ଯାହା ଶରୀରରେ ସ୍ୱତଃ ସୃଷ୍ଟି ହୋଇଥାଏ। କିଛି ଆଣ୍ଟିଅକ୍ସିଡାଣ୍ଟ ମଧ ବାହ୍ୟ ଉତ୍ସରୁ ଯଥା ଆମେ ଖାଉଥିବା ଖାଦ୍ୟ, ଫଳମୂଳ, ପନିପରିବା ଇତ୍ୟାଦିରେ ମହଜୁଦ ଥାଏ। ଆଣ୍ଟିଅକ୍ସିଡାଣ୍ଟର ଅଣୁ ଶରୀରରେ ସୃଷ୍ଟି ହେଉଥିବା ମୁକ୍ତ ମୂଳକର ଅଣୁ ସହିତ ରାସାୟନିକ ପ୍ରତିକ୍ରିୟା କରି ସେଗୁଡ଼ିକୁ ନିଜର ଇଲେକ୍‌ଟ୍ରନ୍ ପ୍ରଦାନ କରିବା ପୂର୍ବକ ସେଗୁଡ଼ିକର ଇଲେକ୍‌ଟ୍ରନ୍ ସଂଖ୍ୟାକୁ ଯୁଗ୍ମକ ଅବସ୍ଥାକୁ ଆଣି ସେଗୁଡ଼ିକୁ ଉଦାସୀନତା (Neutralization) କରିଥାଏ, ଫଳରେ ଶରୀରରେ ମୁକ୍ତ ମୂଳକର ମାତ୍ରା ହ୍ରାସ ପାଇବା ଦ୍ୱାରା ସେଗୁଡ଼ିକ କୋଷିକାମାନଙ୍କର ବିଶେଷ କ୍ଷତି ସାଧନ କରିପାରନ୍ତି ନାହିଁ। ସେଥିପାଇଁ ଆଣ୍ଟିଅକ୍ସିଡାଣ୍ଟକୁ ମଧ 'ମୁକ୍ତ ମୂଳକ ଭକ୍ଷକ' (Free radical Scavengers) ବୋଲି କୁହାଯାଏ।

**ଆଣ୍ଟିଅକ୍ସିଡାଣ୍ଟର ନାମ ଓ ପ୍ରକାରଭେଦ:** କିଛି ଭିଟାମିନ୍ ଯଥା A, C, E ଜଣାଶୁଣା ଆଣ୍ଟିଅକ୍ସିଡାଣ୍ଟ ଅଟନ୍ତି। କିଛି ଉଦ୍ଭିଦଜାତ ରାସାୟନିକ ପଦାର୍ଥ ଯଥା କ୍ୟାରୋଟିନ୍‌ଏଡ୍‌ସର ବିଟା କ୍ୟାରୋଟିନ, ଲାଇକୋପିନ (ଯାହା ରଙ୍ଗ ବେରଙ୍ଗର ପନିପରିବା ଯଥା ବିଲାତି ବାଇଗଣ ଇତ୍ୟାଦିରେ ଥାଏ), ଲୁଟିନ୍, (ଯାହା କୋବି ଜାତୀୟ ଏକ ମାଉଁସିଆ ସବୁଜ ପରି କେଲରେ ଥାଏ) ଏବଂ ଫ୍ଲାଭୋନୋଏଡସ୍ ଯଥା ହେସ୍ପେରେଟିନ୍ (ଯାହା ଲେମ୍ବୁ ଜାତୀୟ ଖଟା ଲାଗୁଥିବା ସାଇଟ୍ରସ୍ ଫଳରେ ଥାଏ), ଆନ୍ଥୋସ୍ୟାନିନ୍ସ (ଯାହା ବ୍ଲୁ ବେରି, ଲାଲ ରଙ୍ଗର କୋବି ଓ ଅଙ୍ଗୁରରେ ଥାଏ), କ୍ୱେର୍ସେଟିନ୍ (ଯାହା ପିଆଜ, ଅଙ୍ଗୁର, କୋଳି, ଚେରି, ବ୍ରକୋଲି ଏବଂ ଖଟା ଲାଗୁଥିବା ଫଳରେ ଥାଏ) ଏବଂ କ୍ୟାଟେଚିନସ୍ (ଯାହା ସବୁଜ ଚା, କୋଳି ଏବଂ କୋକୋରେ ଥାଏ)ରେ ମଧ ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ ଉପଲବ୍ଧ ଥାଏ।

ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକୁ ସମୁଦାୟ ଦୁଇ ଭାଗରେ ବିଭକ୍ତ କରାଯାଏ, ଯଥା ଜଳରେ ଦ୍ରବଣୀୟ ଓ ସ୍ନେହସାରରେ ଦ୍ରବଣୀୟ। ଜଳରେ ଦ୍ରବଣୀୟ ଆଣ୍ଟିଅକ୍ସିଡାଣ୍ଟ ସବୁର ଉଦାହରଣ ହେଲା ଭିଟାମିନ୍ C, ଫେନୋଲିକ୍ ଏସିଡ୍, କ୍ୟାଟେଚିନସ୍ ଇତ୍ୟାଦି ଏବଂ ସ୍ନେହସାରରେ ଦ୍ରବଣୀୟ ଆଣ୍ଟିଅକ୍ସିଡାଣ୍ଟଗୁଡ଼ିକ ହେଲେ ଭିଟାମିନ୍ A, E, କ୍ୟାରୋଟିନଏଡସ୍ ଇତ୍ୟାଦି।

**ଆଣ୍ଟିଅକ୍ସିଡାଣ୍ଟ ଖାଇବାର ବିଧି**

ଆମକୁ କେବଳ ଗୋଟିଏ କିମ୍ବା ଦୁଇଟି ଆଣ୍ଟିଅକ୍ସିଡାଣ୍ଟ ଖାଇଲେ ଚଳିବ ନାହିଁ, ବରଂ ବିଭିନ୍ନ ପ୍ରକାରର ଆଣ୍ଟିଅକ୍ସିଡାଣ୍ଟ ମିଶାଇ ସେବନ କରିବାକୁ ପଡ଼ିବ। ଏହାର ଏକ ଉଦାହରଣ ନିମ୍ନରେ ଦିଆଯାଇପାରେ: ଆଣ୍ଟିଅକ୍ସିଡାଣ୍ଟ ରୂପେ ଜଣାଥିବା ଭିଟାମିନ 'ସି'ର ଅଣୁ ନିଜର ଏକ ଇଲେକ୍‌ଟ୍ରନ ଗୋଟିଏ ମୁକ୍ତ ମୂଳକକୁ ପ୍ରଦାନ ପୂର୍ବକ ତାହାକୁ ଉଦାସୀନ କରି ନିଜେ ନିଷ୍କ୍ରିୟ ହୋଇଯାଏ। ସେତେବେଳେ ଅନ୍ୟ ଗୋଟିଏ ଆଣ୍ଟିଅକ୍ସିଡାଣ୍ଟ ହେସ୍ପେରେଟିନ୍ ଭିଟାମିନ 'ସି' ସହିତ ରାସାୟନିକ ପ୍ରତିକ୍ରିୟା କରି ତା'କୁ ପୁଣି ସକ୍ରିୟ ଅବସ୍ଥାକୁ ଆଣେ। ତେଣୁ ଉତ୍ତମ ଫଳାଫଳ ନିମନ୍ତେ ଆମକୁ ଭିଟାମିନ୍ 'ସି' ଥିବା ଖାଦ୍ୟ ସହିତ ହେସ୍ପେରେଟିନ୍ ଥିବା ଖାଦ୍ୟକୁ ମିଶାଇ ଖାଇବାକୁ ପଡ଼ିବ। କୌଣସି ଗୋଟିଏ ଖାଦ୍ୟରେ ସମସ୍ତ ଆଣ୍ଟିଅକ୍ସିଡାଣ୍ଟ ପଦାର୍ଥ ନଥାଏ। ତେଣୁ ଅଧିକାଂଶ ଆଣ୍ଟିଅକ୍ସିଡାଣ୍ଟ ପାଇବା ନିମନ୍ତେ ଆମକୁ ବହୁବିଧ ଖାଦ୍ୟ ଯଥା ଫଳମୂଳ, ପନିପରିବା, କୋଳି ଇତ୍ୟାଦି ଖାଇବାକୁ ପଡ଼ିବ। ଆହୁରି ମଧ କୃତ୍ରିମ ସଂଶ୍ଳେଷିତ ଉତ୍ସ ପରିବର୍ତ୍ତେ ପ୍ରାକୃତିକ ଉତ୍ସରୁ ଆହରିତ ଆଣ୍ଟିଅକ୍ସିଡାଣ୍ଟ ସେବନ କଲେ ଭଲ।

ଆମକୁ ନିୟମିତ କିଛି ଆଣ୍ଟିଅକ୍ସିଡାଣ୍ଟ ଖାଇବାକୁ ହୋଇଥାଏ। ଉଦାହରଣ ସ୍ୱରୂପ ଭିଟାମିନ୍ 'ସି' ଜଳରେ ଦ୍ରବଣୀୟ ହୋଇଥିବାରୁ ତାହା ସ୍ନେହସାରରେ ଦ୍ରବଣୀୟ ଅନ୍ୟ ଆଣ୍ଟିଅକ୍ସିଡାଣ୍ଟଙ୍କ ଭଳି ଶରୀରରେ ଜମା ହୋଇ ଦୀର୍ଘ କାଳ ରହେ ନାହିଁ। ତେଣୁ ଆମକୁ ନିୟମିତ ଭିଟାମିନ 'ସି'ଯୁକ୍ତ ଖାଦ୍ୟକୁ ଭୋଜନରେ ଅନ୍ତର୍ଭୁକ୍ତ କରିବାକୁ ପଡ଼ିବ।

**ଆଣ୍ଟିଅକ୍ସିଡାଣ୍ଟର ଉତ୍ସ:** ଆଣ୍ଟିଅକ୍ସିଡାଣ୍ଟର ସବୁଠାରୁ ଭଲ ଉତ୍ସ ହେଉଛି ଆମେ ଖାଉଥିବା ଖାଦ୍ୟ। ଆମ ଆହାରରେ ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରକାର ପନିପରିବା, ଫଳମୂଳ, ପୂର୍ଣ୍ଣାଙ୍ଗ ଶସ୍ୟଦାନା ଯଥା ଅକାଣ୍ଡିଆ ଚାଉଳ, ଶିମ୍ବଜାତୀୟ ଖାଦ୍ୟ, ଲେମ୍ବୁଜାତୀୟ ଖଟା ଲାଗୁଥିବା ଫଳ, କୋଳି ଓ ନଟ୍‌ସ ଇତ୍ୟାଦିରେ ପ୍ରଚୁର ପରିମାଣରେ ଆଣ୍ଟିଅକ୍ସିଡାଣ୍ଟ ଥାଏ। କିଛି ଆଣ୍ଟିଅକ୍ସିଡାଣ୍ଟ ମଧ ସବୁଜ ଚା, କଫି ଏବଂ ଚକୋଲେଟ ପ୍ରସ୍ତୁତିରେ ବ୍ୟବହୃତ 'କୋକୋ' ପଦାର୍ଥରେ ଥାଏ। ଅଲଗା ଅଲଗା ରଙ୍ଗର ଫଳ ଓ ପନିପରିବା (ଯଥା ଲାଲ, କମଳା, ହଳଦୀ, ଶାଗୁଆ, ନୀଳ ଓ କଳା)ରେ ଭିନ୍ନ ଭିନ୍ନ ଆଣ୍ଟିଅକ୍ସିଡାଣ୍ଟ ଥା'ନ୍ତି। ସୁତରାଂ ଆମ ଭୋଜନରେ ଅଲଗା ଅଲଗା ରଙ୍ଗର ଫଳ ଓ ପନିପରିବା ଅନ୍ତର୍ଭୁକ୍ତ କଲେ ଆମେ ଅଧିକାଂଶ ଆଣ୍ଟିଅକ୍ସିଡାଣ୍ଟ ପ୍ରାପ୍ତ ହୋଇପାରିବା। ସେଥିପାଇଁ ଭିଟାମିନ୍‌ଯୁକ୍ତ ତଥା ବିଭିନ୍ନ ରଙ୍ଗର ତଟକା ଫଳମୂଳ ସବୁବେଳେ ଖାଆନ୍ତୁ। ଆହୁରି ମଧ ଏସବୁ ଖାଦ୍ୟରେ ଆଣ୍ଟିଅକ୍ସିଡାଣ୍ଟ ବ୍ୟତୀତ ଅନ୍ୟ ଉପାଦେୟ ପୋଷକ ଗୁଣ ଯଥା ତନ୍ତୁ ବହୁଳତା, ସ୍ୱଳ୍ପ ପରିପୃକ୍ତ ସ୍ନେହସାର, ସ୍ୱଳ୍ପ କୋଲେଷ୍ଟରାଲ ଏବଂ ପ୍ରଚୁର ଭିଟାମିନ୍ ଓ ମିନେରାଲ ଉପଲବ୍ଧ। ସୁତରାଂ ଏସବୁ ଖାଦ୍ୟ ନିୟମିତ ଆମ ଭୋଜନରେ ଖାଇଲେ ଆମେ ଶରୀରର ଆଣ୍ଟିଅକ୍ସିଡାଣ୍ଟ ଚାହିଦା ପୂରଣ କରିବା ସଙ୍ଗେ ସଙ୍ଗେ ଅନ୍ୟ ପୋଷକତତ୍ତ୍ୱର ଆବଶ୍ୟକତା ମଧ ମେଣ୍ଟାଇ ପାରବା ଏବଂ ଶରୀରକୁ ସୁସ୍ଥ ଓ ନିରାମୟ ରଖିପାରିବା।

- ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର
ମୋ : ୮୯୧୭୬୩୭୯୭୪

## ଉନ୍ନତ ଜୀବନଶୈଳୀ ଓ ବିଚାରଧାରା

**ବ**ର୍ତ୍ତମାନର ବ୍ୟସ୍ତମୟ ଜୀବନରେ ଟିକେ ଖୁସିରେ ରହିବାକୁ କିଏ ବା ନ ଚାହେଁ! ହେଲେ ସବୁବେଳେ ଏହା ସମ୍ଭବ ହୋଇ ନ ଥାଏ। ତେବେ ଯଦି ଜଣେ ବ୍ୟକ୍ତି ନିଜର ବିଚାରଧାରାକୁ ସକାରାତ୍ମକ ରଖେ, ତେବେ ସେ କେତେକାଂଶରେ ନିଜକୁ ଖୁସିର ମାହୋଲ ଭିତରେ ରଖିପାରିବ। ବିଚାରଧାରାକୁ ସକାରାତ୍ମକ ରଖିବାର କେତୋଟି ସରଳ ଉପାୟ ରହିଛି। ଅନେକ ସମୟରେ ଆମେ ନକାରାତ୍ମକ ଚିନ୍ତାର ବଶବର୍ତ୍ତୀ ହୋଇଥାଉ। ସମୟେ ସମୟେ ପାରିପାର୍ଶ୍ୱିକ କାରଣରୁ ଚିନ୍ତାରେ ପଡ଼ିବା ଯୋଗୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼େ। ତେଣୁ ଜୀବନରେ ଆସୁଥିବା ନକାରାତ୍ମକ ଜିନିଷଗୁଡ଼ିକୁ ଭଲ ଭାବରେ ବିଶ୍ଳେଷଣ କରନ୍ତୁ। ନିଜର ମନୋଭାବକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସେମାନଙ୍କ ସହ ମିଠା ମିଠା କଥା ହୋଇ ନିଜର ଅନୁଭୂତିକୁ ବାଣ୍ଟନ୍ତୁ। ଏହାବ୍ୟତୀତ ମାନସିକତାକୁ ସକାରାତ୍ମକ ରଖିବାକୁ ଚାହୁଁଥିଲେ ନିଜକୁ ଯେତେସମ୍ଭବ ଖୁସିରେ ରଖିବାକୁ ଚେଷ୍ଟା କରନ୍ତୁ। କାରଣ ମାନସିକତା ସକାରାତ୍ମକ ରହିବା ଯୋଗୁଁ ଠିକ୍ ନିଷ୍ପତ୍ତି ନେଇହୁଏ। ନିଜକୁ ପ୍ରଥମେ ଭଲପାଆନ୍ତୁ ଓ ନିଜେ କରୁଥିବା କାମ ଉପରେ ସବୁବେଳେ ବିଶ୍ୱାସ ରଖନ୍ତୁ। ଦେଖିବେ ଏଭଳି ଉତ୍ତମ ବିଚାରଧାରା ପାଇଁ ଆପଣଙ୍କର ଜୀବନଶୈଳୀ କେତେ ସୁମଧୁର ହୋଇଉଠିବ।



## ସନ୍ତୁଳିତ ରହିବ କୋଲେଷ୍ଟରଲ

**ଆମ** ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିବା ନିହାତି ଦରକାର। ନ ହେଲେ ଏହା ରକ୍ତ ପ୍ରବାହରେ ଅସୁବିଧା ସୃଷ୍ଟି କରିବା ସହ ବ୍ଲଡପ୍ରେସର ଏବଂ ହୃଦ୍‌ଜନିତ ସମସ୍ୟା ସୃଷ୍ଟି କରିଥାଏ। ତେବେ ଏହାର ଏକ ସରଳ ତଥା ସହଜ ଉପାୟ ହାତପାହାନ୍ତାରେ ରହିଛି। ଯଦି ଆପଣ ପ୍ରତିଦିନ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଉଛନ୍ତି, ତେବେ ଏହା କୋଲେଷ୍ଟରଲକୁ କେତେକାଂଶରେ ସନ୍ତୁଳିତ ରଖିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଥିବା ସ୍ୱାସ୍ଥ୍ୟୋପକାରୀ ଗୁଣ ଆଲର୍ଜି ଭଳି ସମସ୍ୟାରୁ କେତେକାଂଶରେ ରକ୍ଷା କରିଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହାର ଆଉ ଏକ ଉପକାରୀ ଗୁଣ ମଧ ରହିଛି। ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଶରୀରରେ ଲାଲ୍ ରକ୍ତକୋଷିକା ଗଠନରେ ମଧ ସାହାଯ୍ୟ କରେ। ଆମ ଶରୀରରେ ପିଟ୍ୟୁଟାରୀ ଗ୍ରନ୍ଥି ଏବଂ ଥାଇରଏଡ୍ ଗ୍ରନ୍ଥିର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ ଏହା ସହାୟକ ମଧ ହୋଇଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ, ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।



## ଜାଣିରଖନ୍ତୁ



- ଆମେ ଖାଦ୍ୟ ଖାଇବା ପରେ କେତୋଟି ବିଷୟ ପ୍ରତି ଦୃଷ୍ଟି ଦେବା ନିହାତି ଦରକାର। ଠିକ୍ ଖାଦ୍ୟ ଖାଇବା ପରେ ପରେ ପାଣି ପିଅନ୍ତୁ ନାହିଁ। କାରଣ ଏହା ପାଚନକ୍ରିୟାକୁ ପ୍ରଭାବିତ କରିଥାଏ। ଏହା ବ୍ୟତୀତ ଥଣ୍ଡାପାନୀୟ, ଚା' ଏବଂ କଫି ପିଇବା ଆଦୌ ଠିକ୍ ନୁହେଁ।
- ଓଜନ ବୃଦ୍ଧି ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। କାରଣ ଯଦି ଏହା ନିୟନ୍ତ୍ରଣରେ ନ ରହିଲା, ତେବେ ତାହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ।
- ଦାନ୍ତଜନିତ ସମସ୍ୟାକୁ ଅବହେଳା କରନ୍ତୁ ନାହିଁ। ନିୟମିତ ସମୟ ଅନ୍ତରାଳରେ ଦାନ୍ତ ପରୀକ୍ଷା କରାଇ ନିଅନ୍ତୁ।
- ପ୍ରତିଦିନ ସକାଳୁ କିଛି କିଛି ଷ୍ଟ୍ରେଚିଂ ଏକ୍ସରସାଇଜ୍ କରନ୍ତୁ। ଏହା ଅଣ୍ଟାଜନିତ ବ୍ୟଥାରୁ ମଧ କେତେକାଂଶରେ ଉପଶମ ଦେଇଥାଏ।
- ଦିନତମାମ ଖାଉଥିବା ଖାଦ୍ୟ ମଧ୍ୟରେ ଅଧିକ ବ୍ୟବଧାନ ରଖନ୍ତୁ ନାହିଁ। ଏକାଥରେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଇବା ଠିକ୍ ନୁହେଁ। ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଅଳ୍ପ ଅଳ୍ପ ଖାଦ୍ୟ ଖାଆନ୍ତୁ।
- ବୟସ୍କ ବ୍ୟକ୍ତିମାନେ ନିଜକୁ ଚିନ୍ତାଠାରୁ ଯେତେ ଦୂରେଇ ରଖିବେ ତାହା ସେତେ ଭଲ। ଏହାଦ୍ୱାରା ସେମାନଙ୍କର ମାନସିକତା କେତେକାଂଶରେ ସକାରାତ୍ମକ ରହିବ।

## କିପରି ସୁସ୍ଥ ରହିବ କିଡ୍‌ନୀ

**ଆମ** ଶରୀରର ଅନ୍ୟତମ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। ତେବେ କିଡ୍‌ନୀ କିପରି ସୁସ୍ଥ ରହିବ, ସେ ନେଇ ସତର୍କ ରହିବା ନିହାତି ଦରକାର। କିଡ୍‌ନୀ ସମସ୍ୟାର କେତେକ କାରଣ ରହିଛି। ଏହାର କାର୍ଯ୍ୟ ବାଧାପ୍ରାପ୍ତ ହେଲେ ଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବାଧା ଉପୁଜେ। ଫଳରେ ଶ୍ୱାସକ୍ରିୟାଜନିତ ରୋଗ ଦେଖାଦିଏ। ତେଣୁ କିଡ୍‌ନୀକୁ



ସୁସ୍ଥ ରଖିବା ପାଇଁ ପ୍ରଥମେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଘିଅ, କ୍ଷୀର, ମାଛ, ମାଂସ, ପନିର୍, ସୋୟାବିନ୍ ଆଦିରେ ପ୍ରୋଟିନ୍ ଅଧିକ ଥାଏ। ଏହାକୁ ପ୍ରତିଦିନ ଖାଦ୍ୟରେ ସାମିଲ କରନ୍ତୁ। ଦୈନିକ ୫ ଗ୍ରାମ୍ ଲୁଣ ମଧ ଖାଆନ୍ତୁ। ଯଦି ଧୂମପାନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ ଆପଣଙ୍କର ଯଦି କୌଣସି କିଡ୍‌ନୀଜନିତ ଲକ୍ଷଣ ଜଣାପଡ଼େ, ତେବେ ବିଳମ୍ବ ନ କରି ଅଭିଜ୍ଞ କିଡ୍‌ନୀ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

- ନିଶାଦ୍ରବ୍ୟ ସେବନ ମନକୁ କ୍ଷଣିକ ଶାନ୍ତି ଦେଇଥାଏ, ହେଲେ ପରୋକ୍ଷରେ ଆମ ଶରୀରର ଅନେକ କ୍ଷତି କରିଥାଏ। ଏହାଦ୍ୱାରା ହୃଦ୍‌ଜନିତ ସମସ୍ୟା ଦେଖାଯିବାର ଆଶଙ୍କା ଅଧିକ ରହିଛି। ଏଭଳି ଅଭ୍ୟାସ ରକ୍ତ ସଞ୍ଚାଳନକୁ ଆବଶ୍ୟକତା ଠାରୁ ଅଧିକ ବୃଦ୍ଧି କରିବା ଦ୍ୱାରା ବ୍ଲଡପ୍ରେସର ସମସ୍ୟା ଦେଖାଦେଇଥାଏ।



- ଯେତେ ବ୍ୟସ୍ତ ରହିଲେ ମଧ ତା'ଭିତରୁ ସମୟ ବାହାର କରି ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।
- ପ୍ର ଜିମ୍ ଯିବା ପୂର୍ବରୁ ସେନେଇ ମନରେ ଯଦି କିଛି ପ୍ରଶ୍ନ ରହିଛି ତେବେ ଜିମ୍ ଏକ୍ସପର୍ଟଙ୍କ ସହ ସେ ବିଷୟରେ ଆଲୋଚନା କରି ସେଗୁଡିକର ସମାଧାନ କରନ୍ତୁ।
- ତଟକା ଫଳମୂଳ ଖାଇବା ସହ ସେଥିରୁ ପ୍ରସ୍ତୁତ ଜୁସ୍ ମଧ ପିଅନ୍ତୁ।
- କୌଣସି କାମ କରୁଥିବାବେଳେ ଯଦି ହାଲିଆ ଲାଗୁଛି, ତେବେ କିଛି ସମୟ ବିଶ୍ରାମ ନେବା ପରେ ପୁଣି ଥରେ କାମ ଆରମ୍ଭ କରନ୍ତୁ। ଏହାଦ୍ୱାରା ଆପଣଙ୍କୁ ଆରାମ ଲାଗିବ ଓ ଅଧିକ କାମ କରିବାକୁ ଇଚ୍ଛା ହେବ।
- ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଏ ନେଇ ପରାମର୍ଶ କରନ୍ତୁ।

## ଉପକାରୀ ଅମୃତଭଣ୍ଡା

**ଅ**ମୃତଭଣ୍ଡାର ଅନେକ ଉପକାରୀ ଗୁଣ ରହିଛି, ଯାହା ଆମ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଓଜନ କମାଇବାରେ ଅନେକାଂଶରେ ସାହାଯ୍ୟ କରିଥାଏ। ଏଥିରେ କ୍ୟାଲୋରି ପରିମାଣ କମ୍ ଥାଏ ଓ ଫାଇବର୍ ଅଧିକ ଥାଏ। ତେଣୁ ଏହାକୁ



ଖାଇବା ଦ୍ୱାରା ଆମ ଶରୀରର ଓଜନ କମିଥାଏ। ଏଥିରେ ଜଳୀୟ ଅଂଶ ବା ପାଣି ପରିମାଣ ପ୍ରଚୁର ମାତ୍ରାରେ ରହିଛି। ଏହାକୁ ନିୟମିତ ଖାଇଲେ ତାହା ଦୃଷ୍ଟିଶକ୍ତିକୁ ଆହୁରି ପ୍ରଖର କରିଥାଏ। ଅମୃତଭଣ୍ଡା ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ତା' ସହ ଏଥିରେ ଥିବା ଭିଟାମିନ୍ 'ସି' ସଂକ୍ରମଣ ଆଶଙ୍କାକୁ କେତେକାଂଶରେ କମାଇଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ମଧ ରହିଛି।

## ବିଳମ୍ବରେ ଉଠୁଥିଲେ...

**ପ୍ର**ତିଦିନ ଭୋର୍ ସମୟରେ ଉଠିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ। ହେଲେ ଏପରି କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ରାତିରେ ଡେରିରେ ଶୋଇଥା'ନ୍ତି ଓ ସକାଳୁ ବହୁତ ବିଳମ୍ବରେ ଉଠିଥା'ନ୍ତି। ହେଲେ ଏଳଭି ଅଭ୍ୟାସ ଦ୍ୱାରା ମସ୍ତିଷ୍କର କାର୍ଯ୍ୟାଧାରା ପ୍ରଭାବିତ ହୋଇଥାଏ। ଏପରି ସିଦ୍ଧାନ୍ତରେ ଉପନୀତ ହେବା ପୂର୍ବରୁ ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ସକାଳୁ ବିଳମ୍ବରେ ଉଠିବା ଯେଉଁମାନଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲା ସେଭଳି କେତେକ ବ୍ୟକ୍ତିଙ୍କୁ ଏହି ସର୍ଭେ ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ବିଳମ୍ବରେ ଉଠିବା ଦ୍ୱାରା ଏହାର ପ୍ରଭାବ ସେମାନଙ୍କର ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ବିଶେଷଜ୍ଞମାନେ ତର୍ଜମା କରିଥିଲେ। ପରିଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ମସ୍ତିଷ୍କ କାର୍ଯ୍ୟଧାରାରେ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା ବୋଲି ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏଭଳି ଅଭ୍ୟାସ ଦ୍ୱାରା ସଂପୃକ୍ତ ବ୍ୟକ୍ତିଙ୍କର ଚିଡ଼ିଚିଡ଼ା ଗୁଣ ମଧ ବଢ଼ିଯାଇଥାଏ। ତେଣୁ ସବୁବେଳେ ଠିକ୍ ସମୟରେ ଶୁଅନ୍ତୁ ଏବଂ ସକାଳୁ ଉଠିବାକୁ ଏକ ଅଭ୍ୟାସରେ ପରିଣତ କରନ୍ତୁ।



ଧରିତ୍ରୀ DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୨/୨୦୨୫ Bhubaneswar, Monday, December 22/ 2025




# ଆଶେସ ବଜାୟ ରଖିଲା ଅଷ୍ଟ୍ରେଲିଆ


ଇଂଲଣ୍ଡ ବିପକ୍ଷରେ ବିଜୟ ପରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳର ଖେଳାଳିମାନେ।

**ଆଡିଲେଡ୍,୨୧।୧୨(ଏପି)**

ସ୍ଥାନୀୟ ଆଡିଲେଡ୍ ଓଭାଲଠାରେ ଚାଲିଥିବା ତୃତୀୟ ଆଶେସ ଟେଷ୍ଟରେ ଇଂଲଣ୍ଡକୁ ୮୨ ରନରେ ହରାଇ ଦେଇଛି ଆୟୋଜକ ଅଷ୍ଟ୍ରେଲିଆ। ଆଉ ଦୁଇଟି ମ୍ୟାଚ ଖେଳାଯିବାକୁ ବାକି ଥିବାବେଳେ ଅଷ୍ଟ୍ରେଲିଆ ୫ ମ୍ୟାଚ ବିଶିଷ୍ଟ ଆଶେସ ସିରିଜରେ ୩-୦ରେ ଅଗ୍ରଣୀ ସହ ଆଗୁଆ ସିରିଜ କବ୍‌ଜା କରିନେଇଛି। ଏହାଛଡ଼ା ଦଳ ଆଶେସ ଟାଇଟଲ ବିଜୟ ରଖିବାରେ ସମର୍ଥ ହୋଇଛି। ଘରୋଇ ଦଳ ଇଂଲଣ୍ଡ ପାଇଁ ୪୩୫ରନର କଷ୍ଟସାଧ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ରବିବାର ଥିଲା ମ୍ୟାଚର ୫ମ ତଥା ଅନ୍ତିମ ଦିବସ। ଲକ୍ଷ୍ୟ ହାସଲ କରିପାରିଥିଲେ ଇଂଲଣ୍ଡ ଏକ ବିଶ୍ୱ ରେକର୍ଡ କରିଥାନ୍ତି। ତେବେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୦୭/୬ରୁ ଖେଳ ଆରମ୍ଭ କରିଥିବା ଇଂଲଣ୍ଡ ୩୫୨ରନରେ ଅଲଆଉଟ ହୋଇଯାଇଥିଲା। ଭ୍ରମଣକାରୀ ଦଳ ମ୍ୟାଚ ଜିତିବା ପାଇଁ ଅନ୍ତିମ ଦିବସରେ ଆହୁରି ୨୨୮ରନ ଆବଶ୍ୟକ କରୁଥିଲା,ମାତ୍ର ଅଷ୍ଟ୍ରେଲୀୟ ପେସ୍ ବୋଲର ମିଚେଲ ମାର୍ଶ ସେମାନଙ୍କ ପାଇଁ ପ୍ରତିବନ୍ଧକ ସାଜିଥିଲେ। ସେ ଶେଷ ୪ ଉଇକେଟ ମଧ୍ୟରୁ ୩ଟି ଉଇକେଟ ଅକ୍ତିଆର କରି ମ୍ୟାଚକୁ ଅଷ୍ଟ୍ରେଲିଆ ସପକ୍ଷକୁ ନେଇ ଆସିଥିଲେ। ସକାଳ ସେସନରେ ସେ ପ୍ରଥମେ ଜେମି ସ୍ମିଥ୍‌ଙ୍କୁ ୬୦ରନ ସ୍କୋରରେ ଆଉଟ କରିଥିଲେ। ଉଭୟ ପର୍ଥ ଓ ବ୍ରିସ୍‌ବେନ୍‌ରେ ଅଷ୍ଟ୍ରେଲିଆର ୮ଉଇକେଟ ବିଜୟରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିବା ମାର୍ଶ ପରେ ୱିଲ ଜ୍ୟାକ୍ସ (୪୭ରନ) ଓ ଜୋଫ୍ରା ଆର୍ଚର (୩)ଙ୍କ ଉଇକେଟ ଅକ୍ତିଆର କରିନେଇଥିଲେ। ରବିବାର ପତନ ଘଟିଥିବା ଅନ୍ୟ ଉଇକେଟର ପତନ ଘଟାଇଥିଲେ ସ୍କଟ ବୋଲାଣ୍ଡ। ପ୍ରଥମ ଇନିଂସରେ ୧୦୬ ଏବଂ ଦ୍ୱିତୀୟ ଇନିଂସରେ ୭୨ରନ କରିଥିବା ଆଲେକ୍ସ କାରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ ଡିସେମ୍ବର ୨୬ରୁ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୩୭୧
ଇଂଲଣ୍ଡ ପ୍ରଥମ ଇନିଂସ: ୨୮୬
ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୩୪୯
ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୫୨ (ଜ୍ୟାକ୍ କ୍ରଲି-୮୫, ଜେମି ସ୍ମିଥ୍-୬୦, ୱିଲ୍ ଜ୍ୟାକ୍ସ-୪୭, ବଆଇଡନ କାର୍ସି-୩୯*; ପ୍ୟାଟ୍ କୁମିନ୍ସ-୩/୪୮, ମିଚେଲ ଷ୍ଟାର୍କ-୩/୬୨, ନାଥାନ ଲିଅନ-୩/୭୭)।

# ଅଦିଶା, ଦିବ୍ୟଦୃଷ୍ଟି, ଆଦିତ୍ୟ, ପ୍ରାଂଶୁ ଚାମ୍ପିୟନ


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

**ରାଜ୍ୟ ଚିଲ୍‌ଡ୍ରେନ୍ସ ଓପନ ଚେସ୍**

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)**

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଓ ପ୍ରୟାସ ଚେସ୍ ଏକାଡେମୀର ମିଳିତ ଆନୁକୂଲ୍ୟରେ କଳିଙ୍ଗ ବିହାରରେ ରବିବାର ୪ର୍ଥ ଅରାତିବିଜୟ ମହାନ୍ତି ସ୍ମାରକୀ ରାଜ୍ୟ ଚିଲ୍‌ଡ୍ରେନ୍ସ ଓପନ ଚେସ୍ ୪ଟି ବର୍ଗରେ ଅନୁଷ୍ଠିତ ହୋଇଯାଇଛି। ୪ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୮ ବର୍ଷରୁ କମ୍ ବର୍ଗରେ ଅଦିଶା କାନୁନ୍‌ଗୋ, ୧୦ ବର୍ଷରୁ କମ୍‌ରେ ଦିବ୍ୟଦୃଷ୍ଟି ଶତପଥୀ, ୧୨ ବର୍ଷରୁ କମ୍‌ରେ ଆଦିତ୍ୟ ଜେନା ଓ ୧୪ ବର୍ଷରୁ କମ୍ ବର୍ଗରେ ପ୍ରାଂଶୁ ଦାଶ ଚାମ୍ପିୟନ ହୋଇଛନ୍ତି। ଦେବାଂଶୀ ସାହୁ, ଅନିଶା ଆଚାର୍ଯ୍ୟ, ଆରିଶ ନନ୍ଦ ଗୋସ୍ୱାମୀ ଓ ସୂର୍ଯ୍ୟାଂଶ ଶେଖର ସାହୁ ଏହି ୪ ବର୍ଗରେ ରନରଅପ୍ ହୋଇଛନ୍ତି। ଏହି ସମସ୍ତ ବର୍ଗରେ ଶ୍ରେଷ୍ଠ ୫ ଜଣ ଲେଖାଏ ଖେଳାଳିଙ୍କୁ ମୁଖ୍ୟ ପୁରସ୍କାର ବ୍ୟତୀତ ୭, ୯ ଓ ୧୧ ବର୍ଷରୁ କମ୍ ଏବଂ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୧୦ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରୟାସ ଚେସ୍ ଏକାଡେମୀ ନିର୍ଦ୍ଦେଶକ ସୃଜନ ପ୍ରଣୟୀ ରାୟ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆସପିରେ ଡାକ୍ତରଖାନାର ସିନିୟର ଅନ୍‌କୋଲୋଜିଷ୍ଟ ଅମିତାଭ ଜେନା, ପାଥୋଲୋଜିଷ୍ଟ ରଶ୍ମି ପଟ୍ଟନାୟକ ଏବଂ ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ କୃତୀ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ଏଏଫ୍‌ସି ନେଶନ୍ସ ଲିଗ୍ ଖେଳାଯିବ

**କୁଆଲାଲମ୍ପୁର, ୨୧।୧୨ (ଏପି)**

ଏସିଆନ ଫୁଟ୍‌ବଲ କନ୍‌ଫେଡେରେଶନ ଏଏଫ୍‌ସି ନେଶନ୍ସ ଲିଗ୍ ଆରମ୍ଭ କରିବ ବୋଲି ରବିବାର ଘୋଷଣା କରିଛି। ଏହାଦ୍ୱାରା ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ବୃଦ୍ଧି ପାଇବ। ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ୍ସ (ୟୁଫା) ପକ୍ଷରୁ ୨୦୧୮ରେ ୟୁରୋପର ଜାତୀୟ ଦଳଗୁଡ଼ିକୁ ନେଇ ନେଶନ୍ସ ଲିଗ୍ ଆରମ୍ଭ କରାଯାଇଥିଲା। ଏହିଭଳି ଏକ ଟୁର୍ନାମେଣ୍ଟ ୨୦୨୯ରୁ କରିବା ଲାଗି କନ୍‌ଫେଡେରେଶନ ଅଫ୍ ଆଫ୍ରିକାନ ଫୁଟ୍‌ବଲ ଘୋଷଣା କରିବାର ଦିନକ ପରେ ଏଏଫ୍‌ସି ତରଫରୁ ଏହି ଘୋଷଣା କରାଯାଇଛି। ଫିଫା ଅନ୍ତର୍ଜାତୀୟ ମ୍ୟାଚ ନ ଥିବାବେଳେ ଏହି ଟୁର୍ନାମେଣ୍ଟଗୁଡ଼ିକ ଆୟୋଜନ କରାଯାଇପାରିବ। ଏକ ବ୍ୟାପକ ଆଭ୍ୟନ୍ତରୀଣ ସମୀକ୍ଷା ଓ ପରାମର୍ଶ ପ୍ରକ୍ରିୟା ପରେ ମହାସଂଘ ନୀତିଗତ ଭାବେ ଏକ ଏଏଫ୍‌ସି ନେଶନ୍ସ କପ୍ ଆୟୋଜନ କରିବା ଲାଗି ନୀତିଗତ ନିଷ୍ପତ୍ତି ନେଇଛି। ୟୁଫା ନେଶନ୍ସ ଲିଗ୍‌ର ପ୍ରଚଳନ ବେଳେ ଦଳଗୁଡ଼ିକୁ ସମ ର୍‍ୟାଙ୍କିଂପ୍ରାପ୍ତ ଦଳଗୁଡ଼ିକ ସହିତ ଖେଳିବା ଲାଗି ଅନୁମତି ଦିଆଗଲା। ଏହାଦ୍ୱାରା ସେମାନଙ୍କ ବିଜୟ ଓ ଉନ୍ନତି ସମ୍ଭାବନା ଦେଖାଦେଇଥିଲା। ମ୍ୟାଚ୍‌ର ଫଳାଫଳ ଆହୁରି ମଧ୍ୟ ୟୁରୋପିଆନ ଚାମ୍ପିୟନଶିପ୍ ଓ ବିଶ୍ୱକପ୍ ପାଇଁ ପ୍ରଭାବ ପକାଇଥିଲା। ବଡ଼ ବଡ଼ ଟୁର୍ନାମେଣ୍ଟ ପାଇଁ ନିମ୍ନ ର୍‍ୟାଙ୍କିଂପ୍ରାପ୍ତ ଦଳଗୁଡ଼ିକ ଲାଗି ସମ୍ଭାବନାରେ ଉନ୍ନତି ଦେଖିବାକୁ ମିଳିଥିଲା। ଅଂଶୀଦାରଗୁଡ଼ିକ ସହ ଆଲୋଚନା ପରେ ଟୁର୍ନାମେଣ୍ଟ କେବେ ହେବ ଏବଂ ଏହାର ଫର୍ମାଟ, ଟାଇମ୍‌ଲାଇନ ଚୂଡ଼ାନ୍ତ କରାଯିବ ବୋଲି ଏଏଫ୍‌ସି କହିଛି।




# ୱେଷ୍ଟଇଣ୍ଡିଜ ପାଇଁ ୪୬୨ ରନର ବିଜୟ ଲକ୍ଷ୍ୟ

**ମାଉଣ୍ଟ ମଙ୍ଗାନୁଇ (ନ୍ୟୁଜିଲାଣ୍ଡ) ୨୧।୧୨**

ଟମ୍ ଲଥାମ ଓ ଡେଭନ କନୱେଙ୍କ ମଧ୍ୟରେ ୧୯୨ରନର ପାର୍ଟନରଶିପ୍ ଯୋଗୁ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ତୃତୀୟ କ୍ରିକେଟ ଟେଷ୍ଟରେ ନ୍ୟୁଜିଲାଣ୍ଡ ଏହାର ଦ୍ୱିତୀୟ ଇନିଂସ ୩୦୬/୨ରେ ଘୋଷଣା କରିଛି। ରବିବାର ଥିଲା ମ୍ୟାଚ୍‌ର ଚତୁର୍ଥ ଦିବସ । ତୃତୀୟ ସେସନ ଖେଳର ଡ୍ରିଙ୍କ୍ସ ବେଳେ ଲଥାମ ତାଙ୍କର ଘୋଷଣା କରିଥିଲେ। ପୂର୍ବରୁ ନ୍ୟୁଜିଲାଣ୍ଡ ୫୭୫/୮ରେ ଏହାର ପ୍ରଥମ ଇନିଂସ ଘୋଷଣା କରିଥିଲା। ଜବାବରେ ୱେଷ୍ଟଇଣ୍ଡିଜ ୪୨୦ରନ କରିଥିଲା। ଫଳରେ ଘରୋଇ ଦଳ ୧୫୫ ରନ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଚତୁର୍ଥ ଦିବସ ଖେଳ ଷ୍ଟମ୍ପ ଅପସାରଣ ବେଳକୁ ୱେଷ୍ଟଇଣ୍ଡିଜ ଦ୍ୱିତୀୟ ଇନିଂସରେ ୧୬ ଓଭରରେ ବିନା କୌଣସି ଉଇକେଟରେ ୪୩ ରନ କରିଛି। ସୋମବାର ଆଉ ଗୋଟିଏ ଦିନ ଖେଳ ବାକି ରହିଥିବା ବେଳେ ମ୍ୟାଚ ଜିତିବା ଲାଗି ଭ୍ରମଣକାରୀ ଦଳ ଆହୁରି ୪୧୯ରନ ଆବଶ୍ୟକ କରୁଛି।

# ବକେୟା ଦେୟକୁ ପାକିସ୍ତାନ ହକି ଖେଳାଳିଙ୍କ ଅପେକ୍ଷା

**କରାଚୀ, ୨୧।୧୨ (ପି.ଟି.)**

ପାକିସ୍ତାନ ହକି ଖେଳାଳିମାନେ ଆର୍ଥିକ ସମସ୍ୟା ସହିତ ଜଡ଼ିତ ଅଛନ୍ତି। କାରଣ ସେମାନଙ୍କର ଲକ୍ଷ ଲକ୍ଷ ଟଙ୍କାର ପାଉଣା ପଡ଼ି ରହିଛି। ସେମାନେ ହକି କର୍ତ୍ତୃପକ୍ଷଙ୍କ ପଦକ୍ଷେପକୁ ଅପେକ୍ଷା କରିଛନ୍ତି। ଜଣେ ଜାତୀୟ ଖେଳାଳିଙ୍କ କହିବା ଅନୁସାରେ ବାଂଲାଦେଶ ଟୁର୍ ଓ ଏଫ୍ଆଇଏଚ୍ ପ୍ରୋ-ଲିଗ୍ ପାଇଁ ତାଲିମ ଶିବିର, ବାଂଲାଦେଶ ଟୁର୍ ବ୍ୟତୀତ ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ରେ ଅଂଶଗ୍ରହଣ ବାବଦରେ ସେମାନଙ୍କ ଦୈନିକ ଏପର୍ଯ୍ୟନ୍ତ ପାଇ ନାହାନ୍ତି। ପ୍ରୋ-ଲିଗ୍ ଖେଳିବା ଲାଗି ଆର୍ଜେଣ୍ଟିନା ଯିବା ପୂର୍ବରୁ ସେମାନଙ୍କୁ ପ୍ରତିଶ୍ରୁତି ଦିଆଯାଇଥିଲା ଯେ, ସରକାର ପାକିସ୍ତାନ ହକି ମହାସଂଘକୁ ଯଥେଷ୍ଟ ପାଣ୍ଠି ଯୋଗାଇ ଦେଇଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ପୃଷ୍ଠା–୮+୮
ଭୁବନେଶ୍ୱର, ସୋମବାର, ଡିସେମ୍ବର ୨୨/୨୦୨୫ (୮+୮=୧୬ ପୃଷ୍ଠା) Bhubaneswar, Monday, December 22/2025 Page 16 ₹ 7.00
୫୨ଶ ଭାଗ ୨୯ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 29 ମୂଲ୍ୟ ₹୭/-

# ବଢ଼ିବ ଜମି ବେଞ୍ଚମାର୍କ ମୂଲ୍ୟ

## ରାଜସ୍ୱ ବିଭାଗ ଜାରି କଲା ସଂକଳ୍ପ

ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)

ରାଜସ୍ୱ ବିଭାଗ ପକ୍ଷରୁ ଜମି ଓ ସ୍ଥାବର ସମ୍ପତ୍ତିର ମୂଲ୍ୟ ବୃଦ୍ଧି କରାଯିବ। ଜମିର କିସମ ଏବଂ କେଉଁ ଜମି ଜାତୀୟ ରାଜପଥ କଡ଼ରେ ରହିଛି ବା ଦୂରରେ ରହିଛି ତା'ର ସ୍ଥିତାବସ୍ଥା ଦେଖି ଜମିର ନୂତନ ବେଞ୍ଚମାର୍କ ମୂଲ୍ୟାୟନ କରାଯିବ। ଏହି କାର୍ଯ୍ୟ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡିସେମ୍ବର ୧୯ରେ ରାଜସ୍ୱ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ ଜମି ମୂଲ୍ୟାୟନ ବେଳେ ବିଭାଗ ପକ୍ଷରୁ ଜାରି ଷ୍ଟାଣ୍ଡାର୍ଡ ଅଫ୍ ଅପରେଟିଂ(ଏସ୍ଓପି)କୁ ଅନୁସରଣ କରି ଜମି ଓ ସ୍ଥାବର ସମ୍ପତ୍ତିର ଦର ମୂଲ୍ୟାୟନ କରିବାକୁ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଞ୍ଜନ କୁମାର ସିଂହ ନିର୍ଦ୍ଦେଶ ଦେଇଛନ୍ତି।

ଦେଓରଞ୍ଜନ ଦର୍ଶାଇଛନ୍ତି, ଓଡ଼ିଶା ଷ୍ଟାମ୍ପ ରୁଲ୍ସ-୧୯୫୨ ଅନୁଯାୟୀ, ପ୍ରତି ଦୁଇବର୍ଷରେ ଥରେ ଜମି ଓ ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ହେବା କଥା। ଏହି କ୍ରମରେ ଜମି ଓ ସମ୍ପତ୍ତିର ଦର ନିର୍ଦ୍ଧାରଣ ବେଳେ କେତେକ ଦିଗକୁ ଗୁରୁତ୍ୱ ଦେବାକୁ ହେବ। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଜମି ଓ ସ୍ଥାବର ସମ୍ପତ୍ତି ମୂଲ୍ୟାୟନରେ ଫରକ ରହିବ। ତେବେ ପ୍ରତିବର୍ଷ ଯେତିକି ପଞ୍ଜୀକରଣ ହୋଇଥିବ ତା'ର ଅଧାରୁ ଅଧିକ ଜମି ପଞ୍ଜୀକରଣରେ ଯେଉଁ ବଢ଼ା ମୂଲ୍ୟ ରହିଥିବ ତାକୁ ମୂଲ୍ୟାୟନରେ ନିଆଯିବ। ଏହାବାଦ୍ ସହରାଞ୍ଚଳରେ ପୂର୍ବ ଦୁଇବର୍ଷ ତୁଳନାରେ ଅତି କମ୍‌ରେ ୫ପ୍ରତିଶତ ମୂଲ୍ୟାୟନ ବଢ଼ିବ। ଏଥିପାଇଁ ତହସିଲଦାର ଓ ସବ୍‌ରେଜିଷ୍ଟ୍ରାରମାନେ ନିର୍ଦ୍ଦିଷ୍ଟ ଫର୍ମାଟରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠନ ହେବାକୁ ଥିବା ଜିଲାସ୍ତରୀୟ ମୂଲ୍ୟାୟନ କମିଟି ଏବଂ ଉପଜିଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଉପଜିଲାସ୍ତରୀୟ ମୂଲ୍ୟାୟନ କମିଟିରେ ଦେବାକୁ ପଡ଼ିବ। ଏହାପରେ କମିଟି ଯେଉଁ ଦର ଧାର୍ଯ୍ୟ କରିବ ତାହାକୁ ରାଜସ୍ୱ ପର୍ଷଦଙ୍କ ଅନୁମୋଦନ ଲାଗି ପଠାଯିବା ଆବଶ୍ୟକ। ଯଦି ମୂଲ୍ୟାୟନ କମିଟି କୌଣସି ଜମି କିମ୍ବା ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ☞ପୃଷ୍ଠା–୭

# ଘରେ ନିଆଁ ଲାଗି ବୃଦ୍ଧ ଜୀବନ୍ତ ଦଗ୍ଧ

ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/
ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ),୨୧।୧୨


ପୋଡ଼ିଯାଇଥିବା ଘର।

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅଧୀନ ବଡ଼ଗାଁ ପଞ୍ଚାୟତ ଜୁହା ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଶୀତ ପ୍ରକୋପରୁ ରକ୍ଷା ପାଇବା ପାଇଁ ନିଆଁଜାଳି ଶୋଇଥିବାବେଳେ ଜଣେ ବୃଦ୍ଧ ଜୀବନ୍ତଦଗ୍ଧ ହୋଇଯାଇଛନ୍ତି। ମୃତକ ହେଲେ ଆନନ୍ଦ ସିଂ(୬୫)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନା ଅନୁଯାୟୀ, ପରିବାର ଲୋକ ଅନ୍ୟ ଘରେ ଶୋଇଥିବା ବେଳେ ବୃଦ୍ଧ ଆନନ୍ଦ ଥଣ୍ଡା ☞ପୃଷ୍ଠା–୭

ଓଡ଼ିଶା ସରକାର
ଅର୍ଥ ବିଭାଗ

## ଚିଟ୍ ଫଣ୍ଡ କ୍ଷୁଦ୍ର ଆବେଦନକାରୀଙ୍କୁ ଟଙ୍କା ଫେରସ୍ତ ସମ୍ବନ୍ଧୀୟ ବିଶେଷ ସୂଚନା

No. DSPL-427: ଚିଟ୍ ଫଣ୍ଡରେ କ୍ଷତିଗ୍ରସ୍ତ ହୋଇଥିବା ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ରାଜ୍ୟ ସରକାର ଅଗ୍ରାଧିକାର ଭିତ୍ତିରେ ଟଙ୍କା ଫେରସ୍ତ କରୁଛନ୍ତି। ଏହାର ସୁଯୋଗ ନେବାକୁ ସମସ୍ତ କ୍ଷୁଦ୍ର ଆବେଦନକାରୀଙ୍କୁ ଅନୁରୋଧ କରାଯାଉଛି।

**(କ) କେଉଁମାନେ ଏହି ସୁଯୋଗର ସୁଫଳ ପାଇବେ?**

୧. ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଓ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୧୦,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା)।
୨. ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ସମୂହର ପ୍ରଥମ ପର୍ଯ୍ୟାୟରେ ଫେରସ୍ତ ପାଇନଥିବା ସମସ୍ତ କ୍ଷୁଦ୍ର ଜମାକାରୀ (୮,୦୦୦ ଟଙ୍କା ପର୍ଯ୍ୟନ୍ତ ଜମା କରିଥିବା)।

**(ଖ) ଜମାକାରୀମାନେ ସେମାନଙ୍କର ଆବେଦନ ପତ୍ରର ସ୍ଥିତି କିପରି ଜାଣି ପାରିବେ?**

ନିଜ ଜିଲ୍ଲାର ସରକାରୀ websiteରେ ଫେରସ୍ତ ପାଇ ନଥିବା ଜମାକାରୀମାନଙ୍କର ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ ଅଛି। ଏତଦ୍‌ବ୍ୟତୀତ, ମାନ୍ୟବର ତଦନ୍ତ କମିଶନ ରିପୋର୍ଟ ପାଇଁ ଜମାକାରୀଙ୍କ ନାମ/Affidavit ନମ୍ବର ଏବଂ ଗୋଲଡେନ୍ ଲ୍ୟାଣ୍ଡ ଡେଭଲପର୍ସ କମ୍ପାନୀ ପାଇଁ ଜମାକାରୀଙ୍କର ନାମ/Application ନମ୍ବର **www.opid.odisha.gov.in**ରେ ଦେଇ ସେମାନଙ୍କର ଆବେଦନ ପତ୍ରର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ଜାଣି ପାରିବେ।

**(ଗ) ଟଙ୍କା ଫେରସ୍ତ ପାଇଁ କ୍ଷୁଦ୍ରଜମାକାରୀ କ'ଣ କରିବେ?**

ଜମାକାରୀମାନେ ନିମ୍ନଲିଖିତ ଆବଶ୍ୟକୀୟ ଦସ୍ତାବିଜ ସହିତ ସମ୍ପୃକ୍ତ ରାଜସ୍ୱ ନିରୀକ୍ଷକ (R.I.)ଙ୍କ ପାଖରେ ଯୋଗାଯୋଗ କଲେ ୧୫ଦିନ ମଧ୍ୟରେ ସେମାନଙ୍କର ଜମା ଟଙ୍କା ଫେରି ପାଇବାର ପ୍ରାବଧାନ କରାଯାଇଛି।

୧. ପରିଚୟ ପତ୍ର ଯଥା ଆଧାର କାର୍ଡ଼, ଭୋଟର ପରିଚୟ ପତ୍ର, ଡ୍ରାଇଭିଂ ଲାଇସେନ୍ସ, ପ୍ୟାନ୍ କାର୍ଡ଼ ଇତ୍ୟାଦି।
୨. ମୂଳ ଜମା ରସିଦ୍ (Original Money Receipts)।
୩. ବ୍ୟାଙ୍କ ଆକାଉଣ୍ଟର ତଥ୍ୟ ଯଥା ଖାତା ନମ୍ବର, ବ୍ୟାଙ୍କ ନାମ, IFSC (ବି.ଦ୍ର.: କେବଳ ମାନ୍ୟବର ତଦନ୍ତ କମିଶନ ସୁପାରିଶ କରିଥିବା ଆବେଦନକାରୀଙ୍କ ପାଇଁ ଉଦ୍ଦିଷ୍ଟ)।

**ଏହି ଟଙ୍କା ଫେରସ୍ତ ପ୍ରକ୍ରିୟା ୩୧ ଜାନୁୟାରୀ ୨୦୨୬ ପର୍ଯ୍ୟ ଚାଲୁ ରହିବ। ସମସ୍ତ କ୍ଷୁଦ୍ର ଜମାକାରୀ ଏହାର ସୁଯୋଗ ନେବାକୁ ଅନୁରୋଧ।**

**କ୍ଷୁଦ୍ର ଜମାକାରୀମାନେ ଉପରୋକ୍ତ ବିଷୟରେ ଅଧିକ ଜାଣିବା ପାଇଁ ୦୬୭୪–୨୩୯୫୧୫୩ ନମ୍ବରରେ ସରକାରୀ କାର୍ଯ୍ୟ ଦିବସରେ (ପ୍ରତ୍ୟେହ ପୂର୍ବାହ୍ନ ୧୧.୦୦ ଘଟିକାରୁ ୦୧.୦୦ ଘଟିକା ଏବଂ ୦୩.୦୦ ଘଟିକାରୁ ସନ୍ଧ୍ୟା ୦୫.୦୦ ଘଟିକା) ଯୋଗାଯୋଗ କରିପାରିବେ।**

**ଅର୍ଥ ବିଭାଗ, ଓଡ଼ିଶା ସରକାର**

OIPR-05001/13/0016/2526

KIIT Nanhipari
Little Miss India 2025
Silver Jubilee Celebration
25 SILVER JUBILEE CELEBRATION
KIIT NANHIPARI LITTLE MISS INDIA 25th Edition
Scholarships Worth ₹56 Lakhs await the WINNERS
22nd -23rd Dec. 2025 | KIIT University, Bhubaneswar
Presented by
KIIT School of Mass Communication
KIIT School of Fashion Technology | KIIT School of Film and Media Sciences
Reigning Beauty Queens to Grace the Occasion


Ms. Nikita Porwal
Femina Miss India World 2024


Ms. Rekha Pandey
1st Runner-up, Femina Miss India 2024


Ms. Nandini Gupta
Femina Miss India World 2023

Scholarship for the WINNERS
01 Winner ₹28 Lakhs
Rs. 10,00,000/- Cash Prize + 100% Academic fee waiver subject to a maximum of Rs. 18 lakhs for studying in any discipline in KIIT
02 1st Runner Up ₹14 Lakhs
Rs. 5,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT
03 2nd Runner Up ₹12 Lakhs
Rs. 3,00,000/- Cash Prize + 50% Academic fee waiver subject to maximum of Rs. 9 lakhs for studying any discipline in KIIT

HIGHLIGHTS 35 SEMI-FINALISTS | 26 STATES | 5000+ PARTICIPANTS | 10+ COMPETITIONS
• It is a national competition among girls from 13 to 15 Age Group • Highest Prize Money • No Participation Fee • Free Accommodation and Travel Expenses

**About KIIT Nanhipari :** Celebrating 25 glorious years, KIIT NanhiPari began on a modest note in 2001 and has grown into a nationwide phenomenon, empowering young girls with confidence, talent and grace. A platform that goes far beyond beauty, it nurtures personality, intellect, poise and self-belief, helping teenage girls realise their fullest potential. Fuelled by the visionary guidance of Dr. Achyuta Samanta, NanhiPari has become India's finest grooming ground for future achievers. As it marks its Silver Jubilee, NanhiPari proudly continues its journey of inspiring and shaping the leaders of tomorrow.

TEN CATEGORIES with Prize money Rs. 20,000/- Each Category
- Miss Rapunzel – Girl with most beautiful hair
- Miss Photogenic – Girl with best pose in Photoshoot round
- Miss Selfie – Maximum likes on facebook page
- Miss Fashion – Girl with best costume in both rounds
- Miss Whizkid – Girl with highest marks in quiz round
- Miss Cinderella – A graceful walk & pose and a positive attitude
- Miss Personality – Sharp intelligence, confidence & communication skills
- Miss Monalisa – Most beautiful girl with most beautiful smile
- Miss Active – Most active girl in Sports round
- Miss Urvasi – Girl with Best Talent

Gold Sponsors: SNM S.N. Mohanty | Swastik Assets Private Limited | evos Spreading Love | MGM Minerals Ltd.
Grooming by: indulge The Salon
Event Partner | Radio Partner 90.0FM Kalinga Bharati | Media Partner Kalinga TV | Digital Partner

KIIT, Bhubaneswar - 751024 (Odisha), India | +91 9777286878 | kiitnanhipari@gmail.com | Follow Us: /kiitnanhipari | /kiit_nanhi_pari | /kiitnanhipari | /KIIT_NanhiPari | /kiitnanhipari.in

# ସହପାଠୀଙ୍କ ମାଡ଼ରୁ ଆର୍ଯ୍ୟନ୍‌ଙ୍କ ମୃତ୍ୟୁ

**ଚାରଭଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ଛାତ୍ର ହତ୍ୟା ଘଟଣା**

**ଜଣେ ଗିରଫ, ବାଳ ସୁଧାର ଗୃହକୁ ଗଲେ ୮ ନାବାଳକ**

ସୋନପୁର,୨୧।୧୨(ମୃତ୍ୟୁଞ୍ଜୟ ଶତପଥୀ)



ମୃତ ଛାତ୍ର ଆର୍ଯ୍ୟନ୍ ସୁନା।

ସହପାଠୀଙ୍କ ନିସ୍ଠୁକ ମାଡ଼ ଯୋଗୁ ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଚାରଭଟାସ୍ଥିତ ପିଏମ୍‌ଶ୍ରୀ ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଆର୍ଯ୍ୟନ୍ ସୁନା(୧୭)ଙ୍କ ମୃତ୍ୟୁ ଘଟିଥିଲା। ମୋବାଇଲ ଚୋରିକୁ ନେଇ ୯ ସହପାଠୀ ମିଳିତ ହୋଇ ଆର୍ଯ୍ୟନ୍‌ଙ୍କୁ ମାଡ଼ ମାରିଥିଲେ। ଫଳରେ ତାଙ୍କର ମୃତ୍ୟୁ ହୋଇଛି। ପୋଲିସ ତଦନ୍ତରୁ ଏହା ଜାଣିପାରିଛି। ଏହି ହତ୍ୟା ଘଟଣାରେ ତରଭା ପୋଲିସ ଅଭିଯୁକ୍ତ ତଥା ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଛାତ୍ର ଫଜିତ୍ ହରିପାଲ(୧୯)ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ତରଭା ଜେଏମ୍‌ଏଫ୍‌ସି କୋର୍ଟ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରିବାରୁ ତାଙ୍କୁ ସୋନପୁର ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଫଜିତ୍‌ଙ୍କ ଘର ତରଭା ଥାନା ପାଣିମୁରା ଅଞ୍ଚଳରେ। ଏଥିରେ ସମ୍ପୃକ୍ତ ଅନ୍ୟ ୮ଜଣ ଅଭିଯୁକ୍ତ ଯୁକ୍ତ ୨ ଦ୍ୱିତୀୟ ବର୍ଷ ବିଜ୍ଞାନ ଓ ବାଣିଜ୍ୟ ଛାତ୍ର। ସେମାନେ ସମସ୍ତେ ନାବାଳକ। ତରଭା ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଘଟଣାରେ ସମ୍ପୃକ୍ତ ନାବାଳକଙ୍କୁ ରବିବାର ସୁବର୍ଣ୍ଣପୁର କିଶୋର ଆଇନ ବୋର୍ଡରେ ଉପସ୍ଥିତ କରାଯାଇଥିଲା। ବୋର୍ଡ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ବୌଦ୍ଧସ୍ଥିତ ବାଳ ସୁଧାର ଗୃହକୁ ପଠାଯାଇଛି।

ଗତ ମଙ୍ଗଳବାର ପୂର୍ବାହ୍ନରେ ବିଦ୍ୟାଳୟ ଛାତ୍ରାବାସରେ ଆର୍ଯ୍ୟନ୍‌ଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ପ୍ରଥମେ ତରଭା ଥାନାରେ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିଲା। ମୃତ ଛାତ୍ରଙ୍କ ବାପା ବିଷ୍ଣୁ ସୁନାଙ୍କ ଅଭିଯୋଗକ୍ରମେ ୧୯ ତାରିଖରେ ହତ୍ୟା ମାମଲା ରୁଜୁ ହୋଇଥିଲା। ଛାତ୍ର ମୃତ୍ୟୁର ନିରପେକ୍ଷ ତଦନ୍ତ ପାଇଁ ଏସ୍‌ସି ଏସ୍‌ଟି ମିଳିତ ସଙ୍ଗଠନ କର୍ମକର୍ତ୍ତା ଜିଲାପାଳ ଓ ଏସ୍‌ପିଙ୍କୁ ଅନୁରୋଧ କରିଥିଲେ। ଏସ୍‌ପି ନାରାୟଣ ନାୟକଙ୍କ ତତ୍ତ୍ୱାବଧାନରେ ତରଭା ଆଇଆଇସି ଅନିତା କିଡୋ ତଦନ୍ତ କରିଥିଲେ। ସହପାଠୀଙ୍କୁ ପଚରାଉଚରା ପରେ ଘଟଣା ଦିନ ଏକ ମୋବାଇଲ ଫୋନ ଚୋରିକୁ ନେଇ ବିଦ୍ୟାଳୟ ବାହାରେ ୯ ସହପାଠୀ ଆର୍ଯ୍ୟନ୍‌ଙ୍କୁ ମାଡ଼ ମାରିଥିବା ଜଣାପଡ଼ିଥିଲା। ଏଥିଯୋଗୁ ଆର୍ଯ୍ୟନ୍‌ଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ସୃଷ୍ଟି ହୋଇଥିଲା। ସେ ମୂର୍ଚ୍ଛା ହୋଇ ତଳେ ପଡ଼ିଯାଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତା ଆର୍ଯ୍ୟନ୍‌ଙ୍କୁ ଚାରଭଟା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣାରେ ବିଦ୍ୟାଳୟର ଭାରପ୍ରାପ୍ତ ଛାତ୍ରାବାସ ଅଧୀକ୍ଷକ ତଥା ଲାବରେଟୋରି ଆସିଷ୍ଟାଣ୍ଟ ଅରବିନ୍ଦ ମହାକୁରଙ୍କୁ ଜିଲାପାଳ ଡ. ନୃପରାଜ ସାହୁ ନିଲମ୍ବନ କରିବା ସହ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ନିବେଦିତା ହୋତାଙ୍କୁ କୈଫିୟତ ତଲବ କରିଛନ୍ତି।

# ପୂର୍ବତନ ବିଧାୟକଙ୍କ ନାଁରେ ଜମି ଜବରଦଖଲ ଅଭିଯୋଗ

ଯାଜପୁର/କାଏମା(ହର୍ଷବର୍ଦ୍ଧନ ବେହେରା/ ଶିବ ପ୍ରସାଦ ମହାନ୍ତି),୨୧।୧୨

**ଅଭିଯୋଗ ଆଣିଲେ ମଧୁପୁରଗଡ଼ ରାଣୀ**

ଯାଜପୁର ଜିଲାରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତିଙ୍କ ଦ୍ୱାରା ଜଙ୍ଗଲ, ଜଳାଶୟ, ସରକାରୀ ଜମି ଜବରଦଖଲ ଅଣାୟତ୍ତ ହୋଇଛି। ଏଭଳି ଏକ ଅଭିଯୋଗ ଆସିଛି ଧର୍ମଶାଳାର ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟ(ଜିତୁ)ଙ୍କ ନାଁରେ। ଏନେଇ ରବିବାର ମଧୁପୁରଗଡ଼ ରାଣୀ ଅପର୍ଣ୍ଣା ଧୀର ସିଂ ମଧ୍ୟ ଅଭିଯୋଗ କରିଛନ୍ତି। ଫଳରେ ଧର୍ମଶାଳା ତହସିଲ ପକ୍ଷରୁ ପୂର୍ବତନ ବିଧାୟକ ଜିତୁଙ୍କୁ ଏକ ନୋଟିସ ପ୍ରଦାନ କରାଯାଇଛି। ସେ ତହସିଲରେ ହାଜର ହୋଇ କାହିଁକି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେଥିନେଇ ନିଜ ପକ୍ଷ ରଖିବାକୁ ତହସିଲଦାର ସମୀର ରଞ୍ଜନ ଦାସ ଉକ୍ତ ନୋଟିସରେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଯେ, ଧର୍ମଶାଳା ତହସିଲ ମଧୁପୁରଗଡ଼ ପଞ୍ଚାୟତର ପନ୍ଥୁରିଠାରେ ଥିବା ଫାର୍ମହାଉସ୍‌ରେ ଗତ ୧୪ ତାରିଖରେ ପୂର୍ବତନ ବିଧାୟକ ଜିତୁଙ୍କ ସମର୍ଥକମାନେ ଭୋଜି କରୁଥିବା ବେଳେ ଏକ ଗଣ୍ଡଗୋଳ ହୋଇଥିଲା। ଏହି ଘଟଣା ରାଜ୍ୟ ରାଜନୀତିରେ ଆଲୋଚନାର ବିଷୟ ପାଲଟିଥିଲା। ସେ ସମୟରେ ପୂର୍ବତନ ବିଧାୟକ ଜିତୁ ଉକ୍ତ ସ୍ଥାନକୁ ନିଜ ଫାର୍ମ ହାଉସ ବୋଲି କହିଥିଲେ। ଏହି ଘଟଣା ପରଠାରୁ ବିବାଦ ବଢ଼ିବାରେ ଲାଗିଛି। ଅଭିଯୋଗ ଅନୁସାରେ ପୂର୍ବତନ ବିଧାୟକ ଜିତୁ ରାଜା ଘର ସମ୍ପତ୍ତିରୁ ୧୨ଏକର ଜମିକୁ ଚତୁରତାର ସହ ହାସଲ କରିଥିଲେ। ଏହି ସମ୍ପତ୍ତି ଉପରେ ମାମଲା ଚାଲିଥିବାରୁ ତାହାର ତଦନ୍ତର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ସେଠାରେ ପନ୍ଥୁରି ପାହାଡ଼ ରହିଛି ଏବଂ ଏହା ଜଙ୍ଗଲ କିସମ ଜମି ହୋଇଥିବାବେଳେ ସେ ତାହାକୁ ଜବରଦଖଲ କରିଛନ୍ତି। ରାଜା ଘର ଏବଂ ସ୍ଥାନୀୟ ଲୋକଙ୍କ ପକ୍ଷରୁ ଏହାକୁ ବିରୋଧ କରାଯିବା ସହ ଜିଲା ପ୍ରଶାସନ ନିକଟରେ ଅଭିଯୋଗ ମଧ୍ୟ ହୋଇଥିଲା। କିନ୍ତୁ ପୂର୍ବ ସରକାରଙ୍କ ସମୟରେ ଜବରଦଖଲକାରୀ ଜଣେ ପ୍ରଭାବଶାଳୀ ନେତା ଥିବାରୁ କିଛି ସଫଳତା ମିଳି ନ ଥିଲା। କିନ୍ତୁ ବର୍ତ୍ତମାନ ଭାଜପା ସରକାରରେ ଜବରଦଖଲ ଜମିଗୁଡ଼ିକର ତଦନ୍ତ ଆରମ୍ଭ ହେଉଛି। ଯଦି ଅନାବାଦୀ ଜାଗା ଉପରେ ବୁଲଡୋଜର ଲଗାଇ ଘର ଭଙ୍ଗା ହୋଇପାରୁଛି, ତେବେ ସରକାରୀ ଜମି ଉପରୁ ଜବରଦଖଲ ଉଚ୍ଛେଦ କରାଯିବା ସହ ଠିକ୍ ମାପଚୁପ କରିବାକୁ ମଧୁପୁରଗଡ଼ ରାଣୀ ଦାବି କରିଛନ୍ତି। ସେହିପରି ମଧୁପୁରଗଡ଼ ସରପଞ୍ଚ ରବୀନ୍ଦ୍ର ସେଠୀ ମଧ୍ୟ ଏହି ଜବରଦଖଲ ଉପରେ ସରକାରୀ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସେ କହିଛନ୍ତି, ବିଜେଡିର ଦୀର୍ଘ ୨୫ ବର୍ଷ ଶାସନ ମଧ୍ୟରେ ପୂର୍ବତନ ବିଧାୟକ ଜିତୁ କେବଳ ଏହି ସ୍ଥାନରେ ଜବରଦଖଲ କରିନାହାନ୍ତି, ବରଂ ଅନ୍ୟ ମୌଜାରେ ଥିବା ଫାର୍ମହାଉସଗୁଡ଼ିକ ମଧ୍ୟ ବେଆଇନ ଭାବେ ନିର୍ମାଣ କରିଛନ୍ତି। ତେଣୁ ସେହିସବୁ ବେଆଇନ ନିର୍ମାଣଗୁଡ଼ିକର ମାପଚୁପ କରାଯିବାର ଆବଶ୍ୟକତା ରହିଛି ବୋଲି ସେଠୀ କହିଛନ୍ତି।

ଏ ସଂକ୍ରାନ୍ତରେ ପୂର୍ବତନ ବିଧାୟକ ପ୍ରଣବ ବଳବନ୍ତରାୟଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାରୀ ସ୍ତରରେ ମାପଚୁପ କରାଯାଇ ରେକର୍ଡ ଅନୁଯାୟୀ ତାଙ୍କ ଜାଗା ତାଙ୍କୁ ଦିଆଯାଉ। ଅନ୍ୟର ଯଦି କିଛି ଜବରଦଖଲ ଜମି ବାହାରେ ତାହାକୁ ସରକାର ନିଜ ଅଧୀନକୁ ନିଅନ୍ତୁ ବୋଲି ପ୍ରଣବ କହିଛନ୍ତି।

# ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କଲା କ୍ରାଇମବ୍ରାଞ୍ଚ

**ଶହୀଦନଗର ନାବାଳିକା ଗଣବଳାତ୍କାର ମାମଲା**

ଭୁବନେଶ୍ୱର,୨୧।୧୨(ସତ୍ୟଜିତ ରାଉତ)

ଭୁବନେଶ୍ୱର ଶହୀଦନଗର ଥାନା ଅଞ୍ଚଳରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଗଣବଳାତ୍କାର ଘଟଣାକୁ ନେଇ କମିଶନରେଟ୍ ପୋଲିସ ଅଧିକ ଛାନଭିନ୍ ଚଳାଇଛି। ଏହି ମାମଲାରେ ପୋଲିସ ଗିରଫ କରିଥିବା ୨ ଅଭିଯୁକ୍ତ ସାହିଲ ଖାନ୍ ଏବଂ ଅକ୍ଷୟ ରାଉତ ଏବେ ଜେଲରେ ଅଛନ୍ତି। ତେବେ ଏହା ଏକ ସମ୍ବେଦନଶୀଳ ଘଟଣା ହୋଇଥିବାରୁ କ୍ରାଇମବ୍ରାଞ୍ଚ ଏହି ମାମଲାକୁ ରେଡ୍‌ଫ୍ଲାଗ୍ ଶ୍ରେଣୀ ଅନ୍ତର୍ଭୁକ୍ତ କରିଛି। କମିଶନରେଟ୍ ପୋଲିସକୁ ତଦନ୍ତ ପ୍ରକ୍ରିୟାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ସହଯୋଗ କରାଯିବ। ଏପରିକି କ୍ରାଇମବ୍ରାଞ୍ଚ ଡିଜିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ଚିକିନିଖି ତଦନ୍ତ କରାଯିବ ବୋଲି ଜଣାପଡିଛି। ସୂଚନାଯୋଗ୍ୟ, ପୀଡ଼ିତା ନାବାଳିକାଙ୍କୁ ଡାଟା ଏଣ୍ଟ୍ରି ଚାକିରି କରାଇଦେବାକୁ କହି ଅଭିଯୁକ୍ତଦ୍ୱୟ ୟୁନିଟ-୯ସ୍ଥିତ ଭଡ଼ାଘରକୁ ଡାକିଥିଲେ। ଗୁରୁବାର ସେଠାରେ ନାବାଳିକାଙ୍କୁ ତାଙ୍କ ପୁରୁଷ ବନ୍ଧୁ ଛାଡ଼ିଦେଇ ଯାଇଥିଲେ। ହେଲେ ଏହାପରେ ସେଠାରେ ଅଭିଯୁକ୍ତଦ୍ୱୟ ନାବାଳିକାଙ୍କୁ ଭୟଭୀତ କରିବା ସହ ମାଡ଼ମାରି ବଳାତ୍କାର କରିଥିଲେ। ପୀଡ଼ିତା ଜଣକ ଶହୀଦନଗର ଥାନାରେ ଶୁକ୍ରବାର ସକାଳେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅଭିଯୁକ୍ତଦ୍ୱୟଙ୍କୁ ଶନିବାର ଗିରଫ କରିଥିଲା।

**ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲା**

# ଆଇପିଏସ୍ ଅଫିସରଙ୍କ ନାଁ କହିଲେ ଶଙ୍କର

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)



ଶଙ୍କର ପୃଷ୍ଟି

- ପ୍ରମାଣ ମିଳିବା ପରେ ଆଇପିଏସ୍ ଅଫିସରଙ୍କୁ ସମନ କଲା ସିବିଆଇ
- ଜାଲିଆତିର ମଡ୍ୟୁଲ କରିଥିବା ଶିକ୍ଷକଙ୍କୁ ପଚରାଉଚରା

ବହୁଚର୍ଚ୍ଚିତ ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି ମାମଲାରେ ସିବିଆଇ ରବିବାର ମାଷ୍ଟରମାଇଣ୍ଡ୍ କୁହାଯାଉଥିବା ଶଙ୍କର ପୃଷ୍ଟି, ସୁରେଶ ନାୟକ ଓ ସାଗର ଗୌଡ଼ଙ୍କୁ ପୁଣି ମୁହାଁମୁହିଁ ଜେରା କରିଛି। ଜେରା ସମୟରେ ଶଙ୍କରଙ୍କ ସହ ଅନ୍ୟମାନେ ସମ୍ପୃକ୍ତ ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ନାମ ସିବିଆଇ ଆଗରେ ପ୍ରକାଶ କରିଥିବା ଜଣାପଡ଼ିଛି। ସେହି ଆଇପିଏସ୍ ଅଧିକାରୀ ହିଁ ପୂରା ଜାଲିଆତି ର୍ୟାକେଟର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିବା ସହ ଚିକିନିଖି ସବୁକିଛି ବୁଝୁଥିଲେ। ଏପରିକି ଧରାପଡ଼ିଲେ ଯେପରି କାହାର କିଛି ପ୍ରମାଣ ରହିବ ନାହିଁ, ସେନେଇ ମଧ୍ୟ ଅଫିସର ଜଣକ ବ୍ୟବସ୍ଥା କରିଥିଲେ। ଏପରିକି ଏହି ନିଯୁକ୍ତି ଜାଲିଆତି ଧରାପଡିବା ପରେ ପ୍ରମାଣ ନଷ୍ଟ ପାଇଁ ସେ କୁଆଡେ କ୍ରାଇମବ୍ରାଞ୍ଚ ଉପରେ ଚାପ ପକାଇଥିଲେ। ଫଳରେ କ୍ରାଇମବ୍ରାଞ୍ଚ ଯେଉଁ ସ୍ଥାନରେ ଚଢ଼ାଉ କରୁଥିଲା, ତାହା ପୂର୍ବରୁ ସେ ଆଗୁଆ ସୂଚନା ପାଇ ସେଠାରୁ ସବୁ ଦସ୍ତାବିଜ ଓ ପ୍ରମାଣକୁ ନଷ୍ଟ କରିଦେଉଥିଲେ। ସିବିଆଇ ଗିରଫ କରିଥିବା ଅଭିଯୁକ୍ତ ଓ ଅନ୍ୟ କେତେଜଣ ସନ୍ଦିଗ୍ଧଙ୍କୁ ପଚରାଉଚରା କରିବା ପରେ ଏହି ଆଇପିଏସ୍ ଅଫିସରଙ୍କ ସମ୍ପର୍କରେ ଜାଣିବାକୁ ପାଇଥିଲା। ସିବିଆଇ ସମସ୍ତ ପ୍ରମାଣ ପାଇବା ପରେ ସମ୍ପୃକ୍ତ ବରିଷ୍ଠ ଆଇପିଏସ୍ ଅଫିସରଙ୍କୁ ପଚରାଉଚରା କରିବା ପାଇଁ ସମନ କରିଥିବା ଜଣାପଡ଼ିଛି। ସେ ସିବିଆଇ ଅଫିସରେ ହାଜର ହେବା ପରେ ଜାଲିଆତି ର୍ୟାକେଟର ପୂରା ରହସ୍ୟ ଉପରୁ ପରଦା ହଟିବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ସିବିଆଇ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ (ଓପିଆର୍‌ବି)ର ଏସ୍‌ପିଙ୍କୁ ପଚରାଉଚରା କରିବା ପରେ ଆଉ ୩ ଅଧିକାରୀଙ୍କୁ ସମନ କରିଛି। ସେମାନେ ସୋମବାର ହାଜର ହେବେ ବୋଲି ଜଣାପଡ଼ିଛି। ସେମାନଙ୍କୁ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କ ସମ୍ପର୍କରେ ମଧ୍ୟ ପଚରାଉଚରା କରାଯିବ। କାରଣ ବେଆଇନ ଭାବେ ଓପିଆର୍‌ବି ଟେଣ୍ଡର ପ୍ରକ୍ରିୟା କରି ଆଇଟିଆଇକୁ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଇଥିଲା। ଆଇଟିଆଇ ସଂସ୍ଥା ସବ୍ ଟେଣ୍ଡର ଭାବେ ସିଲିକନ ଟେକ୍ ଲାବ୍‌କୁ ଦେଇଥିଲା। ତେବେ ସିଲିକନ୍ ଟେଣ୍ଡର ନେବା ପରେ ଶଙ୍କର ପୃଷ୍ଟିଙ୍କ ପଞ୍ଚସଫ୍ଟ ସଂସ୍ଥାକୁ ଦେଇଥିଲା। ଫଳରେ ଶଙ୍କର ପୃଷ୍ଟି ତାଙ୍କ ସହଯୋଗୀ ସୁରେଶ ଓ ଅନ୍ୟମାନଙ୍କ ସହ ମିଶି ଆଇପିଏସ୍ ଅଫିସର ଜଣକ ତିଆରି କରିଥିବା ନିଯୁକ୍ତି ଜାଲିଆତି ବ୍ଲୁ ପ୍ରିଣ୍ଟକୁ କାର୍ଯ୍ୟକାରୀ କରି ପ୍ରାୟ ୫ଶହ କୋଟିର ଡିଲ୍ ଯୋଜନାକୁ ସଫଳ କରିବାକୁ ଲାଗିପଡିଥିଲେ। ବଡ଼ କଥା ହେଲା ଶଙ୍କରଙ୍କୁ ଜାଲିଆତି ମଡ୍ୟୁଲ ବତାଇଥିବା ଜଣେ ଶିକ୍ଷକ ରବିବାର ସିବିଆଇ ଅଫିସରେ ହାଜର ହେବା ପରେ ତାଙ୍କୁ ଏ ସମ୍ପର୍କରେ ପଚରାଉଚରା କରାଯାଇଛି। ହେଲେ ସେ ଶଙ୍କର ପୃଷ୍ଟିଙ୍କୁ ଚିହ୍ନି ନ ଥିବା କହିଛନ୍ତି। ତେଣୁ ଶିକ୍ଷକଙ୍କ ସମ୍ପୃକ୍ତି ଓ ଆର୍ଥିକ କାରବାରର ପ୍ରମାଣ ପାଇଁ ସିବିଆଇ ଅଧିକାରୀମାନେ ଉଦ୍ୟମ ଚଳାଇଛନ୍ତି।

ଏଥିସହ ସିବିଆଇର ପ୍ରଶ୍ନବାଣରେ ଘାଇଲା ହୋଇଛନ୍ତି ଶଙ୍କର ଓ ସୁରେଶ। ତୃତୀୟ ଦିନ ଜେରାରୁ ସିବିଆଇକୁ ର୍ୟାକେଟ ସମ୍ପର୍କରେ ଅନେକ ତଥ୍ୟ ମିଳିଥିବା ଜଣାପଡିଛି। ଶଙ୍କର ଓ ସୁରେଶ କେଉଁମାନଙ୍କ ନାମ ସିବିଆଇ ଆଗରେ ଓକାଳିଛନ୍ତି, ତାକୁ ନେଇ ଏବେ ବିଭିନ୍ନ ମହଲରେ ଆଲୋଚନା ଜୋର୍ ଧରିଛି। ସେମାନଙ୍କ ରିମାଣ୍ଡ ଅବଧି ଆହୁରି ଗୋଟିଏ ଦିନ ଥିବାରୁ ସିବିଆଇ ସବୁ ଅଡୁଆ ସୂତାକୁ ଯୋଡ଼ିବାକୁ ଉଦ୍ୟମ କରିଛି।

## Business

# ଭାଷା, ଶାସନ, ସ୍ୱାସ୍ଥ୍ୟସେବାରେ କାର୍ଯ୍ୟ କରିବ ଏଆଇ

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

- ଆଞ୍ଚଳିକ ଏଆଇ ଇମ୍ପାକ୍ଟ ସମ୍ମିଳନୀ ଉଦ୍‌ଯାପିତ
- ଓଡ଼ିଆ ଭାଷା, ସଂସ୍କୃତିର ସଂରକ୍ଷଣରେ ହେବ ସହାୟକ

ଇଣ୍ଡିଆ ଏଆଇ ମିଶନ, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ) ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଭୁବନେଶ୍ୱରରେ ଅନୁଷ୍ଠିତ ଆଞ୍ଚଳିକ ଏଆଇ ଇମ୍ପାକ୍ଟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି । ସମ୍ମିଳନୀର ଶେଷ ଦିନରେ 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମ୍ମିଳନୀ ୨୦୨୬'କୁ ପରିଭାଷିତ କରୁଥିବା 'ପିପୁଲ, ପ୍ଲାନେଟ, ପ୍ରୋଗ୍ରେସ'ର ସୂତ୍ର ଦ୍ୱାରା ପରିଚାଳିତ ହୋଇ ଭାଷା ଏଆଇ., ସୁଶାସନ ଏଆଇ. ଏବଂ ସ୍ୱାସ୍ଥ୍ୟ ଏଆଇ. ପରି କ୍ଷେତ୍ର-କେନ୍ଦ୍ରିତ ଟ୍ରାକ ମାଧ୍ୟମରେ ଭାରତ କିପରି ଏହି ଲକ୍ଷ୍ୟକୁ କାର୍ଯ୍ୟକାରୀ କରୁଛି ତାହା ପ୍ରଦର୍ଶିତ କରିଥିଲା। ଏଆଇ ପ୍ରତ୍ୟେକ ନାଗରିକଙ୍କ ପାଇଁ ଭାରତୀୟ ଭାଷା, ଶାସନ ବ୍ୟବସ୍ଥା ଏବଂ ସ୍ୱାସ୍ଥ୍ୟସେବାରେ କାର୍ଯ୍ୟ କରିବ ବୋଲି ମତ ପ୍ରକାଶ ପାଇଛି। ଏହି ଅବସରରେ ବାଟୋଇ ସିଷ୍ଟମ୍‌ସର ସିଇଓ ଅଶ୍ୱିନୀ କୁମାର ରଥଙ୍କ ଦ୍ୱାରା ପରିଚାଳିତ 'ଭାଷା. ଏ. ଆଇ.-ଓଡ଼ିଆ ପାଇଁ ଏଆଇ ନିର୍ମାଣ' ଶୀର୍ଷକ ଅଧିବେଶନରେ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଓଡ଼ିଆ ସଂସ୍କୃତିର ସଂରକ୍ଷଣ ଏବଂ ସଶକ୍ତୀକରଣ ପାଇଁ ସ୍ଥାନୀୟ ଭାଷା ମଡେଲର ଅନୁସନ୍ଧାନ କରାଯାଇଥିଲା। ଓଡ଼ିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗର ସଚିବ ଡ. ବିଜୟ କେତନ ଉପାଧ୍ୟାୟ, ଓଡ଼ିଆ ଭାଷାର ବିଶାଳ ଅନୁରୂପ ଐତିହ୍ୟ, ତାଳପତ୍ର ପାଣ୍ଡୁଲିପିଠାରୁ ଆରମ୍ଭ କରି ଆଦିବାସୀ ମୌଖିକ ପରମ୍ପରା ପର୍ଯ୍ୟନ୍ତ ଏଆଇ (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ) ତାଲିମ ତଥ୍ୟରେ ଡିଜିଟାଇଜେଶନ କରିବାର ଜରୁରୀ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସନ୍ନି-ବଫେଲୋର ପ୍ରଫେସର ନଳିନୀ ରଥ, ଓଡ଼ିଆ ଭର୍ଚୁଆଲ ଏକାଡେମୀର ମୁଖ୍ୟ ପ୍ରଦୀପ ରାଉତ ଓ ଏ.ଏଚ.ଆର୍.ସି.ର ଶକ୍ତି ରଥ ପ୍ରମୁଖ ଆଲୋଚନା କରିଥିଲେ। ଏଆଇ ପାୱାର୍ଡ ଓଡ଼ିଶାର ପ୍ରୋଗ୍ରାମ ଲିଡ ବିଜେଥ ଶ୍ରୀନିବାସଙ୍କ ଦ୍ୱାରା ପରିଚାଳିତ 'ସୁଶାସନ. ଏଆଇ-ଏଆଇ ଫର ଗଭର୍ନାନ୍ସ' ଅଧିବେଶନରେ ସେଣ୍ଟର ଫର ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ ବିନୀତ ଭରଦ୍ୱାଜ ଗ୍ରାମୀଣ ପାନୀୟ ଜଳ ଯୋଗାଣକୁ ଉଦାହରଣ ଭାବେ ବ୍ୟବହାର କରି ପ୍ରଶାସନକୁ ପ୍ରତିକ୍ରିୟାଶୀଳ ପ୍ରତିକ୍ରିୟାରୁ ପୂର୍ବାନୁମାନମୂଳକ କାର୍ଯ୍ୟ ଆଡକୁ ସ୍ଥାନାନ୍ତର କରିବାର ଏଆଇର ସମ୍ଭାବନା ଉପରେ ଆଲୋକପାତ କରିଥିଲେ । ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବିଶେଷଜ୍ଞ ମାୟା ଶେର୍ମାନ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ଇନୋଭେଶନ ସେଲ, ଏନ.ଆଇ.ସି. ଓଡ଼ିଶାର ମୁଖ୍ୟ ନୀଳାଦ୍ରି ବିହାରୀ ମହାନ୍ତି , ୱାଧୱାନୀ ଫାଉଣ୍ଡେଶନର ଫାକଲ୍ଟି ଅଫ ଇମର୍ଜିଂ ଟେକ୍ନୋଲୋଜି ଅଭୟ ଅଗ୍ରୱାଲ ଆଲୋଚନାରେ ସାମିଲ ହୋଇଥିଲେ। 'ସ୍ମାର୍ଟଗ୍ରୀଡରେ ଏଆଇ' ଉପରେ ଏକ ଉପସ୍ଥାପନାରେ, ପ୍ରଫେସର ଶୁଭ୍ରାଂଶୁ ଆର୍ ସାମନ୍ତରାୟ, ଆସୋସିଏଟ ସେଣ୍ଟର-ନିର୍ଦ୍ଦେଶକ, ଏଆଇ ଆଣ୍ଡ ଏଚପିସି ରିସର୍ଚ୍ଚ ସେଣ୍ଟର, ଆଇଆଇଟି ଭୁବନେଶ୍ୱର ୨୩୦ ଗିଗାୱାଟ ନବୀକରଣଯୋଗ୍ୟ ସହିତ କେନ୍ଦ୍ରୀକୃତ ଗ୍ରୀଡରୁ ବିକେନ୍ଦ୍ରୀକୃତ ସ୍ମାର୍ଟ ଗ୍ରୀଡକୁ ପରିବର୍ତ୍ତନ ଉପରେ ଆଲୋକପାତ କରିଥିଲେ। ଭର୍ଚୁଆଲରେ ଓପନଏଆଇର ଶିକ୍ଷା ମୁଖ୍ୟ ରାଘବ ଗୁପ୍ତା ଶିକ୍ଷାକୁ ବ୍ୟକ୍ତିଗତ କରିବା, ଶିକ୍ଷାଦାନକୁ ଗଣତାନ୍ତ୍ରିକ କରିବା ଏବଂ ଅତ୍ୟାବଶ୍ୟକ ଏଆଇ ସାକ୍ଷରତା ନିର୍ମାଣ କରିବା ପାଇଁ ଏଆଇର କ୍ଷମତା ଉପରେ ଗୁରୁତ୍ୱାରୋପ କରିଥିଲେ। 'ସ୍ୱାସ୍ଥ୍ୟ ଏଆଇ.-ସ୍ୱାସ୍ଥ୍ୟସେବା ପାଇଁ ଏଆଇ' ଅଧିବେଶନରେ ଆଇଆଇଟି ଦିଲ୍ଲୀର ପ୍ରଫେସର ଡକ୍ଟର ତପନ ଗାନ୍ଧୀ ଡିଜିଟାଲ ସ୍ୱାସ୍ଥ୍ୟ ପାଇଁ ଆଡପ୍ଟିଭ ଇଣ୍ଟେଲିଜେନ୍ସ ଉପରେ ତାଙ୍କର କାର୍ଯ୍ୟ ପ୍ରଦର୍ଶନ କରିଥିଲେ । ସମଗ୍ର ଗଭର୍ନାନ୍ସର ପ୍ରତ୍ୟୁଷା ମୁଖୋପାଧ୍ୟାୟଙ୍କ ତତ୍ତ୍ୱାବଧାନରେ ଗଠିତ ଏହି ପ୍ୟାନେଲରେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ କମିଶନର ତଥା ସଚିବ ଅଶ୍ୱତୀ ଏସ୍, ଇନ୍‌ଷ୍ଟିଚ୍ୟୁଟ ଅଫ ଲାଇଫ ସାଇନ୍ସେସ ଭୁବନେଶ୍ୱରର ନିର୍ଦ୍ଦେଶକ ଡ. ଦେବାଶିଷ ଦାଶ, ନୂରା ହେଲଥ ଇଞ୍ଜିନିୟରିଂ ମୁଖ୍ୟ ପୂର୍ବା ମାଳବ୍ୟ, କିଓର ବେ 'ର ସହ-ପ୍ରତିଷ୍ଠାତା ତଥା ସିଟିଓ ସଞ୍ଜୟ ସ୍ୱାଇଁ ଏବଂ ଗେଟସ ଫାଉଣ୍ଡେଶନର ବରିଷ୍ଠ କାର୍ଯ୍ୟକ୍ରମ ଅଧିକାରୀ ଶ୍ୟାମଶ୍ରୀ ଦାସ ମଧ୍ୟ ଉପସ୍ଥିତ ଥିଲେ। ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଇ ଆଣ୍ଡ ଆଇ. ଟି. ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବ ମଧ୍ୟ ଯୋଗଦେଇଥିଲେ।

# ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଆଇଡିଇ ବୁଟ୍ କ୍ୟାମ୍ପ



ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଭୁବନେଶ୍ୱର ଉପକଣ୍ଠସ୍ଥ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ଅଫ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟରେ ପିଏମଶ୍ରୀ ସ୍କୁଲର ପ୍ରଧାନଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପାଇଁ ୩ ଦିନିଆ ଇନୋଭେଶନ, ଡିଜାଇନ୍ ଆଣ୍ଡ୍ ଏଣ୍ଟରପ୍ରେନ୍ୟୁରଶିପ୍ (ଆଇଡିଇ) ବୁଟ୍ କ୍ୟାମ୍ପ ଅନୁଷ୍ଠିତ ହୋଇଯାଇଛି। ଏହି ବୁଟକ୍ୟାମ୍ପ ସ୍କୁଲ ଏଜୁକେଶନ ଓ ଲିଟେରାସି ବିଭାଗ ଦ୍ୱାରା ସର୍ବଭାରତୀୟ ପ୍ରଯୁକ୍ତିକ ଶିକ୍ଷା ପରିଷଦ (ଏଆଇସିଟିଇ) ଓ ଏଜୁକେଶନ ଇନୋଭେଶନ ସେଲ ମନ୍ତ୍ରଣାଳୟ ସହଯୋଗରେ ହୋଇଥିଲା। ୱାଧୱାନୀ ଫାଉଣ୍ଡେଶନ ଏହାର ଶିକ୍ଷାତ୍ମକ ସହଭାଗୀ ଭାବେ ଯୋଗ ଦେଇଥିଲା। ଜାତୀୟ ସ୍ତରରେ ଏଆଇସିଟିଇ ଅଧ୍ୟକ୍ଷ ପ୍ରଫେସର ଟି.ଜି. ସିଥାରାମ, ସ୍କୁଲ ଏଜୁକେଶନ ବିଭାଗର ଅତିରିକ୍ତ ସଚିବ ଧୀରଜ ସାହୁ ଓ ଏଆଇସିଟିଇ ଉପାଧ୍ୟକ୍ଷ ଡା. ଅଭୟ ଜେରେ ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସମଗ୍ର ଦେଶର ୨୫ଟି ରାଜ୍ୟ ଓ ୨ଟି କେନ୍ଦ୍ରଶାସିତ ଅଞ୍ଚଳରେ ବୁଟକ୍ୟାମ୍ପ ଆରମ୍ଭ ହୋଇଥିଲା। ରାଜ୍ୟ ସ୍ତରରେ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉଦଘାଟନୀ ସଭାରେ ୧୯୦ରୁ ଅଧିକ ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ପ୍ରୋ-ଭାଇସ ଚାନ୍ସେଲର ପ୍ରୋଫେସର ବିଶ୍ୱଜିତ ମିଶ୍ର ଓ ପ୍ରଫେସର ଅଜୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ତୃତୀୟ ଦିନ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ମୁକ୍ତି କାନ୍ତ ମିଶ୍ର ଶିକ୍ଷକମାନଙ୍କୁ ସମ୍ବୋଧନ କରି ଭବିଷ୍ୟତମୁଖୀ ଶିକ୍ଷା ଗଠନରେ ଇନୋଭେଶନ ଓ ଉଦ୍ୟମଶୀଳତାର ଭୂମିକା ଉପରେ ଆଲୋକପାତ କରିଥିଲେ।

# ଟାଟା ପାୱାର କ୍ଲାଇମେଟ କ୍ରୁ ଆର୍ଥ ରନ୍



ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଟାଟା ପାୱାର ପକ୍ଷରୁ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମଠାରେ 'ଟାଟା ପାୱାର କ୍ଲାଇମେଟ କ୍ରୁ ଆର୍ଥ ରନ୍' ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଜଳବାୟୁ ଦାୟିତ୍ୱବୋଧ ପ୍ରତି ଜନସାଧାରଣଙ୍କୁ ସଚେତନ କରିବା ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୪,୦୦୦ରୁ ଅଧିକ ପ୍ରତିଯୋଗୀ ୫ କିଲୋମିଟର, ୧୦ କିଲୋମିଟର ଏବଂ ୨୧ କିଲୋମିଟର ବିଭାଗରେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ ସ୍ୱାଇଁ, କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ଡ. ଶରଣଜିତ୍ ସିଂ, ପାରାଲିମ୍ପିକ୍ସ ବିଜୟିନୀ ଲୋମା ସ୍ୱାଇଁ, ଅଲିମ୍ପିଆନ, କମନୱେଲ୍‌ଥ ପଦକ ବିଜେତା ରବି କୁମାର, ଅଲିମ୍ପିଆନ ଅରୁନ୍ଧତୀ ବିଶ୍ୱାଳ ଏବଂ ଏଣ୍ଟରଟେନମେଣ୍ଟ ନେଟୱର୍କ ଇଣ୍ଡିଆ ଲିମିଟେଡର ସିଓଓ ପ୍ରୀତି ନିହଲାନି ପ୍ରମୁଖ ଉପସ୍ଥିତ ଥିଲେ। ଟାଟା ପାୱାରର ସିଏଚଆରଓ ତଥା ଚିଫ ସଷ୍ଟେନେବିଲିଟି ଓ ସିଏସ୍‌ଆର୍ ହିମାଲ ତିୱାରୀ କହିଛନ୍ତି, ଓଡ଼ିଶା ହେଉଛି ଐତିହ୍ୟ, ପ୍ରଗତି ଏବଂ ସ୍ଥାନୀୟ ଭାବନାର ଏକ ଶକ୍ତିଶାଳୀ ମିଶ୍ରଣ। ଏହି ମୂଲ୍ୟବୋଧଗୁଡ଼ିକ ଟାଟା ପାୱାରର ଦୀର୍ଘସ୍ଥାୟିତ୍ୱ ଯାତ୍ରା ସହିତ ଗଭୀର ଭାବରେ ଜଡ଼ିତ। ଟିପିଏନଓଡିଏଲର ସିଇଓ ଗଜାନନ କାଲେ, ଟିପିସିଓଡିଏଲ ସିଇଓ ଅରବିନ୍ଦ ସିଂ ଏବଂ ଟିପିଏସଓଡିଏଲର ସିଇଓ ଅମିତ ଗର୍ଗ ପ୍ରମୁଖ ଉପସ୍ଥିତ ଥିଲେ।

# ବିଶ୍ୱସ୍ତରରେ ୮୦% ମଖାନା ଉତ୍ପାଦନ କରୁଛି ଭାରତ

**ମଖାନାର ବିକାଶ ୪୭୬.୦୩ କୋଟି ବ୍ୟୟବରାଦ**

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)



ଭାରତୀୟ ମଖାନା ଆଉ କେବଳ ପୂଜାପାଠ କିମ୍ବା ଉପବାସ ପର୍ଯ୍ୟନ୍ତ ସୀମିତ ନୁହେଁ। ଏହି ସୁପରଫୁଡ ଏବେ ବିଶ୍ୱ ସ୍ୱାସ୍ଥ୍ୟ ବଜାରରେ ନିଜର ଅନନ୍ୟ ପରିଚୟ ସୃଷ୍ଟି କରିଛି। ବିଶ୍ୱସ୍ତରରେ ଭାରତ ପ୍ରାୟ ୮୦% ମଖାନା ଉତ୍ପାଦନ କରୁଥିବା କେନ୍ଦ୍ର ପକ୍ଷରୁ ସୂଚନା ରହିଛି। ଦେଶର ମୋଟ ମଖାନା ଉତ୍ପାଦନର ପ୍ରାୟ ୮୫% ବିହାରରେ ଉତ୍ପାଦନ ହୋଇଥାଏ। ରାଜ୍ୟର ହ୍ରଦ, ପୋଖରୀ ଏବଂ ପାରମ୍ପରିକ କୃଷି ପଦ୍ଧତି ମଖାନା ଉତ୍ପାଦନ ପାଇଁ ସବୁଠାରୁ ସହାୟକ ବୋଲି ବିବେଚନା କରାଯାଏ। ଏହି କାରଣରୁ ବିହାର ଦେଶର ମଖାନା କେନ୍ଦ୍ର ଭାବରେ ଉଭାହୋଇଛି ଏବଂ ଏଠାକାର ଚାଷୀମାନେ ଏହାର ଚାଷରୁ ଜୀବିକା ଅର୍ଜନ କରନ୍ତି। ଦରଭଙ୍ଗାରେ ପୂର୍ବରୁ ମଖାନା ଉପରେ ଆଇସିଏଆର ଜାତୀୟ ଗବେଷଣା କେନ୍ଦ୍ର ରହିଛି। ଚାଷୀ ଏବଂ ମତ୍ସ୍ୟଜୀବୀଙ୍କ ଆର୍ଥିକ ଅବସ୍ଥାକୁ ଉନ୍ନତ କରିବା ପାଇଁ ମଖାନା କ୍ଷେତ୍ରର ବଡ଼ ସମ୍ଭାବନା ରହିଥିବା ସରକାରୀ ଆଶା ପ୍ରକାଶ ପାଉଛି। ସରକାର ମଖାନାର ବିକାଶ ପାଇଁ ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନାକୁ ମଧ୍ୟ ଅନୁମୋଦନ କରିଛନ୍ତି। ଏହି ଯୋଜନାରେ ମୋଟ ୪୭୬.୦୩ କୋଟି ବ୍ୟୟବରାଦ ହୋଇଛି ଏବଂ ଏହା ୨୦୨୫-୨୬ ରୁ ୨୦୩୦-୩୧ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ। ଏହି ଯୋଜନା ଅଧୀନରେ ଗବେଷଣା, ଗୁଣାତ୍ମକ ବିହନ, କୃଷକଙ୍କ ଦକ୍ଷତା ବିକାଶ, ଅମଳ ପରବର୍ତ୍ତୀ ପରିଚାଳନା, ମୂଲ୍ୟ ବୃଦ୍ଧି, ବ୍ରାଣ୍ଡିଂ ଏବଂ ରପ୍ତାନି ପ୍ରୋତ୍ସାହନ ଉପରେ ବିଶେଷ ଧ୍ୟାନ ଦିଆଯିବ। ମଖାନା ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ସରକାର ୨୦୨୫ ସେପ୍ଟେମ୍ବର ୧୪ରେ ଜାତୀୟ ମଖାନା ବୋର୍ଡ ପ୍ରତିଷ୍ଠା କରିଥିଲେ। ଏହି ବୋର୍ଡ ମଖାନା ଉତ୍ପାଦନ ବୃଦ୍ଧି, ପ୍ରକ୍ରିୟାକରଣରେ ଉନ୍ନତି, ମୂଲ୍ୟ ବୃଦ୍ଧି, ବିପଣନ ଏବଂ ରପ୍ତାନିକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବ। ଏହା ଚାଷୀଙ୍କଠାରୁ ରପ୍ତାନିକାରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସିଧାସଳଖ ଲାଭ ଦେବ। ସେହିପରି ଜାତୀୟ ମଖାନା ବୋର୍ଡର ବୈଜ୍ଞାନିକ ଗବେଷଣା, ଉନ୍ନତ କୃଷି ପଦ୍ଧତି, ଆଧୁନିକ ଅମଳ ଏବଂ ପ୍ରକ୍ରିୟାକରଣ ପ୍ରଯୁକ୍ତିବିଦ୍ୟାକୁ ପ୍ରୋତ୍ସାହିତ କରିବ। ଏହା ମଖାନାର ଗୁଣବତ୍ତା ଉନ୍ନତ କରିବ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ଚାହିଦାକୁ ମଜଭୁତ କରିବ। ସରକାର ସମଗ୍ର ମଖାନା ମୂଲ୍ୟ ଶୃଙ୍ଖଳକୁ ମଜଭୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହାର ଅର୍ଥ ହେଉଛି ଚାଷୀଙ୍କଠାରୁ ପ୍ରକ୍ରିୟାକରଣ ୟୁନିଟ, ବ୍ରାଣ୍ଡିଂ, ବିପଣନ ଏବଂ ରପ୍ତାନି ପର୍ଯ୍ୟନ୍ତ ପ୍ରତ୍ୟେକ ଲିଙ୍କ୍‌କୁ ସମର୍ଥନ କରିବା। ଏହା ଚାଷୀଙ୍କ ପାଇଁ ଉତ୍ତମ ମୂଲ୍ୟ ସୁନିଶ୍ଚିତ କରିବ ଏବଂ ମଧ୍ୟସ୍ଥଙ୍କ ଉପରେ ନିର୍ଭରଶୀଳତା ହ୍ରାସ କରିବ।

# ଏସ୍‌ବିଆଇର ପ୍ରପର୍ଟି ଏକ୍ସପୋ-୨୦୨୫




ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଷ୍ଟେଟ୍ ବ୍ୟାଙ୍କ ଇଣ୍ଡିଆ(ଏସ୍‌ବିଆଇ)ର ଭୁବନେଶ୍ୱର ୟୁନିଟ୍-୧ ସ୍ଥିତ ମୁଖ୍ୟ ଶାଖାରେ ଏକ ଏସ୍‌ବିଆଇ ପ୍ରପର୍ଟି ଏକ୍ସପୋ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ୩୦ ଜଣ ବିଲ୍ଡର ନିଜର ହାଉସିଂ ପ୍ରୋଜେକ୍ଟ ସମ୍ପର୍କରେ ଉପସ୍ଥାପନ କରିଥିଲେ। ଏସବିଆଇ ଆଞ୍ଚଳିକ ମୁଖ୍ୟ କାର୍ଯ୍ୟାଳୟର ସିଜିଏମ୍ ଏ ଡି . ରତ୍ନ ଏବଂ ଏନଡବ୍ଲ୍ୟୁ-୧ର ଜିଏମ୍ ଡ.ବନ୍ଦନା ଅଗ୍ରୱାଲ, ଡିଜିଏମ୍ (ବି ଆଣ୍ଡ୍ ଓ) ପ୍ରଶାନ୍ତ କୁମାର ଏହି ଏକ୍ସପୋକୁ ଉଦ୍‌ଘାଟନ କରିଥିଲେ। ଏସ୍‌ବିଆଇ ସ୍ୱୀକୃତିପ୍ରାପ୍ତ ୧୮୦ରୁ ଅଧିକ ହାଉସିଂ ପ୍ରୋଜେକ୍ଟ ସମ୍ପର୍କରେ ତଥ୍ୟ ପ୍ରଦାନ କରାଯାଇଥିଲା।

ଧରିତ୍ରୀ 52 Years
ମନେରହିବେ
ଭୁବନେଶ୍ୱର, ସୋମବାର
୨୨ ଡିସେମ୍ବର, ୨୦୨୫

# ଅଭୁଲା ୨୦୨୫





ଧର୍ମେନ୍ଦ୍ର
୨୪ ନଭେମ୍ବର



ପୋପ୍ ଫ୍ରାନ୍ସିସ୍
୨୧ ଏପ୍ରିଲ୍

ବିଦାୟୀ ବର୍ଷ ୨୦୨୫ରେ ସଂସାରରୁ ବିଦାୟ ନେଇଛନ୍ତି ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ। ନିଜସ୍ୱ କୃତ୍ୟ, ପ୍ରତିଭା ଓ ମାନବତା ସେମାନଙ୍କୁ ଚିରକାଳ ସ୍ମରଣୀୟ କରି ରଖିବ। କଳା, ସଂସ୍କୃତି, ରାଜନୀତି, ଶିକ୍ଷା, ସାହିତ୍ୟ, ବିଜ୍ଞାନ, ମନୋରଞ୍ଜନ, କ୍ରୀଡ଼ା, ଶିଳ୍ପ ଓ ସମାଜସେବା ଭଳି ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ଉଲ୍ଲେଖନୀୟ ଅବଦାନ ଆଗାମୀ ପିଢ଼ି ପାଇଁ ଅମୂଲ୍ୟ ସମ୍ପଦ ହୋଇରହିବ। ସେମାନଙ୍କ ଅବଦାନ ଓ ସ୍ମୃତି ବିଭିନ୍ନ ବର୍ଗର ଲୋକଙ୍କୁ ସଦା ପ୍ରେରଣା ଯୋଗାଇବ।



ମନୋଜ କୁମାର
୪ ଏପ୍ରିଲ୍



ଉତ୍ତମ ମହାନ୍ତି
୨୭ ଫେବ୍ରୁଆରୀ



ଶିବୁ ସୋରେନ
୪ ଅଗଷ୍ଟ

ସତ୍ୟପାଲ୍ ମଲ୍ଲିକ
୫ ଅଗଷ୍ଟ

ଗୋବର୍ଦ୍ଧନ ଅସ୍ରାନି
୨୦ ଅକ୍ଟୋବର

ହ୍ୟୁମାନ୍ ସାଗର
୧୭ ନଭେମ୍ବର

ଜୁବୀନ୍ ଗର୍ଗ
୧୯ ସେପ୍ଟେମ୍ବର

ରମାକାନ୍ତ ରଥ
୧୬ ମାର୍ଚ୍ଚ



ଶେଫାଲୀ ଜରିୱାଲା
୨୭ ଜୁନ୍

ସୁଲକ୍ଷଣା ପଣ୍ଡିତ୍
୬ ନଭେମ୍ବର

ବାଲ୍ମୀକ୍ ଥାପର
୩୧ ମେ

ବିଜୟ ରୂପାନୀ
୧୨ ଜୁନ୍

ଶିବରାଜ ପାଟିଲ
୧୨ ଡିସେମ୍ବର

ଶରତ କୁମାର ସାହୁ
୨ ନଭେମ୍ବର



ଦେବେନ୍ଦ୍ର ପ୍ରଧାନ
୧୭ ମାର୍ଚ୍ଚ

ରାଜେନ୍ଦ୍ର ଢୋଲକିଆ
୮ ସେପ୍ଟେମ୍ବର

ଅନନ୍ତ ଦାସ
୯ ମାର୍ଚ୍ଚ

ନିରଞ୍ଜନ ରଥ
୧୯ ଜୁନ୍

ବିଜୟ କୁମାର ମାଲହୋତ୍ରା
୩୦ ସେପ୍ଟେମ୍ବର

ସତୀଶ ଶାହ
୨୫ ଅକ୍ଟୋବର



ପଙ୍କଜ ଧୀର
୧୫ ଅକ୍ଟୋବର

ହଲ୍କ ହୋଗାନ
୨୪ ଜୁଲାଇ

କେ. କସ୍ତୁରୀରଙ୍ଗନ୍
୨୫ ଏପ୍ରିଲ୍

ନବୀନ ଚାୱ୍ଲା
୧ ଫେବ୍ରୁଆରୀ

ମେଘନାଦ ଦେଶାଇ
୨୯ ଜୁଲାଇ

ଭି.ଏସ୍. ଅଚ୍ୟୁତାନନ୍ଦନ
୨୧ ଜୁଲାଇ



ଗିରିଜା ବ୍ୟାସ
୧ ମେ

ଅଚ୍ୟୁତ ପୋଦ୍ଦାର
୧୮ ଅଗଷ୍ଟ

ପ୍ରୀତୀଶ ନନ୍ଦୀ
୮ ଜାନୁଆରୀ

ଶ୍ରୀପ୍ରକାଶ ଜୟସ୍ୱାଲ
୨୮ ନଭେମ୍ବର

ରବର୍ଟ ରେଡ୍‌ଫୋର୍ଡ
୧୬ ସେପ୍ଟେମ୍ବର

ଜେମ୍ସ ଡି. ୱାଟସନ୍
୬ ନଭେମ୍ବର



ଧୀରଜ କୁମାର
୧୫ ଜୁଲାଇ

ଡି.ଡି. ଲପଙ୍ଗ
୧୨ ସେପ୍ଟେମ୍ବର

କୋଟା ଶ୍ରୀନିବାସ ରାଓ
୧୩ ଜୁଲାଇ

ରବି ନାୟକ
୧୪ ଅକ୍ଟୋବର

ରବୀନ୍ଦ୍ର ସାହୁ
୧୭ ଡିସେମ୍ବର

ପ୍ରିୟା ମରାଠେ
୩୧ ଅଗଷ୍ଟ



ଜର୍ଜ ତିର୍କୀ
୨୦ ସେପ୍ଟେମ୍ବର

ଦିବାକର ନାୟକ
୨୦ ଏପ୍ରିଲ୍

ବିଭୂତି ସିଂ ମର୍ଦ୍ଦରାଜ
୬ ଅଗଷ୍ଟ

ଦେବେନ୍ଦ୍ର ଶର୍ମା
୨୧ ମାର୍ଚ୍ଚ

ସଦନ ନାୟକ
୮ ଜାନୁଆରୀ

ଜରିନ୍ ଖାନ୍
୭ ନଭେମ୍ବର




କ୍ରିସ୍‌ମାସ ଓ ବଡ଼ଦିନ ପାଇଁ ଭୁବନେଶ୍ୱର ସତ୍ୟନଗରସ୍ଥିତ କାଥୋଲିକ୍ ଚର୍ଚ୍ଚ ଓ ୟୁନିଟ୍-୪ ୟୁନିୟନ ଚର୍ଚ୍ଚ ଆଲୋକମାଳାରେ ଝଲସୁଛି। (ଫଟୋ: ବିକାଶ ନାୟକ)

## ପିଏନ୍ କଲେଜ ୧୯୯୨ କମର୍ସ ବ୍ୟାଚ୍‌ର ବନ୍ଧୁମିଳନ

ଭୁବନେଶ୍ୱର,୨୧।୧୨ (ସୌମ୍ୟରଞ୍ଜନ ରାଉତ) – ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୨ କମର୍ସ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ଧଉଳି ପାହାଡସ୍ଥିତ ଧଉଳି ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ, ଜଟଣୀ ଓ ଖୋର୍ଦ୍ଧା ସହରରୁ ୫୨ଜଣ ବନ୍ଧୁ ଯୋଗଦେଇଥିଲେ। ଏହି ଅବସରରେ କେତେଜଣ ବନ୍ଧୁ ସଙ୍ଗୀତ ପରିବେଷଣ ଓ ଆଉ କେତେଜଣ ସାୟରି ପରିବେଷଣ କରିବା ସହ ପଢ଼ା ସମୟର ଅନୁଭୂତି ବଖାଣିଥିଲେ। ଆଗାମୀ ଦିନରେ ଅସହାୟ ପିଲାମାନଙ୍କୁ ପାଠ ପଢ଼ିବାରେ ସହଯୋଗ କରିବାକୁ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମକୁ ପ୍ରମୁଖ କାର୍ତ୍ତିକ, ଉମା, ବଟୁ, ରାଜୁ, ରାକେଶ ସଞ୍ଚାଳନ କରିଥିଲେ।

# କ୍ରିସ୍‌ମାସ ପାଇଁ ସଜେଇ ହେଉଛି ଚର୍ଚ୍ଚ

ଭୁବନେଶ୍ୱର,୨୧।୧୨(ସୌମ୍ୟରଞ୍ଜନ ରାଉତ)

ଆସନ୍ତା ୨୫ ତାରିଖ ଗୁରୁବାର ବଡ଼ଦିନ ବା କ୍ରିସ୍‌ମସ। ଭୁବନେଶ୍ୱରରେ ଥିବା କ୍ୟାଥୋଲିକ୍ ଓ ବାପଟିଷ୍ଟ ଚର୍ଚ୍ଚରେ ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଏକାଠି ହୋଇ ପ୍ରଭୁ ଯିଶୁଙ୍କ ଧରାବତରଣକୁ ସ୍ୱାଗତ କରିବେ। ଏବେଠୁ ପ୍ରଭୁ ଯୀଶୁଙ୍କ ଉପାସନା ପାଇଁ ରାଜଧାନୀରେ ରହୁଥିବା ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ମନରେ ଉତ୍କଣ୍ଠା ଓ ଉତ୍ସାହ ଦେଖାଦେଇଥିବାବେଳେ ବିଭିନ୍ନ ଚର୍ଚ୍ଚଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହେଲାଣି। ଆଲୋକମାଳା ଓ କ୍ରିସ୍‌ମାସ ଟ୍ରିରେ ଚର୍ଚ୍ଚ ସଜେଇ ହେଲାଣି। ଏଥିସହ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି



ଚର୍ଚ୍ଚଗୁଡିକରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଏନେଇ ୟୁନିଟ-୪ ଚର୍ଚ୍ଚର ସମ୍ପାଦକ ଡ. ମୁନ୍ନା ଜେଏମ୍ କୁହନ୍ତି, ଏହି ଦିନରେ ପ୍ରଭୁ ଯିଶୁ କ୍ରୁଶବିଦ୍ଧ ହୋଇଥିଲେ। ପୃଥିବୀରୁ ପାପ ନାଶନ ପାଇଁ ଯିଶୁ ବଳିଦାନ ଦେଇଥିଲେ। ଦିନଟିକୁ ସ୍ମରଣୀୟ କରିବା ପାଇଁ ଗୁଡ୍ ଫ୍ରାଇଡେ' ପାଳନ କରାଯାଏ। ଏଥିସହ ଚର୍ଚ୍ଚ ପକ୍ଷରୁ ଡିସେମ୍ବର ୭ରୁ ୟୁନିଟ୍-୪ ଚର୍ଚ୍ଚର ଥିବା ଶାଖାଗୁଡ଼ିକରେ ଯିଶୁଙ୍କୁ ସ୍ୱାଗତ ପାଇଁ ପ୍ରସ୍ତୁତି ହୋଇସାରିଛି ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ କ୍ରିସ୍‌ମାସ ପାଇଁ ରାଜଧାନୀର ବିଭିନ୍ନ ହାଟବଜାର, ମଲ୍ ଓ ଫୁଟ୍‌ପାଥ୍‌ରେ ପସରା ମେଲିଛି। କ୍ରିସ୍‌ମାସ୍ ଟ୍ରି, ସାଣ୍ଟାକ୍ଲଜ୍, ଟେଡି ସାଙ୍ଗକୁ ନାଲି ଟୋପି, ଜିଙ୍ଗଲ୍ ବେଲ୍, ପୋଷ୍ଟର, ବ୍ୟାନର୍, ବସ୍ତ୍ର ଆଦି ବିଭିନ୍ନ ସାମଗ୍ରୀ ବିକ୍ରି ହେଉଛି। ଏସବୁ କିଣାକିଣି କରିବାକୁ ମଧ୍ୟ ଏବେଠୁ ଲୋକଙ୍କ ମନରେ ଉତ୍ସାହ ଦେଖିବାକୁ ମିଳୁଛି।

## ଯୁଗଳ କିଶୋର ଓଡ଼ିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ ସଭାପତି

ଭୁବନେଶ୍ୱର,୨୧।୧୨(ସୌମ୍ୟରଞ୍ଜନ ରାଉତ)

ଓଡିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ ନିର୍ବାଚନ ରବିବାର କଟକ ତଳ ତେଲେଙ୍ଗା ପେଣ୍ଠସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ଭାବେ ଯୁଗଳ କିଶୋର ଦେବତା, ଉପ ସଭାପତି ଭାବେ ଅଜୟ ରାଉତରାୟ, ସମ୍ପାଦକ ରଞ୍ଜିତ କୁମାର ରାଉତ, ଯୁଗ୍ମ ସମ୍ପାଦକ ସମରେଶ ରାଉତରାୟ, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଅଜୟ କୁମାର ମହାନ୍ତି, ପ୍ରଣୟ ଜେଠୀ, ରମେଶ ବାରିକ, ତପନ ଦାସ, କେ ତମନା, ଲିଟୁ ମହାନ୍ତି, କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାକୁ ବ୍ରଜ କିଶୋର ପ୍ରଧାନ, ଝୁବୁଲି ସୁନ୍ଦରାୟ, ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପ୍ରମୁଖ ପରିଚାଳନା କରିଥିଲେ।




ଓଡ଼ିଶା ପ୍ରଯୋଜକ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ।

## ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତି ନିମନ୍ତେ କ୍ରୀଡ଼ା ଜୀବନର ଅବିଚ୍ଛେଦ୍ୟ ଅଙ୍ଗ



କ୍ରୀଡା ସମାରୋହରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ନୟାପଲ୍ଲୀସ୍ଥିତ କସ୍ତୁରବା ଶିକ୍ଷାଶ୍ରମ ଶିଶୁ ବିଦ୍ୟାମନ୍ଦିରରେ ଶନିବାର ୩୮ତମ ବାର୍ଷିକ କ୍ରୀଡା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କର୍ପୋରେଟର ବନ୍ଦିତା ପାଲ୍ ଯୋଗଦେଇ ପୂର୍ଣ୍ଣାଙ୍ଗ ଶିକ୍ଷାପ୍ରାପ୍ତି ନିମନ୍ତେ କ୍ରୀଡ଼ା ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅର୍ଜୁନ ବେହେରା, ପରିଚାଳନା ସମିତିର ସମ୍ପାଦକ ମନୋରଞ୍ଜନ ବେହେରା, କୋଷାଧ୍ୟକ୍ଷ ଅଜିତ୍ ବେହେରା, ଉପସଭାପତି ମହେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଧାନ ଆଚାର୍ଯ୍ୟ ଜ୍ୟୋସ୍ନାରାଣୀ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସହ ପ୍ରଧାନ ଆଚାର୍ଯ୍ୟ ପ୍ରଭାତ କୁମାର ପଣ୍ଡା ସଭାକାର୍ଯ୍ୟ ପରିଚାଳନା ଓ କ୍ରୀଡ଼ା ପ୍ରମୁଖ ଅଜୟ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ସହରାଞ୍ଚଳରେ ମା' ମଙ୍ଗଳା ଢେଙ୍କାନାଳ ଦଳ ଚାମ୍ପିୟନ୍

ବାରଙ୍ଗ,୨୧।୧୨(ଲିଙ୍ଗରାଜ ରାଉତ)

### ସର୍ବଭାରତୀୟ ଗଣ୍ଡରପୁର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

### ଗ୍ରାମାଞ୍ଚଳରେ ତଣ୍ଡିକଣା, ଗୋଠପୁର ଚାମ୍ପିୟନ୍

ବାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ଟି ଦଳ ୩ଟି ଫାଇନାଲ ମ୍ୟାଚ୍ ଖେଳିଥିଲେ। ସହରାଞ୍ଚଳରେ ମା' ମଙ୍ଗଳା ଢେଙ୍କାନାଳ ଦଳ ୨/୦ ଗୋଲରେ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏଥିରେ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିବା ଦିଲୀପ ଦେହୁରୀଙ୍କୁ ପଲ୍‌ସର ଗାଡ଼ି ପ୍ରଦାନ କରାଯାଇଥିଲା।

ସେହିପରି ଗ୍ରାମାଞ୍ଚଳ ଏ ବିଭାଗରେ ମା' ମଙ୍ଗଳା ଗୋଠପୁର ୫/୪ ଟାଇବ୍ରେକର ଗୋଲ ଜରିଆରେ ପ୍ରତାପ କ୍ଲବ ପ୍ରତାପନଗରୀକୁ ପରାସ୍ତ କରିଥିଲା। ଏଥିରେ ଅଜିତ ରାଉତ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ତାଙ୍କୁ ଏକ ପଲ୍‌ସର ଗାଡ଼ି ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳ 'ବି' ବିଭାଗରେ ତଣ୍ଡିକଣାର କୃଷକ ବନ୍ଧୁ କ୍ଲବ ୧/୦ ଗୋଲରେ ବାରଙ୍ଗ ବାୟାର ଦଳକୁ ପରାସ୍ତ କରିଥିଲା। ଏଥିରେ ତଣ୍ଡିକଣାର ରାଜା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ତାଙ୍କୁ ଏକ ଇଲେକ୍ଟ୍ରିକ୍ ବାଇକ୍ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଭାଜପା ବରିଷ୍ଠ ନେତା ଗୋଲକ ପ୍ରସାଦ ମହାପାତ୍ର, ପୂର୍ବତନ ମତ୍ସ୍ୟ ନିଗମ ଅଧକ୍ଷ ସୁବାସ ଚନ୍ଦ୍ର ପାତ୍ର, ଦୌଡ଼ରାଣୀ ଦୂତୀ ଚାନ୍ଦ, ଗାନ୍ଧୀବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ, ସନ୍ତୋଷ ନାଥ, ପିଙ୍କି ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସହରାଞ୍ଚଳର ମା' ମଙ୍ଗଳା ଢେଙ୍କାନାଳ ଚାମ୍ପିୟନ ଦଳଙ୍କୁ ୭୫ ହଜାର ଟଙ୍କା, ରନର୍ସ ଅପ୍ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ସେହିପରି ଗ୍ରାମାଞ୍ଚଳ 'ଏ'ରେ ମା' ମଙ୍ଗଳା ଗୋଠପୁର ଚାମ୍ପିୟନ ଦଳକୁ ୧ ଲକ୍ଷ ଟଙ୍କା ଏବଂ ରନର୍ସ ଅପ୍ ପ୍ରତାପ କ୍ଲବ ପ୍ରତାପନଗରୀକୁ ୭୫ ହଜାର ଟଙ୍କା, ଗ୍ରାମାଞ୍ଚଳ 'ବି' ଚାମ୍ପିୟନ କୃଷକ ବନ୍ଧୁ କ୍ଲବ ତଣ୍ଡିକଣାକୁ ୪୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ବାରଙ୍ଗ ବେୟାର ଦଳକୁ ୩୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଆୟୋଜକ ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟ୍ସ କ୍ଲବର ସଦସ୍ୟମାନଙ୍କ ସମେତ ଗ୍ରାମ କମିଟିର ମୁଖ୍ୟମାନେ ଖେଳକୁ ୭ଦିନ ଧରି ସୁଚାରୁ ରୂପେ ପରିଚାଳନା କରିଥିଲେ।

## 'ଛାତ୍ରୀଛାତ୍ର ମାନବିକତାର ପୂଜାରୀ ହୁଅନ୍ତୁ'

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

### ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୩୩ତମ ବାର୍ଷିକ ଉତ୍ସବ

ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜେଶ ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର ଆନାଟୋମି ବିଭାଗ ପ୍ରଫେସର ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସେ ରାଷ୍ଟ୍ରୀୟ ଶିକ୍ଷାନୀତିର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଲଳିତ କୁମାର ଲେଙ୍କା ଯୋଗଦେଇ ଆଜିର ସମାଜରେ ପୁରାଣର ଆଦର୍ଶ ଚରିତ୍ରମାନଙ୍କର ଗୁଣାବଳୀର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରବିବାର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ମହାପ୍ରବନ୍ଧକ କବି ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନବିକତାର ପୂଜାରୀ ସାଜିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ଡ. ଅନିଲ କୁମାର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟ ପର୍ଯ୍ୟାୟ ପ୍ରମୁଖ ଉଲ୍ଲାସ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

## ଏନ୍‌ଡିଆର୍‌ଏଫ୍‌ରେ ବିଶ୍ୱ ଧ୍ୟାନ ଦିବସ ପାଳିତ

ବାରଙ୍ଗ,୨୧।୧୨(ଲିଙ୍ଗରାଜ ରାଉତ)

ମୁଣ୍ଡଳୀସ୍ଥିତ ଏନ୍‌ଡିଆରଏଫ୍‌ର ୩ୟ ବାହିନୀ ପରିସରରେ ରବିବାର ବିଶ୍ୱ ଧ୍ୟାନ ଦିବସ ପାଳିତ ହୋଇଯାଇଛି। ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଆୟୋଜିତ ଏହି ଧ୍ୟାନ ଦିବସରେ ଯବାନମାନେ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଭୋଳାନାଥ ଜେନା କାର୍ଯ୍ୟକ୍ରମରେ ମଞ୍ଚ ପରିଚାଳନା କରିଥିଲେ। ଏନ୍‌ଡିଆରଏଫ୍‌ର ସେକେଣ୍ଡ ଇନ୍ କମାଣ୍ଡ ଧନଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଧ୍ୟାନ ଦିବସରେ ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହାନ୍ ଏବଂ ଜେ. ଆଦିତ୍ୟ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ଯବାନମାନେ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ରହିଥାନ୍ତି। ତେବେ ସେମାନଙ୍କ ମାନସିକ ଶାନ୍ତି ଓ ଦୈନନ୍ଦିନ ଜୀବନରେ ଆଗାମୀ ଚ୍ୟାଲେଞ୍ଜର ମୁକାବିଲା କରିବା ପାଇଁ ଅଧିକ ଶକ୍ତି ଏବଂ ଉର୍ଜାବାନ୍ ହେବାର ମୂଳମନ୍ତ୍ର ଧ୍ୟାନ ଦ୍ୱାରା ସମ୍ଭବ ହୋଇପାରିବ ବୋଲି ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।



ଚିନ୍ତାମଣିଶ୍ୱର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୪୫ତମ ବାର୍ଷିକ ଉତ୍ସବରେ ବିଧାୟକ ବାବୁ ସିଂ, କର୍ପୋରେଟର ଅମରେଶ ଜେନାଙ୍କ ସହ ଅନ୍ୟ ଅତିଥିମାନେ।

# ପାଳୁଅ ଲଡୁ ଖାଇ ସଙ୍ଗୀତରେ ଝୁମିଲେ

ଭୁବନେଶ୍ୱର,୨୧।୧୨(ସୌମ୍ୟରଞ୍ଜନ ରାଉତ)

### ପାଳୁଅ ଲଡୁ ଦିବସ, ଇଟିକିଲି ମିଟିକିଲି ସଙ୍ଗୀତ ସୁରଭି

ସଙ୍ଗୀତ କେବଳ ବଡ଼ମାନଙ୍କୁ ଆନନ୍ଦ ଦିଏ ନାହିଁ, ସାନମାନଙ୍କୁ ମଧ୍ୟ ବେଶ୍ ଖୁସି ଦିଏ। ପୁଣି ବଡ଼ମାନଙ୍କ ଅପେକ୍ଷା ସାନ ପିଲାଟିଏ ଯେତେବେଳେ ମଞ୍ଚରେ ସଙ୍ଗୀତ ପରିବେଷଣ କରେ, ତାହା ଶ୍ରୋତାମାନଙ୍କୁ ଅଧିକ ଆକର୍ଷଣ କରେ ବୋଲି ରବିବାର ସୂଚନା ଭବନଠାରେ ଇଟିକିଲି ମିଟିକିଲି ପକ୍ଷରୁ ଆୟୋଜିତ ପାଳୁଅ ଲଡୁ ଦିବସ ଓ ଇଟିକିଲି ମିଟିକିଲି ସଙ୍ଗୀତ ସୁରଭି' କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଓ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର, ସମାଜିକ କର୍ମୀ ପ୍ରଦ୍ୟୁମ୍ନ ଶତପଥୀ, ଭାଜପା ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ଜିଲାର ସ୍ୱତନ୍ତ୍ର ମିଷ୍ଟାନ୍ନ ପାଳୁଅ ଲଡୁର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ପରେ ଉପସ୍ଥିତ ସମସ୍ତ ଦର୍ଶକ ଓ ଶିଳ୍ପୀମାନଙ୍କୁ ପାଳୁଅ




ଅତିଥିଙ୍କ ଗହଣରେ ପୁରସ୍କୃତ, ସମ୍ବର୍ଦ୍ଧିତ କଣ୍ଠଶିଳ୍ପୀ ଓ ବ୍ୟକ୍ତିତ୍ୱମାନେ।

ଲଡୁ ବଣ୍ଟନ କରାଯାଇଥିଲା। ଶିଶୁ କଣ୍ଠଶିଳ୍ପୀମାନେ ପାଳୁଅ ଲଡୁ ଖାଇ ଗୀତ ଗାଇ ଅତିଥି ଓ ଦର୍ଶକଙ୍କୁ ଝୁମାଇଥିଲେ। ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ଓ ସମ୍ମାନ ପ୍ରଦାନ ଉତ୍ସବରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ଓଡ଼ିଶା ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂହ, ରୟାଲ କଲେଜ ଚେୟାରମ୍ୟାନ ବିଷ୍ଣୁମୋହନ ମହାରି ଓ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସାଧାରଣ ପରିଚାଳକ ସୁଧୀ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଶିଶୁପ୍ରତିଭାଙ୍କୁ ପୁରସ୍କୃତ କରିବା ସହ ସଙ୍ଗୀତ ସୁରଭିରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଶୁ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟ କରିଥିବାବେଳେ ଚଳିତବର୍ଷ ପାଇଁ କିଶୋରୀ କଣ୍ଠଶିଳ୍ପୀ ଶ୍ୱାଶତୀ ନାରାୟଣୀ ଆଚାର୍ଯ୍ୟଙ୍କୁ 'ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ, ଦିବଂଗତ ନୀହାରିକା ସ୍ୱାଇଁ ଓ ପ୍ରଫେସର କାହ୍ନୁଚରଣ ସ୍ୱାଇଁଙ୍କୁ 'ଇଟିକିଲି ମିଟିକିଲି ଜେଜେମାଆ-ଜେଜେବାପା ସମ୍ମାନ' ଓ ଭଦ୍ରକର ପାଳୁଅଲଡୁ ପ୍ରସ୍ତୁତକର୍ତ୍ତା ଜ୍ୟୋତିର୍ମୟ ସାହୁଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଚିବ ଧନ୍ୟବାଦ ଦେଇଥିଲେ।

## ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ: ମାର୍ଚ୍ଚରେ ପାଳନ ହେବ ହୀରକ ଜୟନ୍ତୀ

ବେଗୁନିଆ,୨୧।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଇତି ମଧ୍ୟରେ ୬୦ବର୍ଷ ପୂରଣ ହୋଇଛି। ଏହି ବିଦ୍ୟାଳୟର ହୀରକ ଜୟନ୍ତୀ ପାଳନ ନେଇ ବିଦ୍ୟାଳୟର ସଭାଗୃହରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୨୦ରୁ ଊର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ସମ୍ପାଦକ ଉପେନ୍ଦ୍ର ଦାଶ, କୋଷାଧ୍ୟକ୍ଷ ପ୍ରଭାତ ପଣ୍ଡା ଏବଂ ସହସମ୍ପାଦକ ନାରାୟଣ ମାନସିଂହ ଯୋଗଦେଇଥିଲେ। ଆସନ୍ତା ମାର୍ଚ୍ଚରେ ହୀରକ ଜୟନ୍ତୀ ପାଳନ କରିବା ପାଇଁ ନିଷ୍ପତ୍ତି ହୋଇଛି। ଖୁବ୍‌ଶୀଘ୍ର ତାରିଖ ଧାର୍ଯ୍ୟ କରାଯିବ ବୋଲି ସଭାପତି ମିଶ୍ର କହିଛନ୍ତି। ବୈଠକରେ ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ସବିତା ମହାପାତ୍ର, ବଂଶୀଧର ପାଣିଗ୍ରାହୀ, ରସାନନ୍ଦ ସାମନ୍ତରାୟ, ଚିତ୍ତରଞ୍ଜନ ପାଣିଗ୍ରାହୀ, ଶ୍ରୀବତ୍ସ ପାଣିଗ୍ରାହୀ, ମାନସ ରଞ୍ଜନ ଦାଶ, ସନ୍ତୋଷ ମିଶ୍ର, ଦିଲୀପ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ହୁକ୍କାବାର୍ ନାଁରେ ଚାଲିଛି ଡ୍ରଗ୍ସ, ମଦ ସେବନ

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)

- ଟି' ଷ୍ଟଲ୍,କାଫେ ନାଁରେ ଚାଲିଛି କାରବାର
- ଆଇନର ଗଳାବାଟର ଫାଇଦା ନେଉଛନ୍ତି ମାଲିକ
- କୋଟ୍‌ପା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି: ଅବକାରୀ ବିଭାଗ

ଆଗକୁ ନୂଆ ବର୍ଷ ଆସୁଥିବାରୁ ଜିରୋ ନାଇଟ୍‌କୁ ଲକ୍ଷ୍ୟ କରି ମାଲିକମାନେ ଛତୁଫୁଟିଲା ପରି ହୁକ୍କାବାର ଖୋଲୁଛନ୍ତି। ଟି' ଷ୍ଟଲ ଏବଂ କାଫେ ନାଁରେ ଅବାଧ ଭାବେ ଚାଲିଛି ଏହି କାରବାର। କୋଟ୍‌ପା ଆଇନ୍ ଅନୁସାରେ ଜନଗହଳି ସ୍ଥାନରେ ହୁକ୍କା ଏବଂ ସିଗାରେଟ୍ ଟାଣିଲେ ୨ଶହଟଙ୍କା ଜରିମାନା ନିଆଯାଉଛି। କିନ୍ତୁ ଘର ଭିତରେ ହୁକ୍କା ଟଣା ଯିବାକୁ ରୋକିବାକୁ ଆଇନରେ ସେଭଳି କିଛି ବ୍ୟବସ୍ଥା ନ ଥିବାରୁ ଅବକାରୀ ବିଭାଗ କିଛି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହିଁ। ଫଳରେ ହୁକ୍କା ବାର୍ ମାଲିକମାନେ ବାରରେ ଡ୍ରଗ୍ସ ଏବଂ ମଦ କାରବାର ବେଧଡ଼କ ଚାଲିଛି। ବିଭିନ୍ନ ଫ୍ଲେଭର ବଦଳରେ ସେମାନେ ଡ୍ରଗ୍ସ ମିଶାଇ ସେବନ କରିବାକୁ ଦେଉଛନ୍ତି। ଯେଉଁଥିପାଇଁ ଗ୍ରାହକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଶାରେ ଝୁମୁଛନ୍ତି। କେବଳ ଡ୍ରଗ୍ସ ନୁହେଁ ହୁକ୍କାବାରରେ ମଦ କାରବାର ମଧ୍ୟ ଚାଲିଛି। ସବୁ କିଛି ଅବକାରୀ ବିଭାଗ ଏବଂ ପୋଲିସ ଜାଣିଥିଲେ ବି କିଛିବି କାର୍ଯ୍ୟାନୁଷ୍ଠାନ ନେଇପାରୁନାହାନ୍ତି। ଯେଉଁଥିପାଇଁ ନିଶାରେ ମତୁଆଲା ହେଉଛନ୍ତି ଯୁବପିଢ଼ି। ବାହାରେ କାଫେ ଏବଂ ଷ୍ଟଲ୍ ଲେଖା ହୋଇଥିବାବେଳେ ଭିତରେ କିନ୍ତୁ ଚାଲିଛି ଦୋନମ୍ବରି କାମ। କାଫେ ଏବଂ ଟି' ଷ୍ଟଲ ନାଁରେ ଯୁବପିଢ଼ିଙ୍କୁ ପରସା ଯାଉଛି ନିକୋଟିନ ଯୁକ୍ତ ହୁକ୍କା।

ଡ୍ରଗ୍ସ ମିଶାଇବା ପରେ ହାଲୁକା ନିଶାରେ ଝୁମୁଛନ୍ତି ଲୋକେ। ଲାଇଫ୍ ଷ୍ଟାଇଲ ସୋ-ଅପ୍ ଭାବନାରେ ଜୀବନ ନଷ୍ଟ କରିବାକୁ ବି ପଛାଉନାହାନ୍ତି ଯୁବପିଢ଼ି। ଏହି ହୁକ୍କା ପାଇଁ ନା ଅଛି ବିଧିବଦ୍ଧ ଲାଇସେନ୍ସ ନା ପୋଲିସ ଓ ଅବକାରୀ ବିଭାଗର ଭୟ। ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ ଖୋଲାଖୋଲି ହୁକାବାରରେ ଡ୍ରଗ୍ସ ଏବଂ ମଦ କାରବାର ଚଳାଇଛନ୍ତି। ରାଜଧାନୀରେ କେତେ ହୁକ୍କାବାର ରହିଛି ସେନେଇ ଅବକାରୀ ବିଭାଗ କିମ୍ବା ପୋଲିସ ପାଖରେ କିଛିବି ଖବର ନାହିଁ। ସନ୍ଧ୍ୟା ୭ଟା ହେବା ମାତ୍ରେ ହୁକ୍କାବାର୍‌ରେ କେବଳ ବିଭିନ୍ନ ଫ୍ଲେଭର ହୁକା ଦିଆଯିବ। ହେଲେ ରାତି ୧୦ ଟା ପାର ହେବା ପରେ ଏହି ହୁକ୍କା ଭିତରେ ଡ୍ରଗ୍ସ ଭର୍ତ୍ତି କରି ଦେଉଛନ୍ତି। ଗୋଟିଏ ହୁକ୍କାର ଦାମ୍ ମାଲିକମାନେ ପାଟିରୁ ବାହାରୁଥିବା ମୂଲ୍ୟ ଅନୁସାରେ ନେଉଛନ୍ତି। ଗୋଟିଏ ହୁକ୍କାକୁ ସେମାନେ ୩ ହଜାରରୁ ଅଧିକ ଟଙ୍କା ନେଉଛନ୍ତି। କିଛିଦିନ ହେବ ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ଧରପଗଡ଼ ଆରମ୍ଭ ହୋଇଛି। ସୋମବାର ଚଢ଼ାଉବେଳେ ଶହୀଦନଗର ଭବାନୀ ମଲ୍‌ରେ ଥିବା ଚାଏ କାଫେକୁ ସିଲ୍ କରିଛି ଶହୀଦନଗର ପୋଲିସ। ସେହିଭଳି ଦୁଇ ଦିନ ତଳେ ମଧ୍ୟ ରାଜଧାନୀର ବିଭିନ୍ନ ବାରରେ ରେଡ୍ କରିଥିଲା ଅବକାରୀ ବିଭାଗ। ତେବେ ପଟିଆ ଅଞ୍ଚଳରେ କିଛି ବାର୍ ଉପରେ ଚଢାଉ ବେଳେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ କିଛି ଦୁର୍ବୃତ୍ତ। ଏନେଇ ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ କହିବା ଅନୁସାରେ, ହୁକ୍କା ପାଇଁ ସେଭଳି କିଛି ଆଇନ୍ ବା ନିୟମ ନାହିଁ। କେବଳ କୋଟପା ଆଇନ୍ ଅନୁସାରେ ଶିକ୍ଷାନୁଷ୍ଠାନ ଏବଂ ଜନଗହଳି ସ୍ଥାନରେ ଧୂମ୍ରପାନ କିମ୍ବା ହୁକା ସେବନ କଲେ ୨ଶହ ଟଙ୍କା ଜରିମାନା କରାଯିବ। ହୁକ୍କାବାର ଘର ଭିତରେ କରାଯାଉଥିବାରୁ ଆଇନ୍ ଅନୁସାରେ କିଛିବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯେଉଁଠି ହୁକ୍କା ବାରରେ ଡ୍ରଗ୍ସ ଏବଂ ମଦ କାରବାର ହେଉଥିବା ନେଇ ଖବର ଆସୁଛି, ସେଠାରେ ଚଢ଼ାଉ କରାଯାଉଛି ବୋଲି ପଟେଲ କହିଛନ୍ତି।

## ମୁଦ୍ରଣ ଗଣମାଧ୍ୟମର ବିକଳ୍ପ ନାହିଁ



ଉତ୍ସବରେ ମଞ୍ଚାସୀନ ଅତିଥି।

ଭୁବନେଶ୍ୱର,୨୧।୧୨ (ସୌମ୍ୟରଞ୍ଜନ ରାଉତ)

ପ୍ରଯୁକ୍ତି ବିଦ୍ୟା ଲାଗି ଆଜି ବୈଦ୍ୟୁତିକ ଗଣମାଧ୍ୟମ ଯଦିଓ ଲୋକଙ୍କ ନିକଟରେ କମ୍ ସମୟ ମଧ୍ୟରେ ପହଞ୍ଚି ପାରୁଛି ତଥାପି ମୁଦ୍ରିତ ଗଣମାଧ୍ୟମର ବିକଳ୍ପ ନାହିଁ। କାରଣ ଆଜିର ପ୍ରିଣ୍ଟ କାଲିର ହିଷ୍ଟ୍ରି। କେବଳ ନିରପେକ୍ଷତା ଓ ସତ୍ୟ ଉପରେ ଆଧାରିତ ଗଣମାଧ୍ୟମ ତିଷ୍ଠିବା ସମ୍ଭବ ବୋଲି ଇପିଏ ଉଇକ୍ଲିର ୨୮ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ରବିବାର ଅଶୋକନଗରସ୍ଥିତ ଇପିଏ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଅନୁଷ୍ଠାନର ସହଯୋଗୀ ବରିଷ୍ଠ ଖବରଦାତା ଦୁଲାଲ ମିଶ୍ର, ବିରୁ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବାର୍ତ୍ତା ସମ୍ପାଦକ ମୁରଲୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ସମ୍ପାଦିକା ଅଞ୍ଜଳି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଇପିଏ ପରିଚାଳନା ସଂସ୍ଥାର ଅଧ୍ୟକ୍ଷ ବିଶ୍ୱନାଥ ପତି ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମ୍ପାଦକ ଲଳିତ ଦାଶ ଅତିଥି ପରିଚୟ ଓ ଡ. ଅନୁରାଗ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଯୁଗଳ କିଶୋର ଓଡ଼ିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ ସଭାପତି

ଭୁବନେଶ୍ୱର,୨୧।୧୨(ସୌମ୍ୟରଞ୍ଜନ ରାଉତ)

ଓଡିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ ନିର୍ବାଚନ ରବିବାର କଟକ ତଳ ତେଲେଙ୍ଗା ପେଣ୍ଠସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ଭାବେ ଯୁଗଳ କିଶୋର ଦେବତା, ଉପ ସଭାପତି ଭାବେ ଅଜୟ ରାଉତରାୟ, ସମ୍ପାଦକ ରଞ୍ଜିତ କୁମାର ରାଉତ, ଯୁଗ୍ମ ସମ୍ପାଦକ ସମରେଶ ରାଉତରାୟ, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଅଜୟ କୁମାର ମହାନ୍ତି, ପ୍ରଣୟ ଜେଠୀ, ରମେଶ ବାରିକ, ତପନ ଦାସ, କେ ତମନା, ଲିଟୁ ମହାନ୍ତି, କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାକୁ ବ୍ରଜ କିଶୋର ପ୍ରଧାନ, ଲୁବୁଲି ସୁନ୍ଦରାୟ, ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପ୍ରମୁଖ ପରିଚାଳନା କରିଥିଲେ।

## ପିଏନ୍ କଲେଜ ୧୯୯୨ କମର୍ସ ବ୍ୟାଚ୍‌ର ବନ୍ଧୁମିଳନ

ଭୁବନେଶ୍ୱର,୨୧।୧୨ (ସୌମ୍ୟରଞ୍ଜନ ରାଉତ)

ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ୧୯୯୨ କମର୍ସ ବ୍ୟାଚ୍‌ର ବନ୍ଧୁମିଳନ ରବିବାର ଧଉଳି ପାହାଡ଼ସ୍ଥିତ ଧଉଳି ଗାର୍ଡେନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱର, କଟକ, ଜଟଣୀ ଓ ଖୋର୍ଦ୍ଧା ସହରରୁ ୫୨ଜଣ ବନ୍ଧୁ ଯୋଗଦେଇଥିଲେ। ଏହି ଅବସରରେ କେତେଜଣ ବନ୍ଧୁ ସଙ୍ଗୀତ ପରିବେଷଣ ଓ ଆଉ କେତେଜଣ ସାୟରି ପରିବେଷଣ କରିବା ସହ ପଢ଼ା ସମୟର ଅନୁଭୂତି ବଖାଣିଥିଲେ। ଆଗାମୀ ଦିନରେ ଅସହାୟ ପିଲାମାନଙ୍କୁ ପାଠ ପଢ଼ିବାରେ ସହଯୋଗ କରିବାକୁସମସ୍ତେ ପ୍ରତିଶ୍ରୁତିବଦ୍ଧ ହୋଇଥିଲେ। କାର୍ଯ୍ୟକ୍ରମକୁ ପ୍ରମୁଖ କାର୍ତ୍ତିକ, ଉମା, ବଟୁ, ରାଜୁ, ରାକେଶ ସଞ୍ଚାଳନ କରିଥିଲେ।


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ପିଏନ୍ କଲେଜର ପୁରାତନ ଛାତ୍ର।

# ପାଳୁଅ ଲଡୁ ଖାଇ ସଙ୍ଗୀତରେ ଝୁମିଲେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ପିଲାମାନେ।

ଭୁବନେଶ୍ୱର,୨୧।୧୨(ସୌମ୍ୟରଞ୍ଜନ ରାଉତ)

### ପାଳୁଅ ଲଡୁ ଦିବସ, ଇଟିକିଲି ମିଟିକିଲି ସଙ୍ଗୀତ ସୁରଭି

ସଙ୍ଗୀତ କେବଳ ବଡ଼ମାନଙ୍କୁ ଆନନ୍ଦ ଦିଏ ନାହିଁ, ସାନମାନଙ୍କୁ ମଧ୍ୟ ବେଶ୍ ଖୁସି ଦିଏ। ପୁଣି ବଡ଼ମାନଙ୍କ ଅପେକ୍ଷା ସାନ ପିଲାଟିଏ ଯେତେବେଳେ ମଞ୍ଚରେ ସଙ୍ଗୀତ ପରିବେଷଣ କରେ, ତାହା ଶ୍ରୋତାମାନଙ୍କୁ ଅଧିକ ଆକର୍ଷଣ କରେ ବୋଲି ରବିବାର ସୂଚନା ଭବନଠାରେ ଇଟିକିଲି ମିଟିକିଲି ପକ୍ଷରୁ ଆୟୋଜିତ ପାଳୁଅ ଲଡୁ ଦିବସ ଓ ଇଟିକିଲି ମିଟିକିଲି ସଙ୍ଗୀତ ସୁରଭି' କାର୍ଯ୍ୟକ୍ରମରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ ଓ ଅର୍ଥନୀତିଜ୍ଞ ରାଜୀବ ଶେଖର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏକାମ୍ର ବିଧାୟକ ବାବୁ ସିଂ, ଭଦ୍ରକ ବିଧାୟକ ସୀତାଂଶୁ ସେଖର ମହାପାତ୍ର, ସମାଜିକ କର୍ମୀ ପ୍ରଦ୍ୟୁମ୍ନ ଶତପଥୀ, ଭାଜପା ଭୁବନେଶ୍ୱର ଜିଲା ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଓଡ଼ିଶା ପ୍ରସିଦ୍ଧ ଭଦ୍ରକ ଜିଲାର ସ୍ୱତନ୍ତ୍ର ମିଷ୍ଟାନ୍ନ ପାଳୁଅ ଲଡୁର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ପରେ ଉପସ୍ଥିତ ସମସ୍ତ ଦର୍ଶକ ଓ ଶିଳ୍ପୀମାନଙ୍କୁ ପାଳୁଅ ଲଡୁ ବଣ୍ଟନ କରାଯାଇଥିଲା। ଶିଶୁ କଣ୍ଠଶିଳ୍ପୀମାନେ ପାଳୁଅ ଲଡୁ ଖାଇ ଗୀତ ଗାଇ ଅତିଥି ଓ ଦର୍ଶକଙ୍କୁ ଝୁମାଇଥିଲେ।

ଅନୁଷ୍ଠାନର ଉପସଭାପତି ଚିତ୍ତ ମହାପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ପୁରସ୍କାର ଓ ସମ୍ମାନ ପ୍ରଦାନ ଉତ୍ସବରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ବିଭାଗର ଅତିରିକ୍ତ ସଚିବ ଦୀପକ ରାଉତରାଏ, ଓଡ଼ିଶା ସାହିତ୍ୟ ଏକାଡେମୀ ସହସଚିବ ସଞ୍ଜୟ କୁମାର ଛୁଆଳସିଂହ, ରୟାଲ କଲେଜ ଚେୟାରମ୍ୟାନ ବିଷ୍ଣୁମୋହନ ମହାରି ଓ ଜିନ୍ଦଲ ଷ୍ଟେନ୍‌ଲେସ୍‌ର ସାଧାରଣ ପରିଚାଳକ ସୁଧୀ ରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଶିଶୁପ୍ରତିଭାଙ୍କୁ ପୁରସ୍କୃତ କରିବା ସହ ସଙ୍ଗୀତ ସୁରଭିରେ ଅଂଶଗ୍ରହଣ କରିଥିବା ସମସ୍ତ ଶିଶୁ କଣ୍ଠଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନୁଷ୍ଠାନର ସଭାପତି ଶରତ କୁମାର ଦାଶଙ୍କ ପୌରୋହିତ୍ୟ କରିଥିବାବେଳେ ଚଳିତବର୍ଷ ପାଇଁ କିଶୋରୀ କଣ୍ଠଶିଳ୍ପୀ ଶାଶ୍ୱତୀ ନାରାୟଣୀ ଆଚାର୍ଯ୍ୟଙ୍କୁ 'ଇଟିକିଲି ମିଟିକିଲି ସଙ୍ଗୀତଶ୍ରୀ ସମ୍ମାନ, ଦିବଂଗତ ନୀହାରିକା ସ୍ୱାଇଁ ଓ ପ୍ରଫେସର କାହ୍ନୁଚରଣ ସ୍ୱାଇଁଙ୍କୁ 'ଇଟିକିଲି ମିଟିକିଲି ଜେଜେମାଆ-ଜେଜେବାପା ସମ୍ମାନ' ଓ ଭଦ୍ରକର ପାଳୁଅଲଡୁ ପ୍ରସ୍ତୁତକର୍ତ୍ତା ଜ୍ୟୋତିର୍ମୟ ସାହୁଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମ୍ମାନ ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସଚିବ ଧନ୍ୟବାଦ ଦେଇଥିଲେ।

## ପାର୍କରେ ଯୁବତୀଙ୍କୁ ଅସଦାଚରଣ

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)

### ୨ ଅଭିଯୁକ୍ତ ଗିରଫ

ଆଇଜି ପାର୍କରେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୌରୀନଗରର ଆଶିଷ ନାୟକ ଏବଂ ରାକେଶ କୁମାର ଦାଶ। ବସନ୍ତ କୁମାର ସାମନ୍ତରାୟଙ୍କ ଲିଖିତ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଗତ ଶନିବାର ଅଭିଯୋଗକାରୀ ବସନ୍ତ ତାଙ୍କ ବାନ୍ଧବୀଙ୍କ ସହ ଆଇଜି ପାର୍କକୁ ବୁଲିବା ପାଇଁ ଯାଇଥିଲେ। ପାର୍କ ଭିତର ଏକ ବେଞ୍ଚରେ ସେମାନେ ବସିଥିଲେ। ସନ୍ଧ୍ୟା ସମୟ ହୋଇଥିବାରୁ କମ୍ ଲୋକ ଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଆଶିଷ ଓ ରାକେଶ ଅନ୍ୟ ଦୁଇ ସହଯୋଗୀ ରାଜା ଓରଫ ଜନ୍ମେଜୟ ମଲ୍ଲିକ ଏବଂ ରାଜେଶ ମଙ୍ଗରାଜ ସେମାନଙ୍କ ପାଖକୁ ଯାଇଥିଲେ। ରାଜା ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବାରୁ ବସନ୍ତ ଓ ତାଙ୍କ ବାନ୍ଧବୀ ପ୍ରତିବାଦ କରିଥିଲେ। ଏହାପରେ ଅଭିଯୁକ୍ତମାନେ ମିଳିତ ଭାବରେ ସେମାନଙ୍କୁ ଘେରିଯାଇ ଆକ୍ରମଣ କରିଥିଲେ। ଏଥିସହ ଯୁବତୀଙ୍କୁ ଟଣାଓଟରା ମଧ୍ୟ କରିଥିଲେ। ବସନ୍ତ ନିଜ ମୋବାଇଲ୍ ଫୋନ୍‌ରେ ଏହାର ଭିଡିଓ ଉତ୍ତୋଳନ କରିବାକୁ ଚେଷ୍ଟା କରୁଥିବାବେଳେ ଅଭିଯକ୍ତମାନେ ଛଡ଼ାଇ ନେଇ କ୍ୟାମେରା ଭାଙ୍ଗିଦେବା ସହ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ଏହି ସମୟରେ ପାର୍କର ଦୁଇଜଣ ସୁରକ୍ଷା କର୍ମଚାରୀ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲେ।

## ମା'ଜଟିଆଣୀ ମନ୍ଦିର ପରିସର ସଫେଇ କଲେ ପୁରାତନ ଛାତ୍ର




ଜଟଣୀ,୨୧।୧୨(ରବୀନ୍ଦ୍ରନାଥ ମହାକୁଡ଼)

ପରିବେଶର ସୁରକ୍ଷା ଏବଂ ସୁନ୍ଦର ପରିବେଶ ସୃଷ୍ଟି ଉଦ୍ଦେଶ୍ୟରେ ରବିବାର ଜଟଣୀ ପିଏନ୍ ଉଚ୍ଚ ବିଦ୍ୟାଳୟ ୧୯୯୫ ମସିହା ବ୍ୟାଚ୍‌ର ଛାତ୍ରମାନେ ଏକାଠି ହୋଇ ମା'ଜଟିଆଣୀ ମନ୍ଦିର ପରିସର ସଫେଇ କରିଥିଲେ। ବିଭିନ୍ନ ପ୍ଲାଷ୍ଟିକ, ଜରି, ବୋତଲ, ଖଲିପତ୍ର ଆଦି ସଫେଇ କରିବା ସହ ସୁସ୍ଥ ପରିବେଶ ସୁସ୍ଥ ଜୀବନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପରଲୋକଗତ ଛାତ୍ରଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୁରାତନ ଛାତ୍ର ବରିଷ୍ଠ ଖବରଦାତା ରାଧାମାଧବ ମିଶ୍ର, ସାମାଜିକ କର୍ମୀ ପ୍ରଶାନ୍ତ ମହାପାତ୍ର, ବଲବୀର ମାଝୀ, ଅଶୋକ ସାହୁ, ବରିଷ୍ଠ ଅଧିବକ୍ତା ଦିଲୀପ ମହାନ୍ତି, ବିଶିଷ୍ଟ ବ୍ୟବସାୟୀ ରାଧାରଞ୍ଜନ ଶତପଥୀ, ଶରତ ମାହାନା, ଅଧିବକ୍ତା ଉମାକାନ୍ତ ମହାପାତ୍ରଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଛାତ୍ର ଯୋଗଦେଇଥିଲେ। ପୁରାତନ ବିଦ୍ୟାର୍ଥୀଙ୍କ ପରିବେଶ ସୁରକ୍ଷା କାର୍ଯ୍ୟକୁ ସ୍ଥାନୀୟ ଗ୍ରାମବାସୀ ପ୍ରଶଂସା କରିଛନ୍ତି।

## ସୁଆଙ୍ଗ, ଭଗବାନପୁର ବିଜୟୀ

ଯାଁଳା,୨୧।୧୨(ବୁଲା ବାରିକ)

ରାଜଧାନୀ ଉପକଣ୍ଠ ଭଗବାନପୁର ସ୍ପୋର୍ଟ୍ସ ଆଣ୍ଡ କଲଚରାଲ ଆସୋସିଏଶନ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ରବିବାର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଦେଉଳଟାଙ୍ଗୀ ଏବଂ ଆୟୋଜକ ଭଗବାନପୁର କ୍ରିକେଟ ଟିମ୍ ମଧ୍ୟରେ ହୋଇଥିଲା। ଭଗବାନପୁର କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୯ ଉଇକେଟ ବିନିମୟରେ ୧୩୫ରନ ସଂଗ୍ରହ କରିଥିଲା। ଜବାବରେ ଦେଉଳଟାଙ୍ଗୀ ଟିମ୍ ମୋଟ୍ ୯୭ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଶୁଭମ ମହାନ୍ତି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସଞ୍ଜୟ କୁମାର ରାଉତ ଏବଂ ଆଦିତ୍ୟ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍ କାଇପଦର ଏବଂ ଓ ସୁଆଙ୍ଗ ଟିମ୍ ମଧ୍ୟରେ ହୋଇଥିଲା। ସୁଆଙ୍ଗ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୫ ଉଇକେଟ ବିନିମୟରେ ୧୯୧ରନ ସଂଗ୍ରହ କରିଥିଲା। ଜବାବରେ କାଇପଦର ଟିମ୍ ୧୩.୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୨୪ରନ ସଂଗ୍ରହ କରି ପରାଜିତ ହୋଇଥିଲା। ସୁଆଙ୍ଗ ଟିମର ଅମିତ୍ କୁମାର ବଡ଼ଜେନା ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସମ୍ମିତ ରଞ୍ଜନ ଦାସ ଏବଂ ଦିବ୍ୟଦର୍ଶୀ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ।

## 'ଛାତ୍ରୀଛାତ୍ର ମାନବିକତାର ପୂଜାରୀ ହୁଅନ୍ତୁ'

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

### ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ

ଭୀମଟାଙ୍ଗି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୩ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରାଜେଶ ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ମୁଖ୍ୟ ଅତିଥି ଭାବେ ଏମ୍‌ସ ଭୁବନେଶ୍ୱରର ଆନାଟୋମି ବିଭାଗ ପ୍ରଫେସର ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ ଯୋଗଦେଇଥିଲେ। ସେ ରାଷ୍ଟ୍ରୀୟ ଶିକ୍ଷାନୀତିର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିବା ସହ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ଡ. ଲଳିତ କୁମାର ଲେଙ୍କା ଯୋଗଦେଇ ଆଜିର ସମାଜରେ ପୁରାଣର ଆଦର୍ଶ ଚରିତ୍ରମାନଙ୍କର ଗୁଣାବଳୀର ପ୍ରାସଙ୍ଗିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ରବିବାର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ନାଲ୍‌କୋର ମହାପ୍ରବନ୍ଧକ କବି ଅରୁଣ କୁମାର ସାହୁ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ମାନବିକତାର ପୂଜାରୀ ସାଜିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଲେଖକ ଡ. ଅନିଲ କୁମାର ମିଶ୍ର ଯୋଗଦେଇଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

## ଜୀବକଲ୍ୟାଣ ପାଇଁ ଆୟୁର୍ବେଦର ବଳିଷ୍ଠ ଭୂମିକା ରହିଛି

ବୋଲଗଡ଼,୨୧।୧୨(ଦେବବ୍ରତ ହୋତା)

ବୋଲଗଡ଼ ମହୋତ୍ସବ କମିଟି ଆନୁକୂଲ୍ୟରେ ମାଗଣା ଆୟୁର୍ବେଦିକ ଚିକିତ୍ସା ଶିବିର ମହୋତ୍ସବ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଅଭିଜ୍ଞ ଓ ବରିଷ୍ଠ ଚିକିତ୍ସକମାନେ ଯୋଗଦେଇ ରୋଗୀଙ୍କୁ ନିଃଶୁଳ୍କ ଚିକିତ୍ସା ପରାମର୍ଶ ଦେବା ସହ ଔଷଧ ବିତରଣ କରିଥିଲେ। ଐତିହାସିକ ରବୀନ୍ଦ୍ର ପରିଡ଼ାଙ୍କ ସଂଯୋଜନାରେ ଆୟୋଜିତ ଏହି ଶିବିରକୁ ଭାଜପା ଯୁବନେତା ବାସୁଦେବ ସାହୁ ଉଦ୍‌ଘାଟନ କରି ଜୀବକଲ୍ୟାଣ ପାଇଁ ଆୟୁର୍ବେଦର ବଳିଷ୍ଠ ଭୂମିକା ରହିଛି ଏବଂ ଆୟୁର୍ବେଦିକ ଚିକିତ୍ସାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥିବାରୁ ଏହାର ଚିକିତ୍ସା ପଦ୍ଧତି ସୁଦୂର ପ୍ରସାରି ବୋଲି କହିଥିଲେ। ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁ, ସମିତିସଭ୍ୟା ନିର୍ମଳା ପ୍ରଧାନ, ମହୋତ୍ସବ କମିଟି ବରିଷ୍ଠ ଉପଦେଷ୍ଟା ପ୍ୟାରୀମୋହନ ଦାସ, ଲଲାଟେନ୍ଦୁ କେଶରୀ ସିଂ, ସନାତନ ପାଟଶାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଆସ୍କା, ବ୍ରହ୍ମପୁର, ଭୁବନେଶ୍ୱର ଓ କଟକ ଚିକିତ୍ସାଳୟରୁ ଆୟୁର୍ବେଦ ଡାକ୍ତର ରମେଶ ଚନ୍ଦ୍ର ଦାଶ, ଅତୁଲ୍ୟ ପଟ୍ଟନାୟକ, ପ୍ରଭାତ ଚନ୍ଦ୍ର ପଣ୍ଡା, ସତ୍ୟନାରାୟଣ ପଟ୍ଟନାୟକ, ଶରତ ରାଉତ, ରମେଶ ଶର୍ମା, ପ୍ରଭାକର ଆଚାର୍ଯ୍ୟ, ବଜେନ୍ଦ୍ର ପାତ୍ର, ପ୍ରସନ୍ନ ପୃଷ୍ଟି, ଯୁଧିଷ୍ଠିର ନାୟକ (ପ୍ରାକୃତିକ ଚିକିତ୍ସକ) ଓ ଅଶ୍ୱିନ ପ୍ରଧାନ(ଡାବର ଇଣ୍ଡିଆ)ପ୍ରମୁଖ ଯୋଗଦେଇ ୫ଶହରୁ ଊର୍ଦ୍ଧ୍ୱ ରୋଗୀଙ୍କର ବିଭିନ୍ନ ରୋଗ ନିଦାନ ପାଇଁ ପରାମର୍ଶ ଦେଇଥିଲେ। ଚିକିତ୍ସା ସହାୟକ ଭାବେ ମମତା ମହାରଣା ଓ ସନ୍ତୋଷ ମିଶ୍ର ଦାୟିତ୍ୱ ତୁଲାଇଥିଲେ। ନବ କିଶୋର ପ୍ରଧାନ, ରବୀନ୍ଦ୍ର କୁମାର ଦତ୍ତ, ବେଣୁଧର ମହାରଣା, ଧୀରେନ୍ଦ୍ର ବୈରିଗଞ୍ଜନ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଧନ୍ୟବାଦ ଦେଇଥିଲେ।



ଚିକିତ୍ସା ଶିବିରରେ ମଞ୍ଚାସୀନ ଅତିଥି।

## ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ବଜରଙ୍ଗୀ କ୍ଲବ୍ ବିଜୟୀ

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଶରଧାପୁର ସ୍ପୋର୍ଟ୍ସ ଆସୋସିଏଶନ (ଏସ୍‌ଏସ୍‌ଏ) ଆନୁକୂଲ୍ୟରେ ୧୬ତମ ଶରଧାପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ସ୍ଥାନୀୟ ଖେଳପଡ଼ିଆରେ ଆରମ୍ଭ ହୋଇଛି। ପ୍ରଥମ ଦିବସ ମ୍ୟାଚ୍ ବଜରଙ୍ଗୀ କ୍ଲବ ଘାଟିକିଆ ଏବଂ ଶାରଳା କ୍ଲବ୍ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧ ୧-୧ରେ ଅମୀମାଂଶିତ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରରେ ବଜରଙ୍ଗୀ କ୍ଲବ୍ ବିଜୟୀ ହୋଇଥିଲା। ଗିରିଶ ଚନ୍ଦ୍ର ଜାନି, ସଗିର ଅହେମ୍ମଦ, ଚିତ୍ତରଞ୍ଜନ ପରିଡା, ମକବୁଲ ଅହେମ୍ମଦ, ଅମଜାଦ ଖାଁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଲକ୍ଷ୍ମୀଧର ବଡ଼ଜେନା, ମହମ୍ମଦ ଜମିଲୁର ରହେମାନ, ନସିମୁଦ୍ଦିନ ଅହେମ୍ମଦ, ହାଜି ଇସମାଇଲ, ଜାପାନି ନାୟକ, ଏସ୍. ହୁଦ ଯୋଗଦେଇଥିଲେ। ଆୟୋଜକ କମିଟି ସଦସ୍ୟ ଏବଂ କ୍ରୀଡାପ୍ରେମୀ ଉପସ୍ଥିତ ଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

### ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ-ଜଗା ୟୁନାଇଟେଡ ଫାଇନାଲ ଆଜି

ଯାଁଳା,୨୧।୧୨(ବୁଲା ବାରିକ)

ଜଟଣୀ ବ୍ଲକ ମଦନପୁର ହାଇସ୍କୁଲ ଖେଳପଡ଼ିଆରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୪ତମ ମଦନପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ରବିବାର ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ଏବଂ ପପୁଲାର ଢେଙ୍କାନାଳ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଉଭୟ ଟିମ୍ ପରସ୍ପରକୁ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରରେ ୪-୩ ଗୋଲରେ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ଶ୍ରେଷ୍ଠ ଖେଳାଳିଭାବେ ପଦ୍ମନ ମଲ୍ଲିକ ବିବେଚିତହୋଇଥିଲେ। ଏମ୍.ଏସ୍.ବେଗ, ସୁଶାନ୍ତ ମିଶ୍ର, ଶିବ ଦେହୁରି, ଶିବ ସାମନ୍ତରାୟ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ଅରୁଣ କୁମାର ବଳିୟାରସିଂ, ପ୍ରଦୋଷ କୁମାର ଜେନା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ଫାଇନାଲ ମ୍ୟାଚ୍ ଭଞ୍ଜନଗର ଫୁଟ୍‌ବଲ ଏକାଡେମୀ ଏବଂ ଜଗା ୟୁନାଇଟେଡ୍ ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୧।୧୨।୨୦୨୫

| | |
|---|---|
| ୬,୭୪,୪୦୧ ଟଙ୍କା | |
| ସୁନା | ୨.୨୩୦ ଗ୍ରାମ୍ |
| ରୁପା | ୩୬.୩୦୦ ଗ୍ରାମ୍ |

## ସଂକ୍ଷେପରେ

### ପର୍ଯ୍ୟଟକଙ୍କୁ ଉଦ୍ଧାର କଲେ ଲାଇଫ୍ ଗାର୍ଡ

ପୁରୀ,୨୧।୧୨(ଅଜିତ୍ କୁମାରେ ମହାନ୍ତି)

ପୁରୀ ସମୁଦ୍ରରେ ରବିବାର ଏକ ଅଘଟଣ ଦେଖିବାକୁ ମିଳିଛି। ସମୁଦ୍ର ସ୍ନାନ ବେଳେ ଜଣେ ପର୍ଯ୍ୟଟକ ବୁଡ଼ିଯାଇଥିବା ଜଣାପଡ଼ିଛି। ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ଲାଇଫ ଗାର୍ଡ ଉଦ୍ଧାର କରିଛନ୍ତି। ଉଦ୍ଧାର ପର୍ଯ୍ୟଟକ ଜଣକ ଝାଡ଼ଖଣ୍ଡ ଅଞ୍ଚଳର ଅଂଶୁରାଜ ପ୍ରସାଦ। ଲାଇଫ୍‌ଗାର୍ଡମାନେ ଅଂଶୁରାଜଙ୍କୁ ଉଦ୍ଧାର କରି ତୁରନ୍ତ ପ୍ରାଥମିକ ଚିକିତ୍ସା ଯୋଗାଇଥିଲେ। ତେବେ ରବିବାର ଅପରାହ୍ନରେ ଅଂଶୁରାଜ ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟରେ ପଡ଼ି ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ଅନ୍ୟ ପର୍ଯ୍ୟଟକ ଚିତ୍କାର କରିବାରୁ ଲାଇଫଗାର୍ଡମାନେ ସମୁଦ୍ର ଭିତରକୁ ଯାଇ ବୁଡ଼ି ଯାଉଥିବା ପର୍ଯ୍ୟଟକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ।

### ଟେମ୍ପଲ୍ ଟ୍ରଷ୍ଟ ପକ୍ଷରୁ କମ୍ବଳ ବିତରଣ କାର୍ଯ୍ୟକ୍ରମ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ରାଜ୍ୟର ଅନ୍ୟତମ ପ୍ରମୁଖ ସାମାଜିକ ତଥା ସେବାମୂଳକ ସଙ୍ଗଠନ ମହାବିନାୟକ ସେବା ଟେମ୍ପଲ୍ ଟ୍ରଷ୍ଟ ଆନୁକୂଲ୍ୟରେ ଏକ କମ୍ବଳ ବିତରଣ କାର୍ଯ୍ୟକ୍ରମ ଶନିବାର ପୁରୀ ସଦର ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମୀନାରାୟଣପୁରରେ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ଉପଦେଷ୍ଟା ନିରଞ୍ଜନ ମିଶ୍ର, ଉପଦେଷ୍ଟା ଗୀତାଞ୍ଜଳି ପଣ୍ଡା ଓ ଖବରଦାତା ନାରାୟଣ ଦାଶଙ୍କ ମାର୍ଗଦର୍ଶନରେ ଏବଂ ସଭାନେତ୍ରୀ ସବିତା ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିବା ସେବାମୂଳକ କାର୍ଯ୍ୟକ୍ରମକୁ ସମ୍ପାଦକ ଦେବୀପ୍ରସାଦ ମିଶ୍ର, ସଂଯୋଜିକା ଝାନ୍ସୀରାଣୀ ମିଶ୍ର, ସଂଘମିତ୍ରା ଦାଶ, ସୁବାସିନୀ ମହାନ୍ତି, ମନୋରଞ୍ଜନ ଜେନା, ପୁଷ୍ପାମଞ୍ଜରୀ ପାତ୍ର, ଗୀତାଶ୍ରୀ ଦେବୀ, ଲକ୍ଷ୍ମୀପ୍ରିୟା ଦେ, ନମିତା ମଞ୍ଜରୀ ଶତପଥୀ, ଅଜୟ ସାହୁ, ବେବୀ ଲାଲ୍, ଅମୀୟ, ମାମୀ ଦାଶ, ବିଜୟଲକ୍ଷ୍ମୀ ଦାସ ଏବଂ ରମେଶ କୁମାର ବେହେରାଙ୍କ ସମେତ ସମ୍ପୃକ୍ତ ଲକ୍ଷ୍ମୀନାରାୟଣପୁରର ଗ୍ରାମବାସୀଗଣ ସହଯୋଗ ପ୍ରଦାନ ପୂର୍ବକ ପରିଚାଳନା କରିଥିଲେ। ଏହି ଅବସରରେ ବାଲିପୁଟ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ୪ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

# ପ୍ରଶାସନଠାରୁ ହୋଟେଲିୟର ସମସ୍ତେ ପ୍ରସ୍ତୁତ

## ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ପୁରୀରେ ପର୍ଯ୍ୟଟକଙ୍କ ଭିଡ଼

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ସରି ଆସୁଛି ୨୦୨୫ ଏବଂ ୨୦୨୬କୁ ସ୍ୱାଗତ କରିବା ପାଇଁ ଏବେଠାରୁ ଶ୍ରୀକ୍ଷେତ୍ର ଉତ୍ସବମୁଖର ହୋଇଉଠିଲାଣି। ପିଲାଠାରୁ ବୟସ୍କ ସମସ୍ତେ ନବବର୍ଷକୁ ସ୍ୱାଗତ କରିବା ପାଇଁ ନିଜ ନିଜ ମଧ୍ୟରେ ପ୍ରସ୍ତୁତି ଆରମ୍ଭ କରିସାରିଲେଣି। ପୁରୁଣା ବର୍ଷ ୨୦୨୫କୁ ବିଦାୟ ଦେଇ ନୂଆବର୍ଷ ୨୦୨୬କୁ ସ୍ୱାଗତ କରିବା ପାଇଁ ପୁରୀରେ ଏବେ ଜୋର୍‌ଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଶ୍ରୀକ୍ଷେତ୍ର ପୁରୀ ଧାର୍ମିକ କ୍ଷେତ୍ର ସହ ଏକ ପର୍ଯ୍ୟଟନସ୍ଥଳୀ। ବଡ଼ଦିନ ଓ ଇଂଲିଶ ନବବର୍ଷକୁ ପୁରୀରେ ସ୍ୱାଗତ କରିବା ପାଇଁ ଦେଶବିଦେଶରୁ ଭକ୍ତ ଏବଂ ପର୍ଯ୍ୟଟକଙ୍କ ସୁଅ ପୁରୀକୁ ଛୁଟିଥାଏ। ବର୍ତ୍ତମାନଠାରୁ ପୁରୀରେ ପର୍ଯ୍ୟଟକଙ୍କ ଭିଡ଼ ଜମିଲାଣି। ନୂଆବର୍ଷରେ ଜିରୋ ନାଇଟ ସେଲିବ୍ରେଶନ୍ ପାଇଁ ସହରରେ ଥିବା ବିଭିନ୍ନ ହୋଟେଲଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଉଛି। ବଡ଼ଦିନ ଓ ନୂଆବର୍ଷର ବହୁଆଗରୁ ପ୍ରାୟ ପୁରୀର ଛୋଟବଡ଼ ହୋଟେଲ ସବୁ ବୁକ୍ ହୋଇଗଲାଣି।

ଅପରପକ୍ଷରେ ବଡ଼ଦିନ, ନୂଆବର୍ଷରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ଭିଡ଼ ନିୟନ୍ତ୍ରଣ, ଶୃଙ୍ଖଳିତ ଦର୍ଶନ, ଭକ୍ତ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳୁଛି। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ବଡ଼ଦାଣ୍ଡରେ ଅସ୍ଥାୟୀ ବ୍ୟାରିକେଡ୍ ନିର୍ମାଣ କରାଯାଉଛି। ମାର୍କେଟ ଛକଠାରୁ ଭକ୍ତମାନେ ବ୍ୟାରିକେଡ୍ ମଧ୍ୟରେ ଆସି ସିଂହଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିବା ସହ ଅନ୍ୟ ଦିଗଦ୍ୱାର ଦେଇ ପ୍ରସ୍ଥାନ କରିବା ନେଇ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେହିପରି ଗାଡ଼ିକୁ ନିୟନ୍ତ୍ରଣ କରିବା ନିମନ୍ତେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ନୂଆବର୍ଷକୁ ଆଖି ଆଗରେ ରଖି ପୁରୀରେ ଥିବା ହୋଟେଲଗୁଡ଼ିକରେ ଅଗ୍ରୀମ ବୁକିଂ ଚାଲିଛି। ଆଗକୁ ଖ୍ରୀଷ୍ଟମାସ ଡେ' ସହିତ ନୂଆବର୍ଷ ଥିବାରୁ ହୋଟେଲଗୁଡ଼ିକରେ ଆୟ ବ୍ୟାପକ ପ୍ରସ୍ତୁତି କରାଯାଇଛି। ହୋଟେଲକୁ ଆସିଥିବା ପର୍ଯ୍ୟଟକମାନେ କିଭଳି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେନେଇ ଷ୍ଟେଜ୍ ଶୋ' ସହିତ ବିଭିନ୍ନ ଭଳି ସୁସ୍ୱାଦୁ ଖାଦ୍ୟ ପାଇଁ ବଡ଼ ବଡ଼ ହୋଟେଲରେ ବ୍ୟାପକ ଭାବେ ପ୍ରସ୍ତୁତି ଆରମ୍ଭ ହୋଇଛି। ସାଧାରଣ ଲଜ୍, ହୋଟେଲରେ ନନ୍ ଏସି ରୁମ୍ ୧ ହଜାରରୁ ୨ ହଜାର ଥିବା ବେଳେ ଏସି ରୁମ୍ ଦର ୨ ହଜାରରୁ ୪ ହଜାର ଟଙ୍କା ରହିଛି। ବଡ଼ ବଡ଼ ହୋଟେଲରେ ରୁମ୍ ସର୍ବନିମ୍ନ ୫ହଜାର ଟଙ୍କା ରହିଛି ବୋଲି ପୁରୀ ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ବେହେରା କହିଛନ୍ତି। ପୁରୀ ସହ ସମେତ କୋଣାର୍କ, ସାତପଡ଼ାକୁ ଦେଖିଲେ ୭୫ଟି ଛୋଟବଡ଼ ହୋଟେଲ୍ ରହିଛି। ପୁରୀ ସହରରେ ଅନେକ ସାହିରେ ଲଜ୍ ସହିତ ହୋମ୍ ଷ୍ଟେ ରହିଛି। ଏହାକୁ ମିଶାଇଲେ ପୁରୀରେ ୧୨ହଜାରରୁ ଅଧିକ ଛୋଟବଡ଼ ହୋଟେଲ, ଲଜ୍, ଗେଷ୍ଟ ହାଉସ, ହୋମ୍ ଷ୍ଟେ ରହିଛି। ପୁରୀକୁ ପ୍ରତିଦିନ ୭୦ ହଜାର ପର୍ଯ୍ୟଟକ ଆସୁଥିବା ବେଳେ ପର୍ବପର୍ବାଣିରେ ଏହି ସଂଖ୍ୟା ୧ଲକ୍ଷରୁ ଅଧିକ ରହୁଛି। ପୁରୀକୁ ଦିନକୁ ଦିନ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବାରେ ଲାଗିଛି ଏହାଦ୍ୱାରା ହୋଟେଲ ବ୍ୟବସାୟୀ ଉପକୃତ ହେବା ସହ ସ୍ଥାନୀୟ ଛୋଟବଡ଼ ବିଭିନ୍ନ ବ୍ୟବସାୟୀଙ୍କ ଆୟ ବୃଦ୍ଧି ପାଉଛି। ପୁରୀରେ ଥିବା ଅଧିକାଂଶ ହୋଟେଲ ରୁମ୍ ବୁକ୍ ଶେଷ ହୋଇଯାଇଛି। ପର୍ଯ୍ୟଟକ କିଭଳି ଏକ ସୁଖଦ ଅନୁଭୂତି ନେଇ ଫେରିବେ ସେନେଇ ହୋଟେଲ ଆସୋସିଏସନ ସହିତ ଆଲୋଚନା କରିଛୁ। ପର୍ଯ୍ୟଟକମାନେ ଯେଭଳି ଠକେଇର ଶିକାର ନ ହେବେ, ସେଥିପାଇଁ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ବୋଲି ବେହେରା କହିଛନ୍ତି। ଏନେଇ ହୋଟେଲିୟର ଶ୍ରୀମନ୍ତ କୁମାର ଦାଶ କହିଛନ୍ତି, ପର୍ଯ୍ୟଟନ ଋତୁ, ଆଗକୁ ଖ୍ରୀଷ୍ଟମାସ ସହ ନୂଆବର୍ଷ ପାଇଁ ପୁରୀରେ ଥିବା ହୋଟେଲରେ ୯୦ ପ୍ରତିଶତ ରୁମ୍ ବୁକିଂ ହୋଇସାରିଛି। ପ୍ରାୟତଃ ବୁକିଂ ଅନ୍‌ଲାଇନ ମାଧ୍ୟମରେ କରାଯାଉ। ପର୍ଯ୍ୟଟକ ଆମର ଅତିଥି, ତେଣୁ ପର୍ଯ୍ୟଟକ ପୁରୀ ଆସି ଯେପରି ସୁଖଦ ଅନୁଭୂତି ନେଇ ଫେରିବେ, ତାହା ଆମର ପ୍ରଥମ ଲକ୍ଷ୍ୟ। ଅତିଥିଙ୍କୁ ଆତିଥ୍ୟତା ପ୍ରଦାନ କରିବା ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି। ସେମାନେ ଯେଭଳି ଏକ ଭଲ ଅନୁଭୂତି ନେଇ ଫେରିବେ ସେ ନେଇ ସମସ୍ତେ ସଚେତନ ହେବା ଦରକାର। ବର୍ତ୍ତମାନ ଇଣ୍ଡିଗୋ ବିମାନରେ ବାତିଲ ହେଉଥିବାରୁ ଅନେକ ଯାତ୍ରୀ ତାଙ୍କର ବୁକିଂ କ୍ୟାନ୍ସିଲ କରୁଛନ୍ତି। ନୂଆବର୍ଷକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ହୋଟେଲିୟରମାନଙ୍କ ସହ ଆଲୋଚନା କରାଯାଇଥିଲା। ପର୍ଯ୍ୟଟକଙ୍କୁ ଭଲ ବ୍ୟବହାର ସହ ଆତିଥ୍ୟତା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଛି। ଏସ୍‌ପି ପ୍ରତୀକ ସିଂ କହିଛନ୍ତି,'ପର୍ଯ୍ୟଟନ ଋତୁ ଚାଲିଥିବା ବେଳେ ଆଗକୁ ନୂଆବର୍ଷ ଆସୁଛି। ବହୁତ ପର୍ଯ୍ୟଟକ ପୁରୀ ଆସୁଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସବୁପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର, ବେଳାଭୂମି, ବିଭିନ୍ନ ପର୍ଯ୍ୟଟନସ୍ଥଳୀରେ ସୁରକ୍ଷା ବୃଦ୍ଧି କରାଯାଇଛି। ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ହୋଟେଲରେ ସବୁ ଠିକ ପରିଚୟପତ୍ର ଦେଉଥିବା ବ୍ୟକ୍ତିଙ୍କୁ ରୁମ୍ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ହୋଟେଲ ରୁମ୍ ବୁକ୍ ବେଳେ ପର୍ଯ୍ୟଟକମାନେ ଯେଭଳି ସାଇବର ଠକେଇର ଶିକାର ନ ହୁଅନ୍ତି ସେଥିପାଇଁ ସବୁ ହୋଟେଲକୁ ସଚେତନ କରାଯାଉଛି ବୋଲି ସେ କହିଛନ୍ତି।



ଘୋଡ଼ାବଜାରସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ ।

# ଓଡ଼ିଆ ସାହିତ୍ୟରେ ସାର୍ବଜନୀନ ସ୍ୱର, ମହାଭାରତୀୟତ୍ୱର ସ୍ୱପରିଚୟ ରହିଛି



ରାଜ୍ୟସ୍ତରୀୟ ଲେଖକ ସମାବେଶରେ ଉପସ୍ଥିତ ଅତିଥିମାନେ ।

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ରାଜ୍ୟସ୍ତରୀୟ ସମ୍ମିଳିତ ଲେଖକ ମଞ୍ଚ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟରେ ସାମାଜିକ ଚେତନା ଦୁଇଦିନିଆ ଆଲୋଚନାଚକ୍ର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ଡ. ପ୍ରଭାତ କୁମାର ମହାପାତ୍ର ଯୋଗଦେଇ କହିଛନ୍ତି, ଓଡ଼ିଆ ଭାଷାକୁ ଆଧାର କରି ଓଡ଼ିଆ ସାହିତ୍ୟର ସଂରଚନା ହୋଇଛି। ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ରଚିତ ଭରତ ମୁନିଙ୍କ ନାଟ୍ୟଶାସ୍ତ୍ର ଗ୍ରନ୍ଥରେ ଲିଖିତ ବିବରଣୀ ଅନୁଯାୟୀ, ଉଡ୍ର ମାଗଧି ଭାଷାର ପରିଚୟ ମିଳେ। ଜୀବନର ମୂଲ୍ୟବୋଧ ଉପଲବ୍ଧି କରି ପୂର୍ବସୂରୀ ସିଦ୍ଧସାଧକ ଓ ମନୀଷଗଣ ଯେଉଁ ମାର୍ଗକୁ ଅନୁସରଣ କରି ଓଡ଼ିଆ ଭାଷା ମାଧ୍ୟମରେ ରୂପାୟନ କରିଥିଲେ ତାହା ଓଡ଼ିଆ ସାହିତ୍ୟର ମୌଳିକ ଧ୍ୱନି ଓ ବର୍ଣ୍ଣ ପରିଚୟ। ଲେଖକ ମଞ୍ଚର ଅଧ୍ୟକ୍ଷା ପ୍ରତିଭା ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବିଶ୍ୱ ଓଡ଼ିଆ ସମ୍ମିଳନୀର ଅଧ୍ୟକ୍ଷ ଡ. ମୁରଲୀ ଶର୍ମା, ମୁଖ୍ୟବକ୍ତା ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ବିଶିଷ୍ଟ ଅତିଥିଭାବେ ବରିଷ୍ଠ ଆଇନଜୀବୀ ବିନୟ ନୃସିଂହ ମହାପାତ୍ର, ନୀଳଶୈଳର ସାଧାରଣ ସମ୍ପାଦକ ଡ. ଧର୍ମଛଡ଼ା, ରଚିତ ରାଉତରାୟ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରାରମ୍ଭରେ ସଦାଶିବ ମିଶ୍ର ବେଦପାଠ କରିଥିବା ବେଳେ ସ୍ୱାଗତ ଅଭିଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ କ୍ରିଷ୍ଣା ଦେବୀ। ଐତିହାସିକ ମଦନମୋହନ ମହାପାତ୍ର ଆଲୋଚନାଚକ୍ରର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ। ଚନ୍ଦ୍ରଶେଖର ଦାସ, ଦକ୍ଷିଣ ଓଡ଼ିଶା ସାହିତ୍ୟ ସମାଜର ସଭାପତି ଦଣ୍ଡପାଣି ମହାପାତ୍ର, ସନ୍ଧ୍ୟାରାଣୀ ବେହେରା, ଲେଖିକା ସ୍ୱର୍ଣ୍ଣଲତା ମହାପାତ୍ର, ଅଧ୍ୟାପକ ଅଶୋକ କୁମାର ମିଶ୍ର ଓ ସର୍ବାଣୀ ଦାସ ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ବିବିଧ ପ୍ରତିଭାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଏକ ମନୋଜ୍ଞ କବିତା ପାଠଚକ୍ର ଶିକ୍ଷାବିତ୍ ବିଜୟଲକ୍ଷ୍ମୀ ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା।

# ବିଶ୍ୱରେକର୍ଡ ଅଧିକାରିଣୀଙ୍କ ୯ ଫୁଟ୍ ୧୦ ଇଞ୍ଚର ଜଟ

ଯୋଗେଶ୍ୱରପୁର,୨୧।୧୨(ରଶ୍ମିରଞ୍ଜନ ସାହୁ)

ବିଶ୍ୱରେକର୍ଡ ଅଧିକାରିଣୀ ୟୁକ୍ରେନ ରୁପୁନ ଜେଲ୍ ଆଲିଆଙ୍କ ୮ ଫୁଟ ୫ ଇଞ୍ଚ ଜଟ ଥିବାବେଳେ ତାଙ୍କଠାରୁ ନୟାହାଟ ଅଞ୍ଚଳର ଜଣେ ବୟସ୍କ ମହିଳାଙ୍କ ପାଖରେ ୧ ଫୁଟ୍ ୫ ଇଞ୍ଚ୍ ଅଧିକ ଜଟ ଥିବା ଦେଖିବାକୁ ମିଳିଛି। ପ୍ରକାଶ ଯେ, ଗୋପ ବ୍ଲକ ଅନ୍ତର୍ଗତ ନୟାହାଟ ଅଞ୍ଚଳର ଜଙ୍ଗଲବୋରି ପଞ୍ଚାୟତର ଅଲେଖ ଦୀକ୍ଷା ନେଇଥିବା ସଞ୍ଜୁ କାଣ୍ଡି (୬୭)ଙ୍କର ୯ ଫୁଟ୍ ୧୦ ଇଞ୍ଚ ଜଟ ଦେଖିବାକୁ ମିଳିଛି। ଏହି ଘଟଣାକୁ ନେଇ ନୟାହାଟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ଭଗବତୀ ବିଦ୍ୟା ନିକେତନର ୨୭ତମ ବାର୍ଷିକ କ୍ରୀଡ଼ା

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ଅଠରନଳାସ୍ଥିତ ଭଗବତୀ ବିଦ୍ୟା ନିକେତନର ୨୭ତମ ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ପୁରୀ ଜିଲା ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଉତ୍ସବକୁ ଓଡ଼ିଶା ଥ୍ରୋ ବଲ୍ ଆସୋସିଏଶନର ରାଜ୍ୟ ସମ୍ପାଦକ ଜିତେନ୍ଦ୍ର କୁମାର ଦାସ କ୍ରୀଡ଼ା ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମହେନ୍ଦ୍ର ବିଶୋଇ, ସହସମ୍ପାଦକ ଲକ୍ଷ୍ମୀଧର ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ କ୍ରିଷ୍ଣା କୁମାରୀ ଦେଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି କ୍ରୀଡ଼ା ପ୍ରତିଯୋଗିତାରେ ଶିକ୍ଷା ମୁକୁଳଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ୧୦୦ମି, ୫୦ମି ଦୌଡ଼, ବେଙ୍ଗ ଡିଆଁ, ଆଳୁ ଚାମଚ, ଥ୍ରୋ ବଲ୍, ରଙ୍ଗ ଦୌଡ଼, ଅଙ୍କ ଦୌଡ଼, ଲେଟର ରେସ୍, ବ୍ୟାକ ୱାକ ରେସ, ଶଟ୍‌ପୁଟ, ଦଉଡ଼ି ଡିଆଁ, ମ୍ୟୁଜିକ ଚେୟାର ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ଟାଏକୋଣ୍ଡୋ ଆସୋସିଏଶନର ରାଜ୍ୟ ଅଧ୍ୟକ୍ଷ ବ୍ୟୋମକେଶ ଅଭିଲାଷ ପ୍ରସାଦ ବିଦ୍ୟାର୍ଥୀ ଏବଂ ଅଭିଭାବକଙ୍କୁ ପୁରସ୍କାର ବିତରଣ କରିଥିଲେ। ମମତା ଦାସ, ମାନସୀ ଦାଶ, ରତ୍ନମଣି ଦଳାଇ, ସବିତା ପରିଡ଼ା, ଦୀପ୍ତି ମହାପାତ୍ର, ଦିବ୍ୟାଶା ମହାନ୍ତି, କୈଳାସ ବିଶୋଇଙ୍କ ସମେତ ସମସ୍ତ ଗୁରୁଜୀ, ଗୁରୁମା ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଶିଶୁମାନେ ।

# କବିର ଅନ୍ତର୍ଦୃଷ୍ଟି କବିତାରେ ପ୍ରତିଫଳିତ ହୁଏ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

କବି ଓ ଶିକ୍ଷାବିତ୍ ମାତଙ୍ଗିନୀ ମିଶ୍ରଙ୍କ ଦ୍ୱିତୀୟ କବିତା ସଙ୍କଳନ 'ପ୍ରକୃତି, ସଂସ୍କୃତି ଓ ସଂହତି' ଭଗବାନପୁରଠାରେ ଉନ୍ମୋଚିତ ହୋଇଯାଇଛି। ଘଟଗାଁ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଜଗନ୍ନାଥ ଦାଶଙ୍କ ଅଧ୍ୟକ୍ଷତାରେ ଲୋକାର୍ପଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ପୂର୍ବାଞ୍ଚଳ କର୍ପସ ଅବସରପ୍ରାପ୍ତ ମୁଖ୍ୟ ସେନାଧିକାରୀ ଡ. ଅତନୁ କୁମାର ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ନାଟ୍ୟକାର ମୁକୁନ୍ଦ ଶତପଥୀ ପାଠକ ଓ ପୁସ୍ତକ ମଧ୍ୟରେ ଥିବା ଭାବଗତ ସମ୍ପର୍କର ଅବତାରଣା ଦେବା ସହିତ କାଳଜୟୀ ସାହିତ୍ୟକୁ ଜୀବନ ବେଦ ରୂପେ ଅଭିହିତ କରିଥିଲେ। ପ୍ରାରମ୍ଭରେ ଅତିଥିଙ୍କୁ ସ୍ୱାଗତ କରି ବିଶିଷ୍ଟ ଲେଖକ ବଦ୍ରି ମହାନ୍ତି ପୁସ୍ତକରେ ସଂକଳିତ କବିତାର ଭାବ, ଭାଷା ଓ ଶୈଳୀର ସ୍ଥୂଳ ଆଲୋଚନା କରିଥିଲେ। ଉତ୍ତରା ପ୍ରକାଶନୀର ଉପଦେଷ୍ଟା ଇଂ. ସୁଶାନ୍ତ ବେହେରା କବିଙ୍କ ଦ୍ୱିତୀୟ ପ୍ରକାଶନ, ଦୀର୍ଘ ୧୫ବର୍ଷ ବ୍ୟାପୀ ପ୍ରକାଶନଜନିତ ନାନା ଅନୁଭବ ଓ ପ୍ରତିଷ୍ଠାତା ସ୍ୱର୍ଗୀୟ ପ୍ରଶାନ୍ତ ବେହେରାଙ୍କ ଅକ୍ଳାନ୍ତ ଶ୍ରମ କିପରି ଅନୁଷ୍ଠାନକୁ ସଶକ୍ତ କରିଥିଲା ତା'ର ବିବରଣୀ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ତିର୍ତ୍ତୋଲ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଓ ଚିନ୍ମୟ ମିଶନ ସଭାପତି ଡ. ସୁଭାଷ ଚନ୍ଦ୍ର ଦ୍ୱିବେଦୀ, ଡ. ଜଗନ୍ନାଥ ଲେଙ୍କା, ଶିବ ଚନ୍ଦ୍ର ସାହୁ, ଡ. କୁନାଲ ମିଶ୍ର, କବି ସସ୍ମିତା ଦାଶ, ବିଚିତ୍ର ମହାପାତ୍ର ଓ ଡ. ପ୍ରଭାତ ରଞ୍ଜନ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଅବଢ଼ା ମହାପ୍ରସାଦ ଦର ନେଇ ଆଲୋଚନା

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ସୁଆର-ମହାସୁଆର ନିଯୋଗ ପକ୍ଷରୁ ଅବଢ଼ା ମହାପ୍ରସାଦ ଦର ବୃଦ୍ଧି ନେଇ ଅବଢ଼ା ଦୋକାନୀଙ୍କ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଥିବା ସୂଚନା ମିଳିଛି। ଜାଳେଣି କାଠ, ସଉଦା ଓ ପରିବା ଆଦି ଦରବୃଦ୍ଧି ହେଉଥିବାରୁ ମହାପ୍ରସାଦ ଦରବୃଦ୍ଧି ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ଯଦିଓ ଏଯାଏ ଅବଢ଼ା ପାଇଁ ପ୍ରଶାସନିକ ସ୍ତରରେ ସେମିତି କୌଣସି ଦର ନିର୍ଦ୍ଧାରିତ ହୋଇନାହିଁ, କିନ୍ତୁ ସମ୍ପ୍ରତି ଆନନ୍ଦବଜାରରେ ଉପଲବ୍ଧ ଦରରେ ବୃଦ୍ଧି ନେଇ ଆଲୋଚନା ହୋଇଛି। ବର୍ତ୍ତମାନ ଜଣେ ଭକ୍ତଙ୍କୁ ମହାପ୍ରସାଦ ପତ୍ରରେ ବାଢ଼ି ପରଷିଲେ ୧୦୦ ଟଙ୍କା ନିଆଯାଉଛି। ଏହି ଅବଢ଼ା ମହାପ୍ରସାଦ ଦୁଇ ପ୍ରକାରରେ ପରଷିବାକୁ ଯୋଜନା ହୋଇଛି। ଗୋଟେ ସ୍ପେଶାଲ ଏବଂ ଅନ୍ୟଟି ସାଧାରଣ। ସ୍ପେଶାଲ ମହାପ୍ରସାଦ ଚାହିଦାକୁ ଦେଖି ମୁଣ୍ଡ ପିଛା ଦର କମ୍ ବେଶି କରାଯାଏ। ସବୁର ଦରଦାମ୍ ବଢ଼ିଲାଣି। ସେହି ଅନୁସାରେ ମହାପ୍ରସାଦରେ ଦର ବୃଦ୍ଧି ହୋଇନାହିଁ। ଏବେ ସାଧାରଣ ମହାପ୍ରସାଦ ପତ୍ର ମୁଣ୍ଡପିଛା ୧୦୦ ଟଙ୍କାରେ ବିକ୍ରି ହେଉଥିଲେ ହେଁ ରାତି ହେଲେ ତାହା ଆବଶ୍ୟକସ୍ଥଳେ ୫୦ ଟଙ୍କାରେ ବି ବିକ୍ରି ହୁଏ ବୋଲି ଜଣେ ସୁଆର ସେବାୟତ କହିଛନ୍ତି। ଅନ୍ୟପକ୍ଷରେ ଜାଳେଣି କାଠ ଦର କେ.ଜି. ୧୫ଟଙ୍କାରେ ପହଞ୍ଚିଲାଣି। ଏଣେ ସଉଦା ଓ ପରିବା ଦର ବୃଦ୍ଧି ପାଉଛି। ଭକ୍ତଙ୍କ ନିକଟରେ ଅବଢ଼ା ପହଞ୍ଚିବା ବେଳକୁ ୧୨ଟି ପର୍ଯ୍ୟାୟ ହୋଇ ପହଞ୍ଚୁଛି। ଜାଳେଣି କାଠ ଯୋଗାଣ, ସଉଦା ଯୋଗାଣ, ପାଣି ଯୋଗାଣ, ବାଇହାଣ୍ଡି ଯୋଗାଣ ଆଦି ଏହିଭଳି ବିଭିନ୍ନ ସେବାଧାରୀଙ୍କ ମାଧ୍ୟମ ହୋଇ ଭକ୍ତଙ୍କ ନିକଟରେ ପହଞ୍ଚୁଛି। ତେଣୁ ଏନେଇ ଅବଢ଼ା ମହାପ୍ରସାଦ ଦୋକାନୀଙ୍କୁ ନେଇ ନିଯୋଗରେ ଏକ ବୈଠକ କରାଯାଇଥିବା ଜଣାପଡ଼ିଛି। ଆଗାମୀ ଦିନରେ ଏ ସଂକ୍ରାନ୍ତରେ ପୁନଃ ଏକ ବୈଠକ କରାଯିବ ବୋଲି ସ୍ଥିର ହୋଇଛି। ପରେ ଶ୍ରୀମନ୍ଦିର ପ୍ରଶାସନକୁ ଏ ସଂକ୍ରାନ୍ତରେ ଅବଗତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି।

# ସାକ୍ଷୀଗୋପାଳରେ ବୋମାମାଡ଼ ଘଟଣା, ୧୦ ଗିରଫ

ସାକ୍ଷୀଗୋପାଳ,୨୧।୧୨ (ଭରତ ରାଉତ/ ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର )

ସାକ୍ଷୀଗୋପାଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଲାଗିଥିବା ବିବାଦକୁ କେନ୍ଦ୍ରକରି ଶନିବାର ବୋମାମାଡ଼ ଘଟଣାରେ ଉଭୟ ପକ୍ଷରୁ ୧୦ ଅଭିଯୁକ୍ତଙ୍କୁ ସତ୍ୟବାଦୀ ପୋଲିସ ଗିରଫ କରି ରବିବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ଘଟଣାକୁ ନେଇ ସତ୍ୟବାଦୀ ଥାନାରେ ୪୪୮/୨୫ ଓ ୪୪୯/୨୫ରେ ଦୁଇଟି ମାମଲା ରୁଜୁ କରାଯାଇଛି। ଘଟଣାରେ ସମ୍ପୃକ୍ତ ଅନ୍ୟ କେତେଜଣ ଅଭିଯୁକ୍ତ ଏବେବି ଫେରାର ରହିଛନ୍ତି। ଅଭିଯୁକ୍ତମାନେ ବ୍ୟବହାର କରୁଥିବା ହୁଣ୍ଡାଇ ଆଇ ଟେନ୍ କାର୍, ଥର୍ କାର, ୨ଟି ବୁଲେଟ ପୋଲିସ ଜବତ କରିବା ସହ ଏକ ଜୀବନ୍ତ ବୋମା ଓ କିଛି ବିସ୍ଫୋରକ ସାମଗ୍ରୀ ଜବତ କରାଯାଇଛି ବୋଲି ରବିବାର ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତ ୧୮ ତାରିଖ ପୂର୍ବ ବିବାଦକୁ କେନ୍ଦ୍ରକରି ଆଶିଷ ଶତପଥୀଙ୍କ ଗ୍ରୁପ୍‌ର କିଛି ସମର୍ଥକ ଓ ନାଗାର୍ଜୁନ ସେନାପତିଙ୍କ ଗ୍ରୁପ୍‌ର କିଛି ସମର୍ଥକଙ୍କ ମଧ୍ୟରେ ଏକ ଝଗଡ଼ାର ସୂତ୍ରପାତ ହୋଇଥିଲା। ପରେ ଏହି ଝଗଡ଼ା ଉଗ୍ରରୂପ ଧାରଣ କରି ଆଶିଷ ଶତପଥୀଙ୍କ ଗ୍ରୁପର ସମର୍ଥକ ବନପୁରସ୍ଥିତ ନାଗାର୍ଜୁନ ସେନାପତିଙ୍କ ଅଫିସ ପାଖରେ ବୋମାମାଡ଼ କରିଥିଲେ। ଏହାକୁ ଆକ୍ରୋଶ ଭାବ ରଖି ଗତ ଶନିବାର ସନ୍ଧ୍ୟାରେ ନାଗାର୍ଜୁନ ସେନାପତି ଓ ତାଙ୍କ ସହଯୋଗୀମାନେ ସାକ୍ଷୀଗୋପାଳ ବସ୍‌ଷ୍ଟପେଜ୍ ନିକଟରେ ଥିବା ଏକ ଦୋକାନ ଉପରକୁ ଦୁଇଟି ବୋମା ପକାଇଥିଲେ। ଏଥିରେ ଦୋକାନର କ୍ଷୟକ୍ଷତି ହୋଇଥିଲା। ତେଣୁ ପୁରୀ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ପୃଥକ୍ ପୃଥକ୍ ପୋଲିସ ଟିମ୍ କରି ବିଭିନ୍ନ ସ୍ଥାନ ଚଢ଼ାଉ କରାଯାଇଥିଲା। ଗିରଫ ହୋଇଥିବା ଆଶିଷଙ୍କ ଗ୍ରୁପ୍‌ର ସଦସ୍ୟମାନେ ହେଲେ ସତ୍ୟବାଦୀ ଥାନା ଅଞ୍ଚଳର ସୁଶୀଲ କୁମାର ସାହୁ, ଆଶିଷ ଶତପଥୀ, ଚନ୍ଦନପୁର ଥାନା ଦାମୋଦରପୁରର ଶୁଭମ୍ ସାହୁ, କଣାସ ଥାନା ଅଞ୍ଚଳର ଅଭିରାମ ସୁନ୍ଦର ଛୋଟରାୟ। ସେହିଭଳି ନାଗାର୍ଜୁନ ସେନାପତିଙ୍କ ଗୋଷ୍ଠୀର ଅବିନାଶ ସାମନ୍ତରାୟ, ପ୍ରଦୀପ ବେହେରା, ବିଶ୍ୱଜିତ ବିଶ୍ୱାଳ, ସୂରଜ ବିହାରୀ, ପ୍ରଦୀପ ଦଳେଇ। ଏ ସମସ୍ତେ ସତ୍ୟବାଦୀ ଥାନା ଅଞ୍ଚଳର ହୋଇଥିବା ବେଳେ ଆଦର୍ଶ ନାରାୟଣ ପ୍ରଧାନ ଦେଲାଙ୍ଗ ଥାନା ଅଞ୍ଚଳର ବୋଲି ପୋଲିସ ସୂଚନା ଦେଇଛି। ଖବରଦାତା ସମ୍ମିଳନୀରେ ପିପିଲି ଏସ୍‌ଡିପିଓ ଦେବାଶିଷ ମିଶ୍ର ଓ ଥାନା ଅଧିକାରୀ ବିଜୟ କେତନ ବେହେରା ସୂଚନା ଦେଉଛନ୍ତି ।



ଗିରଫ ହୋଇଥିବା ଅଭିଯୁକ୍ତ ।

# ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନର ଷୋଡ଼ଶ ସାଧାରଣ ସଭା ଓ ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ ହୋଟେଲ ହଲିଡେ ରିସୋର୍ଟଠାରେ ଏକ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଛି। ସମାରୋହରେ ଉଦ୍‌ଘାଟକ ଭାବେ ଗଜପତି ମହାରାଜା ଦିବ୍ୟସିଂହ ଦେବ, ମୁଖ୍ୟ ଅତିଥି ଭାବେ ପୂଜ୍ୟ ସ୍ୱାମୀ ମାଧବାନନ୍ଦ ସରସ୍ୱତୀ ଯୋଗ ଦେଇଥିଲେ। ଏହି ଅବସରରେ ପ୍ରତିଷ୍ଠାନର ମୁଖପତ୍ର 'ଶ୍ରୀଜଗନ୍ନାଥ ଚେତନା-୧୫' ଉନ୍ମୋଚିତ ହୋଇଥିଲା। ଉତ୍ସବରେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ଧର୍ମଶାସ୍ତ୍ର ବିଭାଗର ପ୍ରଖ୍ୟାତ ବିଦ୍ୱାନ ପ୍ରଫେସର ବ୍ରଜକିଶୋର ସ୍ୱାଇଁଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରତିଭା ସମ୍ମାନ, ବିଶିଷ୍ଟ ଗବେଷକ ଡକ୍ଟର ଉମେଶ ଚନ୍ଦ୍ର ଚିହ୍ନରାଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ଗବେଷକ ସମ୍ମାନ, ଓଡ଼ିଶାର ପ୍ରଥିତଯଶା ପ୍ରବଚକ ଡାକ୍ତର ଆଶୁତୋଷ ପ୍ରସାଦ ମିଶ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ପ୍ରସ୍ତରକ ସମ୍ମାନ, ଶ୍ରୀଜଗନ୍ନାଥ ମନ୍ଦିର, କଳମପୁର, କଳାହାଣ୍ଡି ଓ ଶ୍ରୀଜଗନ୍ନାଥ ମନ୍ଦିର, ବିଶାଖାପାଟଣା, ଆନ୍ଧ୍ରଙ୍କୁ ଜାତୀୟସ୍ତରୀୟ ଶ୍ରୀଜଗନ୍ନାଥ ଚେତନା ସଂଗଠକ ସମ୍ମାନ ପ୍ରଦାନ କରାଯାଇଥିଲା।

ସେହିପରି ଶ୍ରୀଜଗନ୍ନାଥଙ୍କର ୫ଜଣ ସେବକ ଓ ସେବକ ପରିବାରର ସଦସ୍ୟଙ୍କୁ ଚିକିତ୍ସା ସହାୟତା ପ୍ରଦାନ କରାଯାଇଥିଲା। ଏଥିରେ ପ୍ରତିଷ୍ଠାନର ସଭାପତି ଝାଞ୍ଜପିଟା ମଠର ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଦାସ ବାବାଜୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମହାସଚିବ ଡ. ନରେଶ ଚନ୍ଦ୍ର ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଉଦ୍‌ଘାଟକ ପୂଜ୍ୟ ଗଜପତି ମହାରାଜା ନିଜ ବକ୍ତବ୍ୟରେ ପ୍ରତିଷ୍ଠାନର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଶ୍ରୀଜଗନ୍ନାଥଙ୍କର ଉଦାର ଚେତନାକୁ ସାରା ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଆଧ୍ୟାତ୍ମିକ ଅନୁଷ୍ଠାନଗୁଡ଼ିକ ଆଗଭର ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ମାଧବାନନ୍ଦ ମହାରାଜ ମହାପ୍ରଭୁଙ୍କର ଅନନ୍ୟ ମହିମା ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି ମହନ୍ତ ରାମକୃଷ୍ଣ ଦାସ ମହାରାଜ, ସାରା ବିଶ୍ୱରେ କିଭଳି ଶ୍ରୀଜଗନ୍ନାଥଙ୍କ ମହିମା ପରିବ୍ୟାପ୍ତ ସେ ସମ୍ପର୍କରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ପୂର୍ବରୁ ଅପରାହ୍ନରେ ଷୋଡ଼ଶ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତିଷ୍ଠାନର ଆୟବ୍ୟୟ ଓ ବଜେଟ ଉପସ୍ଥାପିତ ହୋଇ ଗୃହିତ ହୋଇଥିଲା।

ଏହି ଅବସରରେ ମହାରାଜା ଦିବ୍ୟସିଂହ ଦେବ କହିଛନ୍ତି, ବର୍ତ୍ତମାନ ସମୟରେ ଅଦିନିଆ ରଥଯାତ୍ରା ହେଉଛି ଏକ ନମ୍ବର ଅପପ୍ରଚାର। ଅଦିନିଆ ରଥଯାତ୍ରା ଏକ ଭୟଙ୍କର ବ୍ୟତିକ୍ରମ। ଏବେ ଆଚାର୍ଯ୍ୟମାନଙ୍କ ମତ ଭକ୍ତମାନେ ଗ୍ରହଣ କରିବାର ସମୟ ଆସିଛି। ଯଦି ଆଚାର୍ଯ୍ୟ ଓ ଭକ୍ତମାନେ ଚୁପ୍ ରହିବେ ତେବେ ଇସ୍କନ ମନଇଚ୍ଛା ଅଦିନିଆ ରଥଯାତ୍ରା କରିବ। ଇସ୍କନ ଠାରୁ ସମସ୍ତେ ଦେଖି ଅଦିନିଆ ରଥଯାତ୍ରା କରୁଛନ୍ତି। ଇସ୍କନର ଏଭଳି ନିଷ୍ପତ୍ତିକୁ ଆମେ ମାନିବୁ ନାହିଁ ବୋଲି କହିଲେ ଗଜପତି ମହାରାଜା। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆଲୋଚନା ଉଦ୍ୟମ ଇସ୍କନ ସହ ବିଫଳ ହେଲା। ଭାରତ ବାହାରେ ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ କେହି ନାହାନ୍ତି, ଆମର ଓଡ଼ିଆ ଭାଇମାନେ ଅଦିନିଆ ରଥଯାତ୍ରାରେ ଅଂଶଗ୍ରହଣ କରିବା ସହ ଡୋନେଶନ ଦେଉଛନ୍ତି। ଆଗକୁ ଅଦିନିଆ ରଥଯାତ୍ରା ଏକ ପରମ୍ପରାରେ ପରିଣତ ହୋଇଯିବ। ଶାସ୍ତ୍ର ମତ ଅନୁଯାୟୀ, ରଥଯାତ୍ରା ପାଳନ ହେବା ଉଚିତ। ଅଦିନିଆ ରଥଯାତ୍ରା, ଜଗନ୍ନାଥ ଧାମକୁ ନେଇ ହେଉଛି ବ୍ୟତିକ୍ରମ। ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ କାର୍ଯ୍ୟକ୍ରମରେ ଗଜପତି ମହାରାଜା ଏଭଳି ମନ୍ତବ୍ୟ ଦେଇଥିଲେ।




ସମାରୋହରେ ମହାରାଜା ଦିବ୍ୟସିଂହ ଦେବଙ୍କ ସମେତ ଅନ୍ୟମାନେ ।

## ସଂକ୍ଷେପରେ

### ଜଳିଗଲା ୩ ବଖରା



ମଙ୍ଗୁଳି-ଜଗତପୁର,୨୧।୧୨(ମାନସ ସାମଲ)

ଟାଙ୍ଗୀ-ଜଗତପୁର ଥାନା ଅଧୀନ ହରିଅନ୍ତା ପଞ୍ଚାୟତ ତନ୍ତିରା ଗ୍ରାମରେ ଶନିବାର ମଧ୍ୟରାତ୍ରିରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗୋଟିଏ ପରିବାରର ୩ବଖରା ଚାଳଘର ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ ବିଦ୍ୟୁତ୍ ଶର୍ଟସର୍କିଟ୍‌ରୁ ନିଆଁ ଲାଗିଥିବା ଆଶଙ୍କା କରାଯାଉଛି। ୨ଟି ଖଟ, ସାଇକେଲ, ବାଇକ୍, ଧାନ ଚାଉଳ, ଲୁଗାପଟା, ବାସନକୁସନ, ରାଶନ ସାମଗ୍ରୀ ଓ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନା ମୁତାବକ, ତନ୍ତିରା ଗ୍ରାମର ଅନାଦି ଦାସଙ୍କ ପରିବାର ରାତ୍ରିଭୋଜନ ସାରି ଶୋଇଥିଲେ। ରାତି ପ୍ରାୟ ୧ଟାରେ ହଠାତ୍ ରୋଷେଇ ଘରେ ନିଆଁ ଲାଗି ଧୂଆଁ ହେବାରୁ ସେମାନଙ୍କ ନିଦ ଭାଙ୍ଗି ଯାଇଥିଲା। ସେତେବେଳକୁ ରୋଷେଇ ଘର ଚାଳ ହୁତୁହୁତୁ ହୋଇ ଜଳୁଥିଲା। ଚାହୁଁ ଚାହୁଁ ଅନ୍ୟ ୨ଟି ଘରକୁ ନିଆଁ ବ୍ୟାପିଯାଇଥିଲା। ଭୟରେ ପରିବାର ଲୋକେ ଜୀବନ ବଞ୍ଚାଇ ପଦାକୁ ପଳାଇ ଆସିବା ସହ ସାହି ପଡ଼ିଶାଙ୍କୁ ଡାକ ପକାଇଥିଲେ। ଖବର ପାଇ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିବିପନ୍ନଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ଉକ୍ତ ପରିବାରକୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

### ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ

କଟକ ସଦର,୨୧।୧୨(ସୁଶାନ୍ତ କୁମାର ଜେନା)

ୟୁନିୟନ ଫର୍ କଟକ ସଦର ଡେଭଲପ୍‌ମେଣ୍ଟ ଆନୁକୂଲ୍ୟରେ ରବିବାର କିଶୋର ନଗର ପଞ୍ଚାୟତ ଅଧୀନ ହୁଲିପୁର ଗ୍ରାମରେ ଶୀତବସ୍ତ୍ର ବଣ୍ଟନ କରାଯାଇଛି। ୟୁନିୟନ ସଭାପତି ମନୋଜ କୁମାର ନାୟକ ୮୧ ଜଣ ଗରିବ ଅସହାୟ ମହିଳା ଓ ପୁରୁଷଙ୍କୁ ଶୀତବସ୍ତ୍ର ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶିଷ ମହାନ୍ତି, ପ୍ରକାଶ ମାଝୀ, ସରୋଜ ସାସମଲ, ସୁମନ ଜେନା, କୃପାସିନ୍ଧୁ ସେଠୀ, ନରେଶ ମଲ୍ଲିକ ଏବଂ ସୁମନ ଭୋଇ ପ୍ରମୁଖ ସହଯୋଗ କରିଥିଲେ।

# ଚୌଦ୍ୱାରର ସୁରକ୍ଷାକର୍ମୀ ବିଶାଖାପାଟଣାରେ ନିଖୋଜ

## ଦେବଗଡ଼ ବିଧାୟକଙ୍କ ସହ ଥାନାର ଦ୍ୱାରସ୍ଥ ହେଲେ ସ୍ତ୍ରୀ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୧।୧୨ (ଆଶୁତୋଷ ଦାସ/ମାନସ ସାମଲ)

କଟକ ଜିଲା ଚୌଦ୍ୱାରସ୍ଥିତ ଏକ ଘରୋଇ କମ୍ପାନୀର ଜଣେ ସୁରକ୍ଷାକର୍ମୀ ଆନ୍ଧ୍ରପ୍ରଦେଶର ବିଶାଖା ପାଟଣାରେ ନିଖୋଜ ହୋଇଥିବା ନେଇ ଚୌଦ୍ୱାର ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତ ସୁରକ୍ଷାକର୍ମୀ ହେଲେ ଦେବଗଡ଼ ଜିଲା ରିଆମାଳ ଥାନା ଅଧୀନ ଟିଙ୍କିବିରା ଗ୍ରାମର ଭାଗୀରଥି ସାହୁଙ୍କ ପୁଅ ଜିତେନ୍ଦ୍ରୀୟ ସାହୁ(୪୭)। ପରିବାର ଲୋକେ ନ୍ୟାୟ ପାଇଁ ରବିବାର ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କ ସହ ଚୌଦ୍ୱାର ଥାନାରେ ପହଞ୍ଚି ପୋଲିସର ସହାୟତା ଲୋଡ଼ିଛନ୍ତି। ଏହାପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ଜିତେନ୍ଦ୍ରୀୟ ପ୍ରାୟ ଅଢ଼େଇବର୍ଷ ହେବ ଏକ ଘରୋଇ



ଜିତେନ୍ଦ୍ରୀୟ ସାହୁ

ସିକ୍ୟୁରିଟି ସଂସ୍ଥା ଦ୍ୱାରା ଚୌଦ୍ୱାରସ୍ଥିତ ଏକ ଘରୋଇ କମ୍ପାନୀରେ ଠିକାରେ ନିଯୁକ୍ତି ପାଇଥିଲେ। ଗତ ୧୩ ତାରିଖରେ ସମ୍ପୃକ୍ତ କମ୍ପାନୀର କ୍ରୋମ୍ ପରିବହନ ପାଇଁ ୩ଟି ଟ୍ରକ ବିଶାଖାପାଟଣା ବାହାରିଥିଲା। ଗାଡ଼ି ତଦାରଖ ପାଇଁ ଜିତେନ୍ଦ୍ରୀୟଙ୍କୁ ଏଜେନ୍ସି ପକ୍ଷରୁ ପଠାଯାଇଥିଲା। ୧୫ତାରିଖ ସନ୍ଧ୍ୟାରେ ଜିତେନ୍ଦ୍ରୀୟଙ୍କ ଉପସ୍ଥିତିରେ ଟ୍ରକ୍‌ଗୁଡ଼ିକରୁ ମାଲ୍ ଅନ୍‌ଲୋଡ୍ ହୋଇଥିଲା। ସେହିଦିନ ସନ୍ଧ୍ୟାରେ ଜିତେନ୍ଦ୍ରୀୟ ତାଙ୍କ ସ୍ତ୍ରୀଙ୍କ ସହ ଫୋନରେ କଥା ହେବା ପରେ ଫୋନ ସୁଇଚ୍ ଅଫ୍ ହୋଇଯାଇଥିଲା। ୧୬ତାରିଖ ସକାଳେ ସେ ଟ୍ରେନରେ ଓଡ଼ିଶା ଫେରିଆସିବାର ଥିଲା। କିନ୍ତୁ ସେ ଘରେ ପହଞ୍ଚି ନ ଥିଲେ। ପରିବାର ଲୋକଙ୍କ ସନ୍ଦେହ ହେବାରୁ ପ୍ରଥମେ ଏଜେନ୍ସି ମାଲିକଙ୍କ ସହ ଯୋଗାଯୋଗ କରି ବିଫଳ ହୋଇଥିଲେ। ଫଳରେ ଦେବଗଡ଼ ବିଧାୟକଙ୍କ ସହାୟତାରେ ଜିତେନ୍ଦ୍ରୀୟଙ୍କ ସ୍ତ୍ରୀ ବିଶାଖାପାଟଣା ଯାଇ ପୋଲିସ ନିକଟରେ ଅଭିଯୋଗ କରିଥିଲେ, କିନ୍ତୁ ପୋଲିସ ଏତଲା ରଖି ନ ଥିଲା। ପରେ ସମ୍ପୃକ୍ତ ସିକ୍ୟୁରିଟି ସଂସ୍ଥାର ମ୍ୟାନେଜିଂ ପାର୍ଟନର୍ ମହେଶ୍ୱର ମହାନ୍ତି ଥାନାରେ ଏ ନେଇ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୮୬/୨୫) ରୁଜୁ କରିଥିଲା। ରବିବାର ପୁନଶ୍ଚ ତାଙ୍କ ସ୍ତ୍ରୀ ଦେବଗଡ଼ ବିଧାୟକଙ୍କୁ ସାଥିରେ ନେଇ ଚୌଦ୍ୱାର ଥାନାରେ ପହଞ୍ଚି ସ୍ୱାମୀଙ୍କ ସମ୍ପର୍କରେ ପଚାରି ବୁଝିବା ସହ ଯଥାଶୀଘ୍ର ଫେରାଇ ଆଣିବାକୁ ଆକୁଳ ନିବେଦନ କରିଛନ୍ତି। ଏ ନେଇ ଚୌଦ୍ୱାର ଥାନା ଅଧିକାରୀ ଦୀପକ ଖଣ୍ଡାୟତରାୟ କହିଛନ୍ତି, ବିଶାଖାପାଟଣା ପୋଲିସ ଜିତେନ୍ଦ୍ରିୟଙ୍କୁ ଖୋଜିବା କଥା, କିନ୍ତୁ ଖୋଜିଲା ନାହିଁ। ତେବେ ଚୌଦ୍ୱାର ଥାନା ପକ୍ଷରୁ ସ୍ୱତନ୍ତ୍ର ପୋଲିସ କର୍ମଚାରୀ ନିୟୋଜିତ କରାଯାଇ ତାଙ୍କ ନମ୍ବର ଟ୍ରେସ୍ କରୁଛୁ। ଯଥାଶିଘ୍ର ଜୀତେନ୍ଦ୍ରିୟ ମିଳିଯିବେ ବୋଲି ଆଶା ରଖିଛୁ।

# ସଙ୍ଗୀତରେ ଅକ୍ଷୟ ମହାନ୍ତିଙ୍କୁ ଶ୍ରଦ୍ଧାଞ୍ଜଳି





କଣ୍ଠଶିଳ୍ପୀ କୃଷ୍ଣଚନ୍ଦ୍ର ସେଠୀ ଏବଂ ରବୀନ୍ଦ୍ରନାଥ ମିଶ୍ର ସଙ୍ଗୀତ ପରିବେଷଣ କରୁଛନ୍ତି।

କଟକ,୨୧।୧୨(କାର୍ତ୍ତିକ ସାହୁ)

ଓଡ଼ିଆ ସଙ୍ଗୀତ ଜଗତର ଅପ୍ରତିଦ୍ୱନ୍ଦ୍ୱୀ କଣ୍ଠଶିଳ୍ପୀ ଅକ୍ଷୟ ମହାନ୍ତିଙ୍କୁ ରବିବାର 'ଅ'ରୁ କ୍ଷ କାର୍ଯ୍ୟକ୍ରମ' ଜରିଆରେ ଦି ସମ୍ମାନ ଫାଉଣ୍ଡେଶନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। କମିଶନରେଟ ପୋଲିସର ଏସିପି କୃଷ୍ଣଚନ୍ଦ୍ର ସେଠୀ, ଏସିପି ଅମିତାଭ ମହାପାତ୍ର, ଶୁଭାଶିଷ ମହାକୁଡ଼, ସତ୍ୟଜିତ୍, କରୁଣାକର, ଭାଗ୍ୟଶ୍ରୀ ମହାନ୍ତି, ଶିଉଳି ଘୋଷ ପ୍ରମୁଖ ସଙ୍ଗୀତର ଯାଦୁରେ ଅକ୍ଷୟଙ୍କ ସ୍ମୃତିର ରୋମନ୍ଥନ କରାଇଥିଲେ। ଶହୀଦ ଭବନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମେୟର ସୁବାସ ଚନ୍ଦ୍ର ସିଂ, ସମ୍ମାନିତ ଅତିଥି ଭାବେ କମିଶନର କିରନଦୀପ କୌର ଓ ଶିଳ୍ପୋଦ୍ୟୋଗୀ ଡି. ଆର୍. ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅଭିନେତ୍ରୀ ମେଘନା ମିଶ୍ର, ଏସିପି ଅମିତାଭ ମହାପାତ୍ର, ସଙ୍ଗୀତକାର ଶରତ ନାୟକ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜୟ ମଲ୍ଲ ଓ ଉଲ୍ଲାସ ବେଉରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ରବିବାର ଆୟୋଜିତ 'ଆଲୁମ୍‌ନି ମିଟ୍ -୨୦୨୫'ରେ ଅତିଥି ଏବଂ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ଗହଣରେ ପୁରାତନ ଛାତ୍ରୀଛାତ୍ର।

# 'ପୁରାତନ ଛାତ୍ରୀଛାତ୍ର ଶିକ୍ଷାନୁଷ୍ଠାନର ବ୍ରାଣ୍ଡ୍ ଆମ୍ବାସାଡର୍'

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ 'ଆଲୁମ୍‌ନି ମିଟ୍ -୨୦୨୫'

କଟକ,୨୧।୧୨(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଆଲୁମ୍‌ନି ମିଟ୍ -୨୦୨୫' ରବିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟରୁ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇ ବିଭିନ୍ନ ସଂସ୍ଥା ଓ ପଦପଦବୀରେ ନିଜକୁ ପ୍ରତିଷ୍ଠିତ କରିବା ସହ ଶିକ୍ଷାନୁଷ୍ଠାନର ଗୌରବ ବଢ଼ାଇଥିବା ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ବିଗତ ଦିନର ଅଭୁଲା ସ୍ମୃତିଚାରଣ କରିଥିଲେ। ଛାତ୍ରୀଛାତ୍ରମାନେ ନୃତ୍ୟଗୀତ ପରିବେଷଣ କରିଥିଲେ। ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୁରାତନ ଛାତ୍ରୀଛାତ୍ରମାନେ ଶିକ୍ଷାନୁଷ୍ଠାନର 'ବ୍ରାଣ୍ଡ୍ ଆମ୍ବାସାଡର' ବୋଲି କହିଥିଲେ। କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ପୁରାତନ ବିଦ୍ୟାର୍ଥୀ ଶିକ୍ଷାନୁଷ୍ଠାନର ଅମୂଲ୍ୟ ସମ୍ପଦ ଏବଂ ସେମାନଙ୍କ ପ୍ରତିଟି ସଫଳତା ପ୍ରେରଣାଦାୟକ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ରେଜିଷ୍ଟ୍ରାର ଡ. ଭକ୍ତଚରଣ ପ୍ରଧାନ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ କୁମାର ଦାସ, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଡେପୁଟି ରେଜିଷ୍ଟ୍ରାର ଶିଶିର କୁମାର ସାହୁ, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କେକ୍ କଟାଯାଇ ପୁରାତନ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୁମ୍‌ନି ଆସୋସିଏଶନ୍ ସଭାପତି ଡ. ନୟନ ରଞ୍ଜନ ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମ୍ପାଦକ ପ୍ରାଧ୍ୟାପକ ସୁରଜିତ୍ ମହାନ୍ତି ଏବଂ ପ୍ରାଧ୍ୟାପିକା ଦେବଯାନୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ଡ୍ରିମ୍‌ସ ଗ୍ରାଉଣ୍ଡରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ୍ ମ୍ୟାଚ୍ ଖେଳିଥିଲେ। ବିଭିନ୍ନ ବିଭାଗର ଅଧ୍ୟାପିକା, ଅଧ୍ୟାପକ ଓ ପଦାଧିକାରୀ ଉପସ୍ଥିତ ଥିଲେ।



ସିଏମ୍‌ସି ୱାର୍ଡ ନଂ.୩ ଜର୍ଜପଥରେ ରବିବାର ମିଶନଶକ୍ତି ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ମେୟର ସୁବାସ ସିଂ, ସ୍ଥାନୀୟ କର୍ପୋରେଟର ଏବଂ ଅଞ୍ଚଳବାସୀ।

# ଦଶମୀ ଦୋଳ ମେଳଣ ପ୍ରସ୍ତୁତି ବୈଠକ

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ୨୩ତମ ଦଶମୀ ନଦୀୟା ଦୋଳମେଳଣ ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ ବେପାରୀ ସାହିସ୍ଥିତ ମହାମଣ୍ଡଳର ସର୍ବାଧିକାରୀଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସର୍ବମହନ୍ତ ଭିକାରୀ ଦାସ ଅଧ୍ୟକ୍ଷତା କରିଥିଲେ। ନୃସିଂହନାଥ ନଦୀୟା ସଂକୀର୍ତ୍ତନ ମଣ୍ଡଳୀର ଅଧିକାରୀ ବିଭୁତି ଭୂଷଣ ମହାପାତ୍ରଙ୍କ ନିମନ୍ତ୍ରଣକ୍ରମେ ଆସନ୍ତା ଫେବୃଆରୀ ୨୬ରେ ଫଗୁ-ଦଶମୀ ତିଥିରେ ଦଶମୀ ନଦୀୟା ଦୋଳ ମେଳଣ ମଙ୍ଗଳାବାଗ ମଲ୍ଲାସାହିରେ ଅନୁଷ୍ଠିତ ହେବା ନେଇ ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଉପଲକ୍ଷେ ମହାମଣ୍ଡଳ ପକ୍ଷରୁ ପ୍ରକାଶ ପାଇବାକୁ ଥିବା ସ୍ମରଣିକା ନିମନ୍ତେ ଯେଉଁ ମଣ୍ଡଳୀ ଲେଖା ଦେବାକୁ ଚାହୁଁଥିବେ, ସେମାନେ ଜାନୁଆରୀ ୩୧ ସୁଦ୍ଧା ସର୍ବକର୍ତ୍ତୁଆଳଙ୍କ ନିକଟରେ ଦାଖଲ କରିବେ। ଜାନୁଆରୀ ୨୨ ସନ୍ଧ୍ୟା ୬ଟାରେ ସ୍ଥାନୀୟ ନୃସିଂହନାଥ ମନ୍ଦିର ପ୍ରାଙ୍ଗଣରେ ଦୋଳମେଳଣର ପ୍ରସ୍ତୁତି ମହାସଭା ଅନୁଷ୍ଠିତ ହେବ। ଏଥିରେ ପ୍ରତ୍ୟେକ ମଣ୍ଡଳୀର ସର୍ବନିମ୍ନ ୫ଜଣ ପଦାଧିକାରୀ ଉପସ୍ଥିତ ରହିବା ସହ ପ୍ରତ୍ୟେକ ମଣ୍ଡଳୀର ବାର୍ଷିକ ସଭ୍ୟ ଦେୟ ଏକ ହଜାର ଟଙ୍କା ଦାଖଲ କରିବାକୁ ନିବେଦନ କରାଯାଇଛି। ସର୍ବକର୍ତ୍ତୁଆଳ କୃଷ୍ଣଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ। ବୈଠକରେ ସର୍ବାଧିକାରୀ ଜଗଜୀବନ ପ୍ରସାଦ, ବରିଷ୍ଠ ପଦାଧିକାରୀ ସନ୍ତୋଷ ସାହୁ, ରଘୁନାଥ ପ୍ରସାଦ ଭଗତ, ସୁଦୀପ୍ତ ସ୍ୱାଇଁ, ରାକେଶ ବେହେରା, ସବ୍ୟସାଚୀ ଦାସ, ଦିଲ୍ଲୀପ ଦଳେଇ, ରଶ୍ମିରଞ୍ଜନ ବେହେରା, ପ୍ରଭାସ ସ, ବାମାଶଙ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ଜାଲ୍ ସାର୍ଟିଫିକେଟ୍ ଘଟଣାର ତଦନ୍ତ ଆରମ୍ଭ

କଟକ ସଦର,୨୧।୧୨(ସୁଶାନ୍ତ କୁମାର ଜେନା)

ଓଡ଼ିଶାରେ ୧୦ +୨ ଶିକ୍ଷା ବ୍ୟବସ୍ଥା ୧୯୮୩ ମସିହାରୁ ଲାଗୁ ହୋଇଥିଲା। ପରୀକ୍ଷା ପରିଚାଳନା ପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସ୍ଥାପନ କରାଯାଇଥିଲା। ତେବେ କଟକ ସଦର ବ୍ଲକ ଅନ୍ତର୍ଗତ ହଂସନାଥ ଉଚ୍ଚ ବିଦ୍ୟାଳୟରେ ୧୦ +୨ ଶିକ୍ଷା ବ୍ୟବସ୍ଥା ୧୯୭୩ ମସିହାରେ ଲାଗୁ କରାଯାଇଥିଲା ବୋଲି ବିଦ୍ୟାଳୟ କର୍ତ୍ତୃପକ୍ଷ ମାଧ୍ୟମିକ ଶିକ୍ଷା ପରିଷଦକୁ ପତ୍ରସଂଖ୍ୟା ୪୪(୨୫)/୫-୮-୨୦୨୫ରେ ଜଣାଇବା ଘଟଣା ଏବେ ଆଲୋଚନାର ବିଷୟ ହୋଇଛି। ଏହି ବିଦ୍ୟାଳୟରୁ ଜଣେ ବ୍ୟକ୍ତି ଜାଲ୍ ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ (ଏସ୍‌ଏଲ୍‌ସି) ନେବା ଘଟଣାର ତଦନ୍ତ ଜିଲା ଶିକ୍ଷା ଅଧିକାରୀ ଆରମ୍ଭ କରିବା ପରେ ଏଭଳି ଅନିୟମିତତା ପଦାକୁ ଆସିଛି।

ଘଟଣାରୁ ପ୍ରକାଶ, ଉକ୍ତ ବିଦ୍ୟାଳୟରୁ ଜଣେ ବ୍ୟକ୍ତି ଗୋଟିଏ ନାମରେ ୨ଟି ମାଟ୍ରିକ୍ ସାର୍ଟିଫିକେଟ ହାସଲ କରିଛନ୍ତି। ଉଭୟ ସାର୍ଟିଫିକେଟ୍ ମାଧ୍ୟମିକ ଶିକ୍ଷା ପରିଷଦରୁ ପ୍ରଦାନ କରାଯାଇଛି। ଉକ୍ତ ଦୁଇଟି ସାର୍ଟିଫିକେଟ୍‌ରେ ପରୀକ୍ଷାର୍ଥୀଙ୍କ ନାମ ଠିକ୍ ଥିବାବେଳେ ବାପାଙ୍କ ନାମ ଓ ଜନ୍ମ ତାରିଖ ଅଲଗା ରହିଛି। ଏ ବିଷୟରେ ଜଣେ ବ୍ୟକ୍ତି ଗତ ସେପ୍ଟେମ୍ବର ୨୪ରେ କଟକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବା ପରେ ଜିଲାପାଳ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଫଳରେ ମାଧ୍ୟମିକ ଶିକ୍ଷା ପରିଷଦ ଏବଂ କଟକ ଜିଲା ଶିକ୍ଷା ଅଧିକାରୀ ଏହାକୁ ଗୁରୁତ୍ୱର ସହ ନେଇଛନ୍ତି। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଉକ୍ତ ବିଦ୍ୟାଳୟକୁ ରିପୋର୍ଟ ମଗାଯାଇଥିଲା। ସମ୍ପ୍ରତି ବିଦ୍ୟାଳୟ ପକ୍ଷରୁ ଦାଖଲ କରାଯାଇଥିବା ବିଦ୍ୟାଳୟ ପରିତ୍ୟାଗ ସାର୍ଟିଫିକେଟ୍ ନକଲରେ ଦର୍ଶାଯାଇଛି ଯେ, ସମ୍ପୃକ୍ତ ବ୍ୟକ୍ତି ୧୯୭୩ ମସିହାରେ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇଥିଲେ। ସେ ୧୯୭୬ରେ ମାଟ୍ରିକ୍ ପରୀକ୍ଷା ଦେଇ ଫେଲ୍ ହୋଇଥିବା ଉଲ୍ଲେଖ ରହିଛି। ଏହି ପ୍ରମାଣପତ୍ରର ନକଲକୁ ବର୍ତ୍ତମାନର ଭାରପ୍ରାପ୍ତ ଶିକ୍ଷୟିତ୍ରୀ ମଧ୍ୟ ଆଟେଷ୍ଟେଡ୍ କରିଛନ୍ତି। କାରଣ ସେହି ସମୟରେ ଏକାଦଶ ଶ୍ରେଣୀରେ ମାଟ୍ରିକ୍ ପରୀକ୍ଷା ବ୍ୟବସ୍ଥା ଆମ ରାଜ୍ୟରେ ପ୍ରଚଳନ ଥିଲା। ଏ ସମ୍ପର୍କରେ ତଦନ୍ତ କରି ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ ଜିଲାପାଳ ଚିଠି ଲେଖି ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତଦନ୍ତରେ ମନ୍ଥରତା ପ୍ରକାଶ ପାଇଥିବା ଅଭିଯୋଗ ହୋଇଛି। ଘଟଣାର ତ୍ୱରିତ ତଦନ୍ତ ପାଇଁ ବରିଷ୍ଠ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜିଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ କହିଛନ୍ତି।



ଶାରଳା ଭବନରେ ରବିବାର ଅନୁଷ୍ଠିତ 'ୱାର୍ ହିରୋଜ୍ ଅଫ୍ ୧୯୭୧ ଇଣ୍ଡୋ-ପାକ୍ ୱାର୍' ସମ୍ବର୍ଦ୍ଧନା ଉତ୍ସବରେ ଯୋଗଦେଇଥିବା ଅତିଥିବୃନ୍ଦ। (ଫଟୋ: ରାଜକିଶୋର ମହାନ୍ତି)

# 'ସାଲିସବିହୀନ ରାଜନେତା ଥିଲେ ପ୍ରଦ୍ୟୁମ୍ନ ବଳ'

କଟକ,୨୧।୧୨(କାର୍ତ୍ତିକ ସାହୁ)

ବିଶିଷ୍ଟ ସ୍ତମ୍ଭକାର ତଥା ପୂର୍ବତନ ଏମ୍‌ପି ପ୍ରଦ୍ୟୁମ୍ନ ବଳ ଥିଲେ ସାଲିସ ବିହୀନ ରାଜନେତା। ସେ ଦରିଦ୍ର ଲୋକଙ୍କ ମନର କଥା ବୁଝିପାରୁଥିଲେ। ସେମାନଙ୍କ ମୁହଁରେ ହସ ଫୁଟାଇବା ତାଙ୍କର ଉଦ୍ଦେଶ୍ୟ ଥିଲା ବୋଲି ରାଜ୍ୟ ମୁଖ୍ୟ ସୂଚନା ଆୟୁକ୍ତ ମନୋଜ କୁମାର ପରିଡ଼ା କହିଛନ୍ତି।

ଜନନେତା ପ୍ରଦ୍ୟୁମ୍ନ ବଳ ସ୍ମୃତି କମିଟି ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ରବିବାର ଆୟୋଜିତ ପ୍ରଦ୍ୟୁମ୍ନ ବଳଙ୍କ ସ୍ମୃତି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିଡ଼ା ଯୋଗଦେଇ କହିଲେ, ପ୍ରଦ୍ୟୁମ୍ନ ବଳ ନିଆରା ମଣିଷ ଥିଲେ। ନିର୍ଭୀକ ସାମ୍ବାଦିକଙ୍କ ଲାଗି ସେ ପ୍ରେରଣାର ଉତ୍ସ ଥିଲେ। ତାଙ୍କୁ ଅନୁସରଣ କରିବା ଆବଶ୍ୟକ। ସେ ସମ୍ବାଦପତ୍ର ମାଧ୍ୟମରେ ଲୋକଙ୍କ ସ୍ୱରକୁ ଉଜ୍ଜୀବିତ କରିଥିଲେ। ଆଗାମୀ ପିଢ଼ି ପାଇଁ ସେ ଅନେକ ସମ୍ଭାବନା ତାଙ୍କ କଲମ ମୁନରେ ସ୍ଥାନ ଦେଉଥିଲେ। ତାଙ୍କ ପରି ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତି ବିରଳ ଉଦାହରଣ ବୋଲି ପରିଡ଼ା ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ସାହିତ୍ୟିକ



ଉତ୍ସବରେ ତନୟା ପଟ୍ଟନାୟକଙ୍କୁ ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ ପ୍ରଦାନ କରାଯାଉଛି।

ଦାଶ ବେନହୁର କହିଲେ, ପିଲାଟି ଦିନରୁ ପ୍ରଦ୍ୟୁମ୍ନ ବାମପନ୍ଥୀ ଚିନ୍ତାଧାରାକୁ ବିଶ୍ୱାସ କରୁଥିଲେ। କଂଗ୍ରେସରେ ରହିଥିଲେ ମଧ୍ୟ ଅନ୍ୟାୟ, ଅତ୍ୟାଚାରକୁ ବିରୋଧ କରୁଥିଲେ। ତାଙ୍କ ଲେଖା ବହୁତ ସହଜ, ସରଳ ଓ ସ୍ୱପ୍ନଶୀଳ ଥିଲା। ସହଜରେ ଜଣେ ଲୋକ ତାଙ୍କ ଲେଖା ପଢ଼ି ଜାଗ୍ରତ ହୋଇପାରୁଥିଲେ। କଳାବିକାଶ କେନ୍ଦ୍ରର ସଭାପତି ପ୍ରଫେସର ଡ. ବିଜୟାନନ୍ଦ ସିଂହ ଅଧ୍ୟକ୍ଷତା କରି ପ୍ରଦ୍ୟୁମ୍ନ ବାବୁ ଜଣେ ଯୋଗଜନ୍ମା ବୋଲି କହିଥିଲେ। ଏହି ଅବସରରେ ଦୈନିକ ସମ୍ବାଦ ଓ କନକ ନ୍ୟୁଜ୍‌ର ସମ୍ପାଦକ ତନୟା ପଟ୍ଟନାୟକଙ୍କୁ ଚଳିତ ବର୍ଷର ପ୍ରଦ୍ୟୁମ୍ନ ବଳ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଡ. ପ୍ରଭାତ କୁମାର କର ସ୍ୱାଗତ ଭାଷଣ ଓ ସ୍ମୃତି କମିଟି ସମ୍ପାଦକ ସେକ୍ ମସୁଦ ଅଲ୍ଲୀ ଧନ୍ୟବାଦ ଦେଇଥିଲେ। ପ୍ରଦ୍ୟୁମ୍ନ ବାରିକ ମାନପତ୍ର ପାଠ କରିଥିଲେ। ସୁକାନ୍ତ ନନ୍ଦ ଓ ସୀତାନାଥ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଦେଶ ନିର୍ମାଣରେ ଇଞ୍ଜିନିୟରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## କଟକ ସିଟି ଇଞ୍ଜିନିୟର୍ସ କ୍ଲବର ବାର୍ଷିକ ଉତ୍ସବ

କଟକ,୨୧।୧୨(କାର୍ତ୍ତିକ ସାହୁ)

କଟକ ସିଟି ଇଞ୍ଜିନିୟର୍ସ କ୍ଲବର ୨୩ତମ ବାର୍ଷିକ ଉତ୍ସବ ରବିବାର ମହାନଦୀ ବିହାରସ୍ଥିତ ରିଦ୍ଧି-ସିଦ୍ଧି ପରିସରରେ ପାଳିତ ହୋଇଯାଇଛି। ଉତ୍ସବରେ କ୍ଲବର ସଭାପତି ଇଂ. ତାପସ ଚନ୍ଦ୍ର ସାମନ୍ତ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ କ୍ୟାଟ୍ ସଦସ୍ୟ ମନୋରଞ୍ଜନ ମହାନ୍ତି ଯୋଗଦେଇ ଆଧୁନିକ ଦେଶ ନିର୍ମାଣରେ ଇଞ୍ଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଓଡ଼ିଶା ରିୟଲ ଇଷ୍ଟେଟ ଆପିଲେଟ୍ ଟ୍ରିବ୍ୟୁନାଲ୍‌ର ବୈଷୟିକ ସଦସ୍ୟ ଡ. ଭକ୍ତକବି ଦାସ ଯୋଗଦେଇ ବିଗତ ଦିନରେ କ୍ଲବ ଦ୍ୱାରା ବିଭିନ୍ନ ସାମାଜିକ କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ କ୍ଲବର ଦିବଂଗତ ୮ଜଣ





କାର୍ଯ୍ୟକ୍ରମରେ ଅତିଥିମାନେ କ୍ଲବ୍‌ର ସ୍ମରଣିକା ଉନ୍ମୋଚନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

ସଦସ୍ୟଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ଇଂ. ନିତ୍ୟାନନ୍ଦ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଲବର ସାଧାରଣ ସମ୍ପାଦକ ଇଂ. ରମାକାନ୍ତ ପ୍ରଧାନ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। କ୍ଲବର ସ୍ମରଣିକା ଉନ୍ମୋଚନ ସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ ପାଇଁ ୧୩ ଜଣ ବରିଷ୍ଠ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କଟକ ଜିଲା ଅନ୍ତର୍ଗତ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନର ଶ୍ରେଷ୍ଠ କୃତୀ ଛାତ୍ରୀଛାତ୍ର ଇଂ. ଶୁଭଶ୍ରୀ ବାରିକ, ଇଂ. ଅରୋଶିଖା ସ୍ୱାଇଁ, ସ୍ୱୟଂମ୍ ପ୍ରକାଶ ବେହୁରା, ଇଂ. ବାଗେଶ୍ୱର ବ୍ରହ୍ମଦର୍ଶୀନି ବେହେରା ଓ ଆର୍କିଟେକ୍ଟ ଜିତେଷ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବ ଉପସଭାପତି ଇଂ. ଶୂନ୍ୟେଶ୍ୱର ସ୍ୱାଇଁ ୩୩ ଜଣ ନୂତନ ସଦସ୍ୟଙ୍କୁ ଆଜୀବନ ସଦସ୍ୟତା ଗ୍ରହଣ ନିମନ୍ତେ ଅଭିନନ୍ଦନ ଜଣାଇଥିଲେ। ନିର୍ବାଚନ ଅଧିକାରୀ ଇଂ. ଗୋପାଳକୃଷ୍ଣ ବେହେରା ୨୦୨୬ ବର୍ଷ ନିମନ୍ତେ କ୍ଲବର ନିର୍ବାଚିତ ପ୍ରତିନିଧିମାନଙ୍କ ନାମ ଘୋଷଣା କରିଥିଲେ। ପ୍ରାକ୍ତନ ସଭାପତି ଇଂ. ଯଦୁନାଥ ମହାପାତ୍ର ଧନ୍ୟବାଦ ଦେଇଥିଲେ। ଇଂ. ଧୀରେନ୍ଦ୍ର କୁମାର ବିଶ୍ୱାଳ, ଇଂ. ମୁବାସର ଅହମ୍ମଦ, ଇଂ. ଗଗନ ବିହାରୀ ଛାଟୋଇ, ଇଂ. ଦେବୀପ୍ରସାଦ ନନ୍ଦ, ଇଂ. ଶିବ ପ୍ରସାଦ ନାୟକ ଏବଂ ଇଂ. ପ୍ରମୋଦ କୁମାର ନାୟକ ପ୍ରମୁଖ ସଭା ପରିଚାଳନାରେ ସହଯୋଗ କରିଥିଲେ। ଇଂ. ସରୋଜ ମିଶ୍ର, ମଞ୍ଜୁ ମିଶ୍ର ଏବଂ ଇଂ. ଦେବୀପ୍ରସାଦ ନନ୍ଦ ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ।

## ସଂକ୍ଷେପରେ

### ରାସ୍ତା ମଝିରେ ପ୍ରେମିକାଙ୍କୁ ପିଟିଲେ

**ଅଭିଯୁକ୍ତ ପ୍ରେମିକ ଗିରଫ**

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)

ପ୍ରେମିକା ମୋବାଇଲ୍ ନ ଦେଖାଇବାରୁ ପ୍ରେମିକ ମୁଣ୍ଡକୁ ପିତ୍ତ ଚଢ଼ିଗଲା। ରାସ୍ତା ମଝିରେ ପ୍ରେମିକାଙ୍କୁ ଗୋଡ଼ାଇ ପିଟିଲେ। ଏଭଳି ଘଟଣା ଇନ୍‌ଫୋଭ୍ୟାଲି ଥାନା ପିତାପଲ୍ଲୀ ଛକରେ ଦେଖିବାକୁ ମିଳିଛି। ପ୍ରେମିକାଙ୍କ ଅଭିଯୋଗ ଆଧାରରେ ପୋଲିସ ପ୍ରେମିକଙ୍କୁ ବାନ୍ଧିଛି। ପ୍ରେମିକ ଏକ ମୋବାଇଲ୍ ଦୋକାନରେ କାମ କରୁଥିବା ବେଳେ ପ୍ରେମିକା ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରନ୍ତି। ଗତ ୬ ମାସ ହେବ ଉଭୟ ପରସ୍ପରକୁ ଭଲ ପାଉଥିଲେ। ହେଲେ ଗତ କିଛିଦିନ ପ୍ରେମିକାଙ୍କ କଥାବାର୍ତ୍ତାକୁ ନେଇ ପ୍ରେମିକ ସନ୍ଦେହ କରୁଥିଲେ। ତେଣୁ ରବିବାର ସକାଳେ ପ୍ରେମିକ ତାଙ୍କୁ ଦେଖା କରିବାକୁ ପିତାପଲ୍ଲୀ ଛକକୁ ଡାକିଥିଲେ। ପ୍ରେମିକାଙ୍କ ଚରିତ୍ର ଉପରେ ସନ୍ଦେହକରି ମୋବାଇଲ୍ ଦେଖାଇବା ପାଇଁ କହିଥିଲେ। ହେଲେ ପ୍ରେମିକା ମୋବାଇଲ ନ ଦେଖାଇବାରୁ ପ୍ରେମିକ ଯୁବକ ରାସ୍ତା ମଝିରେ ଗୋଡ଼ାଇ ପିଟିଥିଲେ। ସ୍ଥାନୀୟ ଲୋକେ ଉଦ୍ଧାର କରିବାକୁ ଯାଇ ମାଡ଼ ମଧ୍ୟ ଖାଇଲେ। ଶେଷରେ ପୋଲିସ ପହଞ୍ଚି ଉକ୍ତ ଯୁବକଙ୍କୁ କାବୁକରିବା ସହ ଯୁବତୀଙ୍କୁ ଉଦ୍ଧାର କରିଥିଲା।

### ପାର୍କରେ ଯୁବତୀଙ୍କୁ ଅସଦାଚରଣ, ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)

ଆଇଜି ପାର୍କରେ ଯୁବତୀଙ୍କୁ ଅସଦାଚରଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୌରୀନଗରର ଆଶିଷ ନାୟକ ଏବଂ ରାକେଶ କୁମାର ଦାଶ। ବସନ୍ତ କୁମାର ସାମନ୍ତରାୟଙ୍କ ଲିଖିତ ଅଭିଯୋଗ ଆଧାରରେ କ୍ୟାପିଟାଲ ଥାନା ପୋଲିସ ମାମଲା ରୁଜୁକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ଗତ ଶନିବାର ଅଭିଯୋଗକାରୀ ବସନ୍ତ ତାଙ୍କ ବାନ୍ଧବୀଙ୍କ ସହ ଆଇଜି ପାର୍କକୁ ବୁଲିବା ପାଇଁ ଯାଇଥିବାବେଳେ ଅଭିଯୁକ୍ତ ଆଶିଷ ଓ ରାକେଶ ଅନ୍ୟ ଦୁଇ ସହଯୋଗୀ ରାଜା ଓରଫ ଜନ୍ମେଜୟ ମଲ୍ଲିକ ଏବଂ ରାଜେଶ ମଙ୍ଗରାଜ ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଯୁବତୀଙ୍କୁ ଅସଦାଚରଣ କରିଥିଲେ। ବସନ୍ତ ନିଜ ମୋବାଇଲ୍ ଫୋନ୍‌ରେ ଏହାର ଭିଡିଓ ଉତ୍ତୋଳନ କରିବାକୁ ଚେଷ୍ଟା କରୁଥିବାବେଳେ ଅଭିଯୁକ୍ତମାନେ ଛଡ଼ାଇ ନେଇ କ୍ୟାମେରା ଭାଙ୍ଗିଦେବା ସହ ଜୀବନରୁ ମାରିବାକୁ ଧମକ ଦେଇଥିଲେ। ଏହି ସମୟରେ ପାର୍କର ଦୁଇଜଣ ସୁରକ୍ଷା କର୍ମଚାରୀ ପହଞ୍ଚି ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲେ।

### ଜୟଦେବ କଲେଜର ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲିଅନ୍ତା,୨୧।୧୨(ନୀଳମାଧବ ସାହୁ)

ରାଜଧାନୀ ଉପକଣ୍ଠ ନହରକଣ୍ଟାସ୍ଥିତ ଶ୍ରୀ ଜୟଦେବ କଲେଜର ୩୮ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ୨ଦିନିଆ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ଉତ୍ସବ ଶନିବାର କଲେଜ ଖେଳପଡ଼ିଆରେ ଅଧ୍ୟକ୍ଷ ଦେବାଶିଷ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ କଲେଜର ପୁରାତନ ଛାତ୍ର ତଥା ମତ୍ସ୍ୟ ଓ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ଖେଳାଳି କେବେ ବି ଜୀବନରେ ହାରେନାହିଁ। ଖେଳାଳି କିଛି ଜିତେ ନ ହେଲେ କିଛି ଶିଖିଥାଏ। ଜୀବନରେ ହାର୍ ଜିତ୍ କିଛି ନାହିଁ। ଯେଉଁମାନେ ହାରିନାହାନ୍ତି ସେମାନେ ଜିତିବାର ସ୍ୱାଦ ଚାଖି ପାରିବେନାହିଁ। ହାରିଗଲେ ଆମକୁ ଅନେକ ଶିକ୍ଷା ମିଳିଥାଏ ଓ ଆଗକୁ ଜିତିବାର ଖୋରାକ ଯୋଗାଇଥାଏ ବୋଲି ସେ କହିଥିଲେ। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ନଳିନୀକାନ୍ତ ମହାନ୍ତି, ନୀହାର ରଞ୍ଜନ ଶ୍ରୀଚନ୍ଦନ, ପ୍ରଦୀପ ପଟ୍ଟନାୟକ ଓ ଜଳନ୍ଧର ସୁବୁଦ୍ଧି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଅଧ୍ୟାପିକା ମମତା ପ୍ରଧାନ ସ୍ୱାଗତ ଭାଷଣ ଓ ଡ. ସୁପ୍ରିୟା ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ମଲ୍ଲିକ କ୍ରୀଡ଼ା ପ୍ରତିଯୋଗିତାର ଚାମ୍ପିୟନ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଉତ୍ସବକୁ ଡ. ଅରୁଣ କୁମାର ରଥ, ହିମାଂଶୁ ଶେଖର ନାୟକ, ଡ. ତ୍ରିଲୋଚନ ପ୍ରଧାନ, ଉମାକାନ୍ତ ପରିଡ଼ା, ସୌରଭ କୁମାର ରାଉତ ପ୍ରମୁଖ ପରିଚାଳନା କରିଥିଲେ।

# ହୁକ୍କାବାର୍ ନାଁରେ ଚାଲିଛି ଡ୍ରଗ୍ସ, ମଦ ସେବନ

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)



- ଟି' ଷ୍ଟଲ୍,କାଫେ ନାଁରେ ଚାଲିଛି କାରବାର
- ଆଇନ୍‌ର ଗଳାବାଟର ଫାଇଦା ନେଉଛନ୍ତି ମାଲିକ
- କୋଟ୍‌ପା ଆଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି: ଅବକାରୀ ବିଭାଗ

ଆଗକୁ ନୂଆ ବର୍ଷ ଆସୁଥିବାରୁ ଜିରୋ ନାଇଟ୍‌କୁ ଲକ୍ଷ୍ୟ କରି ମାଲିକମାନେ ଛତୁଫୁଟିଲା ପରି ହୁକ୍କାବାର ଖୋଲୁଛନ୍ତି। ଟି' ଷ୍ଟଲ୍ ଏବଂ କାଫେ ନାଁରେ ଅବାଧ ଭାବେ ଏହି ବେଆଇନ କାରବାର ଚାଲିଛି। କୋଟ୍‌ପା ଆଇନ ଅନୁସାରେ ଜନଗହଳି ସ୍ଥାନରେ ହୁକ୍କା ଏବଂ ସିଗାରେଟ୍ ଟାଣିଲେ ୨ଶହଟଙ୍କା ଜରିମାନା ନିଆଯାଉଛି। କିନ୍ତୁ ଘର ଭିତରେ ହୁକ୍କା ଟଣା ଯିବାକୁ ରୋକିବାକୁ ଆଇନରେ ସେଭଳି କିଛି ବ୍ୟବସ୍ଥା ନ ଥିବାରୁ ଅବକାରୀ ବିଭାଗ କିଛି କାର୍ଯ୍ୟାନୁଷ୍ଠାନ ନେଇ ପାରୁନାହିଁ। ଫଳରେ ହୁକ୍କା ବାର୍ ମାଲିକମାନେ ବାରରେ ଡ୍ରଗ୍ସ ଏବଂ ମଦ କାରବାର ବେଧଡ଼କ ଚଳାଇଛନ୍ତି। ବିଭିନ୍ନ ଫ୍ଲେଭର ବଦଳରେ ସେମାନେ ଡ୍ରଗ୍ସ ମିଶାଇ ସେବନ କରିବାକୁ ଦେଉଛନ୍ତି। ଯେଉଁଥିପାଇଁ ଗ୍ରାହକମାନେ ବିଳମ୍ବିତ ରାତି ପର୍ଯ୍ୟନ୍ତ ନିଶାରେ ଝୁମୁଛନ୍ତି। କେବଳ ଡ୍ରଗ୍ସ ନୁହେଁ ହୁକ୍କାବାରରେ ମଦ କାରବାର ମଧ୍ୟ ଚାଲିଛି। ସବୁ କିଛି ଅବକାରୀ ବିଭାଗ ଏବଂ ପୋଲିସ ଜାଣିଥିଲେ ବି କିଛିବି କାର୍ଯ୍ୟାନୁଷ୍ଠାନ ନେଇପାରୁନାହାନ୍ତି। ଯେଉଁଥିପାଇଁ ନିଶାରେ ମତୁଆଲା ହେଉଛନ୍ତି ଯୁବପିଢ଼ି। ବାହାରେ କାଫେ ଏବଂ ଷ୍ଟଲ୍ ଲେଖା ହୋଇଥିବାବେଳେ ଭିତରେ କିନ୍ତୁ ଚାଲିଛି ଦୋନମ୍ବରି କାମ। କାଫେ ଏବଂ ଟି' ଷ୍ଟଲ ନାଁରେ ଯୁବପିଢ଼ିଙ୍କୁ ପରସା ଯାଉଛି ନିକୋଟିନ ଯୁକ୍ତ ହୁକ୍କା।

ଡ୍ରଗ୍ସ ମିଶାଇବା ପରେ ହାଲୁକା ନିଶାରେ ଝୁମୁଛନ୍ତି ଲୋକେ। ଲାଇଫ୍ ଷ୍ଟାଇଲ ସୋ–ଅପ୍ ଭାବନାରେ ଜୀବନ ନଷ୍ଟ କରିବାକୁ ବି ପଛାଉନାହାନ୍ତି ଯୁବପିଢ଼ି। ଏହି ହୁକ୍କା ପାଇଁ ନା ଅଛି ବିଧିବଦ୍ଧ ଲାଇସେନ୍ସ ନା ପୋଲିସ ଓ ଅବକାରୀ ବିଭାଗର ଭୟ। ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ ଖୋଲାଖୋଲି ହୁକାବାରରେ ଡ୍ରଗ୍ସ ଏବଂ ମଦ କାରବାର ଚଳାଇଛନ୍ତି। ରାଜଧାନୀରେ କେତେ ହୁକ୍କାବାର ରହଛି ସେନେଇ ଅବକାରୀ ବିଭାଗ କିମ୍ବା ପୋଲିସ ପାଖରେ କିଛିବି ଖବର ନାହିଁ। ସନ୍ଧ୍ୟା ୭ଟା ହେବା ମାତ୍ରେ ହୁକ୍କାବାର୍‌ରେ କେବଳ ବିଭିନ୍ନ ଫ୍ଲେଭର ହୁକା ଦିଆଯିବ। ହେଲେ ରାତି ୧୦ ଟା ପାର ହେବା ପରେ ଏହି ହୁକ୍କା ଭିତରେ ଡ୍ରଗ୍ସ ଭର୍ତ୍ତି କରି ଦେଉଛନ୍ତି। ଗୋଟିଏ ହୁକ୍କାର ଦାମ୍ ମାଲିକମାନେ ପାଟିରୁ ବାହାରୁଥିବା ମୂଲ୍ୟ ଅନୁସାରେ ନେଉଛନ୍ତି। ଗୋଟିଏ ହୁକ୍କାକୁ ସେମାନେ ୩ ହଜାରରୁ ଅଧିକ ଟଙ୍କା ନେଉଛନ୍ତି। କିଛିଦିନ ହେବ ଅବକାରୀ ବିଭାଗ ଏବଂ ପୋଲିସ ପକ୍ଷରୁ ଧରପଗଡ଼ ଚାଲିଛି। ଗତ ସପ୍ତାହରେ ଚଢ଼ାଉବେଳେ ଶହୀଦନଗର ଭବାନୀ ମଲ୍‌ରେ ଥିବା ଚାଏ କାଫେକୁ ସିଲ୍ କରିଛି ଶହୀଦନଗର ପୋଲିସ। ସେହିଭଳି ରାଜଧାନୀର ବିଭିନ୍ନ ବାରରେ ରେଡ୍ କରିଥିଲା ଅବକାରୀ ବିଭାଗ। ତେବେ ପଟିଆ ଅଞ୍ଚଳରେ କିଛି ବାର୍ ଉପରେ ଚଢାଉ ବେଳେ ଅବକାରୀ ବିଭାଗ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ କିଛି ଦୁର୍ବୃତ୍ତ। ଏନେଇ ଅବକାରୀ ଅଧିକ୍ଷକ ଦେବାଶିଷ ପଟେଲ କହିବା ଅନୁସାରେ, ହୁକ୍କା ପାଇଁ ସେଭଳି କିଛି ଆଇନ୍ ବା ନିୟମ ନାହିଁ। କେବଳ କୋଟପା ଆଇନ୍ ଅନୁସାରେ ଶିକ୍ଷାନୁଷ୍ଠାନ ଏବଂ ଜନଗହଳି ସ୍ଥାନରେ ଧୂମ୍ରପାନ କିମ୍ବା ହୁକା ସେବନ କଲେ ୨ଶହ ଟଙ୍କା ଜରିମାନା କରାଯିବ। ହୁକ୍କାବାର ଘର ଭିତରେ କରାଯାଉଥିବାରୁ ଆଇନ୍ ଅନୁସାରେ କିଛିବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଯେଉଁଠି ହୁକ୍କା ବାରରେ ଡ୍ରଗ୍ସ ଏବଂ ମଦ କାରବାର ହେଉଥିବା ନେଇ ଖବର ଆସୁଛି, ସେଠାରେ ଚଢ଼ାଉ କରାଯାଉଛି ବୋଲି ପଟେଲ କହିଛନ୍ତି।



ଚନ୍ଦ୍ରଶେଖରପୁରସ୍ଥିତ ଗାୟତ୍ରୀ ମନ୍ଦିର ପରିସରରେ ରବିବାର ବିଜୟାଲକ୍ଷ୍ମୀ ଫିଲ୍ମସ୍ ପ୍ରଯୋଜିତ ଓଡ଼ିଆ ରୋମାଣ୍ଟିକ ଚଳଚ୍ଚିତ୍ର 'ଆହମ୍'ର ଶୁଭ ମହୁରତ କରାଯାଉଛି।

# ମୁଦ୍ରଣ ଗଣମାଧ୍ୟମର ବିକଳ୍ପ ନାହିଁ



ଭୁବନେଶ୍ୱର,୨୧।୧୨ (ସୌମ୍ୟରଞ୍ଜନ ରାଉତ)

ପ୍ରଯୁକ୍ତି ବିଦ୍ୟା ଲାଗି ଆଜି ବୈଦ୍ୟୁତିକ ଗଣମାଧ୍ୟମ ଯଦିଓ ଲୋକଙ୍କ ନିକଟରେ କମ୍ ସମୟ ମଧ୍ୟରେ ପହଞ୍ଚି ପାରୁଛି ତଥାପି ମୁଦ୍ରିତ ଗଣମାଧ୍ୟମର ବିକଳ୍ପ ନାହିଁ। କାରଣ ଆଜିର ପ୍ରିଣ୍ଟ କାଲିର ହିଷ୍ଟ୍ରି। କେବଳ ନିରପେକ୍ଷତା ଓ ସତ୍ୟ ଉପରେ ଆଧାରିତ ଗଣମାଧ୍ୟମ ତିଷ୍ଠିବା ସମ୍ଭବ ବୋଲି ଇପିଏ ଉଇକ୍ଲିର ୨୮ତମ ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ରବିବାର ଅଶୋକନଗରସ୍ଥିତ ଇପିଏ କାର୍ଯ୍ୟାଳୟରେ ଆୟୋଜିତ ଉତ୍ସବରେ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବୈଠକ ପ୍ରାରମ୍ଭରେ ଅନୁଷ୍ଠାନର ସହଯୋଗୀ ବରିଷ୍ଠ ଖବରଦାତା ଦୁଲାଲ ମିଶ୍ର, ବିରୁ ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା। ବାର୍ତ୍ତା ସମ୍ପାଦକ ମୁରଲୀଧର ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ସମ୍ପାଦିକା ଅଞ୍ଜଳି ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଇପିଏ ପରିଚାଳନା ସଂସ୍ଥାର ଅଧ୍ୟକ୍ଷ ବିଶ୍ୱନାଥ ପତି ସ୍ୱାଗତ ଭାଷଣ ଦେଇଥିଲେ। ପରିଚାଳନା ସମ୍ପାଦକ ଲଳିତ ଦାଶ ଅତିଥି ପରିଚୟ ଓ ଡ. ଅନୁରାଗ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ଜିଲା କ୍ୟାମ୍ପୋରି ଉଦ୍‌ଯାପିତ

ଭୁବନେଶ୍ୱର,୨୦।୧୨(ସୌମ୍ୟରଞ୍ଜନ ରାଉତ)

ଭୁବନେଶ୍ୱର ଜିଲା ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ସର ୩୩ତମ ଜିଲା କ୍ୟାମ୍ପୋରି ଶନିବାର କ୍ୟାପିଟାଲ ହାଇସ୍କୁଲଠାରେ ଉଦ୍‌ଯାପିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ରାଜ୍ୟ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର, ଯୁଗ୍ମ ସମ୍ପାଦକ ମିହିର ରଞ୍ଜନ ପଟ୍ଟନାୟକ, ରାଜ୍ୟ କୋଷାଧ୍ୟକ୍ଷ ଭବାନୀ ପ୍ରସାଦ ମିଶ୍ର, ବିଏମ୍‌ସି ୱାର୍ଡ ନମ୍ବର ୩୫ର କର୍ପୋରେଟର ରଞ୍ଜୁବାଳା ରାୟ, ଖୋର୍ଦ୍ଧା ଏଡିଇଓ ଡ. ପ୍ରଜ୍ଞା ପାରମିତା ଜେନା ପ୍ରମୁଖ ଯୋଗଦେଇଥିଲେ। ମହାନଗର ନିଗମ ସହ ବାଲିଅନ୍ତା, ବାଲିପାଟଣା, ଭୁବନେଶ୍ୱର ବ୍ଲକ୍ ଅନ୍ତର୍ଗତ ୨୩୫ଟି ବିଦ୍ୟାଳୟର ୧୫୨୬ଜଣ ସ୍କାଉଟ, ଗାଇଡ୍, ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନ ଏହି କ୍ୟାମ୍ପୋରିରେ ଯୋଗଦେଇଥିଲେ। ପ୍ରଦର୍ଶନୀ, ଗ୍ରାମ୍ୟମେଳା, ମାର୍ଚ୍ଚପାଷ୍ଟ, ଶିବିରାଗ୍ନି, ଲୋକକଳା ପ୍ରଦର୍ଶନୀ, ଲୋକଗୀତ, ଲୋକନୃତ୍ୟ, ହସ୍ତକଳା, କୁଇଜ, ପ୍ରାଥମିକ ଚିକିତ୍ସା, ଶିବିର ହସ୍ତକର୍ମ, ଦେଶାତ୍ମବୋଧକ ସଙ୍ଗୀତ, ନଟିଙ୍ଗ, ସର୍ବଧର୍ମ ପ୍ରାର୍ଥନା ସଭା, ଶାନ୍ତି ଶୋଭାଯାତ୍ରା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା କୃତୀ ପ୍ରତିଯୋଗୀ ଓ ବିଦ୍ୟାଳୟଗୁଡ଼ିକୁ ପୁରସ୍କୃତ କରାଯାଇଥିଲା। କ୍ୟାମ୍ପୋରି ଆୟୋଜନରେ ସୁଶାନ୍ତ କୁମାର ସାମଲ, ପ୍ରଦୀପ କୁମାର ପଣ୍ଡା, ସନ୍ତୋଷ କୁମାର ବେହେରା, ଶ୍ରୀକାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ୟୁନିଟ୍–୧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଜିଲା ଗାଇଡ୍ ସଂଗଠନ କମିଶନର ରାଣୀବାଳା ସୁନ୍ଦରାୟ ସ୍ୱାଗତ ଭାଷଣ ଦେଇଥିଲେ। କ୍ୟାପିଟାଲ ହାଇସ୍କୁଲର ପ୍ରଧାନ ଶିକ୍ଷକ ସତ୍ୟନାରାୟଣ ଦାସ ବିବରଣୀ ପ୍ରଦାନ ଓ ଜିଲା ସ୍କାଉଟ କମିଶନର ଅମ୍ବିକା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସେଣ୍ଟ ଜୋଶେଫ୍‌ସ ହାଇସ୍କୁଲର ପୁରାତନ ଛାତ୍ର ମିଳନ




ଭୁବନେଶ୍ୱର, ୨୦।୧୨ (ବନ୍ଦନା ସେଠୀ)

ସେଣ୍ଟ ଜୋଶେଫ୍‌ସ ହାଇସ୍କୁଲର ୭୫ବର୍ଷ ପୂର୍ତ୍ତି ଉପଲକ୍ଷେ ପୁରାତନ ଛାତ୍ର ମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ୧୯୫୧ଠାରୁ ୨୦୨୫ ବ୍ୟାଚ୍ ପର୍ଯ୍ୟନ୍ତ ପ୍ରାୟ ୪୫୦ଜଣ ପୁରାତନ ଛାତ୍ରୀଛାତ୍ର ଏକତ୍ରିତ ହୋଇ ସ୍ମୃତି, ପରମ୍ପରା ଓ ଆତ୍ମୀୟତାକୁ ବଖାଣିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସିଷ୍ଟର ଅର୍ଚ୍ଚନା ପୁରାତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଭିନ୍ନ ମଜାଦାର ଖେଳ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପୁରାତନ ଛାତ୍ରୀଛାତ୍ରମାନେ ସ୍ମାର୍ଟ କ୍ଲାସ୍‌ରୁମ୍ ଓ ଖେଳପଡିଆ ଆଦିକୁ ବୁଲି ଦେଖିବା ସହିତ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। ଏଥିସହ ଦିବଂଗତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ପ୍ରମୋଦ ଚୌଧୁରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଡା. ଏସ୍. ଜୟନ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସାଇ ଇଣ୍ଟରନାଶନାଲ ସ୍କୁଲ୍‌ର ବାର୍ଷିକ ଉତ୍ସବ 'କନ୍‌ଫ୍ଲୁଏନ୍ସ'



ସାଇ ଇଣ୍ଟରନ୍ୟାଶନାଲର ବାର୍ଷିକ ଉତ୍ସବ 'କନ୍‌ଫ୍ଲୁଏନ୍ସ–୨୦୨୫'ରେ ଛାତ୍ରୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ବାର୍ଷିକ ଉତ୍ସବ 'କନ୍‌ଫ୍ଲୁଏନ୍ସ–୨୦୨୫' ପାଳିତ ହୋଇଯାଇଛି। ଏହି ଅବସରରେ ଚତୁର୍ଥରୁ ଦ୍ୱାଦଶ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ଦ୍ୱାରା 'ଉଡ଼ାଣ@୧୦୦ଇଣ୍ଡିଆ ରାଇଜିଂ' ଭଳି ପ୍ରେରଣାଦାୟକ ସାଜି ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାଇ ଇଣ୍ଟରନ୍ୟାଶନାଲ ଏଜୁକେଶନ୍ ଗ୍ରୁପ୍ ଅଧ୍ୟକ୍ଷା ଡ. ଶିଳ୍ପୀ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ, ଶିକ୍ଷା ରାଷ୍ଟ୍ର ନିର୍ମାଣର ଏକ ମୂଳ ଅଙ୍ଗ। ପରେ କୃତୀ ଛାତ୍ର ଧିରଜ ଧନୁକାଙ୍କୁ ହୋଲିଷ୍ଟିକ୍ ପ୍ୟାରେଣ୍ଟିଂ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସନ୍ଧ୍ୟାରେ ଚତୁର୍ଥ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରାଚୀନ ଏବଂ ମଧ୍ୟଯୁଗୀୟ ଐତିହ୍ୟ, ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ଉପନିବେଶବାଦୀ ଯୁଗ ଏବଂ ସ୍ୱାଧୀନତା ସଂଗ୍ରାମକୁ ଚିତ୍ରଣ କରାଯାଇଥିଲା। ୬ଷ୍ଠ ଶ୍ରେଣୀ ଛାତ୍ରୀଛାତ୍ର ୧୯୪୭ ମସିହାରେ ସ୍ୱାଧୀନତାର ଐତିହ୍ୟ, ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ରାଷ୍ଟ୍ର ନିର୍ମାଣ ଏବଂ ପ୍ରଗତି, ୮ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂସ୍କୃତି ଓ କ୍ରୀଡ଼ା, ୯ମ ଶ୍ରେଣୀ ଛାତ୍ରୀଛାତ୍ରୀଙ୍କ ଦ୍ୱାରା ଭବିଷ୍ୟତର ଭାରତ ନିର୍ମାଣ, ୧୧ଶ ଶ୍ରେଣୀ ଦ୍ୱାରା ଆତ୍ମବିଶ୍ୱାସ, ଦାୟିତ୍ୱ ଏବଂ ଦେଶକୁ ଆଗକୁ ନେବା ପାଇଁ ଦେଶର ଯୁବପିଢିଙ୍କ ପ୍ରସ୍ତୁତିକୁ ନିଆରା ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। ସ୍କୁଲ ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ, ସେକେଣ୍ଡାରି ପ୍ରିନ୍ସିପାଲ ପ୍ରକାଶ ଚନ୍ଦ୍ର ସାହୁ ଓ ଜୁନିୟର ପ୍ରିନ୍ସିପାଲ ରଶ୍ମି ପାଣ୍ଡେ ଓ ସାଇ ଇଣ୍ଟରନ୍ୟାଶନାଲ୍ ରେସିଡେନ୍ସିଆଲ୍ ସ୍କୁଲର ହେଡ୍‌ମାଷ୍ଟର ଅମିତାଭ୍ ଅଗ୍ନିହୋତ୍ରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓୟୁଟିଆର୍‌ରେ ଜିଓସିନ୍ଥେଟିକ୍ସ ପ୍ରଶିକ୍ଷଣ ଉଦ୍‌ଯାପିତ



ଭୁବନେଶ୍ୱର,୨୧।୧୨(ଅନୁରାଧା ମହାରଣା)

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ(ଓୟୁଟିଆର୍)ରେ ସଡ଼କ ସୁରକ୍ଷା ଏବଂ ନିର୍ମାଣ ପ୍ରକଳ୍ପରେ ଜିଓସିନ୍ଥେଟିକ୍ସର ପ୍ରୟୋଗ ନେଇ ଚାଲିଥିବା ପାଞ୍ଚଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଓୟୁଟିଆର୍ ଓ ନୂଆଦିଲ୍ଲୀର ସିଏସ୍ଆଇଆର୍–ରୋଡ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ(ସିଆର୍ଆର୍ଆଇ) ସହଯୋଗରେ ଏହା ଆୟୋଜିତ ହୋଇଥିଲା। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓୟୁଟିଆର୍ କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ, ସିଏସ୍ଆଇଆର୍–ସିଆର୍ଆରଆଇର ମୁଖ୍ୟ ବୈଜ୍ଞାନିକ ଓ ଆଇଏଲଟି ବିଭାଗର ମୁଖ୍ୟ ଡା. କାୟିଥା ରବୀନ୍ଦର, ମୁଖ୍ୟ ବୈଜ୍ଞାନିକ ଓ ପ୍ରକଳ୍ପ ନେତା ଡା. ପି.ଏସ୍. ପ୍ରସାଦ, ମୁଖ୍ୟ ବୈଜ୍ଞାନିକ ଡା. କନ୍‌ୱର ସିଂହ, ପ୍ରଧାନ ବୈଜ୍ଞାନିକ ଓ ପାଠ୍ୟକ୍ରମ ସମନ୍ୱୟକ ଡା. ଜି. ଭାରଥ, ଓୟୁଟିଆର୍‌ର ସ୍କୁଲ ଅଫ୍ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ ପ୍ଲାନିଂର ମୁଖ୍ୟ ଡା. ସବିତା ଦାଶ ଓ ପ୍ରୋଗ୍ରାମ ସମନ୍ୱୟକ ତଥା ସହାୟକ ପ୍ରାଧ୍ୟାପକ ପ୍ରଫେସର ପ୍ରମୋଦ କୁମାର ବେହେରା ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣରେ ୨୨୧ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ଓଡ଼ିଶାରେ ଆଇଟି କ୍ଷେତ୍ର ପାଇଁ ବ୍ୟାପକ ସୁଯୋଗ ମିଳୁ

**ଗ୍ଲୋବାଲ ଓଡ଼ିଆ ଏସ୍‌ଏପି ସମ୍ମିଳନୀ**

ଭୁବନେଶ୍ୱର, ୨୧।୧୨(ଅନୁରାଧା ମହାରଣା)




ଓଡ଼ିଶାର ବହୁ ଆଇଟି ପେସାଦାର ରାଜ୍ୟ ତଥା ଦେଶ ବାହାରେ ରହି କାର୍ଯ୍ୟ କରୁଛନ୍ତି। ଓଡ଼ିଶାରେ ପର୍ଯ୍ୟାପ୍ତ ସୁଯୋଗ ମିଳୁ ନ ଥିବାରୁ ସେମାନେ ବାହାରେ ରହି ଚାକିରି କରୁଛନ୍ତି। ଏପରି କି ଯଦି କେହି ଓଡ଼ିଶାରେ ଥିବା ଆଇଟି କମ୍ପାନୀରେ କାର୍ଯ୍ୟ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ କମ୍ ଦରମାରେ କାମ କରିବାକୁ ପ୍ରସ୍ତାବ ଦିଆଯାଉଛି। ଓଡ଼ିଶା ବିଶେଷକରି ରାଜଧାନୀ ଭୁବନେଶ୍ୱରରେ ଅଧିକରୁ ଅଧିକ ଆଇଟି କମ୍ପାନୀକୁ ସୁଯୋଗ ଦିଆଗଲେ ବାହାରେ ରହି କାମ କରୁଥିବା ଆଇଟି ପେସାଦାରମାନେ ନିଜ ମାଟିରେ କାମ କରିବା ସହ ରାଜ୍ୟ ବିକାଶରେ ସହାୟକ ହୋଇପାରନ୍ତେ ବୋଲି ରବିବାର ଧଉଳି ଗାର୍ଡେନଠାରେ ଆୟୋଜିତ ଗ୍ଲୋବାଲ ଓଡ଼ିଆ ଏସ୍‌ଏପି ପିୟର ଗ୍ରୁପ୍‌ର ଏକ ସମ୍ମିଳନୀରେ ମତପ୍ରକାଶ ପାଇଛି। ଏବେ ଡିଜିଟାଲ ଏବଂ ଏଆଇ ଯୁଗରେ ଆଇଟି ସେକ୍ଟରର ଗୁରୁତ୍ୱ ଅଧିକ ରହିଥିବାରୁ ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି।

ଏହି ସମ୍ମିଳନୀର ରାଜ୍ୟ ଓ ଦେଶ ସହିତ ଦେଶ ବାହାରେ କାଯ୍ୟ କରୁଥିବା ୫୫୦ ମହିଳାପୁରୁଷ ଓଡ଼ିଆ ଆଇଟି ପେଶାଦାର ଯୋଗ ଦେଇଥିଲେ। ସମ୍ମିଳନୀରେ ଓଡ଼ିଶାରେ ଆଇଟିର ବିକାଶ, ସୁଯୋଗ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ଥିବାବେଳେ ଆଇଟି କ୍ଷେତ୍ରରେ ଓଡ଼ିଶା ପଛରେ ରହିଛି। ରାଜ୍ୟରେ ଆଇଟି କ୍ଷେତ୍ରପାଇଁ ଭରପୂର ସୁଯୋଗ ରହିଥିବାବେଳେ ଏହାର ଉପଯୋଗ ହୋଇପାରୁ ନାହିଁ। ଫଳରେ ଓଡ଼ିଆ ପିଲାମାନେ ବାହାରକୁ ଯିବାକୁ ବାଧ ହେଉଛନ୍ତି। ଆଗାମୀ ଦିନରେ ଓଡ଼ିଶାରେ ଆଇଟି କ୍ଷେତ୍ର କିଭଳି ଉନ୍ନତି ହୋଇପାରିବ, ସେନେଇ ସରକାର ଦୃଷ୍ଟି ଦେବାସହ ବହୁମାତ୍ରାରେ ନିଯୁକ୍ତି ପାଇଁ ସରକାରଙ୍କୁ ଜମି, ଆଧାରଭୂତ ସଂରଚନା ଓ ସିଙ୍ଗଲ ୱିଣ୍ଡୋ ପ୍ରଦାନ କରିବା ଆବଶ୍ୟକ ବୋଲି ସମ୍ମିଳନୀରେ ମତ ପ୍ରକାଶ ପାଇଥିଲା। ଏହି ସମ୍ମିଳନୀରେ ଗ୍ଲୋବାଲ ଓଡ଼ିଆ ଏସ୍‌ଏପି ସଭାପତି ଦୀପକ ମିଶ୍ର, ସମ୍ପାଦକ ସତ୍ୟରଞ୍ଜନ ସ୍ୱାଇଁ, ଶୁଭାଶିଷ ପଣ୍ଡା, ଦେବାଶିଷ ରଥ, ସଂଗ୍ରାମ କେଶରୀ, ମନୋଜ ଗିରି, ବିଶ୍ୱଭୂଷଣ ପୃଷ୍ଟି, ରାକେଶ ଗିରି ଶାନ୍ତିର୍ଭି ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:
1. Nature of Work : Building Works
2. No. of Work : 4 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M.
6. Date of Opening of Bid : Dt.07.01.2026 at 11.00 A.M.
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.
Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

## ସଂକ୍ଷେପରେ

### ରକ୍ତଦାନ ଶିବିର, ୫୬ ୟୁନିଟ୍ ରକ୍ତ ସଂଗୃହୀତ

ବାଙ୍କୀ/ତାଳବସ୍ତ,୨୧।୧୨ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ସୁବ୍ରତ ନାୟକ):

ବାଙ୍କୀର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ଆନୁକୂଲ୍ୟରେ ରାଣୀ ଶୁକଦେଈ ମହିଳା ଗୋଷ୍ଠୀ ଓ ତାଳବସ୍ତର ଶ୍ରୀରାମ କମିଟି ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କୀ ଏନ୍ଏସି ଅନ୍ତର୍ଗତ ଚକାପଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରରେ ମୁଖ୍ୟ ଅତିଥିଭାବେ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିସହିତ ରକ୍ତଦାନ ମହତ୍ ଦାନ ଓ ରକ୍ତଦାନ ଦ୍ୱାରା ଜଣଙ୍କର ଜୀବନ ବଞ୍ଚାଯାଇ ପାରିବ ବୋଲି ବିଧାୟକ ତ୍ରିପାଠୀ କହିଥିଲେ। ପରିଷଦ ଆବାହକ ଅକ୍ଷୟ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ସମ୍ମାନିତ ଅତିଥିଭାବେ କେନ୍ଦ୍ରୀୟ ଜୋନ୍ ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର, ନଗରପାଳିକା ମାଣିକ ସାହୁ, ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ଉପନଗରପାଳ ସନ୍ତୋଷ କୁମାର ରଣା, କାଉନ୍‌ସିଲର ସନାତନ ବେହେରା, ପୂର୍ବତନ ଏନ୍ଏସି ଅଧ୍ୟକ୍ଷ ଅକ୍ଷୟ କୁମାର ପ୍ରଧାନ, ପ୍ରଭାତୀ ବେହେରା, ରାଣୀ ଶୁକଦେଈ ମହିଳା ଗୋଷ୍ଠୀର ସଭାନେତ୍ରୀ ପ୍ରୀତିଲତା ଗିରି, ସବିତା ମଲିକ, ଶ୍ରୀରାମ କମିଟି ସଭାପତି ବିଶ୍ୱରଞ୍ଜନ ସ୍ୱାଇଁ, ଶିକ୍ଷାବିତ୍ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ଲଲାଟେନ୍ଦୁ ପଣ୍ଡା, ସୁନୀତା ପ୍ରଧାନ, ବାଣୀପଦ ଦୀକ୍ଷିତ, ନିରଞ୍ଜନ ପଣ୍ଡା ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। କଟକ ରେଡ୍‌କ୍ରସ ରକ୍ତ ଭଣ୍ଡାରର ଡ. ଦିବ୍ୟାଂଶୁ ପାଣିଗ୍ରାହୀ, ଲକ୍ଷ୍ମୀଧର ପୂର୍ତ୍ତି ଓ ବିକ୍ରମ ପରିଡାଙ୍କ ସହାୟତାରେ ୫୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଅବସରପ୍ରାପ୍ତ ଶିକ୍ଷକ ସଂଘର ଶୀତ ଅଧିବେଶନ

ଚୌଦ୍ୱାର,୨୧।୧୨(ଆଶୁତୋଷ ଦାସ):

କଟକ ଜିଲା ଅବସରପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂଘର ଶୀତ ଅଧିବେଶନ ଚୌଦ୍ୱାର ଆଗ୍ରାହାଟସ୍ଥିତ ଲିଜର ଗାର୍ଡେନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ବିବେକାନନ୍ଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ସମ୍ପାଦକ ଶିଶିର କୁମାର ନାୟକ ବିବରଣୀ ପାଠ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ସଭାପତି ଅଜିତ କୁମାର ଷଡ଼ଙ୍ଗୀ, ଆର୍ତ୍ତବନ୍ଧୁ ପ୍ରଧାନ, ରାଜକିଶୋର ପଣ୍ଡା, ରଞ୍ଜନ କୁମାର ଲେଙ୍କା ଓ ଦ୍ୱିଜବର ନାୟକ ପ୍ରମୁଖ ଉପସ୍ଥିତ ରହି ନୂତନ ଶିକ୍ଷାନୀତି ଉପରେ ଆଲୋଚନା କରିଥିଲେ। ଏଥିସହିତ ଟୀରଚରଣ ରାଉତ, କଳ୍ପତରୁ ପାଗଳ, ଅନନ୍ତ ଦାସ, ଧୀରେନ୍ଦ୍ର କୁମାର ନାୟକ, କୃଷ୍ଣଚନ୍ଦ୍ର ନାୟକ, ରବୀନ୍ଦ୍ର ନାଥ ଦାସ ପ୍ରମୁଖ ଅବସରପ୍ରାପ୍ତ ଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଧୀରେନ୍ଦ୍ର ନାଥ ଜେଠି, ତ୍ରିଲୋଚନ ରାଉତ, ଅଜୟ କୁମାର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଯୁବ ସାମାଜିକ କର୍ମୀଙ୍କୁ ଭୁବନେଶ୍ୱର ଗୌରବ ସମ୍ମାନ

ଟିଗିରିଆ, ୨୧।୧୨(ଜାଫର ଖାଁ) ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁର ଯୁବ ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ ବରୁଣ ରାଜଙ୍କୁ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜଧାନୀ ଭୁବନେଶ୍ୱର ଗୌରବ ୨୦୨୫ ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱରସ୍ଥିତ ରାଜଧାନୀ ସଂଗ୍ରାମୀ ସେବାସଂଘ ନବମ ପ୍ରତିଷ୍ଠା ଦିବସ ଅବସରରେ ଭୁବନେଶ୍ୱର ବୁଦ୍ଧ ମନ୍ଦିରଠାରେ ତାଙ୍କୁ ସମ୍ମାନିତ କରାଯାଇଛି।

# ଦେଶ ଗଠନରେ ଗଡ଼ଜାତ ରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

## ଆଠଗଡ଼ ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଆଠଗଡ଼,୨୧।୧୨(ସତ୍ୟ ପ୍ରସାଦ ରଥ)


ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ଅନ୍ୟ ଅତିଥିମାନେ।

ଆଠଗଡ଼ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ବରିଷ୍ଠ ଆଇନଜୀବୀ ଫଣୀ ଭୂଷଣ ରଥ ଆବାହକତ୍ୱ କରିଥିଲେ। ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ଗଡଜାତୀୟ ପରମ୍ପରା, ନିଆରା ସାମାଜିକ ଚଳଣି ଉପରେ କହିବା ସହ ଦେଶ ଗଠନରେ ଗଡ଼ଜାତର ରାଜାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ।

ଆଠଗଡର ରାଜା ରାଧାନାଥ ବେବର୍ତ୍ତା ପଟ୍ଟନାୟକ ପ୍ରଥମେ ନିଜର ରାଜ୍ୟକୁ ତତ୍କାଳୀନ ଗୃହ ମନ୍ତ୍ରୀ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କୁ ଦାନ କରି ଦେଶ ତଥା ରାଜ୍ୟରେ ଉଦାହରଣ ସୃଷ୍ଟି କରିଥିଲେ। ଭାଜପା ନେତା ଅଭୟ କୁମାର ବାରିକ ମହୋତ୍ସବରେ ପୌରୋହିତ୍ୟ କରିଥିଲେ। ସ୍ୱନାମଧନ୍ୟ ଘୋଷକ ପାର୍ଥସାରଥି ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ପାଲା, ଦାସକାଠିଆ, ଭାଗବତ ସଂକୀର୍ତ୍ତନ, ଗୋଟିପୁଅ, ମାହାରୀ ନୃତ୍ୟ, ସମ୍ବଲପୁରୀ ସଙ୍ଗୀତ ଓ ନୃତ୍ୟ ଆଦି ପରିବେଷଣ କରାଯାଇଥିଲା। ପରେ ଓଡ଼ିଶାର ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ନବ କିଶୋର ରାଉତ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଆଠଗଡ଼ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମା, ମହୋତ୍ସବ କମିଟି ଉପସଭାପତି ହରପ୍ରସାଦ ସେଠୀ, ସଂଯୋଜକ ପ୍ରମୋଦ କୁମାର ଜେନା, ଆଇନଜୀବୀ ଜ୍ଞାନରଞ୍ଜନ ମହାପାତ୍ର, ଆଠଗଡ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, ଯାତ୍ରା କମିଟିର ଉପ ସଭାପତି ଦୁର୍ଗା ପ୍ରସାଦ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଯୁଗଳ କିଶୋର ଓଡ଼ିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ ସଭାପତି

ଭୁବନେଶ୍ୱର,୨୧।୧୨ (ସୌମ୍ୟରଞ୍ଜନ ରାଉତ)

ଓଡିଶା ଚଳଚ୍ଚିତ୍ର ପ୍ରଯୋଜକ ସଂଘ ନିର୍ବାଚନ ରବିବାର କଟକ ତଳ ତେଲେଙ୍ଗା ପେଣ୍ଠସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ନବନିର୍ବାଚିତ କର୍ମକର୍ତ୍ତାମାନେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସଭାପତି ଭାବେ ଯୁଗଳ କିଶୋର ଦେବତା, ଉପ ସଭାପତି ଭାବେ ଅଜୟ ରାଉତରାୟ, ସମ୍ପାଦକ ରଞ୍ଜିତ କୁମାର ରାଉତ, ଯୁଗ୍ମ ସମ୍ପାଦକ ସମରେଶ ରାଉତରାୟ, କୋଷାଧ୍ୟକ୍ଷ ଭାବେ ଚିତ୍ତରଞ୍ଜନ ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଅଜୟ କୁମାର ମହାନ୍ତି, ପ୍ରଣୟ ଜେଠୀ, ରମେଶ ବାରିକ, ତପନ ଦାସ, କେ ତମନା, ଲିଟୁ ମହାନ୍ତି, କୌଶିକ ଦାଶ ଓ ଅକ୍ଷୟ ପ୍ରଧାନ କାର୍ଯ୍ୟ ନିର୍ବାହୀ ସଦସ୍ୟ ଭାବେ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ନିର୍ବାଚନ ପ୍ରକ୍ରିୟାକୁ ବ୍ରଜ କିଶୋର ପ୍ରଧାନ, ଜୁବୁଲି ସୁନ୍ଦରାୟ, ଚନ୍ଦନ ତ୍ରିପାଠୀ ଓ ପରେଶ ଅଭଲାନି ପ୍ରମୁଖ ପରିଚାଳନା କରିଥିଲେ।



ଓଡ଼ିଶା ପ୍ରଯୋଜକ ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ।

# ସହରାଞ୍ଚଳରେ ମା' ମଙ୍ଗଳା ଢେଙ୍କାନାଳ ଦଳ ଚାମ୍ପିୟନ

## ସର୍ବଭାରତୀୟ ଗଣ୍ଡରପୁର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

■ ଗ୍ରାମାଞ୍ଚଳରେ ତଣ୍ଡିକଣା, ଗୋଠପୁର ଚାମ୍ପିୟନ

ବାରଙ୍ଗ,୨୧।୧୨(ଲିଙ୍ଗରାଜ ରାଉତ):

ବାରଙ୍ଗସ୍ଥିତ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମରେ ଚାଲିଥିବା ୨୩ତମ ସର୍ବଭାରତୀୟ ଗଣ୍ଡରପୁର କପ୍ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୬ଟି ଦଳ ୩ଟି ଫାଇନାଲ ମ୍ୟାଚ୍ ଖେଳିଥିଲେ। ସହରାଞ୍ଚଳରେ ମା' ମଙ୍ଗଳା ଢେଙ୍କାନାଳ ଦଳ ୨/୦ ଗୋଲରେ ଜଗା ୟୁନାଇଟେଡ୍ ଭୁବନେଶ୍ୱରକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା। ଏଥିରେ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିବା ଦିଲୀପ ଦେହୁରୀଙ୍କୁ ପଲ୍‌ସର ଗାଡ଼ି ପ୍ରଦାନ କରାଯାଇଥିଲା।

ସେହିପରି ଗ୍ରାମାଞ୍ଚଳ ଏ ବିଭାଗରେ ମା' ମଙ୍ଗଳା ଗୋଠପୁର ୫/୪ ଟାଇବ୍ରେକର ଗୋଲ ଜରିଆରେ ପ୍ରତାପ କ୍ଲବ ପ୍ରତାପନଗରୀକୁ ପରାସ୍ତ କରିଥିଲା। ଏଥିରେ ଅଜିତ ରାଉତ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ତାଙ୍କୁ ଏକ ପଲ୍‌ସର ଗାଡ଼ି ପ୍ରଦାନ କରାଯାଇଥିଲା। ଗ୍ରାମାଞ୍ଚଳ 'ବି' ବିଭାଗରେ ତଣ୍ଡିକଣାର କୃଷକ ବନ୍ଧୁ କ୍ଲବ ୧/୦ ଗୋଲରେ ବାରଙ୍ଗ ବାୟାର ଦଳକୁ ପରାସ୍ତ କରିଥିଲା। ଏଥିରେ ତଣ୍ଡିକଣାର ରାଜା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ତାଙ୍କୁ ଏକ ଇଲେକ୍ଟ୍ରିକ୍ ବାଇକ୍ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ସମ୍ମାନିତ ଅତିଥିଭାବେ ଭାଜପା ବରିଷ୍ଠ ନେତା ଗୋଲକ ପ୍ରସାଦ ମହାପାତ୍ର, ପୂର୍ବତନ ମତ୍ସ୍ୟ ନିଗମ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପାତ୍ର, ଦୌଡ଼ରାଣୀ ଦୂତୀ ଚାନ୍ଦ, ଗାନ୍ଧୀବାଦୀ ନେତା ପ୍ରତାପ ଚନ୍ଦ୍ର ରାଉତ, ସନ୍ତୋଷ ନାଥ, ପିଙ୍କି ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଜେତାମାନଙ୍କୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସହରାଞ୍ଚଳର ମା' ମଙ୍ଗଳା ଢେଙ୍କାନାଳ ଚାମ୍ପିୟନ ଦଳଙ୍କୁ ୭୫ ହଜାର ଟଙ୍କା, ରନର୍ସ ଅପ୍ ଜଗା ୟୁନାଇଟେଡ୍ ଭୁବନେଶ୍ୱର ଦଳକୁ ୫୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

ସେହିପରି ଗ୍ରାମାଞ୍ଚଳ 'ଏ'ରେ ମା' ମଙ୍ଗଳା ଗୋଠପୁର ଚାମ୍ପିୟନ ଦଳକୁ ୧ ଲକ୍ଷ ଟଙ୍କା ଏବଂ ରନର୍ସ ଅପ୍ ପ୍ରତାପ କ୍ଲବ ପ୍ରତାପନଗରୀକୁ ୭୫ ହଜାର ଟଙ୍କା, ଗ୍ରାମାଞ୍ଚଳ 'ବି' ଚାମ୍ପିୟନ କୃଷକ ବନ୍ଧୁ କ୍ଲବ ତଣ୍ଡିକଣାକୁ ୪୦ ହଜାର ଟଙ୍କା ଏବଂ ରନର୍ସ ଅପ୍ ବାରଙ୍ଗ ବେୟାର ଦଳକୁ ୩୦ ହଜାର ଟଙ୍କା ଅର୍ଥରାଶି ପ୍ରଦାନ କରାଯାଇଥିଲା। ଆୟୋଜକ ଗଣ୍ଡରପୁର ୟୁନାଇଟେଡ୍ ୟୁଥ ସ୍ପୋର୍ଟ୍ସ କ୍ଲବର ସଦସ୍ୟମାନଙ୍କ ସମେତ ଗ୍ରାମ କମିଟିର ମୁଖ୍ୟମାନେ ଖେଳକୁ ୭ଦିନ ଧରି ସୁଚାରୁ ରୂପେ ପରିଚାଳନା କରିଥିଲେ।

# ଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନ ଧାରାରେ ଅନୁପ୍ରାଣିତ ହୁଅ

## ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଜନ୍ମୋତ୍ସବ

ବଡ଼ମ୍ବା, ୨୧।୧୨(ମାୟାଧର ମଲ୍ଲିକ)

ଶ୍ରୀଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ୧୩୮ତମ ଜନ୍ମୋତ୍ସବ, ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭଆଗମନର ପ୍ରଥମ ବାର୍ଷିକୀ ସ୍ମରଣ, ସତ୍‌ସଙ୍ଗ ବିହାର, ବଡ଼ମ୍ବାର ୩୯ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ଠାକୁରଙ୍କ ନୀତିକାନ୍ତି କରାଯିବା ପରେ କୀର୍ତ୍ତନ, ପ୍ରାର୍ଥନା ଓ ଭକ୍ତିସଙ୍ଗୀତ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏକ ରଥରେ ଠାକୁର ଅନୁକୂଳଚନ୍ଦ୍ରଙ୍କ ପ୍ରତିକୃତିକୁ ନଗର କୀର୍ତ୍ତନ କରାଯିବାପରେ ସତ୍‌ସଙ୍ଗ ଆୟୋଜନ କରାଯାଇଥିଲା। ବିଶ୍ୱଶାନ୍ତି ପାଇଁ ଶ୍ରୀଶ୍ରୀ ଠାକୁରଙ୍କ ଦିବ୍ୟ ଦର୍ଶନ ଧାରାରେ ଅନୁପ୍ରାଣିତ ହେବାକୁ ଭକ୍ତମାନେ ସଂକଳ୍ପ କରିଥିଲେ। ପାରେଶ୍ୱର ଜେନାଙ୍କ ପରିଚାଳନାରେ ଉକ୍ତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସ୍ଥାନୀୟ କର୍ମୀ, ଗୁରୁ ମା', ଗୁରୁଭାଇଙ୍କ ସହ ନରସିଂହପୁର, ଟିଗିରିଆ, ପାଞ୍ଚଗାଁ, ଆଠଗଡ, କରବର ଓ ନୟାଗଡ଼ ଆଦି ଅଞ୍ଚଳର ପ୍ରାୟ ୧୫୦୦ରୁ ଊର୍ଦ୍ଧ୍ୱ ଭକ୍ତ ଏଥିରେ ଯୋଗଦେଇଥିଲେ।

# 'ବନ୍ଧୁ ମିଳନ ସମ୍ପର୍କକୁ ଦୃଢ଼ିଭୂତ କରେ'

ବାଙ୍କୀ,୨୧।୧୨(ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ ଡମପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ନିକଟସ୍ଥ ଅସୁଲି ଡିପଠାରେ ରବିବାର ତୁଳସୀପୁର ହାଇସ୍କୁଲର ୧୯୮୮ ବ୍ୟାଚ୍ ସହପାଠୀମାନଙ୍କର ଏକ ବନ୍ଧୁ ମିଳନ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମେ ମନୋଜ କୁମାର ସାହୁଙ୍କ ଦ୍ୱାରା ସ୍ୱାଗତ ଭାଷଣ ପରେ ଗଣେଶ ବାରିକଙ୍କ ଦ୍ୱାରା ଏକ କବିତା ଆବୃତ୍ତି କରାଯିବା ସହ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଏକ ଆଧ୍ୟାତ୍ମିକ କଥା ବାଚନ ଦ୍ୱାରା ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସରୋଜ ମତ୍ତଗଜ ସିଂହ ବନ୍ଧୁ ମିଳନ ସମ୍ପର୍କକୁ ଦୃଢ଼ିବୃତ କରେ ବୋଲି ମତ ରଖିଥିଲେ ଏବଂ ଏହି କର୍ଯ୍ୟକ୍ରମ ଆଗକୁ ମଧ୍ୟ ଜାରି ରଖିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ। ପରିବେଶର ସନ୍ତୁଳନ ପାଇଁ ଚାରାରୋପଣ କରିବା ସହ ସହପାଠୀମାନଙ୍କ ଦ୍ୱାରା ଏକ ପାଣ୍ଠି ପ୍ରସ୍ତୁତ କରାଯାଇ ଅସହାୟ ଗରିବ ଲୋକମାନଙ୍କୁ ସାହାଯ୍ୟ ଏବଂ ସାମାଜିକ କାର୍ଯ୍ୟ ପାଇଁ ପ୍ରସ୍ତାବ ରଖାଯାଇଥିଲା। ଦିନବନ୍ଧୁ ସ୍ୱାଇଁ, ବ୍ରହ୍ମାନନ୍ଦ ସାହୁ, ପ୍ରଶାନ୍ତ ବେଉରା, ପ୍ରଶାନ୍ତ ମତଗଜସିଂ, ସୁବାସ ପୃଷ୍ଟି, ପ୍ରମୋଦ ଷଡ଼ଙ୍ଗୀ, ମନୋଜ ଦାସ ପ୍ରମୁଖ ୬୦ରୁ ଊର୍ଦ୍ଧ୍ୱ ସହପାଠୀ ସହଯୋଗ କରି କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନା କରିଥିଲେ।


ତୁଳସୀପୁର ହାଇସ୍କୁଲର ୧୯୮୮ ମାଟ୍ରିକ ବ୍ୟାଚର ଛାତ୍ରୀଛାତ୍ରମାନେ।

# ପାନବରଜ, ବୈଦ୍ୟେଶ୍ୱର ଦିଶା ଦଳ ବିଜୟୀ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ବାଙ୍କୀ,୨୧।୧୨(ଜ୍ଞାନେନ୍ଦ୍ର ମୋହନ ମିଶ୍ର):

ବାଙ୍କୀ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ୱର୍ଗତ ଲକ୍ଷ୍ମୀଧର ବେହେରା ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କଟେରି ପଡ଼ିଆଠାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ନଗରପାଳିକା ମାଣିକ ସାହୁ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନିତ ଅତିଥିଭାବେ କାଉନ୍‌ସିଲର ସନାତନ ସନ୍ତୋଷ କୁମାର ରଣା, ଡମପଡ଼ା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସାମଲ, ବାଙ୍କୀ କଲେଜର ପୂର୍ବତନ ଉପାଧ୍ୟକ୍ଷ ତଥା ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କୋଷାଧ୍ୟକ୍ଷ ଲିଙ୍ଗରାଜ ରାଉତ, ଅନୁଷ୍ଠାନର ଉପସଭାପତି ସୌମେନ୍ଦ୍ର ମିଶ୍ର, ବିବେକାନନ୍ଦ ସାମଲ, ପ୍ରସନ୍ନମଣି ତ୍ରିପାଠୀ, ଶ୍ୱେତାଙ୍ଗ ମିଶ୍ର, ବାଦଲ ନାୟକ, ଅନନ୍ତ ମହାନ୍ତି, ସାଗର ବେହେରା, ସବୀର ବେହେରା ପ୍ରମୁଖ ଯୋଗଦେଇଥିଲେ। ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍ ସାରୁଅ ଓ ପାନବରଜ କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପାନବରଜ ବିଜୟ ହାସଲ କରିଥିବା ବେଳେ ଏହି ଦଳର ଏମ୍‌ଡି. ସରିଫ୍ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସେହିପରି ଦ୍ୱିତୀୟ ମ୍ୟାଚ୍‌ଟି ବୈଦ୍ୟେଶ୍ୱର ଦିଶା ସହିତ ବେଗୁନିଆର ଅଠାରଙ୍ଗ ମଧ୍ୟରେ ଖେଳାଯାଇଥିଲା। ଏଥିରେ ବୈଦେଶ୍ୱର ଦଳ ବିଜୟଲାଭ କରିଥିବା ବେଳେ ସେହି ଦଳର ପ୍ରବୀନ ମହାପାତ୍ର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ମ୍ୟାଚ୍‌ଗୁଡ଼ିକୁ ସୁବାସ ଖଟୁଆ ଓ କେଶବ ମଙ୍ଗୁଆଳ ପରିଚାଳନା କରିଥିଲେ। ସୋମବାର ବାଙ୍କୀ ସହ ପଙ୍ଗାରସିଂ ଏବଂ ଦ୍ୱିତୀୟ ମ୍ୟାଚ୍ ବିନ୍ଧାଣିମା ସହିତ ଗୁରୁଜଙ୍ଗ ଦଳ ମଧ୍ୟରେ ଅନୁଷ୍ଠିତ ହେବ ବୋଲି କ୍ରିକେଟ୍ ସମ୍ପାଦକ ସତ୍ୟ ରଞ୍ଜନ ସାହୁ ପ୍ରକାଶ କରିଛନ୍ତି।

# ଚୌଦ୍ୱାର କଲେଜ: ପୁରାତନ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

ଚୌଦ୍ୱାର,୨୧।୧୨(ଆଶୁତୋଷ ଦାସ):

ଚୌଦ୍ୱାର କଲେଜର ୧୯୯୩ ବ୍ୟାଚ୍ ଯୁକ୍ତ୨ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଉତ୍ସବ ରବିବାର ସ୍ଥାନୀୟ ଆଗ୍ରାହାଟସ୍ଥିତ ଲିଜର ଗାର୍ଡେନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ବ୍ୟାଚ୍‌ର ସଚ୍ଚିଦାନନ୍ଦ ପାଲ୍‌ଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋପାମୁଦ୍ରା ବରାଳ, ନିର୍ମଳ ଚନ୍ଦ୍ର ସିଂ, ହରିହର ପରିଡ଼ା, ଆଶୁତୋଷ ଦାସ, ନାରାୟଣ ସାହୁ, ରେଣୁବାଳା ବିଶ୍ୱାଳ, ଝିଲିରାଣୀ ସାହୁ, ବିଷ୍ଣୁପ୍ରିୟା ଜେନା, ଅଞ୍ଜୁଲତା ସାହୁ, ଜି. ରଜନୀକାନ୍ତ, ସନ୍ତୋଷ ସାହୁ, ନଳିନୀ ପଡ଼ିହାରୀ, ଜୟନ୍ତ ସାହୁ, ରୀତା ପରିଜା, ରୀତାରାଣୀ ମହାନ୍ତି, ଦେବସ୍ମିତା କାନୁନ୍‌ଗୋ ପ୍ରମୁଖ ଯୋଗଦେଇ ବିଗତ କଲେଜର ଅଭୁଲା ସ୍ମୃତିକୁ ମନେପକାଇଥିଲେ । ଆଗାମୀ ଦିନରେ କଲେଜର ସର୍ବାଙ୍ଗୀନ ଉନ୍ନତି ତଥା ଶିକ୍ଷାର ମାନ ବୃଦ୍ଧି ଦିଗରେ ପୁରାତନ ଛାତ୍ରମାନେ ଗୁରୁତ୍ୱାରୋପ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିସହିତ କେବଳ ବନ୍ଧୁମିଳନ କରି ଭୋଜିଭାତରେ କାର୍ଯ୍ୟକ୍ରମକୁ ସୀମିତ ନ ରଖି ପରସ୍ପରର ସୁଖଦୁଃଖରେ ସାମିଲ ହେବା ପାଇଁ ସମସ୍ତେ ଶପଥ ନେଇଥିଲେ।

# ଉପଖଣ୍ଡ ଓକିଲ ସଂଘର ବାର୍ଷିକ ଅଧିବେଶନ

ଆଠଗଡ଼,୨୧।୧୨(ସତ୍ୟ ପ୍ରସାଦ ରଥ):

ଆଠଗଡ଼ ଉପଖଣ୍ଡ ଏଟିବିଏନ୍ ଓକିଲ ସଂଘର ୩୧ ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ଚଳିତବର୍ଷ ଆଠଗଡ଼ସ୍ଥିତ ଶୁଭଦିପା କଲ୍ୟାଣୀମଣ୍ଡପରେ ସଂଘ ସଭାପତି ବରିଷ୍ଠ ଆଇନଜୀବୀ ଫଣୀ ଭୂଷଣ ରଥଙ୍କ ଅଧ୍ୟକ୍ଷତାରେ ଆଠଗଡ଼, ଟିଗିରିଆ, ବଡ଼ମ୍ବା, ନରସିଂହପୁର, କଟକ, ଭୁବନେଶ୍ୱର ସଦସ୍ୟ ଅଧିବକ୍ତାମାନଙ୍କୁ ନେଇ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବପ୍ରଥମେ ଆଠଗଡ଼ର ଦିବଙ୍ଗତ ଆଇନଜୀବୀ ଅଦ୍ୱୈତ ଚରଣ ପଣ୍ଡାଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ଚଳିତବର୍ଷ ଆଠଗଡ଼ ଓକିଲ ସଂଘ ଅଧିବକ୍ତା ସଭାପତିଙ୍କୁ ବାଲୁଙ୍କେଶ୍ୱର ରଥ ସ୍ମାରକୀ ସମ୍ମାନ ଏବଂ ଗଗନ ବିହାରୀ ରାଉତ, ସନ୍ତୋଷ କୁମାର ସାହୁ, ବୁଦ୍ଧିମାନ ସାହୁ, ଶାଶ୍ୱତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ପଟ୍ଟନାୟକଙ୍କୁ ସଂଘ ପକ୍ଷରୁ ସୁଦର୍ଶନ ବେଉରା, ଅଦ୍ୱୈତ ଚରଣ ପଣ୍ଡା ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଠଗଡ଼ ଓକିଲ ସଂଘ ସଭାପତି ଜଗଦାନନ୍ଦ ତ୍ରିପାଠୀ, ସମ୍ପାଦକ ବନବିହାରୀ ସାହୁ, ସହସମ୍ପାଦକ ଶ୍ରୀନିବାସ ଦାସ, ଗୋପ ରଞ୍ଜନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାର୍ଷିକ ଅଧିବେଶନରେ ଯୋଗଦେଇଥିବା ଆଇନଜୀବୀମାନେ।

# ପ୍ଲେଟ୍‌ଲେଟ୍ ବ୍ୟାଗ୍ ତଥ୍ୟରେ ତ୍ରୁଟି

## ରୋଗୀଙ୍କ ଜୀବନ ସହ ଖେଳ

କଟକ,୨୧।୧୨(ଶିଳ୍ପା ପ୍ରିୟଦର୍ଶିନୀ):

ପ୍ଲେଟ୍‌ଲେଟ୍ ଆବଶ୍ୟକ କରୁଥିବା ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି କର୍ମଚାରୀ। ପ୍ଲେଟ୍‌ଲେଟ୍ ବ୍ୟାଗ୍‌ରେ ପ୍ଲେଟ୍‌ଲେଟ୍ ସଂଗ୍ରହ ଓ ପ୍ରସ୍ତୁତି ତାରିଖରେ ତଥ୍ୟ ଠିକ୍ ରହୁନାହିଁ। ଏପରିକି ଠିକ୍ ଯାଞ୍ଚ ବିନା ପ୍ଲେଟ୍‌ଲେଟ୍ ବ୍ୟାଗ୍ ଦିଆଯାଉଛି। ଫଳରେ ତାହା ରୋଗୀଙ୍କ କାମରେ ଆସୁନାହିଁ। ଏଭଳି କିଛି ବିଭ୍ରାଟ କଟକସ୍ଥିତ ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ସେଣ୍ଟରରେ ରବିବାର ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଓଏମ୍‌ପିସ୍ଥିତ ଏକ ଘରୋଇ ହସ୍ପିଟାଲରେ କଲ୍ୟାଣନଗର ଅଞ୍ଚଳର ଜଣେ ଗୁରୁତର ରୋଗୀଙ୍କ ଚିକିତ୍ସା ଚାଲିଛି। ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ପ୍ରତିଦିନ ପ୍ଲେଟ୍‌ଲେଟ୍ ଦିଆଯାଉଛି। ତାଙ୍କ ସମ୍ପର୍କୀୟ ରବିବାର ସେଣ୍ଟ୍ରାଲ ରେଡ୍‌କ୍ରସ୍ ବ୍ଲଡ୍ ସେଣ୍ଟରକୁ ପ୍ଲେଟ୍‌ଲେଟ୍ ପାଇଁ ଯାଇଥିଲେ। ସେଠାରେ ଦୀର୍ଘ ସମୟ ଅପେକ୍ଷା କରିବା ପରେ ତାଙ୍କୁ ୪୦୦ ଟଙ୍କାରେ ୩୦୦ ଏମ୍ଏଲ୍‌ର ଏକ ବ୍ୟାଗ୍ ପ୍ଲେଟ୍‌ଲେଟ୍ ଦିଆଯାଇଥିଲା। ସେ ତାହାକୁ ଆଣି ଘରୋଇ ହସ୍ପିଟାଲରେ ସେଥିରେ




ପ୍ଲେଟ୍‌ଲେଟ୍ ସଂଗ୍ରହ ଓ ପ୍ରସ୍ତୁତି ତାରିଖ ଭୁଲଥିବା ଜଣାପଡ଼ିଥିଲା। ପ୍ରସ୍ତୁତି ତାରିଖ ଡିସେମ୍ବର ୧୫ ଲେଖାଥିବା ବେଳେ ସଂଗ୍ରହ ତାରିଖ ଡିସେମ୍ବର ୧୬ ଉଲ୍ଲେଖ ଥିବା ଦେଖି ସେଠାକାର କର୍ମଚାରୀ ତାହାକୁ ରୋଗୀଙ୍କୁ ଦେବା ପାଇଁ ମନା କରିଦେଇଥିଲେ। ଭୁଲ୍ ତଥ୍ୟ ଥିବା ପ୍ଲେଟ୍‌ଲେଟ୍ ରୋଗୀଙ୍କ ଜୀବନ ପ୍ରତି ବିପଦ ବୋଲି ଡାକ୍ତର କହିଥିଲେ। ଫଳରେ ରୋଗୀଙ୍କ ସମ୍ପର୍କୀୟ ଏ ନେଇ ରେଡ୍‌କ୍ରସ୍‌ରେ ଜଣାଇବାରୁ ଦାୟିତ୍ୱରେ ଥିବା କର୍ମଚାରୀ ପ୍ରଥମେ ବିରକ୍ତି ପ୍ରକାଶ କରିଥିଲେ। ପରେ ତାଙ୍କୁ ସେହି ପ୍ଲେଟ୍‌ଲେଟ୍ ବ୍ୟାଗ୍ ଉପରେ ଠିକ୍ ତାରିଖର ଷ୍ଟିକର ଲଗାଇ ଧରାଇଦେଇଥିଲେ। ଅନ୍ୟପକ୍ଷରେ ରେଡ୍‌କ୍ରସ ବ୍ଲଡ୍ ସେଣ୍ଟରରେ ପ୍ଲେଟ୍‌ଲେଟ୍ ଯାଞ୍ଚ କରିବାକୁ କର୍ମଚାରୀ ନିୟୋଜିତ ହୋଇଥିଲେ ମଧ୍ୟ ଏଭଳି ତ୍ରୁଟି ପ୍ରତି କର୍ତ୍ତୃପକ୍ଷ ନଜର ନ ଦେବା ସମସ୍ତଙ୍କୁ ବିସ୍ମିତ କରିଛି। ତେବେ ଏ ସମ୍ପର୍କରେ ରେଡ୍‌କ୍ରସ୍ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:

| | | |
|---|---|---|
| 1. | Nature of Work | : Building Works |
| 2. | No. of Work | : 4 Nos. |
| 3. | Tender Cost & EMD | : To be remitted online through a process as mentioned in DTCN |
| 4. | Class of Contractor | : As mentioned in DTCN |
| 5. | Available of Bid document in the Website | : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M. |
| 6. | Date of Opening of Bid | : Dt.07.01.2026 at 11.00 A.M. |

7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.

Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

# 'ଉତ୍ତମ ଚରିତ୍ର ଗଠନ ସହ ଭଲ ପାଠପଢ଼'

ଖୋର୍ଦ୍ଧା,୨୧।୧୨(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ସିଗ୍‌ମା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ-୨୦୨୫ ରବିବାର ସ୍ଥାନୀୟ ବିଡିଏ କଲୋନୀ ସ୍ଥିତ କଲ୍ୟାଣମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ନିର୍ଦ୍ଦେଶକ ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀ ରାଣୀ ଗୁମାନସିଂ ଯୋଗଦେଇ ପିଲାଙ୍କୁ ଉତ୍ତମ ଚରିତ୍ର ଗଠନ, ଶୃଙ୍ଖଳାଜ୍ଞାନ, ସମୟାନୁବର୍ତ୍ତିତା, ପାଠପଢ଼ି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟ ବକ୍ତା ଅଧ୍ୟାପକ ସୁବୋଧ ଜଗଦ୍ଦେବ କହିଥିଲେ ଯେ, ପିଲାଙ୍କ ପ୍ରଥମ ଦାୟିତ୍ୱ ହେଉଛି ଭଲ ପାଠ ପଢ଼ିବା। ସଫଳତା ପାଇବା ପାଇଁ ଜ୍ଞାନରୋହଣ ଜରୁରୀ, ଏହା କେବଳ ପୁସ୍ତକ ଅଧ୍ୟୟନରୁ ମିଳିଥାଏ। ଜୀବନରେ କ୍ଲାସରୁମ ପାଠପଢ଼ାର ବିଶେଷ ମହତ୍ତ୍ୱ ରହିଛି। କ୍ଲାସରୁମର ପାଠପଢ଼ା ଜୀବନରେ ଗଭୀର ରେଖାପାତ କରିଥାଏ। ଏହାକୁ କେବେ ହେୟଜ୍ଞାନ କରିବ ନାହିଁ। ଯିଏ ସ୍ୱପ୍ନ ଦେଖିବା ସହ କଠିନ ପରିଶ୍ରମ କରେ ସଫଳତା ହାସଲ କରିଥାଏ। ସୌର୍ଯ୍ୟରଞ୍ଜନ ମହାନ୍ତି କହିଥିଲେ ଯେ, ପିତାମାତା ହେଉଛନ୍ତି ପ୍ରଥମ ଗୁରୁ। ସେମାନଙ୍କ ଆଶୀର୍ବାଦ, ଗୁରୁଜନ ଓ ଶିକ୍ଷକଙ୍କ ପ୍ରେରଣା ଆଗକୁ ବଢ଼ିବାକୁ ମାର୍ଗଦର୍ଶନ କରିଥାଏ। ଭଲ ପାଠପଢ଼ି ବିଦ୍ୟାଳୟ ତଥା ଜିଲାର ଗୌରବ ବଢ଼ାଇବାକୁ କହିଥିଲେ। ପୌରାଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଜିଲା ପରିଷଦ ସଦସ୍ୟ ପ୍ରକାଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପିଲାଙ୍କୁ ଉତ୍ସାହିତ କରିଥିଲେ। ସ୍କୁଲର ଅଧ୍ୟକ୍ଷା ମମତାଞ୍ଜଳି ପଟ୍ଟନାୟକ ବାର୍ଷିକ ବିବରଣୀ ପାଠ କରି ଛାତ୍ରୀଛାତ୍ରଙ୍କ ବିଭିନ୍ନ ସଫଳତା ଓ ଅନୁଷ୍ଠାନର ଶିକ୍ଷାଗତ ଉପଲବ୍ଧିକୁ ଉଜାଗର କରିଥିଲେ। ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଉଚ୍ଚ ଶିକ୍ଷା ପାଇଁ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅଂଶଗ୍ରହଣ ପାଇଁ ବିଶେଷ ଦୃଷ୍ଟି ଦିଆଯାଉଥିବା ସେ ସୂଚନା ଦେଇଥିଲେ। ଗତ ସିବିଏସ୍‌ଇ ମାଟ୍ରିକ ପରୀକ୍ଷାରେ ସ୍କୁଲର ଶ୍ରେଷ୍ଠ ଛାତ୍ରୀଛାତ୍ର ଶୁଭମ ଅଗ୍ରୱାଲା ଏବଂ ଶୁଭଶ୍ରୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଚଳିତ ବର୍ଷ ଶିକ୍ଷାବିତ୍ ଭାବେ ଅଧ୍ୟାପକ ସୁବୋଧ ଜଗଦ୍ଦେବ ଏବଂ ସର୍ବଶ୍ରେଷ୍ଠ ଶିକ୍ଷକ ଭାବେ ମାନସ ରଞ୍ଜନ ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ଅତିଥିମାନେ ପୁରସ୍କୃତ କରିଥିଲେ। କୁନି କଳାକାରମାନଙ୍କ ଦ୍ୱାରା ରାମାୟଣ, ମହାଭାରତ, ଦେଶାତ୍ମକବୋଧ ସଙ୍ଗୀତ, ସାମାଜିକ ଗଣମାଧ୍ୟମର ପ୍ରଭାବ ଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସ୍କୁଲର ଉପାଧ୍ୟକ୍ଷ ତୁଷାର ରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ମିସ୍ ଅନେଶ୍ୱତା ମଞ୍ଚ ସଂଯୋଜନା କରିଥିବା ବେଳେ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


ସିଗ୍‌ମା ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

# ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ


ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଅଭିମାନପୁର ବାତ୍ୟା ଆଶ୍ରୟସ୍ଥଳ ଠାରେ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ପକ୍ଷୀ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରେଞ୍ଜର ଚିତ୍ରସେନ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥିଭାବେ ଟାଙ୍ଗୀ ଥାନା ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ, ଅବସରପ୍ରାପ୍ତ ରେଞ୍ଜର ଅଜୟ କୁମାର ଜଗଦ୍ଦେବ, ଉଜଳା ଗୋପୀନାଥପୁର ସରପଞ୍ଚ ଡମ୍ବରୁଧର ସ୍ୱାଇଁ, ସମିତିସଭ୍ୟ ସୂର୍ଯ୍ୟମଣି ମାଝୀ, ଭୁଷଣ୍ଡପୁର ସରପଞ୍ଚ ସୌରଭ ଦାସ ମହାପାତ୍ର, ମଙ୍ଗଳାଯୋଡ଼ି ସରପଞ୍ଚ ମାନସ ରଞ୍ଜନ ସାମନ୍ତରାୟ, ପରିବେଶବିତ୍ ଧନେଶ୍ୱର ବିଧାର, ହାସ୍ୟରସ ଅଭିନେତା ବ୍ରଜ ବିହାରୀ ସୁବୁଧି, ଗୀତିକାର ମାଧବ ମହାରଣା, କୁନା ମହନ୍ତ, ସୁଧାଂଶୁ ବାଳା ଦେବୀ ପ୍ରମୁଖ ଯୋଗଦେଇ ମଙ୍ଗଳାଯୋଡ଼ି ପ୍ରକୃତି ବିହାରକୁ ଆସିଥିବା ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ସ୍ଥାନୀୟ ଜନସାଧାରଣଙ୍କୁ ସଚେତନ କରାଇଥିଲେ। ଟାଙ୍ଗୀ ବନ୍ୟପ୍ରାଣୀ କାର୍ଯ୍ୟାଳୟ କର୍ମଚାରୀ ମାନେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ

ନିରାକାରପୁର,୨୧।୧୨(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ପଞ୍ଚାୟତ ରାଉଳହଜ ସ୍ଥାନୀୟ ରେଲୱେ ଷ୍ଟେଶନ ନିକଟରେ ଥିବା ଶିକ୍ଷା ବିକାଶ ସମିତିଦ୍ୱାରା ପରିଚାଳିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୧୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ରାଜ୍ୟ ଶିଶୁ ମନ୍ଦିର ସମ୍ଭାଗ ସଭାପତି କୁଳମଣି ମିଶ୍ର, ପୂର୍ବତନ ପରିଚାଳନା ସମ୍ପାଦକ ନବ କୃଷ୍ଣ ମହାପାତ୍ର, ଦିନମୟୀ ଦାଶ, ପ୍ରତିମା ପ୍ରଧାନ ପ୍ରମୁଖ ଯୋଗଦେଇ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଅତିଥିଭାବେ ନିରାକାରପୁର କଲେଜର ଇଂଲିଶ ଅଧ୍ୟାପକ ଡ.ମୃତ୍ୟୁଞ୍ଜୟ ରଥ, ବର୍ଷିଆନ ଶିକ୍ଷାବତ୍ ବିଶ୍ୱନାଥ ରଥ, ଅନୁଷ୍ଠାନର ପୂର୍ବତନ ସଭାପତି ଶିବ ଶଙ୍କର ତ୍ରିପାଠୀ, ଅଧ୍ୟାପକ ଗଙ୍ଗାଧର ତ୍ରିପାଠୀ, ସାମାଜିକ କର୍ମୀ ରାମକୃଷ୍ଣ ପଟ୍ଟନାୟକ, ଚିତ୍ତରଞ୍ଜନ ତ୍ରିପାଠୀ, ଉପସଭାପତି ମନ୍ମଥ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠାନର ସମ୍ପାଦକ ଅଜୟ ପାଇକରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଶାନ୍ତ ପାଟଶାଣୀ ମଞ୍ଚ ପରିଚାଳନା ଏବଂ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଅନସୂୟା ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ସମସ୍ତ ଖବରଦାତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟର ଛାତ୍ରମାନଙ୍କ ଦ୍ୱାରା ନାଟକ ଅଭିମନ୍ୟୁ ଚକ୍ରବ୍ୟୁହ ଏବଂ ଛାତ୍ରୀମାନଙ୍କ ଦ୍ୱାରା ଘଟଚକଚ ବଧ ପରିବେଷଣ କରାଯାଇଥିଲା। ସ୍କୁଲର ବାହାନ ପ୍ରସାଦ ଦାସଙ୍କ ସହିତ ସମସ୍ତ ଗୁରୁଜୀ, ଗୁରୁମା କର୍ମଚାରୀ, ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।

# ସଣ୍ଡେ ଅନ୍ ସାଇକେଲ ସାଇକ୍ଲୋଥନ



ଜଟଣୀ,୨୧।୧୨(ରବୀନ୍ଦ୍ରନାଥ ମହାକୁଡ଼)

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ ରେଳ ମଣ୍ଡଳ ପକ୍ଷରୁ ସଣ୍ଡେ ଅନ୍ ସାଇକେଲ ସାଇକ୍ଲୋଥନ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ଫିଟ୍ ଇଣ୍ଡିଆ ଅଭିଯାନର ଏକ ଅଂଶଭାବେ ପୂର୍ବତଟ ରେଳପଥର କ୍ରୀଡା ସଂଘ (ଇକୋର୍ସା) ଦ୍ୱାରା ସଣ୍ଡେ ଅନ୍ ସାଇକେଲ ସାଇକ୍ଲୋଥନ ୨୦୨୫ ଆୟୋଜନ କରାଯାଇଥିଲା। ରେଲୱେ କର୍ମଚାରୀ ଏବଂ ସାଧାରଣ ଲୋକଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, ସୁସ୍ଥ ଜୀବନଶୈଳୀ ଏବଂ ପରିବେଶ ସୁରକ୍ଷାକୁ ନେଇ ସଚେତନତା କରାଇବା କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ବୋଲି ଆୟୋଜକ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏହି ସାଇକ୍ଲୋଥନକୁ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ ତଥା କ୍ରୀଡା ଅଧିକାରୀ ଅନିଲ କୁମାର ଏସ୍ ଏବଂ ଅନ୍ୟାନ୍ୟ ବରିଷ୍ଠ ରେଳ ଅଧିକାରୀଙ୍କ ଉପସ୍ଥିତ ରହିଥିଲେ। କାର୍ଯ୍ୟକ୍ରମରେ ବହୁ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଏହି ଆୟୋଜନ ମାଧ୍ୟମରେ ନିୟମିତ ଶାରୀରିକ କ୍ରିୟାକଳାପକୁ ଉତ୍ସାହିତ କରିବା ସହିତ ଏକ ସୁସ୍ଥ ଓ ଫିଟ୍ ଇଣ୍ଡିଆ ଜାତୀୟ ଦୃଷ୍ଟିକୋଣକୁ ସମର୍ଥନ କରାଯାଇଥିଲା। ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ୍ ରେଳମଣ୍ଡଳ ଇକୋର୍ସା ମାଧ୍ୟମରେ କର୍ମଚାରୀ ଓ ସମାଜର ସାର୍ବଜନୀନ ମଙ୍ଗଳାର୍ଥେ କ୍ରୀଡା, ସୁସ୍ଥତା ଓ ସ୍ୱାସ୍ଥ୍ୟ ସମ୍ପର୍କିତ ପଦକ୍ଷେପଗୁଡ଼ିକୁ ପ୍ରୋତ୍ସାହନ ଦେଇଆସୁଛି ବୋଲି କାର୍ଯ୍ୟକ୍ରମ ମାଧ୍ୟମରେ କୁହାଯାଇଛି।

# 'ବିଦ୍ୟାର୍ଥୀଙ୍କ ବୌଦ୍ଧିକ ଜ୍ଞାନକୁ ଶାଣିତ କରୁଛି ଉତ୍ସବ'

ବେଗୁନିଆ,୨୧।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ସରସ୍ୱତୀ ଶିଶୁ ମନ୍ଦିର ଅନୁଷ୍ଠାନ ପକ୍ଷରୁ ୩୬ତମ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଅନୁଷ୍ଠାନର ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ସୁବୁଦ୍ଧିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସ୍ୱତନ୍ତ୍ର ଅତିଥିଭାବେ ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ଏବଂ ବକ୍ତାଭାବେ ସଂକୁଳ ପ୍ରମୁଖ ସାନନ୍ଦ କୁମାର ସାହୁ ମଞ୍ଚାସୀନ ଥିଲେ। ଜ୍ଞାନପୀଠ ଭାବେ ପରିଚିତ ହେଉଛି ଶିକ୍ଷାନୁଷ୍ଠାନ। ଗୋଟିଏ ଶିକ୍ଷାନୁଷ୍ଠାନର ଆବଦ୍ଧ ଭିତରେ ବିଦ୍ୟାଥୀମାନେ ଅନେକ ଶିକ୍ଷା ଲାଭ କରନ୍ତି। ହେଲେ ବର୍ଷକୁ ଥରେ ପାଳିତ ହେଉଥିବା ବାର୍ଷିକ ଉତ୍ସବ ବିଦ୍ୟାର୍ଥୀଙ୍କ ବୌଦ୍ଧିକ ଜ୍ଞାନକୁ ଶାଣିତ କରେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଶିକ୍ଷାବିତ୍ ଶରତ କୁମାର ପଣ୍ଡା ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ବିଜୟ କୁମାର ରଥ ବାର୍ଷିକ ବିବରଣୀ ପଠନ କରିଥିଲେ। ସେହିପରି ଅନୁଷ୍ଠାନର ସମସ୍ତ ଆଚାର୍ଯ୍ୟା ଏବଂ ଆଚାର୍ଯ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଦ୍ୟାଳୟର ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ବିଦ୍ୟାର୍ଥୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ନୃତ୍ୟ ସଙ୍ଗୀତର ତାଳେ ତାଳେ ଶିଶୁମାନେ ବିଭୋର ହୋଇଥିଲେ। ବରିଷ୍ଠ ଗୁରୁଜୀ ପ୍ରଲ୍ୟୁମ୍ନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମା'କାମାକ୍ଷା କ୍ଲବ୍ ବକ୍ସର ସେମିଫାଇନାଲରେ

## ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ

ଟାଙ୍ଗୀ,୨୧।୧୨(ରଘୁନାଥ ସାହୁ)

କୁହୁଡ଼ି ଜନତା ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ରବିବାର ମା'କାମାକ୍ଷା କ୍ଲବ ବକ୍ସର ଏବଂ ଇମ୍ଫାଲ ମଣିପୁର ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ମଣିପୁର ଟିମ୍ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବକ୍ସର ଟିମ୍ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କାହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟ୍ରାଇବ୍ରେକରରେ ୫-୪ ଗୋଲ ବ୍ୟବଧାନରେ ବକ୍ସର ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ଜାତୀୟ ଫୁଟ୍‌ବଲ କୋଚ୍ ବିଶ୍ୱନାଥ କୁଣ୍ଟୁ, ପୂର୍ବତନ ସଭାପତି ହୃଷିକେଶ ପ୍ରଧାନ ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ବିଜୟ ମଙ୍ଗରାଜ, ଶେଖାଓ୍ୱତ ଖାଁ, ସରୋଜ ମହାରଣା ଓ ଗୋପାଳ ସାମନ୍ତରାୟ ମ୍ୟାଚ୍ ପରିଚାଳନା କରିଥିଲେ। ସୋମବାର ଧାନବାଦ ଫୁଟ୍‌ବଲ କ୍ଲବ ଏବଂ ୟୁନାଇଟେଡ୍ ୟୁଥ୍ କ୍ଲବ ଗଣ୍ଡରପୁର ମଧ୍ୟରେ ମ୍ୟାଚ୍ ହେବ ବୋଲି ସମ୍ପାଦକ ମନୋଜ ମାନସିଂହ ସୂଚନା ଦେଇଛନ୍ତି।


ସର୍ବଭାରତୀୟ ମହାବୀର କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଖେଳର ଏକ ଦୃଶ୍ୟ।

# 'ସାହିତ୍ୟ ସମାଜର ପ୍ରେରଣାର ଉତ୍ସ'


କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ବୋଲଗଡ଼,୨୧।୧୨ (ଦେବବ୍ରତ ହୋତା)

ବୋଲଗଡ଼ ସଦର ମହକୁମାସ୍ଥିତ ହନୁମାନ ଗଦି ପରିସରରେ କବିତା ପାଠୋତ୍ସବ ସହ ପୁସ୍ତକ ଲୋକାର୍ପଣ ଏବଂ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ରବିବାର ସ୍ଥାନୀୟ ସର୍ଜନା ସାହିତ୍ୟ ଓ ସଂସ୍କୃତି ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦର ଉପଦେଷ୍ଟା ଶିକ୍ଷାବିତ୍ ନିରଞ୍ଜନ ତ୍ରିପାଠୀ ପୌରୋହିତ୍ୟ କରିଥିଲେ। ପ୍ରାରମ୍ଭରେ ମହାବୀର ହନୁମାନଙ୍କ ପୂଜାର୍ଚ୍ଚନା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ପଣ୍ଡିତ ସୌମ୍ୟରଞ୍ଜନ ମିଶ୍ର ବେଦପାଠ ଓ କବୟିତ୍ରୀ ଡ.ଗୀତାଞ୍ଜଳି ମହାପାତ୍ର ମଙ୍ଗଳାଚରଣ ପାଠ କରିଥିଲେ। କବୟିତ୍ରୀ ସତ୍ୟଭାମା ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରଭାକର ସାହୁ ସ୍ୱାଗତ ଭାଷଣ ଏବଂ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କବି ଲୁଣ୍ଠୁ ତ୍ରିପାଠୀଙ୍କ ରଚିତ କବିତା ସଙ୍କଳନ 'ସୁନା ପକ୍ଷୀର ଡେଣା' କୁ ଅତିଥିମାନେ ଲୋକାର୍ପଣ କରିଥିଲେ। ଅଧ୍ୟାପକ ରଙ୍କନିଧି ବଳିୟାରସିଂହ ପୁସ୍ତକର ନିର୍ଯ୍ୟାସ ପାଠ ସହ ସମୀକ୍ଷା କରିଥିଲେ।

ଏହି କାର୍ଯ୍ୟକ୍ରମରେ ସୁସାହିତ୍ୟିକ ଡ.ନିର୍ମଳ ଚନ୍ଦ୍ର ସୂରଦେଓ ମୁଖ୍ୟ ଅତିଥି, ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ମୁଖ୍ୟ ବକ୍ତା, ଶିକ୍ଷାବିତ୍ ପ୍ରଫୁଲ୍ଲ କୁମାର ମହାପାତ୍ର ଏବଂ କବୟିତ୍ରୀ ସୁମତୀ ଦେଇ ସମ୍ମାନିତ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ସାହିତ୍ୟ ସର୍ବକାଳୀନ ସମାଜର ପ୍ରେରଣାର ଉତ୍ସ। ସାହିତ୍ୟ ସର୍ଜନା ଓ ପାଠକୀୟ ମନୋବୃତ୍ତିର ବିକାଶ ହେଲେ ସମାଜ ପ୍ରାଣବନ୍ତ ହେବ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ କବି ଜନ୍ମେଶ୍ୱର ମଙ୍ଗରାଜଙ୍କ ସଂଯୋଜନାରେ କବି ଦିବ୍ୟଲୋଚନ ଭାରିମଲ, ବସନ୍ତ କୁମାର ସାହୁ, କବୟିତ୍ରୀ ମଞ୍ଜୁବାଳା ତ୍ରିପାଠୀ, ସେବତି ପରିଡା, ବସନ୍ତ ମଞ୍ଜରୀ ପରମଗୁରୁ, ପ୍ରଭାତୀ ରଥ, ନବକିଶୋର ପଟ୍ଟନାୟକ, ହରିବନ୍ଧୁ ସାହୁ, ଗୋପୀନାଥ ଖାଡ଼ଙ୍ଗା, ଦିବାକର ପରମଗୁରୁ, ଅରୂପ କୁମାର ପରିଡ଼ା, ଚିନ୍ତାମଣି ମିଶ୍ର, ଲଛମନ ପରିଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ପ୍ରିୟବ୍ରତ ଦାଶ ଏବଂ ଲଗ୍ନଜିତ ତ୍ରିପାଠୀ ସହଯୋଗ କରିଥିଲେ। କବି ଭକ୍ତବଲ୍ଲଭ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅତ୍ରି ସେମିଫାଇନାଲରେ

## କଣ୍ଟାବାଡ଼ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

ବେଗୁନିଆ,୨୧।୧୨
(ହର ପ୍ରସନ୍ନ ପଣ୍ଡା/ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ କଣ୍ଟାବାଡ଼ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ରବିବାର ଷଷ୍ଠ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ନୀଳକଣ୍ଠ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଶିଳ୍ପପତି ଶିବ ନାରାୟଣ ମିଶ୍ର, ଇଣ୍ଡିଆନ ବ୍ୟାଙ୍କର ପରିଚାଳକ ସତ୍ୟବାଦୀ ଦୋରା, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଜୟ ମହାପାତ୍ର, ଆୟୋଜକ କ୍ରିକେଟ ଆସୋସିଏଶନର ପୂର୍ବତନ ଅଧିନାୟକ ରାଧାଶ୍ୟାମ ସାହୁ, ଶିକ୍ଷାବିତ୍ ରାଜକିଶୋର ପାଣିଗ୍ରାହୀ, ସୁରେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଅତ୍ରି ସ୍ପୋର୍ଟ୍ସ ଆସୋସିଏଶନ ଏବଂ ଆଇଆର୍‌ସି ଭିଲେଜ ଭୁବନେଶ୍ୱର ଟିମ୍ ମଧ୍ୟରେ ହୋଇଥିଲା। ଅତ୍ରି ଟିମ୍ ପ୍ରଥମେ ବ୍ୟାଟିଂ କରି ୧୯ ଓଭରରେ ୭ ଉଇକେଟ ବିନିମୟରେ ୨୧୯ ରନ ସଂଗ୍ରହ କରିଥିଲା। ଜବାବରେ ଆଇଆର୍‌ସି ଟିମ୍ ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୯୬ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଫଳରେ ଅତ୍ରି ଟିମ୍ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରିଛି। ପପୁ ଚାନ୍ଦ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିଥିବାରୁ ପ୍ରଦ୍ୟୁମ୍ନ ମହାପାତ୍ର ମେମୋରିଆଲ ମ୍ୟାନ ଅଫ ଦି ମ୍ୟାଚ ଟ୍ରଫି ପ୍ରଦାନ କରାଯାଇଥିଲା। ରମାକାନ୍ତ ପାତ୍ର ଏବଂ ବିନୟ ପାଇକରାୟ ମ୍ୟାଚ୍ ପରିଚାଳନା କରିଥିବା ବେଳେ ମିଥୁନ ପ୍ରଧାନ ଓ ସିଦ୍ଧେଶ୍ୱର ବେହେରା ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ ଆସୋସିଏଶନର ସଭାପତି ମାନସ ରଞ୍ଜନ ଦାଶ, ସମ୍ପାଦକ ସୌମ୍ୟ ରଞ୍ଜନ ଦାଶ, ଦିଲୀପ ପାଣିଗ୍ରାହୀ, ବଂଶୀଧର ପାଣିଗ୍ରାହୀ, ଜ୍ଞାନରଞ୍ଜନ ଜେନା, ଦୁର୍ଗା ପ୍ରସାଦ ଦାସ, ଧ୍ରୁବ ଚରଣ ବେହେରା, ଦିପକ ମହାରଣା, ଅଜୟ ମହାପାତ୍ର, ଶାଶ୍ୱତ କର, ଶରତ ପାଇକରାୟ, ଚିନ୍ମୟ ପଣ୍ଡା ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୋମବାର ବିଶ୍ରାମ ଦିବସ ଏବଂ ମଙ୍ଗଳବାର ମେଣ୍ଢାଶାଳ ଓ କିଆଝର ଟିମ୍ ମଧ୍ୟରେ ମ୍ୟାଚ୍ ହେବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି।

# ତମାଣ୍ଡୋକୁ ହରାଇ କୁମାରବସ୍ତ ଚାମ୍ପିୟନ

## ରେନ୍‌ବୋ କ୍ରିକେଟ ଟୁର୍ନାମେଣ୍ଟ

ବାଘମାରୀ,୨୧।୧୨(ମିହିର ରଞ୍ଜନ ମହାପାତ୍ର)

ବେଗୁନିଆ ବ୍ଲକ ସାରୁଅ ପଞ୍ଚାୟତ ଅଧୀନ ପଟନିବର ଗ୍ରାମ ଖେଳପଡ଼ିଆରେ ରେନ୍‌ବୋ କ୍ରିକେଟ କ୍ଲବର ୩୧ତମ କ୍ରିକେଟ ଟୁର୍ନାମେଣ୍ଟରେ କୁମାରବସ୍ତ ଟିମ୍ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ କୁମାରବସ୍ତ ଏବଂ ତମାଣ୍ଡୋ ଟିମ୍ ମଧ୍ୟରେ ହୋଇଥିଲା। ଟସ୍ ଜିତି ତମାଣ୍ଡୋ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୮ଓଭରରେ ୨୨୭ ରନ ସଂଗ୍ରହ କରିଥିଲା। ଜବାବରେ କୁମାରବସ୍ତ ଟିମ୍ ୧୭. ୪ ଓଭରରେ ୨୩୦ ରନ ସଂଗ୍ରହ କରି ବିଜୟୀ ହେବାସହ ଚାମ୍ପିୟନ ହୋଇଥିଲା। କୁମାରବସ୍ତ ଟିମର ଉତ୍ତମ ମହାନ୍ତି ୪୯ ବଲରେ ୧୨୦ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଧାୟକ ପ୍ରଦୀପ କୁମାର ସାହୁ, ସାରୁଅ ସରପଞ୍ଚ ରଞ୍ଜିତା ମହାଭୋଇ, ନାଏବ ସରପଞ୍ଚ ଦେବାଶିଷ ଦଳେଇ, ସାମାଜିକକର୍ମୀ ଦିଲୀପ କୁମାର ମହାଭୋଇ, ଆଇଟିସିର ଏରିଆ ମ୍ୟାନେଜର ପ୍ରବୀଣ କୁମାର ଦଳେଇ, ପୂର୍ବତନ ସରପଞ୍ଚ ସୁଦର୍ଶନ ବେହେରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କ୍ରୀଡ଼ା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଚାମ୍ପିୟନ ଟିମକୁ ୩୦ ହଜାର ଟଙ୍କା ସହ ଟ୍ରଫି ଏବଂ ରନର୍ସଅପ୍ ଟିମ୍‌କୁ ୨୦ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ମନୋଜ ପାଇକରାୟ ଏବଂ ଭାଗୀରଥି ପାଇକରାୟ ମ୍ୟାଚ ପରିଚାଳନା କରିଥିବା ବେଳେ ମଳୟ ପ୍ରଧାନ, ଶୁଭେନ୍ଦୁ ପାଇକରାୟ, ସତ୍ୟପ୍ରସାଦ ଛୋଟରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଆୟୋଜକ ଅନୁଷ୍ଠାନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।




GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:
1. Nature of Work : Building Works
2. No. of Work : 4 Nos.
3. Tender Cost & EMD : To be remitted online through a process as mentioned in DTCN
4. Class of Contractor : As mentioned in DTCN
5. Available of Bid document in the Website : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M.
6. Date of Opening of Bid : Dt.07.01.2026 at 11.00 A.M.
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website.
Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

## ସଂକ୍ଷେପରେ

### ନରସିଂହପୁର ମାଇନର୍ କେନାଲ ପାଲଟିଛି ନର୍ଦ୍ଦମା

ଯୋଗେଶ୍ୱରପୁର,୨୧।୧୨(ରଶ୍ମି ରଞ୍ଜନ ସାହୁ)

ଚାଷଜମିକୁ ଖରା, ବର୍ଷା ଓ ଶୀତ ଦିନରେ ଜଳସେଚନ ବିଭାଗ ପକ୍ଷରୁ ନରସିଂହପୁର ମାଇନର୍ କେନାଲରେ ପାଣି ଯୋଗାଇ ଦିଆଯାଇଥାଏ। ଉକ୍ତ ମାଇନର୍ କେନାଲଟି ନୟାହାଟ ବଜାର ଦେଇ ଯାଇଥିବାରୁ ପରିବା, ମାଛ ଓ ଅନ୍ୟାନ୍ୟ ବ୍ୟବସାୟୀମାନେ ଅଳିଆ ଜମା କରୁଛନ୍ତି। ଫଳରେ କେନାଲ ଧୀରେ ଧୀରେ ପୋତି ହୋଇଗଲାଣି, ପ୍ରତିବର୍ଷ କେନାଲ ସଫାକରିବା ପାଇଁ ଜଳସେଚନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଥିବା ବେଳେ ନରସିଂହପୁର ମାଇନର୍ କେନାଲ ପୋତି ହୋଇରହିଛି। ଫଳରେ ଜଳଧାରଣ କ୍ଷମତା ହ୍ରାସ ପାଉଛି। ଜଳସେଚନ ବିଭାଗ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଅସାଧୁ ବ୍ୟବସାୟୀମାନେ କେନାଲ ପୋତି ଚାଲିଛନ୍ତି। ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ତପନ କୁମାର ନାୟକଙ୍କୁ ପଚାରିବାରେ କହିଛନ୍ତି, ଆମେ ବଜାର କମିଟି, ହାଟ ମାଲିକଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳୁନାହିଁ। ତେଣୁ ଅମାନିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

### ଆଇନ ସଚେତନତା ଶିବିର

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷା ତଥା ଜିଲା ଓ ଦୌରାଜଜ୍ ଅଜନ୍ତା ଷଡ଼ଙ୍ଗୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଜିଲା ବିକଳ୍ପ ସମାଧାନ କେନ୍ଦ୍ରର ସମ୍ମିଳନୀ କକ୍ଷରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁପ୍ରିମ୍‌କୋର୍ଟ ଜଜ୍ ମେଣ୍ଟର ଅନୁବାଦ ଏଆଇ ଦ୍ୱାରା ଇଂରାଜୀ ଭାଷାରୁ ରିଜୋନାଲ ଭାଷାକୁ ଅନୁବାଦ କରିବା ଏବଂ ହାଇକୋର୍ଟଙ୍କ ଭିଡିଓ କନଫରେନ୍ସି ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆଇନ ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ପରିତୋଷ କୁମାର ସେଠୀ ଉଦ୍‌ଘାଟନ କରିବା ସହ ପରିଚାଳନା କରି ଆଇନ ସେବା ପ୍ରାଧିକରଣ ଅଧିନିୟମ ୧୯୮୭ରେ ଥିବା ବିଭିନ୍ନ ବିଧିବ୍ୟବସ୍ଥାର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ, ନିଃଶୁଳ୍କ ଆଇନ ସେବା ଯୋଗ୍ୟ ହିତାଧିକାରୀ, ଲୋକ ଅଦାଲତ, ମଧ୍ୟସ୍ଥତା କେନ୍ଦ୍ର ନ୍ୟାୟ ସଂଯୋଗ ବିଷୟରେ ଅବଗତ କରାଇଥିଲେ। ଶେଷରେ ସମସ୍ତ ଅତିଥିଙ୍କୁ ଆଇନ ସେବା ପ୍ରାଧିକରଣ ତରଫରୁ ଧନ୍ୟବାଦ ଦେବା ସହ ଆଇନ ସେବାର ଉପଯୋଗିତା ଓ ଉପଦେୟତାକୁ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର କରିବା ଏବଂ ଏହା କିପରି ଜନସାଧାରଣଙ୍କ ଉପଯୋଗୀ ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ।

### ଆସନ୍ତା ୪ରୁ ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ

ନିମାପଡ଼ା,୨୧।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆସନ୍ତା ୪ତାରିଖଠାରୁ ୧୧ତାରିଖ ପର୍ଯ୍ୟନ୍ତ ୩୦ତମ ରାଜ୍ୟସ୍ତରୀୟ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ପୁରୀ ପାୟୋନିଅର, ଭୁବନେଶ୍ୱର ପାରାମାଉଣ୍ଟ ସ୍ପୋର୍ଟିଂ, ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ, କଟକ ସୋଲାର କ୍ରିକେଟ କ୍ଲବ, ପାରାଦୀପ କ୍ରିକେଟ କ୍ଲବ, ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ କ୍ଲବ, ଖୋର୍ଦ୍ଧା କେଡିସିଏ, ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ଆଦି ୮ଟି ଖ୍ୟାତନାମା କ୍ରିକେଟ ଦଳ ଅଂଶଗ୍ରହଣ କରିବେ। ଏହି ପ୍ରତିଯୋଗିତାର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ତଥା ଉଦ୍‌ଯାପନୀ ସମାରୋହ ଜାନୁଆରୀ ୧୧ତାରିଖରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ଚାମ୍ପିଅନ୍ ଦଳକୁ ଅନୁଷ୍ଠାନ ପକ୍ଷରୁ ୫୦ହଜାର ଟଙ୍କା, ଚାମ୍ପିଅନ୍ ଟ୍ରଫି ଓ ରନର୍ସ ଅପ ଦଳକୁ ୩୦ହଜାର ଟଙ୍କା, ରନର୍ସ ଅପ ଟ୍ରଫି ପ୍ରଦାନ କରାଯିବା ସହ ମ୍ୟାନ୍ ଅଫ୍ ଦି ମ୍ୟାଚ, ମ୍ୟାନ ଅଫ୍ ଦି ସିରିଜ୍, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ବୋଲର, ଫିଲ୍ଡରମାନଙ୍କ ସମେତ କୃତୀ ଖେଳାଳିଙ୍କୁ ସ୍ୱତନ୍ତ୍ର ଭାବେ ଆକର୍ଷଣୀୟ ପୁରସ୍କାର ପ୍ରଦାନ କରାଯିବ ବୋଲି ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ଏକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ କ୍ରିକେଟ ସମ୍ପାଦକ ବରିଷ୍ଠ କ୍ରୀଡ଼ାବିତ୍ ଅକ୍ଷୟ କୁମାର ବେହେରା, ଉପଦେଷ୍ଟା ନିର୍ମଳ ମିଶ୍ର, ସଂଗଠକ ଅଭିନନ୍ଦନ ପାତ୍ର, ଆଶୁତୋଷ ରାୟ, ମାନସ ରଞ୍ଜନ ବେଉରା, ସଂଗ୍ରାମ ପ୍ରଧାନ, ଅଶୋକ ସାହୁ, ଅଭିଜିତ୍ ମିଶ୍ର, ଫୁଟବଲ ସମ୍ପାଦକ ପ୍ରକାଶ ବରାଳ ପ୍ରମୁଖ ସୂଚନା ଦେଇଛନ୍ତି। ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାରେ ବହୁସଂଖ୍ୟାରେ କ୍ରୀଡ଼ାପ୍ରେମୀ ଯୋଗଦେବାକୁ ଅନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି।

# ଅବ୍ୟବସ୍ଥାରେ ଗୋପ କଲେଜ, ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା

ଗୋପ,୨୧।୧୨
(ଭାରତୀ ଭୂଷଣ ଉପାଧ୍ୟାୟ)

- ୧୬ ବର୍ଷ ଧରି ନାହାନ୍ତି ସ୍ଥାୟୀ ଅଧ୍ୟକ୍ଷ
- କମିବାରେ ଲାଗିଛି ପାସ୍‌ହାର
- ଆଇନ ବିଭାଗରେ ଛାତ୍ରୀଛାତ୍ରଙ୍କ ସଂଖ୍ୟା ଶୂନ

ଗୋପ କଲେଜରେ ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଦୀର୍ଘ ୧୬ ବର୍ଷ ଧରି ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ ଉକ୍ତ କଲେଜ ଦିନକୁ ଦିନ ନିଜର ଗରିମା ହରାଉଛି। ପୂର୍ବରୁ ଗୋପ କଲେଜ ବେଶ୍ ସୁନାମ ଅର୍ଜନ କରିଥିବା ବେଳେ ଏବେ ଅନୁମୋଦନ ସିଟ୍‌ରେ ସମ୍ପୂର୍ଣ୍ଣ ନାମଲେଖା ମଧ୍ୟ ହୋଇପାରୁନି। କଲେଜରେ ଠିକ୍‌ରେ ପାଠପଢ଼ା ନ ହେବାରୁ ପାସ୍‌ହାର ନିମ୍ନଗାମୀ ହେବାରେ ଲାଗିଛି। ଫଳରେ ଅଭିଭାବକମାନେ ନିଜ ପିଲାଙ୍କ ନାମ ଲେଖାଇବାକୁ ଅମଙ୍ଗ ହେଉଛନ୍ତି। ସ୍ଥାୟୀ ଅଧ୍ୟକ୍ଷ ୨୦୦୯ ମସିହାରୁ ନ ଥିବାବେଳେ ବରିଷ୍ଠ ଅଧ୍ୟାପକ କିମ୍ବା ଅଧ୍ୟାପିକା ଅଧ୍ୟକ୍ଷ ଦାୟିତ୍ୱ ତୁଲାଉଥିବା ଯୋଗୁ ଏଭଳି ସମସ୍ୟା ଉପୁଜୁଛି।

ଅଧ୍ୟାପିକା, ଅଧ୍ୟାପକମାନେ ନିଜ ମନମୁତାବକ କଲେଜ ଆସି ପଢ଼ାଉଥିବା କେତେଜଣ ଛାତ୍ରୀଛାତ୍ର ଅଭିଯୋଗ କରିଛନ୍ତି। ଦାୟିତ୍ୱରେ ଥିବା ଅଧ୍ୟକ୍ଷାଙ୍କ ଅପାରଗତା ଯୋଗୁ ଗତବର୍ଷ କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଯୋଗିତା ହୋଇଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ସେହିପରି କଲେଜରେ ବାର୍ଷିକ ଉତ୍ସବ ହୋଇନାହିଁ ବୋଲି ଅଭିଯୋଗ ହୋଇଛି। ଚଳିତ ବର୍ଷ ଆଇନ ବିଭାଗରେ କୌଣସି ଛାତ୍ରୀଛାତ୍ର ନାମ ଲେଖାଇ ନ ଥିବା ବେଳେ ଦୁଇଜଣ ଅଧ୍ୟାପକ ବସି ବସି ସରକାରୀ ତହବିଲ୍‌ରୁ ମାସିକ ଲକ୍ଷାଧିକ ଟଙ୍କା ଦରମା ନେଉଛନ୍ତି। ସ୍ଥାୟୀ ଅଧ୍ୟକ୍ଷ ନ ଥିବାରୁ +୩ ଶ୍ରେଣୀର କୌଣସି ବିଭାଗର ସେମିନାର ହେଉ ନ ଥିବା ଯୋଗୁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ଉତ୍ସାହ କମିବାରେ ଲାଗିଛି। କଲେଜ କର୍ତ୍ତୃପକ୍ଷ ମାଗାଜିନ୍ କ୍ୟାଲେଣ୍ଡର ଲାଗି ଛାତ୍ରୀଛାତ୍ରଙ୍କଠାରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିଲେ ମଧ୍ୟ ଛାତ୍ରୀଛାତ୍ରଙ୍କୁ ତାହା ବଣ୍ଟନ କରାଯାଇ ନ ଥିବା ଅଭିଯୋଗ ହୋଇଛି। ଚଳିତବର୍ଷ କ୍ରୀଡ଼ା ପ୍ରତିଯୋଗିତା କିମ୍ବା ବାର୍ଷିକ ଉତ୍ସବ କରାଯାଇନାହିଁ। ଦାୟିତ୍ୱରେ ଥିବା ଅଧ୍ୟକ୍ଷା ପ୍ରିୟମ୍ବଦା ପଣ୍ଡା ଚଳିତ ମାସରେ ଅବସର ନେବାକୁ ଥିବାବେଳେ ଏହି ପଦବୀରେ ସ୍ଥାୟୀ ଅଧ୍ୟକ୍ଷ ନିଯୁକ୍ତି କରାଯିବାକୁ ସାଧାରଣରେ ଦାବି ହୋଇଛି। ଯଦି ଏହି ସ୍ଥାନରେ ବରିଷ୍ଠ ଅଧ୍ୟାପିକା କିମ୍ବା ଅଧ୍ୟାପକଙ୍କୁ ଦାୟିତ୍ୱ ଦିଆଯାଏ, ତେବେ ଗୋପ ମହାବିଦ୍ୟାଳୟ ଆହୁରି ନିମ୍ନଗାମୀ ହେବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏପରି ଅଭିଯୋଗକୁ ନେଇ ପରିଚାଳନା କମିଟି ସଭାପତି ତଥା ଉପଜିଲାପାଳ ରାଜକିଶୋର ଜେନାଙ୍କ ମତାମତ ଲାଗି ଫୋନ୍ କରିଥିଲେ ମଧ୍ୟ ଉପଜିଲାପାଳ ଫୋନ୍ ଉଠାଇ ନ ଥିଲେ।

## ଅନ୍ତର୍ଜାତୀୟ କବାଡ଼ି ପ୍ରତିଯୋଗିତାରେ ଭାଗନେବେ ପିପିଲି ଝିଅ ସୁମିତ୍ରା

ପିପିଲି,୨୧।୧୨(ଦୁର୍ଗାମାଧବ ମିଶ୍ର)



ପିପିଲି ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତର ପ୍ରତିଭାମାନେ ଅନେକ କ୍ଷେତ୍ରରେ ଅନ୍ତର୍ଜାତୀୟସ୍ତରରେ ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରି ଅଞ୍ଚଳ ପାଇଁ ସୁନାମ ଆଣିଛନ୍ତି। ଆସନ୍ତା ୨୫ରୁ ୨୮ ତାରିଖ କୋଲକାତାସ୍ଥିତ ଡୁମୁଡୁମା ଜେଲ୍ ରୋଡ୍ ପଡ଼ିଆରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ ଜୁନିୟର ବାଳିକା କବାଡ଼ି ବିଭାଗରେ ଓଡ଼ିଶା ଟିମ୍ ଅଂଶଗ୍ରହଣ କରିବା ପାଇଁ ମନୋନୀତ ହୋଇଛି। କମିଟି ପକ୍ଷରୁ ଏହି ଟିମ୍‌ରେ ପୁରୀ ଜିଲାରୁ ଦୁଇ ଖେଳାଳି ମନୋନୀତ ହୋଇଛନ୍ତି। ସେଥିମଧ୍ୟରେ ପିପିଲି ବ୍ଲକ୍ ଦାଣ୍ଡମୁକୁନ୍ଦପୁର ଗ୍ରାମର ଝିଅ ସୁମିତ୍ରା ଦାଶ ରହିଥିବା ଆସୋସିଏଶନ ଟିଠି ନମ୍ବର ୨୦୭(୧୦)ଓ କେ ଏରେ ସୂଚନା ଦେଇଛନ୍ତି। ସୁମିତ୍ରା ଦାଣ୍ଡମୁକୁନ୍ଦପୁରସ୍ଥିତ ଗୋପବନ୍ଧୁ ମେମୋରିଆଲ ହାଇସ୍କୁଲ ଛାତ୍ରୀ ହୋଇଥିବାବେଳେ ସେ ଏବେ ପିପିଲି ମହାବିଦ୍ୟାଳୟରେ ଅଧ୍ୟୟନ କରୁଛନ୍ତି। ତତ୍‌ସହିତ ନେତାଜୀ ସ୍ପୋର୍ଟିଂ ସହିତ ଜଡ଼ିତ ରହି ପ୍ରଶିକ୍ଷକ ସୁକାନ୍ତ ମିଶ୍ର ଏବଂ ରମେଶ ପ୍ରଧାନଙ୍କ ପାଖରେ ନିଜର ଅଭ୍ୟାସ ଜାରି ରଖିଛନ୍ତି। ପ୍ରତିଦିନ ସେ ୫ରୁ ୬ ଘଣ୍ଟା କବାଡ଼ି ପ୍ରାକ୍ଟିସରେ ସମୟ ଦେଉଥିବା ବେଳେ ବିଭିନ୍ନ ଜିଲାର ପ୍ରତିଯୋଗିତାରେ ଭାଗନେଇ ଖୁବ୍ ସଫଳତାର ସହ ଖେଳ ପ୍ରଦର୍ଶନ କରିଥାନ୍ତି ବୋଲି ନେତାଜୀ ସ୍ପୋର୍ଟିଂର ସଭାପତିପ୍ରକାଶ ମିଶ୍ର ସୂଚନା ଦେଇଛନ୍ତି।

## ଶ୍ରୀମନ୍ଦିର ଫଟୋ ସୋସିଆଲ୍ ମିଡିଆରେ ଭାଇରାଲ୍

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

କିଛିଦିନର ବ୍ୟବଧାନ ପରେ ପୁଣିଥରେ ଶ୍ରୀମନ୍ଦିର ଫଟୋ ଭାଇରାଲ୍ ହୋଇଛି। ଡ୍ରୋନ୍ ସହାୟତାରେ ଶ୍ରୀମନ୍ଦିରର ଫଟୋ ଭାଇରାଲ୍ ହୋଇଛି। ଫେସ୍‌ବୁକରେ ଏକ୍ସପ୍ଲୋର ଇଣ୍ଡିଆ ନାମକ ଏକ ସଂସ୍ଥା ଏହି ଫଟୋ ପୋଷ୍ଟ କରିଛି। ଫେସ୍‌ବୁକରେ ଅପଲୋଡ୍ ହୋଇଥିବା ଏହି ଫଟୋକୁ ଅନେକ ଲୋକ ସେୟାର ଏବଂ ରିପୋଷ୍ଟ ମଧ୍ୟ କରିଛନ୍ତି। ଶ୍ରୀମନ୍ଦିର ଉପରୁ ଡ୍ରୋନ୍ ମାଧ୍ୟମରେ ଏହି ଫଟୋ କିଭଳି ନିଆଗଲା, ସେନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଭାଇରାଲ୍ ହୋଇଥିବା ଫଟୋରେ ଶ୍ରୀମନ୍ଦିର କୁରମ ବେଢ଼ା ଭିତରେ ଥିବା ବଡ଼ଦେଉଳ ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ଦେଖାଯାଉଛି। ମେଘନାଦ ପାଚେରି ଭିତରେ ଥିବା ଅନେକ ଐତିହ୍ୟ ଓ ମନ୍ଦିର ମଧ୍ୟ ଫଟୋରେ ଦେଖାଯାଉଛି। ଶ୍ରୀମନ୍ଦିର ଉପରେ ନୋ ଫ୍ଲାଇଙ୍ଗ ଜୋନ୍ କରାଯାଇଥିବା ବେଳେ ଡ୍ରୋନ୍ ମାଧ୍ୟମରେ ଶ୍ରୀମନ୍ଦିର ଉପରୁ ଫଟୋ ଓ ଭିଡିଓ କିଭଳି ଉତ୍ତୋଳନ କରାଗଲା ତାହାକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଭିତର ସହ ଅନେକ ସମୟରେ ଶ୍ରୀମନ୍ଦିର ନୋ ଫ୍ଲାଇଙ୍ଗ ଜୋନ୍ ଉପରେ ଡ୍ରୋନ ଉଡୁଥିବାକୁ ଜଗନ୍ନାଥପ୍ରେମୀ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ଏଦିଗରେ କଠୋର କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କରାଯାଉଛି।

## ୪ଏକର ଧାନ କଳେଇ ଗଦା ଜଳିଗଲା

ପିପିଲି,୨୧।୧୨(ଦୁର୍ଗା ମାଧବ ମିଶ୍ର)

ପିପିଲି ତହସିଲ ଯଶୁଆପୁର ପଞ୍ଚାୟତ ଅନ୍ତର୍ଗତ ଅଣିଜଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ଘଟି ୪ ଏକର ଧାନ କଳେଇ ଗଦା ଜଳିଯାଇଛି। ସୂଚନାଯୋଗ୍ୟ, ଅଣିଜଙ୍ଗ ଗ୍ରାମର ବନମାଳୀ ଲେଙ୍କା, ଗୁଣନିଧି ଲେଙ୍କା, ବିହାରୀ ଲେଙ୍କା ଓ କୁଞ୍ଜବିହାରୀ ଲେଙ୍କା ୪ ଭାଇ ତାଙ୍କ ଘର ପଛପଟେ ଖଳାରେ ଧାନ ଆଣି ଗଦା ଦେଇ ରଖିଥିଲେ। ଶନିବାର ବିଳମ୍ବିତ ରାତିରେ ଧାନ ଖଳାରେ ନିଆଁ ଲାଗିଯାଇଥିବା ପରିବାର ଲୋକ ଦେଖି ଡାକ ପକାଇଥିଲେ। ନିଆଁର ପ୍ରକୋପ ଏତେ ଭୟଙ୍କର ଥିଲା ଯେ ନିଆଁକୁ ଆୟତ୍ତ କରିବା ସମ୍ଭବପର ନ ଥିଲା। ଖବରପାଇ ପିପିଲିରୁ ଦୁଇଟି ଦମକଳ ବାହିନୀ ପହଞ୍ଚି ଗାଁ ଲୋକଙ୍କ ସହାୟତାରେ ଆୟତ୍ତ କରିଥିଲେ। ନିଆଁର ପ୍ରକୋପରେ ଧାନ ଗଦା କଳେଇ ସହ ପାଖରେ ଥିବା ଆଜବେଷ୍ଟସ ଘର ପୋଡ଼ିଯାଇଛି। ୪ ଏକର ଧାନ କଳେଇ ୧୦୦ ବସ୍ତାରୁ ଅଧିକ ଧାନ ହେବ ବୋଲି ଅନୁମାନ କରାଯାଇଛି। ନିଆଁ ଲାଗିବାର କାରଣ ଅସ୍ପଷ୍ଟ ରହିଛି। ପିପିଲି ତହସିଲଦାର ହୃଷୀକେଶ ତ୍ରିପାଠୀଙ୍କ ନିର୍ଦ୍ଦେଶକ୍ରମେ ଆର୍‌ଆଇ ଯଶୁଆପୁର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିବିପନ୍ନ ଚାଷୀଙ୍କୁ ସରକାରଙ୍କ କୃଷି ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରଦାନ ପାଇଁ ଜିଲାପରିଷଦ ସଭ୍ୟ ଧରଣୀଧର ସାହୁ ଦାବି କରିଛନ୍ତି।

## ପ୍ରଶାସନର ଆଶ୍ୱାସନା ପରେ ଜିଦ୍‌ରୁ ଓହରିଲେ ଉଠାଦୋକାନୀ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ପ୍ରଶାସନ ପକ୍ଷରୁ ଶନିବାର ବଡ଼ଶଙ୍ଖର ଉଭୟ ପାର୍ଶ୍ୱରେ ଥିବା ସମସ୍ତ ଉଠାଦୋକାନ ଉଚ୍ଛେଦ କରାଯାଇଥିଲା। ଖ୍ରୀଷ୍ଟମାସ ଓ ନୂଆବର୍ଷକୁ ଦୃଷ୍ଟିରେ ରଖି ପୁରୀ ପୌରପାଳିକା ଏବଂ ପୋଲିସ ପ୍ରଶାସନ ପକ୍ଷରୁ ବେଆଇନ ଭାବେ ରୋଡ୍ ଉପରେ ଥିବା ଦୋକାନଗୁଡ଼ିକୁ ଉଚ୍ଛେଦ କରାଯାଇଥିଲ। ଏନେଇ ପୂର୍ବରୁ ପ୍ରଶାସନ ପକ୍ଷରୁ ଦୋକାନୀଙ୍କୁ ଡାକବାଜି ଯନ୍ତ୍ର ଯୋଗେ ସୂଚନା ଦିଆଯାଇଥିଲେ ମଧ୍ୟ ଦୋକାନୀମାନେ ମାନି ନ ଥିଲେ। ପ୍ରଶାସନ ପକ୍ଷରୁ ଉଚ୍ଛେଦ କରିବା ସମୟରେ ସମାଗ୍ରୀଗୁଡ଼ିକୁ ମଧ୍ୟ ଜବତ କରିଥିଲେ। ପ୍ରଶାସନର ଏପରି ଉଚ୍ଛେଦକୁ ବିରୋଧ କରି ପ୍ରଶାସନ ଏବଂ ଉଠାଦୋକାନୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉଚ୍ଛେଦ ପ୍ରତିବାଦରେ ଟାୟାର ଜାଳି ନିଆଁ ଲଗାଇ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ପ୍ରଶାସନ ପକ୍ଷରୁ ଦୋକାନୀଙ୍କୁ ଆଲୋଚନା ନେଇ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ହୋଇଛି। ଅପରାହ୍ନରେ ପ୍ରଶାସନ ଏବଂ ଦୋକାନୀମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ମାତ୍ର ସଂଘ ସହ କୌଣସି ଆଲୋଚନା ନ କରି ଏପରି ଉଚ୍ଛେଦ କରିବାକୁ ନାପସନ୍ଦ କରିବା ସହ ଉଚ୍ଛେଦ କରାଯାଇଥିବା ଦୋକାନୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଶଙ୍ଖେଶ୍ୱରୀ ସଂଘର ସମ୍ପାଦକ ପ୍ରମଦେ କୁମାର ଜେନା (ନାଳିଆ) ପ୍ରଶାସନକୁ ପ୍ରସ୍ତାବ ଦେଇଥିଲେ। ପ୍ରଶାସନ କ୍ଷତିପୂରଣ ପ୍ରଦାନ କରିବା ଉପରେ ସହମତି ପ୍ରକାଶ ପାଇ ନ ଥିଲା। ଫଳରେ ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ ଦିନ ପର୍ଯ୍ୟନ୍ତ ଦୋକାନ ବନ୍ଦ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ନିଷ୍ପତ୍ତି ଅନୁଯାୟୀ, ରବିବାର ସକାଳୁ ସମସ୍ତ ପରିବା ଓ ଫଳ ଦୋକାନ ସହ ଅନ୍ୟ ଦୋକାନ ବନ୍ଦ ରହିଥିଲା। ଯାହାଫଳରେ ଲୋକମାନେ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏ ନେଇ ପ୍ରଶାସନ ଅବଗତ ହେବା ପରେ ପୌରସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଉପଜିଲାପାଳ, ଅତିରିକ୍ତ ଏସପି ଫୋନ୍ ମାଧ୍ୟମରେ ଦୋକାନୀମାନଙ୍କ ସହ କଥାହୋଇ ଦୋକାନ ଖୋଲିବାକୁ କହିଥିଲେ ମଧ୍ୟ ସେମାନେ ଖୋଲି ନ ଥିଲେ। ପରେ ଜିଲାପାଳ ଫୋନ୍‌ଯୋଗ କଥା ହେବା ସହ ସମସ୍ୟା ସମ୍ପର୍କରେ ଦିନେ ଦୁଇଦିନ ମଧ୍ୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଦୋକାନୀମାନେ ତାଙ୍କ ଜିଦ୍‌ରୁ ହଟିବା ସହ ଦୋକାନ ଖୋଲିଥିଲେ।

# ଓଡ଼ିଆ ସଂସ୍କୃତି, ପରମ୍ପରା ଆମ ଲାଗି ଗର୍ବ, ଗୌରବ

### ଶିଶୁକଳା ମହୋତ୍ସବ ଉଦ୍‌ଘାଟିତ

ଗୋପ,୨୧।୧୨(ଭାରତୀ ଭୂଷଣ ଉପାଧ୍ୟାୟ)



ଉଦ୍‌ଘାଟନୀ ଉତ୍ସବରେ ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

ଆମେ ଓଡ଼ିଆ। ଆମର ସଂସ୍କୃତି, ପରମ୍ପରା ଆମ ଜାତି ପାଇଁ ଗର୍ବ, ଗୌରବ ସହିତ ଓଡ଼ିଆ ଜାତିର ସଂସ୍କୃତି ପରମ୍ପରା ବଞ୍ଚାଇ ରଖିବା ଆମମାନଙ୍କର ଦାୟିତ୍ୱ। ରବିବାର ଉଦ୍‌ଘାଟନୀ ସ୍ୟାରେ ଗୋପ ସ୍ଥିତ ସତ୍ୟସାଇ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଶିଶୁକଳା ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। ସତ୍ୟସାଇ ଡ୍ୟାନ୍ସ ଏକାଡେମୀର ସମ୍ପାଦିକା ଦେବାଶିଷ ସ୍ୱାଇଁଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ଭାବେ କୋଣାର୍କର ବରିଷ୍ଠ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ପାତ୍ର, ପ୍ରଧାପକ ତଥା ଓଡ଼ିଆ ଖବରକାଗଜ ବାନର ସେନା ର ସଂପାଦକ ପ୍ରକାଶ ଚନ୍ଦ୍ର ଖଟୋଇ,ଯୁବ ନେତୃତ୍ୱ ସୁଶାନ୍ତ କୁମାର ସ୍ୱାଇଁ, ଶିକ୍ଷାବିତ୍ ସୁଧାକର ନନ୍ଦ, ସାମାଜିକ କର୍ମୀ ବିଭୂପ୍ରସାଦ ସାହୁ ଯୋଗଦେଇ ଓଡ଼ିଆ ସଂସ୍କୃତି, ପରମ୍ପରା, ବଞ୍ଚାଇ ରଖିବା ନିମନ୍ତେ ସମସ୍ତଙ୍କର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ସନ୍ଧ୍ୟାରେ ସତ୍ୟସାଇ ଡ୍ୟାନ୍ସ ଏକାଡେମୀ ସହିତ ଆଉ କେତକ ନୃତ୍ୟ ଗ୍ରୁପ ପକ୍ଷରୁ ଓଡ଼ିଶୀ, ଲୋକକଳା, ଲୋକନୃତ୍ୟ ସହିତ ଅନ୍ୟାନ୍ୟ ନୃତ୍ୟ ପରିବେଷଣ କରାଯାଇଥିଲା। ସତ୍ୟସାଇ ଡ୍ୟାନ୍ସ ଏକାଡେମୀ ର ସଭାପତି ଶ୍ୟାମ ସୁନ୍ଦର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଶିଷ୍ଟ ଶିକ୍ଷାବିତ୍ ପ୍ରତାପ ରାଉତ ମଞ୍ଚ ସଂଯୋଜନା କରିଥିଲେ। ଏପରି ଏକ କାର୍ଯ୍ୟକ୍ରମକୁ ଅନାମିକା ପଣ୍ଡାଙ୍କ ସହିତ ଅନ୍ୟମାନେ ପରିଚାଳନା କରିଥିବା ବେଳେ ବିଳମ୍ବିତ ରାତ୍ର ପର୍ଯ୍ୟନ୍ତ ନୃତ୍ୟ ପରିବେଷଣ କରାଯାଇଥିଲା।

## ସତ୍ୟଭାମା ଏଜୁକେଶନାଲ ଟ୍ରଷ୍ଟର ଅଷ୍ଟମ ବାର୍ଷିକୋତ୍ସବ ଉଦ୍‌ଯାପିତ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ସତ୍ୟଭାମା ଏଜୁକେଶନାଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ 'ସତ୍ୟଭାମା ଇଂରାଜୀ ମାଧ୍ୟମ ବିଦ୍ୟାଳୟ' ଏବଂ 'ଟେଡ଼ିଜିତ ପବ୍ଲିକ ସ୍କୁଲ'ର ମିଳିତ ଆନୁକୂଲ୍ୟରେ ଆୟୋଜିତ ହୋଇଥିବା ଅଷ୍ଟମ ବାର୍ଷିକ ଉତ୍ସବ 'ସତ୍ୟା ସତ୍ୟୋତ୍ସବ–୨୦୨୫' ପାଳିତ ହୋଇଛି। ପ୍ରାରମ୍ଭରେ ଟ୍ରଷ୍ଟର ସେକ୍ରେଟାରି ବିଭୁ ପ୍ରସାଦ ତ୍ରିପାଠୀ, ଅଧ୍ୟକ୍ଷ ଗଦାଧର ନନ୍ଦ, ଉପାଧ୍ୟକ୍ଷ ପଦ୍ମିନୀ ଦାଶ, ଆଇନ ପରାମର୍ଶଦାତା ଚୌଧୁରୀ ପ୍ରତାପଚନ୍ଦ୍ର ଦାଶଙ୍କ ଉପସ୍ଥିତିରେ ଅନୁଷ୍ଠାନର ଟ୍ରଷ୍ଟି ଆଶୁତୋଷ ମିଶ୍ର ଏବଂ ବିଦ୍ୟାଳୟର କର୍ମକର୍ତ୍ତାମାନେ ଅତିଥିଙ୍କୁ ସ୍ୱାଗତ କରିଥିଲେ। ମୁଖ୍ୟ ଅତିଥି ଭାବେ ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପୁରୀ ମଣ୍ଡଳ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ସଭାକାର୍ଯ୍ୟ ଆରମ୍ଭରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା।

## ଭିନ୍ନକ୍ଷମ ପରିବାରକୁ ସହଯୋଗ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

ପୁରୀ,୨୧।୧୨(ଅଜିତ୍ କୁମାର ମହାନ୍ତି)

ପୁରୀ ମ୍ୟୁନିସିପାଲିଟି ୧୨ ନଂ. ୱାର୍ଡରେ ରହୁଥିବା ଶରତ ଚନ୍ଦ୍ର ବେହେରାଙ୍କ ପରିବାରର ୪ ସଦସ୍ୟ ବିଭିନ୍ନ ରୋଗରେ ପୀଡ଼ିତ ଥିବା ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ଏହି ଖବର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦୃଷ୍ଟିକୁ ଆସିବା ପରେ ସେ ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଅନୁଧ୍ୟାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ସାମାଜିକ ସୁରକ୍ଷା ଅଧିକାରୀ ନମିତା ଚାନ୍ଦ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ କୁମାର ବାରିକ ଓ ମ୍ୟୁନିସିପାଲିଟି ସିଓ ପ୍ରମୁଖ ଶରତଙ୍କ ଗୃହ ଅନୁଧ୍ୟାନ କରିଥିଲେ। ଶରତ ବୟସାଧିକ ରୋଗରେ, ସ୍ତ୍ରୀ ପକ୍ଷାଘାତରେ, ପୁଅ ଶତକଡ଼ା ୬୦ ଭାଗ ଭିନ୍ନକ୍ଷମ, ଯିଏ କି ଭତ୍ତା ପାଉଛନ୍ତି ଓ ଅନ୍ୟ ଜଣେ ପୁଅ ରୋଗାକ୍ରାନ୍ତ ଅଟନ୍ତି। ଅନ୍ୟ ତିନିଜଣଙ୍କର ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରସ୍ତୁତ ପାଇଁ ସିଡିଏମ୍‌ଓଙ୍କୁ ଅନୁରୋଧ କରାଯାଇଥିଲା। ସିଡିଏମ୍‌ଓ ସେମାନଙ୍କ ବାସଭବନକୁ ଏକ ଡାକ୍ତରୀ ଦଳ ପଠାଇଥିଲେ ଏବଂ ୟୁଡିଡିଆଇଡି ପ୍ରମାଣପତ୍ର ପାଇଁ ସେମାନଙ୍କର ଚିକିତ୍ସା/ଯୋଗ୍ୟତା ପାଇଁ ପଦକ୍ଷେପ ନିଆଯାଇଥିଲା। ୟୁଡିଡିଆଇଡି ପ୍ରମାଣପତ୍ର ହେବା ପରେ ସେମାନଙ୍କୁ ସେମାନଙ୍କ ଯୋଗ୍ୟତା ଅନୁସାରେ ବିଭିନ୍ନ ସରକାରୀ ଯୋଜନା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ ବୋଲି ସାମାଜିକ ସୁରକ୍ଷା ଅଧିକାରୀ ଅବଗତ କରାଇଛନ୍ତି। ଏହାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

## ଥାନାରୁ ମିଳିଲାନି ନ୍ୟାୟ, କୋର୍ଟଙ୍କ ନିର୍ଦ୍ଦେଶରେ ମାମଲା ରୁଜୁ

ବଲଙ୍ଗା,୨୧।୧୨(କେଦାରେଶ୍ୱର ନନ୍ଦ)

ବଲଙ୍ଗା ଥାନା ଅଞ୍ଚଳରେ ଜଣେ ମହିଳା ପୋଲିସ ପ୍ରଶାସନଠାରୁ ନ୍ୟାୟ ପାଇବାରୁ ବଞ୍ଚିତ ହେବା ପରେ ସେ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ ଭାରତୀୟ ନାଗରିକ ନ୍ୟାୟ ସଂହିତା ଧାରା ୧୭୫(୩)ରେ ଉକ୍ତ ଘଟଣା ଉପରେ ମାମଲା ଆଗତ କରିବା ପାଇଁ ନିର୍ଦ୍ଦେଶ ଦେବାପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାଯୋଗ୍ୟ, ବଲଙ୍ଗା ଥାନା କୋଲିତଳ ଗ୍ରାମର ସବିତା ପୁହାଣ (୨୬) ୧୭।୦୯।୨୦୨୫ ବୁଧବାର ସକାଳ ପ୍ରାୟ ୬ଟା ସମୟରେ ଘର ଦୁଆରମୁହଁ ରାସ୍ତା ସଫା କରୁଥିଲେ। ସେହି ସମୟରେ ଉକ୍ତ ଗ୍ରାମର ସୁମନ ପୁହାଣ(୩୦) ଆସି ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ସବିତା ତାଙ୍କୁ ବାରଣ କରିବାରୁ ସେ ଧକ୍କାମାରି ତଳେ ପକାଇ ଦେଇଥିଲେ। ସୁମନ ତାଙ୍କ ଘରେ ପଶି ସମସ୍ତ ଜିନିଷ ଚୋରିକରି ନେଉଥିବା ବେଳେ ସବିତା ପାଟି କରିବାରୁ ତାଙ୍କୁ ଏକ ଛୁରିରେ ଆକ୍ରମଣ କରିଥିଲେ। ଫଳରେ ସେ ଗୁରୁତର ହୋଇଥିଲେ। ଖବରପାଇ ଅଭିଯୋଗକାରିଣୀଙ୍କ ସ୍ୱାମୀ ଘରେ ପହଞ୍ଚି ତାଙ୍କୁ ସ୍ଥାନୀୟ ମେଡିକାଲ୍‌ରେ ଭର୍ତ୍ତି କରିଥିଲେ। ଏନେଇ ବଲଙ୍ଗା ଥାନାରେ ଅଭିଯୋଗ ହେବାରେ ପୋଲିସ ଏହାକୁ ଗୁରୁତ୍ୱ ଦେଇ ନ ଥିଲା। ପରେ ଅଭିଯୋଗକାରିଣୀ ଏସ୍‌ପିଙ୍କୁ ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ପରେ ନିମାପଡ଼ା ଜୁଡିସିଆଲ୍ ମାଜିଷ୍ଟ୍ରେଟ୍‌ଙ୍କ ଦ୍ୱାରସ୍ଥ ହୋଇଥିଲେ। ପରେ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଥାନାରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି।

# ୨୫ରୁ ନିମାପଡ଼ା ମହୋତ୍ସବ

ନିମାପଡ଼ା,୨୧।୧୨(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ହେଲ୍ପଲାଇନ, ମହୋତ୍ସବ କମିଟି ଓ ବ୍ଲକ କଳାସଂସ୍କୃତି ସଂଘର ମିଳିତ ଆନୁକୂଲ୍ୟରେ ଆସନ୍ତା ୨୫ରୁ ୨୭ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ୨୫ତମ ନିମାପଡ଼ା ମହୋତ୍ସବ ଅନୁଷ୍ଠିତ ହେବ। ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ସହାୟତାରେ ନିମାପଡ଼ା ମୁକ୍ତାକାଶ ମଞ୍ଚରେ ଏକ ବର୍ଣ୍ଣାଢ଼୍ୟ ରଙ୍ଗାରଙ୍ଗ ସନ୍ଧ୍ୟାରେ ନିମାପଡ଼ାର ଏକ ଗଣପର୍ବ ନିମାପଡ଼ା ମହୋତ୍ସବ ପାଳିତ ହେବ। ମହୋତ୍ସବ ୨୫ବର୍ଷରେ ପଦାର୍ପଣ କରି ତା'ର ରୌପ୍ୟ ଜୟନ୍ତୀ ପାଳନ କରୁଥିବାରୁ ଚଳିତ ବର୍ଷ ଏହି ମହୋତ୍ସବ ଅଧିକ ଆକର୍ଷଣୀୟ ହେବ ବୋଲି ହେଲ୍ପ ଲାଇନ, ନିମାପଡ଼ା ମହୋତ୍ସବ କମିଟି ପକ୍ଷରୁ ସ୍ଥାନୀୟ ଟାଉନ ହଲଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ହେଲ୍ପ ଲାଇନର ସଭାପତି ଅକ୍ଷୟ କୁମାର ସାହୁ, ସଂଯୋଜକ ଭବାନୀ ଶଙ୍କର ନନ୍ଦ, ମହୋତ୍ସବ କମିଟିର ସମ୍ପାଦକ ନିଗମାନନ୍ଦ ସାହୁ, ଏମ୍‌ପିଙ୍କ ଏନ୍‌ଏସି ପ୍ରତିନିଧି ମୀନଲତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ସାଂସ୍କୃତିକ ଧମାକାରେ ରାଜ୍ୟ ଓ ରାଜ୍ୟ ବାହାରୁ ବହୁ ପ୍ରତିଷ୍ଠିତ ନୃତ୍ୟ ସଙ୍ଗୀତ ଶିଳ୍ପୀଙ୍କ ଦ୍ୱାରା ଭାରତନାଟ୍ୟମ, ମଧୁରାଷ୍ଟକମ, ଢେମସା ନୃତ୍ୟ, କ୍ରିଏଟିଭ ନୃତ୍ୟ, ଡାନ୍ସ ଡ୍ରାମା, ମାଲଖମ୍ବ, ସମ୍ବଲପୁରୀ, ଭାଙ୍ଗ ଆଦି ଆକର୍ଷଣୀୟ ନୃତ୍ୟ ସଂଗୀତ ପରିବେଷିତ ହେବ। କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଓଲିଉଡ୍ ଓ ବଲିଉଡ୍‌ର ଖ୍ୟାତନାମା କଳାକାରଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ସଂଗୀତ ଓଲିଉଡ୍ ଓ ବଲିଉଡ୍ ନାଇଟ୍ସ। ଏହି ମହୋତ୍ସବ କମିଟିର ସଭାପତି ଅଛନ୍ତି ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତିନିଦିନ ବ୍ୟାପି ଏହି ମହୋତ୍ସବରେ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମେତ ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବାଣିଜ୍ୟ, ଖଣି ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ତ୍ତ, ଅବକାରୀ, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉଚ୍ଚଶିକ୍ଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମତ୍ସ୍ୟ ପଶୁସମ୍ପଦ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସାଂସଦ ବିଭୂପ୍ରସାଦ ତରାଇ, ବିଧାୟକ ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଥିବା ଆୟୋଜକ କମିଟିର କର୍ମକର୍ତ୍ତାମାନେ କହିଛନ୍ତି। ଶତାଧିକ କଳାକାରଙ୍କ ଦ୍ୱାରା ପାରମ୍ପରିକ ଲୋକନୃତ୍ୟ ପ୍ରଦର୍ଶନ ସହର ପରିକ୍ରମା କରିବ ବୋଲି ଜଣାପଡ଼ିଛି।



ଖବରଦାତା ସମ୍ମିଳନୀରେ ଆୟୋଜକ କମିଟିର କର୍ମକର୍ତ୍ତା।

GOVERNMENT OF ODISHA, "e" PROCUREMENT NOTICE
OFFICE OF THE SUPERINTENDING ENGINEER
NAYAGARH (R&B) DIVISION, NAYAGARH
WORKS DEPARTMENT
TENDER CALL NOTICE
E-mail: pwdoffngd34@gmail.com
Bid Identification No. S.E. Nayagarh (R&B) Division - Online 10/2025-26
No. B-838: The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in Double cover system in ONLINE MODE from eligible contractors for construction of building work as detailed in the table below:

| | | |
|---|---|---|
| 1. | Nature of Work | : Building Works |
| 2. | No. of Work | : 4 Nos. |
| 3. | Tender Cost & EMD | : To be remitted online through a process as mentioned in DTCN |
| 4. | Class of Contractor | : As mentioned in DTCN |
| 5. | Available of Bid document in the Website | : From Dt.26.12.2025 11.00 A.M. to Dt.06.01.2026 Upto 5.00 P.M. |
| 6. | Date of Opening of Bid | : Dt.07.01.2026 at 11.00 A.M. |
| 7. | The have to participate in ONLINE bidding only. Further details can be seen from the Website: https://tenderodisha.gov.in. Any Addendum/Corrigendum/Cancellation of tender can also be seen in the said website. | |

Sd./- Superintending Engineer
Nayagarh (R&B) Division, Nayagarh
OIPR-34138/11/0028/2526

# ମହିଳାଙ୍କ ସୁରକ୍ଷା ପାଇଁ ଆସିବ ଅତ୍ୟାଧୁନିକ ଆପ୍

**ସପ୍ତାହରେ ୨ ଗଣବଳାତ୍କାର, ୧୨ ଅସଦାଚରଣ କମିଶନରେଟ୍ ପୋଲିସ ଚିନ୍ତା ବଢ଼ିଲା**

- ବଟନ ଦବାଇଲେ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିବ ପୋଲିସ
- ଏଆଇ କ୍ୟାମେରା ଦ୍ୱାରା ଅପରାଧୀଙ୍କ ମୁହଁ ଦେଖାଯିବ

ଭୁବନେଶ୍ୱର,୨୧।୧୨(ତ୍ରିନାଥ ମହାନ୍ତି)

କମିଶନରେଟ୍ ପୋଲିସକୁ ଘାରିଛି ମହିଳା ସୁରକ୍ଷା ଚିନ୍ତା। ସପ୍ତାହରେ ଦୁଇଟି ଗଣବଳାତ୍କାର ସହ ୧୨ଟି ଅସଦାଚରଣ ମାମଲା ରୁଜୁ ହେଲାଣି। ଏଥିସହ ନାବାଳିକା ଅପହରଣ ଓ ଅସଦାଚରଣ ମାମଲା ମଧ୍ୟ ବଢ଼ି ଚାଲିଛି। ଫଳରେ ମହିଳାମାନେ ଏବେ ଘରୁ ଗୋଡ଼ କାଢିବାକୁ ଭୟ କଲେଣି। ମହିଳାଙ୍କ ପ୍ରତି ଘଟୁଥିବା ଅପରାଧ ରୋକିବା ସହ ସେମାନଙ୍କୁ ତୁରନ୍ତ ସୁରକ୍ଷା ଯୋଗାଇ ଦେବାକୁ ନୂଆ ଯୋଜନା କରୁଛି କମିଶନରେଟ ପୋଲିସ। ଅତ୍ୟାଧୁନିକ ଟେକ୍ନୋଲୋଜି ମାଧ୍ୟମରେ ମହିଳାଙ୍କ ସୁରକ୍ଷା ନେଇ ହାଇଦ୍ରାବାଦର ଏକ୍ସପର୍ଟଙ୍କ ସହ ଯୋଗାଯୋଗ କରିଛି। ଏହି ଆଧାରରେ ଖୁବ୍‌ଶୀଘ୍ର ମହିଳାଙ୍କ ପାଇଁ ଏକ ସ୍ୱତନ୍ତ୍ର ଆପ୍ ପ୍ରସ୍ତୁତ ହେବ ବୋଲି ସୂଚନା ଦିଆଯାଇଛି। ଏହି ଆପ୍‌କୁ ପ୍ରଥମେ ଦ୍ୱୈତନଗରୀ କଟକ ଏବଂ ଭୁବନେଶ୍ୱରରେ କାର୍ଯ୍ୟକାରୀ କରାଯିବ। ମହିଳାମାନେ ଏହି ଆପ୍‌କୁ ନିଜ ମୋବାଇଲ୍‌ରେ ଇନ୍‌ଷ୍ଟଲ୍ କରିବା ପରେ ଫୋନ୍ ନମ୍ବର ଏବଂ ଅନ୍ୟାନ୍ୟ ତଥ୍ୟ ଦେଇ ପଞ୍ଜୀକରଣ କରିବାକୁ ପଡିବ। ଫଳରେ ପୋଲିସ ନିକଟରେ ମହିଳାଙ୍କ ତଥ୍ୟ ରହିବ। କୌଣସି ମହିଳା କିମ୍ବା ଯୁବତୀ ଅସଦାଚରଣ ଅଥବା ଅନ୍ୟ କୌଣସି ବିପଦରେ ପଡ଼ିଲେ ମୋବାଇଲ୍‌ର ନିର୍ଦ୍ଧାରିତ ବଟନକୁ କ୍ଲିକ୍ କରିବା ପରେ ତାହା ପୋଲିସ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ ହୋଇଯିବ ଓ ସଙ୍ଗେ ସଙ୍ଗେ ମୋବାଇଲ କ୍ୟାମେରା ଅନ୍ ହୋଇଯିବ। ପୋଲିସ କଣ୍ଟ୍ରୋଲ ରୁମ୍ ମହିଳାଙ୍କ ଲୋକେଶନ ପାଇ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ସୁରକ୍ଷା ଯୋଗାଇଦେବେ। ଏଥିସହ କ୍ୟାମେରାରେ କଏଦ ହୋଇଥିବା ଫଟୋରୁ ଅପରାଧୀଙ୍କୁ ଧରିବା ସହଜ ହେବ। ହାଇଦ୍ରାବାଦ ଏବଂ ଅନ୍ୟ ବଡ଼ ସହରରେ ମହିଳାଙ୍କ ସୁରକ୍ଷା ପାଇଁ ସ୍ଥାନୀୟ ପୋଲିସ ଏଭଳି ଅତ୍ୟାଧୁନିକ ଆପ୍‌ର ସହଯୋଗ ନେଉଛି। ତେଣୁ ଏଠାରେ ଏହି ଆପ୍ ମହିଳାଙ୍କ ସୁରକ୍ଷା ନେଇ କମିଶନରେଟ ପୋଲିସର ଚିନ୍ତା ଦୂର କରିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ ସୂଚନା ଦେଇଛନ୍ତି। ପୂର୍ବରୁ ମଧ୍ୟ ମହିଳାଙ୍କ ପାଇଁ ମୋ ସାଥୀ ଆପ୍, ପିଙ୍କ୍ ଅଟୋ ଏବଂ ମହିଳାଙ୍କ ଏସ୍‌ପିଓ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ତାହା ପରବର୍ତ୍ତୀ ସମୟରେ ଫେଲ ମାରିଥିଲା। ବିଶେଷକରି 'ମୋ ସାଥୀ' ଆପ୍ ମହିଳାଙ୍କ ପାଇଁ ବେଶ୍ ସହାୟକ ହୋଇଥିଲା, ହେଲେ କିଛି ଟେକ୍ନିକାଲ ସମସ୍ୟା ଯୋଗୁ ତାହା ବନ୍ଦ ହୋଇଯାଇଥିଲା। ପରେ ଏହାକୁ ପୋଲିସ କେଣ୍ଟ୍ରାଲ ରୁମ୍ ସହ ଯୋଡ଼ାଯାଇଥିଲା। ହେଲେ ଏବେ ମହିଳାଙ୍କ ସୁରକ୍ଷା ପାଇଁ ପୋଲିସ ଯେଉଁ ଆପ୍ ଆଣିବାକୁ ଯାଉଛି ସେଥିରେ ଏଆଇ କ୍ୟାମେରା ବ୍ୟବସ୍ଥା ରହିବା ସହ ସମ୍ପୂର୍ଣ୍ଣ ହାଇଟେକ୍ ହୋଇଥିବା କୁହାଯାଉଛି। ଜାନୁଆରୀରେ ପୋଲିସ ଏହି ଆପ୍ ବ୍ୟବସ୍ଥାକୁ ମହିଳାଙ୍କ ପାଇଁ ଲୋକାର୍ପଣ କରିବ ବୋଲି କୁହାଯାଉଛି। ପ୍ରାଥମିକ ପର୍ଯ୍ୟାୟରେ କଟକ ଏବଂ ଭୁବନେଶ୍ୱରରେ ଲାଗୁ କରାଯିବ। ସଫଳ ହେବା ପରେ ଓଡ଼ିଶାର ବିଭିନ୍ନ ଜିଲାରେ କାର୍ଯ୍ୟକାରୀ କରାଯିବ ବୋଲି ଜଣାପଡ଼ିଛି।

ସୂଚନାଯୋଗ୍ୟ, ଗତ ୫ ଦିନ ତଳେ ଜଣେ ନାବାଳିକା ଧଉଳି ବୁଲି ସାରି ସମ୍ପର୍କୀୟଙ୍କ ସହ ଫେରୁଥିବାବେଳେ ଅଭିଯୁକ୍ତମାନେ ସେମାନଙ୍କୁ ଆକ୍ରମଣ କରିବା ସହ ତାଙ୍କୁ ଦୟାନଦୀ କୂଳରେ ଗଣବଳାତ୍କାର କରିଥିଲେ। ସେହିପରି ଶହୀଦନଗର ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଚାକିରି ଦେବାକୁ ଡାକି ୨ଜଣ ଯୁବକ ବଳାତ୍କାର କରିଥିଲେ। ଆଇଜି ପାର୍କରେ ପ୍ରେମୀଯୁଗଳ ବସି କଥା ହେଉଥିବା ବେଳେ ଦୁଇଜଣ ଯୁବକ ପୁରୁଷବନ୍ଧୁଙ୍କୁ ଆକ୍ରମଣ କରିବା ସହ ଯୁବତୀଙ୍କୁ ସର୍ବସମ୍ମୁଖରେ ଅସଦାଚରଣ କରିଥିଲେ। ପିସିଆର୍ ଭ୍ୟାନ୍‌କୁ ଫୋନ୍ କରିଥିଲେ ମଧ୍ୟ ପୋଲିସ ବିଳମ୍ବରେ ପହଞ୍ଚିଥିଲା। ଶନିବାର ମଧ୍ୟ ଇନଫୋସିଭ୍ୟାଲି ଥାନା ଅଞ୍ଚଳରେ ଏକ ପାର୍କରେ ଜଣେ ଯୁବତୀଙ୍କୁ ୨ଜଣ ଯୁବକ ଅସଦାଚରଣ କରିଥିଲେ।

# କୁକୁଡ଼ା ଚାଷୀଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦିଆଯାଉ'



ସମାବେଶରେ ଯୋଗଦେଇଥିବା କୁକୁଡ଼ା ଚାଷୀ ମହାସଂଘର କର୍ମକର୍ତ୍ତା।

ଫୁଲନଖରା, ୨୧।୧୨(ସତ୍ୟରଞ୍ଜନ ଦାସ ମହାପାତ୍ର)

ରାଜ୍ୟ କୁକୁଡ଼ା ଚାଷୀ ମହାସଂଘ (ପିଏଫ୍‌ଏଫ୍‌ଓ)ର ଏକ ସମ୍ମିଳନୀ ରବିବାର ଫୁଲନଖରାସ୍ଥିତ ଲକ୍ଷେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କୁକୁଡ଼ା ଚାଷୀ ମହାସଂଘର ପୂର୍ବତନ ସଭାପତି ରତିକାନ୍ତ ପାଲ୍‌ଙ୍କ ଦେହାନ୍ତକୁ ନେଇ ବୈଠକରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ନୂତନ ସଭାପତି ଚୟନ ପାଇଁ ଆଲୋଚନା ହୋଇଥିଲା। ସରକାର କୁକୁଡ଼ା ଚାଷ ପାଇଁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ପ୍ରଦାନ କଲେ ଚାଷୀଙ୍କ ଆର୍ଥିକ ମାନଦଣ୍ଡରେ ସୁଧାର ଆସିପାରିବ ବୋଲି ସମାବେଶରେ ମତ ପ୍ରକାଶ ପାଇଥିଲା। ଏଥିସହ ମହାସଂଘର ବିଭିନ୍ନ ସମାଜ କଲ୍ୟାଣ କାର୍ଯ୍ୟ ଜିଲାସ୍ତରରେ କରିବା ପାଇଁ ବିଭିନ୍ନ ଜିଲାର ସଭାପତିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସଂଘ ଉପସଭାପତି ସୁଶୀଲ ବେହେରା ଓ ନୀଳମଣି ଶୁକ୍ଲାଙ୍କୁ ଅସ୍ଥାୟୀ ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିବା ନେଇ ସଦସ୍ୟମାନେ ସହମତି ପ୍ରଦାନ କରିଥିଲେ। ବୈଠକରେ ଚନ୍ଦ୍ରଶେଖର ମିଶ୍ର, ଶ୍ରୀକାନ୍ତ ସେନାପତି, ତୃପ୍ତିରଞ୍ଜନ ବେହେରା, ମନୋରଞ୍ଜନ ରାଉତ, ଗୋବିନ୍ଦ ମହାପାତ୍ର, ଗୋପାଳ ଚନ୍ଦ୍ର ସ୍ୱାଇଁ, ସରିତ ଭୋଇ, ତୋଫାନ ମହାନ୍ତି, ନକୁଳ ପ୍ରଧାନ ପ୍ରମୁଖ ଜିଲା ସଭାପତିମାନେ ଉପସ୍ଥିତ ଥିବାବେଳେ ବିଭିନ୍ନ ଜିଲାରୁ ବହୁ ସଂଖ୍ୟକ କୁକୁଡ଼ା ଚାଷୀ ଯୋଗଦେଇଥିଲେ। ସଂଘ ସମ୍ପାଦକ ଭି. ଏସ୍. ରେଡ୍ଡୀ ଧନ୍ୟବାଦ ଦେଇଥିଲେ।

# ଗେଷ୍ଟ ହାଉସ୍‌ରେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଯୁବତୀଙ୍କ ସମ୍ପୃକ୍ତି ନେଇ ସ୍ତ୍ରୀଙ୍କ ଅଭିଯୋଗ**

ଭୁବନେଶ୍ୱର,୨୧।୧୨ (ସତ୍ୟଜିତ ରାଉତ)

ମୈତ୍ରୀବିହାର ଥାନା ଅନ୍ତର୍ଗତ ନାଲ୍‌କୋ ଛକ ନିକଟ ଏକ ଗେଷ୍ଟ ହାଉସ୍‌ରେ ଜଣେ ଯୁବକଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ବ୍ୟକ୍ତି ଜଣକ ହେଲେ ଧଉଳି ଅଞ୍ଚଳରେ ରହୁଥିବା କୋଲକାତାର ଶରତ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ (୪୩)। ଶରତଙ୍କ ମୃତ୍ୟୁ କେମିତି ହୋଇଛି ତାହା ସ୍ପଷ୍ଟ ହୋଇ ନ ଥିଲେ ମଧ୍ୟ ପାଟି, ନାକରୁ ଫେଣ ଓ ରକ୍ତ ବାହାରିବା ଘଟଣା ରହସ୍ୟ ସୃଷ୍ଟି କରିଛି। ତେବେ କ୍ୟାପିଟାଲ ହସ୍ପିଟାଲରେ ରବିବାର ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏଥିସହ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନା ଅନୁଯାୟୀ, ଶରତ ଶୁକ୍ରବାର ପୂର୍ବାହ୍ନରେ ବାହାରକୁ ଯାଇ ଅଳ୍ପ ସମୟରେ ଫେରିବେ ବୋଲି ସ୍ତ୍ରୀଙ୍କୁ କହିଥିଲେ। ହେଲେ ଆଉ ଘରକୁ ଫେରି ନ ଥିଲେ। ଅପରାହ୍ନରୁ ସେ ମଧ୍ୟ ଫୋନ୍ ରିସିଭ୍ କରି ନ ଥିଲେ। ଅନ୍ୟପଟେ ସେହିଦିନ ଶରତ ଉକ୍ତ ଗେଷ୍ଟ ହାଉସକୁ ଆସି ଏକ ରୁମ୍ ବୁକ୍ କରି ରହିଥିଲେ। ତେବେ ଶନିବାର ଗେଷ୍ଟ ହାଉସରେ ଶରତ ରହୁଥିବା ରୁମ୍ କବାଟ ଦୀର୍ଘ ସମୟ ପର୍ଯ୍ୟନ୍ତ ଭିତରୁ ବନ୍ଦ ଥିବାରୁ କର୍ମଚାରୀଙ୍କ ସନ୍ଦେହ ହୋଇଥିଲା। ଏନେଇ ଗେଷ୍ଟ ହାଉସ୍ କର୍ମଚାରୀମାନେ ଥାନାକୁ ଖବର ଦେବା ପରେ ପୋଲିସ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଜବତ କରାଯାଇଥିଲା। ବେଡ୍ ଉପରେ ଶରତଙ୍କ ମୃତଦେହ ପଡି ରହିଥିଲା। ବିଷ କ୍ରିୟା ନା ଅନ୍ୟ କୌଣସି ପାଇଁ ତାଙ୍କର ମୃତ୍ୟୁ ଘଟିଛି ତାହା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ ଶରତଙ୍କ ପାଖରେ ଜଣେ ଯୁବତୀ ଥିଲେ ବୋଲି ତାଙ୍କ ସ୍ତ୍ରୀ ରିଙ୍କୁ ମହାପାତ୍ର ଗଣମାଧ୍ୟମ ଆଗରେ ବୟାନ ଦେଇଛନ୍ତି। ଉକ୍ତ ଯୁବତୀଙ୍କୁ ତଦନ୍ତ ପରିସରଭୁକ୍ତ କରିବାକୁ ସେ ଦାବି କରିଥିବା ବେଳେ ଏନେଇ ଥାନାରେ କୌଣସି ଲିଖିତ ଅଭିଯୋଗ କରି ନ ଥିବା ଜଣାପଡିଛି।

**ସରିଳା ଡଗ୍ ଶୋ'**



ଚାଓ ଚାଓ ବ୍ରିଡ୍‌ର ଏକ କୁକୁର

# ଖ୍ରୀଷ୍ଟିଆନ୍, ପୋଗୋ ବିଜୟୀ

ଭୁବନେଶ୍ୱର,୨୧।୧୨(ବନ୍ଦନା ସେଠୀ)

ଓଡ଼ିଶା କେନେଲ୍ କ୍ଲବ୍ (ଓକେସି) ପକ୍ଷରୁ ଓୟୁଏଟି ଭେଟେରିନାରି କଲେଜ ଖେଳପଡିଆରେ ୩ଦିନ ଧରି ଚାଲିଥିବା ଡଗ୍ ଶୋ' ରବିବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦିନରେ ୬୭ ଓ ୬୮ତମ ଜାତୀୟସ୍ତରୀୟ 'ଅଲ୍ ବ୍ରିଡ୍ ଚାମ୍ପିୟନ୍‌ଶିପ୍ ଡଗ୍ ଶୋ' ଅନୁଷ୍ଠିତ ହୋଇଥିଲା। ଉଭୟ ପ୍ରତିଯୋଗିତାରେ କୋଲକାତାରୁ ଆସିଥିବା ଅଭିଜିତ୍ ଦତ୍ତଙ୍କ ୪ବର୍ଷୀୟ ସାଇବେରିଆନ୍ ହସ୍କି ବ୍ରିଡ୍‌ର କୁକୁର 'ଖ୍ରୀଷ୍ଟିଆନ୍' ବିଜୟୀ ହୋଇଥିବାବେଳେ ୬୯ତମ ଅଲ୍ ବ୍ରିଡ୍ ଚାମ୍ପିୟନ୍‌ଶିପ୍ ଡଗ୍ ଶୋ'ରେ ତାମିଲନାଡୁରୁ ଆସିଥିବା କପିଲ୍ କ୍ରିଷ୍ଣମୂର୍ତ୍ତିଙ୍କ ୩ବର୍ଷୀୟ ଜର୍ମାନ ଶେଫର୍ଡ ବ୍ରିଡ୍‌ର କୁକୁର 'ପୋଗୋ' ବିଜୟୀ ହୋଇଛି। ପ୍ରତିଯୋଗିତାରେ କୁକୁରମାନଙ୍କର ଶାରୀରିକ ଗଠନ, ଚାଲିଚଳନ, ବ୍ୟବହାର, ଉତ୍ସାହ, ବ୍ରିଡ୍ ଷ୍ଟାଣ୍ଡାର୍ଡ ଆଦି ବିଭିନ୍ନ ଦିଗକୁ ଧ୍ୟାନ ଦିଆଯାଇ ଚୟନ କରାଯାଇଥିଲା। ବିଭିନ୍ନ ବ୍ରିଡ୍‌ର କୁକୁର ଭିନ୍ନ ଭିନ୍ନ ବେଶପୋଷାକରେ ସାଜସଜ୍ଜା ହୋଇ ପଡ଼ିଆରେ ଦର୍ଶକଙ୍କୁ ବିମୋହିତ କରିଥିଲେ ଓ ବିଚାରକଙ୍କ କଥା ଅନୁସାରେ ନିଜ ପାରଦର୍ଶିତା ଦେଖାଇଥିଲେ। କୁକୁର ହୋଇ ମଧ୍ୟ ନିଜର ଚାଲିଚଳନ ଏବଂ ମାଲିକ ପ୍ରତି ଥିବା ବିଶ୍ୱସନୀୟତା ପ୍ରତିପାଦିତ କରୁଥିଲେ। ଚଳିତବର୍ଷ ପ୍ରତିଯୋଗିତାରେ ଓଡିଶା ସମେତ ପଶ୍ଚିମବଙ୍ଗ, ପଞ୍ଜାବ, ହିମାଚଳ ପ୍ରଦେଶ, କୋଏମ୍ବାଟୁର ଆଦି ବିଭିନ୍ନ ରାଜ୍ୟରୁ ପ୍ରତିଯୋଗୀମାନେ ଯୋଗଦେଇଥିଲେ। କାରାଭାନ୍ ହାଉଣ୍ଡ, କମ୍‌ବାଇ, ମୁଡ୍‌ହଲ୍ ହାଉଣ୍ଡ, ରାମ୍‌ପୁର ହାଉଣ୍ଡ, ୱିପେଟ୍, ଲାସା ଆପ୍‌ସୋ, ସିସ୍‌ଜୁ, ଫ୍ରେଞ୍ଚ୍ ବୁଲ୍‌ଡଗ୍, ପଗ୍, ଗୋଲ୍‌ଡେନ୍ ରିଟ୍ରାଇଭର, ଇଂଲିଶ ପଏଣ୍ଟର୍, ପୋମେରାନିଅନ୍, ଫକ୍ସ ଟେରିଅର୍, ବକ୍ସର, ବୁଲ୍‌ଡଗ୍, ପ୍ରେସା କାନାରିଓ, ବେଲଜିୟମ୍ ସେଫର୍ଡ ଆଦି ୩୫ଟି ବ୍ରିଡ୍‌ର ୨୭୦ଟି କୁକୁର ଅଂଶଗ୍ରହଣ କରିଥିଲେ। ସେହିପରି ପ୍ରଥମଥର ମିନିଏଚର ସ୍ନାଉଜର ଏବଂ ଇଂଲିଶ ସେଟର୍ ବ୍ରିଡ୍‌ର କୁକୁର ଏହି ପ୍ରଦର୍ଶନୀରେ ସାମିଲ ହୋଇଥିଲେ। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଏମ୍‌ଜିଏମ୍ ଚେୟାରମ୍ୟାନ ପଙ୍କଜ ଲୋଚନ ମହାନ୍ତି, ସିସିଏଫ୍ (ୱାଇଲ୍ଡ ଲାଇଫ୍) ମନୋଜ ନାୟାର, କେନେଲ୍ କ୍ଲବ୍‌ର ସଭାପତି ସୁବ୍ରତ ପୃଷ୍ଟି, ସମ୍ପାଦକ ସିଦ୍ଧାର୍ଥ ମହାନ୍ତି ପ୍ରମୁଖ ଯୋଗଦେଇ ବିଜୟୀ କୁକୁରଙ୍କ ମାଲିକଙ୍କୁ ପୁରସ୍କୃତ କରିଥିଲେ।



ମିନିଏଚର ସ୍ନାଉଜର ପ୍ରଜାତିର କୁକୁର








ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ ଅବସରରେ ୬୭ ଓ ୬୮ତମ ଜାତୀୟସ୍ତରୀୟ 'ଅଲ୍ ବ୍ରିଡ୍ ଚମ୍ପିୟନ୍‌ଶିପ୍ ଡଗ୍ ଶୋ'ର ବିଜେତା 'ଖ୍ରୀଷ୍ଟିଆନ୍' ସହ ମାଲିକ ଅଭିଜିତ୍ ଦତ୍ତ ଓ ଅନ୍ୟମାନେ।



୬୯ତମ ଅଲ୍ ବ୍ରିଡ୍ ଚାମ୍ପିୟନ୍‌ଶିପ୍ ଡଗ୍ ଶୋ'ର ବିଜେତା ଜର୍ମାନ ଶେଫର୍ଡ ବ୍ରିଡ୍‌ର 'ପୋଗୋ' ସହ ମାଲିକ କପିଲ୍ କ୍ରିଷ୍ଣମୂର୍ତ୍ତି ଟ୍ରଫି ଗ୍ରହଣ କରୁଛନ୍ତି।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com




@ ଶରତ



@ ଆଲୋକ



@ ପ୍ରିୟରଞ୍ଜନ



@ ଆଦିତ୍ୟ



@ ଜୀବନଜ୍ୟୋତି

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଇପିଏଫ୍ ପେନ୍‌ସନର୍ସ ସଂଘର କୋର୍ କମିଟି ବୈଠକ

**୮ରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

ଭୁବନେଶ୍ୱର, ୨୧।୧୨ (ବନ୍ଦନା ସେଠୀ)

ଅଲ୍ ଓଡ଼ିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏଶନର କୋର୍ କମିଟି ବୈଠକ ଶନିବାର ବୟନିକା କର୍ମଚାରୀ ସଂଘ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଇଂ. ବିଜୟ କୁମାର ଜେନାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ସଂଘର କେନ୍ଦ୍ରୀୟ ଉପସଭାପତି ତଥା ରାଜ୍ୟ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା କହିଲେ, ୧୦ବର୍ଷ ଧରି ସର୍ବନିମ୍ନ ପେନ୍‌ସନ୍ ବୃଦ୍ଧି କରା ନ ଯିବା ଅତ୍ୟନ୍ତ ବିଡମ୍ବନାର ବିଷୟ। କେନ୍ଦ୍ର ସରକାର ଇପିଏଫ୍ ପେନ୍‌ସନ୍‌ଧାରୀଙ୍କ ସର୍ବନିମ୍ନ ପେନସନ ୯୦୦୦ ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ ଓ ନିଃଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରିବା ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ମୁତାବକ ବର୍ଦ୍ଧିତ ପେନ୍‌ସନ ପ୍ରଦାନରେ ଇପିଏଫ୍ କର୍ତ୍ତୃପକ୍ଷ ବିଭିନ୍ନ ଆଳ ଦେଖାଇ ହିତାଧିକାରୀଙ୍କୁ ବଞ୍ଚିତ କରିଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତେଣୁ ଜାନୁଆରୀ ୮ରେ ସମସ୍ତ ୩୦ ଜିଲାର ଜିଲାପାଳ ଓ ଭୁବନେଶ୍ୱର ଭବିଷ୍ୟନିଧି ସଂଗଠନ ଓଡିଶା ମୁଖ୍ୟଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ସେହିପରି ଦାବି ହାସଲ ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବାକୁ ସ୍ଥିର ହୋଇଥିଲା। ବୈଠକରେ ସଂଘର ଉପଦେଷ୍ଟା ନଟବର ଆଚାର୍ଯ୍ୟ, କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ, ବିକ୍ରମ ଛୋଟରାୟ, ସଚ୍ଚିଦାନନ୍ଦ ସାମନ୍ତରାୟ, ସରୋଜକାନ୍ତ ମଲ୍ଲିକ, ଉର୍ବଶୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

**୨ ପର୍ଯ୍ୟଟକ ବସ୍ ମହେନ୍ଦ୍ରଗିରିରେ ଓଲଟିଲା**

ପାରଳାଖେମୁଣ୍ଡି,(ଗିରିଧାରୀ ପରିଚ୍ଛା): ଗଜପତି ଜିଲା ଗାରାବନ୍ଧ ଥାନା ଅନ୍ତର୍ଗତ ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରିକୁ ପର୍ଯ୍ୟଟକଙ୍କୁ ଧରି ଆସିଥିବା ଦୁଇଟି ବସ୍ ରବିବାର ଦୁର୍ଘଟଣାଗ୍ରସ୍ତ ହୋଇଛି। ସକାଳୁ ଢେଙ୍କାନାଳ ଓ କଟକ ଅଞ୍ଚଳରୁ ଦୁଇଟି ଗାଡ଼ିରେ ପର୍ଯ୍ୟଟକମାନେ ଆସି ମହେନ୍ଦ୍ରଗିରି ବୁଲିଥିଲେ। ଫେରିବା ବେଳେ ଘାଟିରେ ଓହ୍ଲାଉଥିବା ସମୟରେ କୌଣସି କାରଣରୁ ପ୍ରଥମ ବସ୍‌ଟି ଘାଟି ରାସ୍ତା ତଳକୁ ଓଲଟି ପଡ଼ିଥିଲା। ଏହା ପଛରେ ଥିବା ଅନ୍ୟ ଏକ ପର୍ଯ୍ୟଟକ ବସ୍‌ଟି ମଧ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଖବର ପାଇ ଗାରାବନ୍ଧ ପୋଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପର୍ଯ୍ୟଟକମାନଙ୍କୁ ଗାଡ଼ି ଭିତରୁ ଉଦ୍ଧାର କରିଥିଲା। ତେବେ କାହାରି ବିଶେଷ କିଛି କ୍ଷତି ହୋଇ ନ ଥିବା ପୋଲିସ ସୂତ୍ରରୁ ପ୍ରକାଶ।

**ଜନ୍ମଦିନର ଶୁଭେଚ୍ଛା**

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଆଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଟାଟା ପାୱାର ବିରୋଧରେ ହେବ ଜନଜାଗରଣ: ଭକ୍ତ

ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)

ଟାଟା ପାୱାରର ଶୋଷଣକୁ ନେଇ ରାଜ୍ୟରେ ଜନଜାଗରଣ ସୃଷ୍ଟି କରାଯିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। କଂଗ୍ରେସଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଭକ୍ତ କହିଛନ୍ତି, ଟାଟା ପାୱାର ଅତିରିକ୍ତ ଜମାରାଶି ତଥା ମିଟର ଏବଂ ବିଲ୍‌ରେ ଚଞ୍ଚକତା କରି ସାଧାରଣ ଜନତାଙ୍କୁ ଶୋଷଣ କରି ଚାଲିଛି। ଏହାକୁ ନେଇ ଡିସେମ୍ବର ୨୬ରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯିବ। ସେହିପରି କେନ୍ଦ୍ର ସରକାର ବିକଶିତ ଭାରତ 'ଜି ରାମ ଜି' ବିଧେୟକ ଆଣି ଦଳିତ ଓ ଶ୍ରମିକ ବର୍ଗଙ୍କୁ ଶୋଷଣମୁହଁକୁ ଠେଲି ଦେଇଛନ୍ତି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯିବ।

ସେ କହିଛନ୍ତି, ଦଳିତ, ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ ୟୁପିଏ ସରକାର 'ଏମ୍‌ଜିଏନ୍‌ଆର୍‌ଇଜିଏସ୍' ଲାଗୁ କରିଥିଲେ। ସେଥିରେ ସରକାର ଗରିବ ଲୋକଙ୍କୁ କାର୍ଯ୍ୟ ଦେବେ ନଚେତ୍ ପଇସା ଦେବେ, କିନ୍ତୁ କେନ୍ଦ୍ର ସରକାର ସେ ଆଇନକୁ ବଦଳାଇ ଯେଉଁ ନୂତନ ଆଇନ ଆଣିଛନ୍ତି ତାହା ଦ୍ୱାରା 'ଏମ୍‌ଜିଏନ୍‌ଆର୍‌ଇଜିଏସ୍'ର ମୂଳ ଉଦ୍ଦେଶ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତେଣୁ ଏହି ନୂତନ ଆଇନକୁ ପ୍ରତ୍ୟାହାର କରିବା ଆବଶ୍ୟକ ରହିଛି। ଏହାକୁ ନେଇ ପ୍ରତ୍ୟେକ ଜିଲା ମୁଖ୍ୟାଳୟରେ ୨୬ ଡିସେମ୍ବରରେ କଂଗ୍ରେସ ପକ୍ଷରୁ

**'ଜି ରାମ ଜି' ଆଇନ ତୁରନ୍ତ ପ୍ରତ୍ୟାହାର କର**

ରାଲି ସହ ଟାଟା କମ୍ପାନୀ ବିରୋଧରେ ସାଧାରଣ ସଭା ହେବ ଓ ଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯିବ। ଡିସେମ୍ବର ୩୦ ଆଗରୁ ଅତିରିକ୍ତ ଜମାରାଶିକୁ ପ୍ରତ୍ୟାଖ୍ୟାନ କରିବାକୁ ପଡ଼ିବ। ସରକାର ତୁରନ୍ତ ପଦକ୍ଷେପ ନିଅନ୍ତୁ ଏବଂ ଓଡ଼ିଶା ଜନତାଙ୍କ ସାଙ୍ଗେ ଠିଆ ହୁଅନ୍ତୁ। ନଚେତ ଆଇନ ଅମାନ୍ୟ ଆରମ୍ଭ ହେବ ଏବଂ ଯେତେବେଳ ପର୍ଯ୍ୟନ୍ତ ଟାଟା କମ୍ପାନୀ ବିଦା ହୋଇନାହିଁ ସେତେବେଳ ଯାଏ ଆନ୍ଦୋଳନ ଚାଲିବ। ଡିସେମ୍ବର ୨୯ରେ ଯେତେ ବିଜୁଳି ବିଭାଗ ଅଛି ତାକୁ ସମ୍ପୂର୍ଣ୍ଣ ଭାବେ ରଦ୍ଦ କରାଯିବ। ଏ ନେଇ ଜୋରଦାର ଆନ୍ଦୋଳନ ହେବ। ଓଡ଼ିଶାରେ ଏତେ ଖଣିଜ ସମ୍ପଦ ଅଛି, ଗୋଟେ ମିନିଟ୍‌ରେ ଏହାର ସମାଧାନ ହୋଇପାରିବ। ଓଡ଼ିଶା ପାଇଁ ଟାଟା କମ୍ପାନୀ ବର୍ଣ୍ଣିକି ଅଛି। ଯଦି ଏ ଟାଟା କମ୍ପାନୀ ଓଡ଼ିଶାରେ ରହିବାର ଅଛି ତୁରନ୍ତ ଏହା ପ୍ରତ୍ୟାହାର କରୁ। ନଚେତ୍ କମ୍ପାନୀକୁ ତଡ଼ି ଦିଆଯିବ ବୋଲି ଭକ୍ତ କହିଛନ୍ତି।

ଏହି ଅବସରରେ ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଲେ, ଯଦି କଞ୍ଜପସନ ଅଧିକ ହେଲା ବିଲ୍ ବଢ଼ିବ, ନଚେତ୍ କମିବ । ଗତବର୍ଷ କମିଛି ଏବଂ କମିବା ପରେ କେଉଁ ଉପଭୋକ୍ତାକୁ ଅର୍ଥ କମ୍ପାନୀ ଫେରେଇଛି କି ବୋଲି ସେ ପ୍ରଶ୍ନ କରିଥିଲେ। ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ କହିଲେ, ଜଣେ ଗୁଜରାଟୀ(ମହାତ୍ମା ଗାନ୍ଧୀ) ଯିଏ ଭାରତଛାଡ଼ ଆନ୍ଦୋଳନ କରି ଇଂରେଜକୁ ଦେଶରୁ ତଡ଼ିଥିଲେ ଏବଂ ଆଉ ଦୁଇଜଣ ଗୁଜରାଟୀ(ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା) ବାହାର କମ୍ପାନୀଗୁଡ଼ିକୁ ଭାରତକୁ ଡାକି ଆଣିଲେ। ସତେ ଯେମିତି ଗାନ୍ଧୀ ଇଂରେଜମାନଙ୍କୁ ଭାରତଛାଡ଼ ଡାକରା ଦେଇଥିଲେ ଠିକ୍ ସେମିତି ଆମର ଗୋଟିଏ ନାରା ଟାଟା କମ୍ପାନୀ ଓଡ଼ିଶା ଛାଡ଼। କୃଷକଙ୍କ ଉତ୍ପାଦିତ ଧାନକିଣାରେ ବ୍ୟାପକ ଅବହେଳା ଯୋଗୁ ଚାଷୀ ରାସ୍ତାରେ ଧାରଣାରେ ବସିଛି ଏବଂ ମିଲର ଟଙ୍କା ଗଣୁଛି। ମହାତ୍ମା ଗାନ୍ଧୀଙ୍କ ନାମ ପରିବର୍ତ୍ତନ କରିବା ଗଣତନ୍ତ୍ର ପ୍ରତି ଏକ ଆହ୍ୱାନ ବୋଲି ସେ କହିଥିଲେ।

# ପ୍ରିୟଙ୍କା ଗାନ୍ଧୀଙ୍କୁ ଭେଟିଲେ ଏଆଇସିସି ସଂଯୋଜକ ଅରୋ ପ୍ରସାଦ ମିଶ୍ର

ଭୁବନେଶ୍ୱର,୨୧।୧୨(ସୁନିତ୍ ମିଶ୍ର)



ଏଆଇସିସି ସାଧାରଣ ସମ୍ପାଦିକା ତଥା ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ୧୦ନଂ. ଜନପଥଠାରେ ଅଖିଳ ଭାରତୀୟ କଂଗ୍ରେସ କମିଟି ରିସର୍ଚ୍ଚ ବିଭାଗର ଜାତୀୟ ସଂଯୋଜକ ଅରୋ ପ୍ରସାଦ ମିଶ୍ର ଭେଟିଛନ୍ତି। ସେ ପ୍ରିୟଙ୍କାଙ୍କ ସହ ସାକ୍ଷାତ କରି ପ୍ରାୟ ୪୦ ମିନିଟ୍ ଧରି ଆଲୋଚନା କରିଥିଲେ। କଂଗ୍ରେସକୁ କିଭଳି ଆଗେଇ ନିଆଯିବ ସେଥିପାଇଁ କଂଗ୍ରେସ କର୍ମୀମାନେ ଆପ୍ରାଣ ଉଦ୍ୟମ କରୁଛନ୍ତି। ଓଡ଼ିଶାରେ କଂଗ୍ରେସ କିଭଳି ତୃଣମୂଳସ୍ତରରୁ ସଶକ୍ତ ହେବ ସେ ନେଇ କର୍ମୀ ଲାଗି ପଡ଼ିଛନ୍ତି। ଆଗାମୀ ବର୍ଷ ହେବାକୁ ଥିବା କେରଳ ବିଧାନସଭା ନିର୍ବାଚନ ଓ ଓଡ଼ିଶାରେ କଂଗ୍ରେସର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ଓଡ଼ିଶାରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ତୃଣମୂଳସ୍ତରରେ ସୁଦୃଢ଼ ହେବା ସହ ଆଗାମୀ ଦିନରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସଭାଜନ ହୋଇପାରିବ ବୋଲି ଜାତୀୟ ସଂଯୋଜକ ମିଶ୍ର ପ୍ରିୟଙ୍କାଙ୍କୁ ଅବଗତ କରାଇଥିଲେ। ସୂଚନା ମୁତାବକ ୨୦୧୯ରେ ଅରୋ ପୁରୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ହୋଇଥିଲେ।

# ରାଜଧାନୀରେ ମହିଳା ଅସୁରକ୍ଷିତ:ନବୀନ

ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)

ମହିଳାଙ୍କ ପାଇଁ ରାଜଧାନୀ ଅସୁରକ୍ଷିତ। ପୁଣି କଳଙ୍କ ମୁଣ୍ଡାଇଛି ଓଡ଼ିଶା। କେବେ ଆଉ ଭାଜପା ସରକାର ଚେତିବ ବୋଲି ବିରୋଧୀଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି। ସାମାଜିକ ଗଣମାଧ୍ୟମ ଜରିଆରେ ନବୀନ କହିଛନ୍ତି, ଦିନ ଦ୍ୱିପ୍ରହରରେ ପୁଣି ଜଣେ ନାବାଳିକା ଭୁବନେଶ୍ୱରରେ ଗଣବଳାତ୍କାର ଶିକାର ହେବା ଅତ୍ୟନ୍ତ ସ୍ପର୍ଶକାତର ବିଷୟ। ଧଉଳି ଗଣବଳାତ୍କାର ଘଟଣା ମନରୁ ନ ଲିଭୁଣୁ ପୁଣି ଏକ ବର୍ବରକାଣ୍ଡ ସାଧାରଣ ଜନତାଙ୍କୁ ଆତଙ୍କିତ କରିଦେଇଛି। ରାଜଧାନୀରେ ମା'ଭଉଣୀମାନେ ଅସୁରକ୍ଷିତ ମନେକଲେଣି। ସମସ୍ତଙ୍କ ପାଇଁ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ଭାଜପା ସରକାରର ଅପାରଗତା ଜଳଜଳ ଦେଖାଯାଉଛି। ସ୍ଥିତି ଆଗକୁ ଆହୁରି ବିଗିଡ଼ିବା ପୂର୍ବରୁ ସରକାର ସଜାଗ ହୁଅନ୍ତୁ ବୋଲି ନବୀନ କହିଛନ୍ତି।

**ଜନ୍ମଦିନ ଶୁଭେଚ୍ଛା**



ସିଦ୍ଧାର୍ଥ (ଆଶୁ)
Unit- IX, Road- 3, Bhubaneswar
ଆଜି 22.12.25 ସୋମବାର ତୋର ଜନ୍ମ ଦିନରେ କାକଟପୁର ବାସିନୀ ମା' ମଙ୍ଗଳାଙ୍କ ଚରଣ ତଳେ ଆମର ଏତିକି ଗୁହାରି, ମାଆ ତୋତେ ତା'ର ପଣତକାନି ତଳେ ଘଣ୍ଟ ଘୋଡେଇ ରଖୁ, ନୀରୋଗ ରଖୁ, ବିଦ୍ୟା, ବୁଦ୍ଧି ଦେଉ, ଭଲ ମଣିଷଟିଏ କରୁ।
-:ଶୁଭେଚ୍ଛା ସହ:-
ତୋର ଅଜା (ଧନ୍ତୁ), ଆଇ (ଅର୍ଚ୍ଚନା), ମା' (ଗୀତା), ବାପା, ବାବାମାମା, ମାଉସୀ (କୁଙ୍କାମା'), ଗେହ୍ଲି ବିଦି (ଗୁଡୁଲୁ), ଶ୍ୱେତା, ସାନଭଉଣୀ (ସାନୁ)
ଧ-୨୯୦୧

# ଘୁଞ୍ଚିଲା ବେଆଇନ ବିଦ୍ୟାଳୟ ମାମଲା ଶୁଣାଣି

ଭୁବନେଶ୍ୱର,୨୧।୧୨(ରବିନାରାୟଣ ଜେନା)

ରାଜ୍ୟରେ ଗଢ଼ି ଉଠିଥିବା ବେଆଇନ ଏବଂ ଅଣସ୍ୱୀକୃତି ବିଦ୍ୟାଳୟ ମାମଲାର ଶୁଣାଣି ନୂଆବର୍ଷକୁ ଘୁଞ୍ଚିଛି। ଆସନ୍ତା ୨୦୨୬ ଜାନୁଆରୀ ୨୦ରେ ଏହି ମାମଲା ସମ୍ପୂର୍ଣ୍ଣ ବେଞ୍ଚ (ଡିଭିଜନ୍-୩)ରେ ହେବ ବୋଲି ଓଡ଼ିଶା ମାନବାଧିକାର କମିଶନଙ୍କ ପକ୍ଷରୁ ସଦସ୍ୟ ଅସୀମ ଅମିତାଭ ଦାଶ ଶୁଣାଣି କରିଛନ୍ତି। ଏସଂକ୍ରାନ୍ତରେ ଆବେଦନକାରୀ ନ୍ୟାଶନାଲ ପ୍ୟାରେଣ୍ଟ୍ ଫେଡେରେଶନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ କହିଛନ୍ତି, ରାଜ୍ୟରେ ଦୀର୍ଘ ବର୍ଷ ଧରି ସରକାରଙ୍କ ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ବିଦ୍ୟାଳୟ ଗଢ଼ି ଉଠିଛି। ସରକାରୀ ତଥ୍ୟ ଅନୁଯାୟୀ ରାଜ୍ୟରେ ୧୩୦୦ରୁ ଊର୍ଦ୍ଧ୍ୱ ବେଆଇନ ଏବଂ ଅଣସ୍ୱୀକୃତି ପ୍ରାପ୍ତ ବିଦ୍ୟାଳୟ ଚାଲୁଛି। ଏନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ପ୍ରଥମ ଶୁଣାଣି ସମୟରେ ପ୍ରଦାନ କରାଯାଇଥିବା ତଥ୍ୟରେ ଦର୍ଶାଯାଇଥିଲା। ଏହାର ପ୍ରତ୍ୟୁତ୍ତରରେ ଫେଡେରେଶନ୍ ତରଫରୁ ଦର୍ଶାଯାଇଥିଲା କି ୨୦୧୮ରୁ କ୍ରମାଗତ ଭାବରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ସମସ୍ତ ଜିଲା ଶିକ୍ଷାଧିକାରୀଙ୍କ ନିକଟକୁ ଜିଲାରେ ଚାଲୁଥିବା ବେଆଇନ ସ୍କୁଲ ସଂକ୍ରାନ୍ତୀୟ ତଥ୍ୟ ଦାଖଲ କରି ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠି କରାଯାଉଛି। ଏହାସତ୍ତ୍ୱେ ଶିକ୍ଷା ଅଧିକାରୀମାନେ ଠିକଣା ପଦକ୍ଷେପ ଗ୍ରହଣ କରୁନାହାନ୍ତି। ତେଣୁ ଘଟଣାର ଗୁରୁତ୍ୱ ଏବଂ ବୃହତ୍ତର ସ୍ୱାର୍ଥକୁ ନଜରରେ ରଖି ପରବର୍ତ୍ତୀ ଶୁଣାଣି ସମ୍ପୂର୍ଣ୍ଣ ପୀଠ କରିବେ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

# ସରକାର ଜାଣିଶୁଣି ପଶ୍ଚିମ ଓଡ଼ିଶା ଚାଷୀଙ୍କୁ ଶୋଷଣ କରୁଛନ୍ତି: ନରସିଂହ

ବଲାଙ୍ଗୀର,୨୧।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ଏଫ୍‌ସିଆଇ ମାଧ୍ୟମରେ ଚାଷୀଙ୍କ ସମସ୍ତ ଧାନ କିଣନ୍ତୁ ସରକାର**



ଖବରଦାତା ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ସୂଚନା ଦେଉଛନ୍ତି।

ବଲାଙ୍ଗୀର ସମେତ ସମ୍ବଲପୁର, ବରଗଡ଼, କଳାହାଣ୍ଡି ଏଭଳି କି ସାରା ପଶ୍ଚିମ ଓଡ଼ିଶାରେ ଧାନକିଣାରେ ଅବ୍ୟବସ୍ଥା ଲାଗିରହିଛି। ଫଳରେ ପଶ୍ଚିମ ଓଡ଼ିଶାରେ ଚାଷୀ ଅଶାନ୍ତି ଦେଖାଦେଇଛି। ଚାଷୀମାନେ ଆନ୍ଦୋଳନକୁ ଓହ୍ଲେଇଲେଣି। ସରକାର ଜାଣିଶୁଣି ପଶ୍ଚିମ ଓଡ଼ିଶାର ଚାଷୀଙ୍କୁ ହଇରାଣ ଓ ଶୋଷଣ କରୁଛନ୍ତି ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ରବିବାର ବଲାଙ୍ଗୀର ସର୍କିଟ ହାଉସ୍‌ଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କହିଛନ୍ତି। ରାଜ୍ୟ ସରକାର ତୁରନ୍ତ ଧାନକିଣା ସମସ୍ୟାର ସମାଧାନ ନ କଲେ ଚାଷୀମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇବେ ଏବଂ ଏଥିପାଇଁ ଯାହାହେବ ସରକାର ଦାୟୀ ରହିବେ ବୋଲି ସେ ଚେତାବନୀ ଶୁଣାଇଛନ୍ତି। ସେ ଆହୁରି କହିଛନ୍ତି, ଡିସେମ୍ବର ୫ରୁ ବଲାଙ୍ଗୀର ଜିଲାରେ ଧାନକିଣା ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଜିଲାର ସମସ୍ତ ମଣ୍ଡି ଖୋଲିନାହିଁ। ଟୋକନ୍ ସମସ୍ୟା ଲାଗିରହିଛି। ଏଭଳି ପରିସ୍ଥିତିରେ ଚାଷୀ ଧାନ ବିକ୍ରି କରିପାରିନାହାନ୍ତି। ପ୍ରାୟ ୧୭% ପର୍ଯ୍ୟନ୍ତ ଆର୍ଦ୍ରତା ଥିବା ଧାନ ମଣ୍ଡିରେ ଗ୍ରହଣ ହେବାର ନିୟମ ଥିଲେ ମଧ ଧାନକିଣା ବିଳମ୍ବରୁ ଚାଷୀଙ୍କ ଧାନ ଶୁଖିଗଲାଣି। ଏବେ ଓଜନ କମିଯିବାରୁ ଚାଷୀଙ୍କୁ କ୍ଷତିର ସମ୍ମୁଖୀନ ହେବାକୁ ପଡିବ। ଏହି କ୍ଷତି କିଏ ଭରଣା କରିବ ବୋଲି ନରସିଂହ ପ୍ରଶ୍ନ କରିଛନ୍ତି। କେନ୍ଦ୍ର ସରକାର ଧାନର ଏମ୍‌ଏସ୍‌ପି ବୃଦ୍ଧି କଲେ। ରାଜ୍ୟ ସରକାର ବର୍ଦ୍ଧିତ ଏମ୍‌ଏସ୍‌ପି ମୂଲ୍ୟରୁ ଇନ୍‌ପୁଟ୍ ସହାୟତା କାଟି ଦେଉଛନ୍ତି। ଫଳରେ ଚାଷୀ ଏଥର ଆଉ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପାଇବ ନାହିଁ। ଏହା ଚାଷୀମାରଣ ନୀତି। ସରକାର ବର୍ଦ୍ଧିତ ଏମ୍‌ଏସ୍‌ପି ସହ ୮୦୦ ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରନ୍ତୁ ବୋଲି ମିଶ୍ର ଦାବି କରିଛନ୍ତି।

ପୂର୍ବରୁ ଚାଷୀଙ୍କ ଧାନକିଣାକୁ ନେଇ ହାଇକୋର୍ଟରେ ବଲାଙ୍ଗୀରର ଚାଷୀ ନକୁଳ ମେର୍ଲି ସରକାରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ସେତେବେଳେ ହାଇକୋର୍ଟ ଚାଷୀଙ୍କ ସମସ୍ତ ଧାନ ଏଫ୍‌ସିଆଇ କିଣୁ ବୋଲି ନିର୍ଦ୍ଦେଶ ଦେବା ସତ୍ତ୍ୱେ କିଛିବର୍ଷ ଏଫ୍‌ସିଆଇ କିଣିବା ପରେ ଆଉ ଧାନ କିଣିଲା ନାହିଁ। ଏବେ ବି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ କରାଗଲେ ଚାଷୀ ବିନା କଟ୍‌ନିଛଟ୍‌ନିରେ ଧାନ ବିକ୍ରି କରିପାରିବେ ବୋଲି ମିଶ୍ର କହିବା ସହ ଏଫ୍‌ସିଆଇ ଜରିଆରେ ଚାଷୀଙ୍କ ଧାନ କିଣାଯିବାକୁ ଦାବି କରିଛନ୍ତି।

# ୨ରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ସମ୍ମିଳନୀ

- ସାରା ଦେଶରୁ ସ୍ୱାଧୀନତା ସଂଗ୍ରାମୀ, ଦାୟାଦ ଯୋଗଦେବେ
- ମେ'ରେ ମାହାଙ୍ଗାରେ ପ୍ରାଦେଶିକ ସମ୍ମିଳନୀ

ଭୁବନେଶ୍ୱର,୨୧।୧୨(ସୌମ୍ୟରଞ୍ଜନ ରାଉତ)



ପ୍ରସ୍ତୁତି ବୈଠକରେ ଏମ୍‌ପି ଡ. ଭର୍ତ୍ତୃହରି ମହତାବଙ୍କ ସହ ଅନ୍ୟମାନେ।

ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ସର୍ବଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଉତ୍ତରଦାୟାଦ ସମ୍ମିଳନୀ ଜାନୁଆରୀ ୨ରେ ଅନୁଷ୍ଠିତ ହେବ। ଦେଶର ବିଭିନ୍ନ ରାଜ୍ୟରୁ ସ୍ୱାଧୀନତା ସଂଗ୍ରାମୀ ଓ ସେମାନଙ୍କ ଦାୟାଦମାନେ ଏହି ମହୋତ୍ସବରେ ଯୋଗଦେବେ। ଏନେଇ ରବିବାର ସ୍ତମ୍ଭକାର ପ୍ରହ୍ଲାଦ ସିଂଙ୍କ ସଭାପତିତ୍ୱରେ ସଂଗ୍ରାମୀ ସଦନଠାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ସର୍ବଭାରତୀୟ ସଭାପତି ତଥା ଏମ୍‌ପି ଡ. ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ୨ଟି ଅଧିବେଶନରେ ମହୋତ୍ସବ ହେବା ସହ ପ୍ରାଦେଶିକ ସମ୍ମିଳନୀ ପାଇଁ ଏକ ସ୍ୱତନ୍ତ୍ର ବୈଠକ କରାଯିବ। ସମବାୟ, ହସ୍ତଶିଳ୍ପ ଓ ହସ୍ତତନ୍ତ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କୁ ମହୋତ୍ସବ ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଭାବେ ମନୋନୀତ କରାଯାଇଛି। ସେହିପରି ମହୋତ୍ସବ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିମନ୍ତ୍ରଣ କରାଯାଇଥିବାବେଳେ ରାଜ୍ୟ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ, ଜାତୀୟସ୍ତରରୁ ବର୍ଷୀୟାନ ନେତା ଓ ସ୍ୱାଧୀନତା ସଂଗ୍ରାମୀ ଅତିଥି ଭାବରେ ଯୋଗଦେବେ। ଏଥିସହ ଆସନ୍ତା ମେ'ରେ ମହାତ୍ମା ଗାନ୍ଧୀଙ୍କ ୧୯୩୪ ଓଡ଼ିଶା ଗସ୍ତକୁ ସ୍ମରଣୀୟ କରିବା ଲାଗି କଟକ ମାହାଙ୍ଗା ଅଞ୍ଚଳରେ ପ୍ରାଦେଶିକ ସମ୍ମିଳନୀ କରାଯିବାକୁ ସ୍ଥିର କରାଯାଇଛି। ବୈଠକରେ ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବାଙ୍କୀର ଯୁବନେତା ତୁଷାର ଚକ୍ରବର୍ତ୍ତୀ, ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ରାମେଶ୍ୱର ଶତପଥୀ, ଗାନ୍ଧିବାଦୀ ଲେଖକ ଡ. ପୂର୍ଣ୍ଣଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱାଧୀନତା ସଂଗ୍ରାମୀ ଯୁବ ସାମ୍ମୁଖ୍ୟର ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ପ୍ରସ୍ତୁତି ବୈଠକ ସଂଚାଳନ କରିଥିବାବେଳେ ସଦସ୍ୟ ଅଭୟ ବଡ଼ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମାଳା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

**ପ୍ରଥମ ପୃଷ୍ଠାରୁ...**

## ବଢ଼ିବ ଜମି...

କରିବାରେ ଅସମର୍ଥ ହୁଅନ୍ତି ତେବେ ସେ କ୍ଷେତ୍ରରେ ଜିଲାପାଳ ସେଥିରେ ହସ୍ତକ୍ଷେପ କରି ଦର ଧାର୍ଯ୍ୟ କରିପାରିବେ। ସଂକଳ୍ପ ଅନୁଯାୟୀ, ଯଦି ଚାଷଜମି ଗ୍ରାମାଞ୍ଚଳରେ ହୋଇଥିବ ମାତ୍ର ଜାତୀୟ ରାଜପଥର ୫୦ ମିଟର କିମ୍ବା ୨୦୦ ମିଟର ଭିତରେ ରହିଥିବ ତେବେ ସେ କ୍ଷେତ୍ରରେ ନୂତନ ମୂଲ୍ୟାୟନ ନିର୍ଦ୍ଧାରଣ ହେବ। ସେହିପରି ରାଜ୍ୟ ରାଜପଥର ୫୦ ମିଟର ଏବଂ ୨୦୦ ମିଟର ଏବଂ ଗ୍ରାମ୍ୟ ରାସ୍ତାର ୫୦ ମିଟର ଏବଂ ୨୦୦ ମିଟର ଭିତରେ ଚାଷ ଜମି ରହିଥିଲେ ତା'ର ନୂତନ ମୂଲ୍ୟାୟନ ହେବ। ଏହାସହିତ ଜଳସେଚିତ ଚାଷଜମି କିମ୍ବା ଅଣଜଳସେଚିତ ଚାଷ ଜମି, ଏକ ଫସଲି କିମ୍ବା ଦୋଫସଲି ଜମି ସେସବୁକୁ ମଧ ମୂଲ୍ୟାୟନ ପରିସରଭୁକ୍ତ କରାଯିବ।

ସେହିପରି ଯଦି ଚାଷଜମିର କିସମ ପରିବର୍ତ୍ତନ ହୋଇ ନ ଥାଏ ଏବଂ ଉକ୍ତ ଜମି ଜାତୀୟ ରାଜପଥର ୫୦ ମିଟର ଦୂରରେ ଥାଏ ତେବେ ତାହାର ନୂତନ ବର୍ଦ୍ଧିତ ମୂଲ୍ୟାୟନ ଲାଗୁ ହେବ। ସେହିପରି ଜାତୀୟ ରାଜପଥଠାରୁ ୨୦୦ ମିଟର ଦୂରତା ଭିତରେ ରହିଲେ ମଧ ବଢ଼ା ଦର ଲାଗୁ ହେବ। ଏହାସହିତ ରାଜ୍ୟ ରାଜପଥର ୫୦ ମିଟର, ୨୦୦ ମିଟର ଏବଂ ଜାତୀୟ ପ୍ରକଳ୍ପ ନିକଟବର୍ତ୍ତୀ ଅଞ୍ଚଳରେ ଚାଷଜମି ଥିଲେ ତା'ର ମୂଲ୍ୟାୟନ ବଢ଼ିବ। ସେହିପରି ଅଣଚାଷ ଜମି କ୍ଷେତ୍ରରେ ମଧ ୪ପ୍ରକାର ଜମିର ମୂଲ୍ୟାୟନ କରାଯିବ। ସେଥିମଧ୍ୟରେ ଘରବାରି, ବାଣିଜ୍ୟ, ଅନୁଷ୍ଠାନ ଏବଂ ଶିଳ୍ପ କ୍ଷେତ୍ରରେ ଜମିର ମୂଲ୍ୟାୟନ ବେଳେ ଦୃଷ୍ଟିଦେବାକୁ ହେବ। ସଂକଳ୍ପରେ କୁହାଯାଇଛି, ଛାତ ଏବଂ ଆଜବେଷ୍ଟସ ଘର ମୂଲ୍ୟାୟନ ବେଳେ ନିର୍ଦ୍ଦିଷ୍ଟ ଫର୍ମ-୭ରେ ଜିଲାସ୍ତରୀୟ ଏବଂ ଉପଜିଲାସ୍ତରୀୟ କମିଟିକୁ ଦର୍ଶାଇବାକୁ ହେବ, ଯାହାଦ୍ୱାରା ସ୍ଥାବର ସମ୍ପତ୍ତିର ମୂଲ୍ୟାୟନ ଠିକ୍ ଭାବେ ହୋଇପାରିବ ବୋଲି ସଂକଳ୍ପରେ ଦର୍ଶାଯାଇଛି।

## ଘରେ ନିଆଁ ଲାଗି...

ଦାଉରୁ ରକ୍ଷା ପାଇଁ ନିଆଁଜାଳି ଗୋଟିଏ ବଖରାରେ ଶୋଇଥିଲେ। ତେବେ ଅସାବଧାନତା ଯୋଗୁ ସେ ପୋଡ଼ିଯିବା ସହ ତାଙ୍କ ଚାଳଛପର ଘରେ ମଧ ନିଆଁ ଲାଗିଯାଇଥିଲା। ଗ୍ରାମବାସୀଙ୍କଠାରୁ ଖବରପାଇ ଦମକଳବାହିନୀ ପହଞ୍ଚିବା ବେଳକୁ ସବୁ ଶେଷ ହୋଇଯାଇଥିଲା। ୩ ବଖରା ଘର ସମେତ ଛେଳି, କୁକୁଡ଼ା ଓ ଆସବାବପତ୍ର ଭସ୍ମ ହୋଇଯାଇଥିଲା। ମୃତକଙ୍କ ପୁଅ ମଙ୍ଗଳ ସିଂଙ୍କ ଅଭିଯୋଗ କ୍ରମେ ବାଙ୍ଗିରିପୋଷି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଭାଜପା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସୁଗଦା ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହିତ ସହାୟତା ଯୋଗାଇ ଦେଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ତହସିଲଦାର ଶୁଭଙ୍କରୀ ସୁଦେଷ୍ଣା କହିଛନ୍ତି।

**Classified Everyday**
**0674-2580101, 9692975378**



**REAL ESTATE**
**SALE**

କଟକ, ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ "Sum Hospital-2" ଓ Grand Bazar ସମ୍ମୁଖରେ NH-16 ଠାରୁ 1Km. ଦୂରତାରେ ଘରବାରି ପ୍ଲଟ କିଣନ୍ତୁ ଓ ନବନିର୍ମିତ କଲୋନୀ ଭିତରେ ଗୃହ ନିର୍ମାଣ କରନ୍ତୁ। ସନ୍ତୋଷ- 9438362273
D-2877

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-2888

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190.
ଧ-୨୮୫୦

ଭୁବନେଶ୍ୱର ଗ୍ୟାରେଜ୍‌ଛକ ନିକଟରେ ୩୦ ଫୁଟ ରାସ୍ତା ଥାଇ ଘରବାଡ଼ି ଫ୍ଲଟ ବିକ୍ରି ହେବ- 9178660666.
ଧ-୨୮୫୧




Newly open health benifits, Joint pain relax good environment atmosphere 7653969971. D-2853

**LOST**

ଦଲିଲ ହଜିଯାଇଥିବା ସମ୍ବନ୍ଧେ। ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଯାଉଛି ଯେ ମୁଁ କେ. ନରିନ କୁମ୍ଦାନ, ପୁଅ- ଲେ. କେ. କୋଦନଦାରମ କୁମ୍ଦାନ, ବାସିନ୍ଦା- ନ୍ୟୁ କଲୋନୀ, ରାୟଗଡ଼ା, ଗତ ତା୦୯।୧୨।୨୦୨୫ରିଖରେ ନ୍ୟୁ କଲୋନୀରୁ ଲାୟନ୍ସ କ୍ଲବ୍, ରାୟଗଡ଼ାକୁ ଯିବା ସମୟରେ ମୋ ସମ୍ପତ୍ତି ସମ୍ବନ୍ଧୀୟ ମୂଳ ଦଲିଲଗୁଡ଼ିକ ସମ୍ବଳିତ ଗୋଟିଏ ଫାଇଲ ହଜିଯାଇଛି। ମୋର ପୁନଃପୁନଃ ଖୋଜାଖୋଜି ସତ୍ତ୍ୱେ ଏପର୍ଯ୍ୟନ୍ତ ଦଲିଲଗୁଡ଼ିକ ମିଳିନାହିଁ। ହରାଇଥିବା ଦଲିଲଗୁଡ଼ିକ ହେଉଛି: ୧. ମୂଳ ବିକ୍ରୟ ଦଲିଲ ସଂଖ୍ୟା ୭୭୯/୧୯୮୪, ୨. ମୂଳ ବିକ୍ରୟ ଦଲିଲ ସଂଖ୍ୟା ୬୬୮/୧୯୮୫, ୩. ମୂଳ ରେକ୍ଟିଫିକେଶନ ଦଲିଲ ସଂଖ୍ୟା୧୦/୧୯୯୧, ୪. ମୂଳ ରେକ୍ଟିଫିକେଶନ ଦଲିଲ ସଂଖ୍ୟା ୧୧/୧୯୯୧, ୫. ଖାତା ସଂଖ୍ୟା ୨/୭୨୦, ପ୍ଲଟ ସଂଖ୍ୟା ୧୪/୧/୧୦୭୪ ସମ୍ବନ୍ଧୀୟ ମୂଳ ROR ଏବଂ Sale Deed। ଉକ୍ତ ଦଲିଲଗୁଡ଼ିକ ବ୍ୟାଙ୍କ ଋଣ ପାଇବା ପାଇଁ ବ୍ୟାଙ୍କରେ ଜମା କରିବାକୁ ଥିଲା। ଏହି ସମ୍ବନ୍ଧରେ ମୁଁ ତାରିଖ ୧୦।୧୨।୨୦୨୫ରେ ଏକ ଆଫିଡାଭିଟ କରିଛି ଏବଂ FIR/GD Entry No. ୦୧୦, ତାରିଖ- ୧୭.୧୨.୨୦୨୫ରେ ରାୟଗଡା ଥାନାରେ ରେଜିଷ୍ଟ୍ରି କରାଇଛି। ଉକ୍ତ ଦଲିଲ ସମ୍ବନ୍ଧରେ କାହାର ଦାବି, ଆପତ୍ତି କିମ୍ବା ସୂଚନା ଥିଲେ, ଦୟାକରି ଏହି ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ନିମ୍ନଲିଖିତଙ୍କୁ ସୂଚନା କରିବେ। ଯଦି କୌଣସି ଆପତ୍ତି ମିଳିନାହିଁ, ତେବେ ଏହାକୁ ଧାରଣା କରାଯିବ ଯେ କାହାର ଏହି ଦଲିଲଗୁଡ଼ିକ ଉପରେ କୌଣସି ଦାବି ନାହିଁ। ଯଦି ଦଲିଲଗୁଡ଼ିକ କୌଣସି ସମୟରେ ମିଳିଥାଏ, ମୁଁ ସେଗୁଡ଼ିକୁ ତତକ୍ଷଣାତ୍ ସମ୍ବନ୍ଧିତ ବ୍ୟାଙ୍କରେ ଜମା କରିବି, ଯଥାବଶ୍ୟକ। ନାମ: କେ. ନରିନ କୁମ୍ଦାନ, ଠିକଣା: ନ୍ୟୁ କଲୋନୀ, ରାୟଗଡା, ଓଡ଼ିଶା, ଫୋନ: ୯୪୩୭୦୨୪୮୧୦. ଧ-୨୯୯୮

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମୁଁ ଶ୍ରୀ ଗୌରାଙ୍ଗ ନାୟକ, (୫୭) ବର୍ଷ, ସା/ପୋ- ନୋତର, ଥାନା- ଇଟାମାଟି, ଜିଲ୍ଲା- ନୟାଗଡ଼ ଜଣାଉଛି ମୋର ଘରବାରି ଦଲିଲ ନଂ.- ୪୯୯, ତାରିଖ ୧୪।୧୧।୧୩ ଟି ନୋତରଠାରେ ହଜିଯାଇଛି। ମୁଁ ମୋର ଦଲିଲ୍ ବାଇକ୍‌ରେ ଏକ ବ୍ୟାଗରେ ରଖି ତହସିଲ କାର୍ଯ୍ୟାଳୟକୁ ଯାଉଥିବାବେଳେ ୧୪।୧୧।୨୫ ତାରିଖରେ ହଜି ଯାଇଛି। ଏ ସମ୍ପର୍କରେ ଇଟାମାଟି ଥାନାରେ ଜିଡ଼ି ନଂ.- ୦୧୧ ରେ ଏତଲା ଦେଇଛି। ଏଣୁ ନିବେଦନ କରେକି ଯଦି ଏହି ଦଲିଲ୍ କେହି ପାଇଲେ ମୋର ନିମ୍ନୋକ୍ତ ଫୋନ ନମ୍ବରରେ ଜଣାଇବାକୁ ଅନୁରୋଧ।
ଶ୍ରୀ ଗୌରାଙ୍ଗ ନାୟକ
ସା/ପୋ- ନୋତର, ନୟାଗଡ଼
ଫୋନ ନମ୍ବର- ୭୮୯୪୮୦୮୦୧୭
ଧ-୨୮୯୯

**AFFIDAVIT**

By virtue of an affidavit sworn before the Executive Magistrate, Bhadrak, I, Banalata Das, W/o.- Biswaranjan Nayak, Vill.- Nuasahi, P.O.- Suryapur, Dist.- Bhadrak changed my name from Banalata Das to Banitarani Nayak for all Purposes. D-2896

ମୁଁ ନୀରଜ କୁମାର ସିଂହ, ପିତା ଧର୍ମେନ୍ଦ୍ର ସିଂହ, ବୋରିଗୁମ୍ମା ବାସିନ୍ଦା, କୋରାପୁଟ, ଓଡ଼ିଶା-764056, ଏହା ଘୋଷଣା କରୁଛି ଯେ ମୋର ସଠିକ ଓ ପୂର୍ଣ୍ଣ ନାମ ନୀରଜ କୁମାର ସିଂହ। କିନ୍ତୁ, ମୋର ଜନ୍ମ ପ୍ରମାଣପତ୍ରରେ ମୋର ନାମ ନୀରଜ ସିଂହ ଭାବରେ ଉଲ୍ଲେଖ ହୋଇଛି। ଉଭୟ ନାମ ସମାନ ବ୍ୟକ୍ତି, ଅର୍ଥାତ୍ ମୁଁ ନିଜକୁ ଇଙ୍ଗିତ କରେ। ମୁଁ ନୋଟାରୀ ପବ୍ଲିକ ପତ୍ର ସଂଖ୍ୟା 1718, ତାରିଖ 13.09.2025 ଅନୁଯାୟୀ ଏହା ଘୋଷଣା କରୁଛି ଯେ ମୋର ସଠିକ ଓ ବୈଧ ନାମ ନୀରଜ କୁମାର ସିଂହ ଏବଂ ଆଗାମୀ ଭବିଷ୍ୟତର ସମସ୍ତ କାର୍ଯ୍ୟ ଓ ଆଇନଗତ ଉଦ୍ଦେଶ୍ୟରେ ଏହି ନାମରେ ଜଣାଯିବି। ଧ-୨୮୯୭

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**



✓ ବିର କିଶୋର ସାହୁ
ଏ/ଏଲ୍ - ୧୦୯, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ଆବିର୍ଭାବ : ୧୫.୦୫.୧୯୪୭
ତିରୋଧାନ : ୧୨.୧୨.୨୦୨୫
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଅଛୁ।
ଶୋକସନ୍ତପ୍ତ :
ବନ୍ଧୁ ଓ ପରିବାରବର୍ଗ
ଧ-୨୯୦୨

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



ସ୍ୱର୍ଗତା ଉମାମଣୀ ମିଶ୍ର
ପୁରୁଣା ଷ୍ଟେସନ ବଜାର, ଭୁବନେଶ୍ୱର
ଆବିର୍ଭାବ: ୦୧।୦୧।୧୯୩୭
ତିରୋଧାନ: ୧୨।୦୧।୨୦୨୪
ଆଜକୁ ଆପଣ ଆମକୁ ଛାଡି ଚାଲିଯିବାର ୨ ବର୍ଷ ବିତିଲା, କିନ୍ତୁ ଏବେବି ପ୍ରତି ମୁହୂର୍ତ୍ତରେ ଆପଣଙ୍କ ଅନୁପସ୍ଥିତି ପରିବାରର ସମସ୍ତ ସଦସ୍ୟ ହୃଦୟଙ୍ଗମ କରିପାରୁଛୁ। ଏହି ପବିତ୍ର ତିଥିରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୯୦୦

**୧୯ ବର୍ଷରୁ କମ୍ ଏସିଆ କପ୍**

# ପାକିସ୍ତାନ ଚାମ୍ପିୟନ

**ଦୁବାଇ, ୨୧।୧୨**

ପାକିସ୍ତାନ ୧୯ ବର୍ଷରୁ କମ୍ ଏସିଆ କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ପାକିସ୍ତାନ ୧୯୧ ରନରେ ଭାରତକୁ ପରାସ୍ତ କରିଛି। ଫଳରେ ଫାଇନାଲ ପର୍ଯ୍ୟନ୍ତ ଅପରାଜେୟ ରହିଥିବା ଭାରତ ରନରଅପ୍‌ରେ ସନ୍ତୁଷ୍ଟ ହୋଇଛି। ସମୀର ମିନହାସଙ୍କ ବିସ୍ଫୋରକ ଶତକ ସହାୟତାରେ ପାକିସ୍ତାନ ୫୦ ଓଭରରେ ୮ ଉଇକେଟ ହରାଇ ୩୪୭ ରନ କରିଥିଲା। ଆରମ୍ଭରୁ ଚାପର ବଶବର୍ତ୍ତୀ ହୋଇଥିବା ଭାରତ ୨୬.୨ ଓଭରରେ ୧୫୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଏକାଧିକ ରେକର୍ଡର ଅଧିକାରୀ ହୋଇଥିବା ମିନହାସ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।



ଶତକ ହାସଲପରେ ଉଲ୍ଲସିତ ପାକିସ୍ତାନର ସମୀର ମିନହାସ।

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପାକିସ୍ତାନ ସମୀର ମିନହାସଙ୍କ ୧୧୩ ବଲ୍‌ରୁ ୧୭୨ ରନ ସହାୟତାରେ ବଡ଼ ସ୍କୋର ଛିଡ଼ା କରିଥିଲା। ଅହମଦ ହୁସେନ ୫୬ ରନ କରିଥିଲେ। ନିଜ ଶତକୀୟ ଇନିଂସ ମଧ୍ୟରେ ମିନହାସ ୧୭ ଚୌକା ଓ ୯ ଛକା ମାରିଥିଲେ। କେବଳ ବାଉଣ୍ଡାରିରୁ ମିନହାସ ୧୨୨ ରନ ସଂଗ୍ରହ କରିଥିଲେ, ଯାହାକି ୟୁଥ୍ ଦିନିକିଆ ଅନ୍ତର୍ଜାତୀୟରେ ପାକିସ୍ତାନ ଲାଗି ଏକ ରେକର୍ଡ। ପୂର୍ବରୁ ଶାମିଲ ହୁସେନ ୯୪ ରନ ସଂଗ୍ରହ କରି ରେକର୍ଡର ଅଧିକାରୀ ଥିଲେ। ସେହିପରି ସମୀରଙ୍କ ୧୭୨ ରନ କୌଣସି ପାକିସ୍ତାନୀ ଖେଳାଳିଙ୍କ ଲାଗି ବ୍ୟକ୍ତିଗତ ସର୍ବାଧିକ ସ୍କୋର। ଶାହାଜିବ ଖାଁ ୧୫୯ ରନକରି ରେକର୍ଡର ଅଧିକାରୀ ଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଦୀପେଶ ଦେବେନ୍ଦ୍ରନ ୩ଟି, ହେନିଲ ପଟେଲ ଓ ଖିଲାନ ପଟେଲ ୨ଟି ଲେଖାଏ ଏବଂ କନିଷ୍କ ଚୌହାନ ଗୋଟିଏ ଉଇକେଟ ନେଇଥିଲେ। ବଡ଼ ସ୍କୋରର ପିଛା କରି ଭାରତ ଯଦିଓ ଓପନିଂ ଯୋଡ଼ିରେ ୧୪ ବଲ୍‌ରୁ ୩୨ ରନ ସଂଗ୍ରହ କରିଥିଲା ତେବେ ଅଧିନାୟକ ଆୟୁଷ ମାହାତ୍ରେ (୨)ଙ୍କ ଉଇକେଟ ହରାଇବା ପରେ ଆଉ ରନ୍ ଚେଜ୍ ଦୌଡ଼ରେ ରହିପାରି ନ ଥିଲା। ୧୦ ନମ୍ବର ବ୍ୟାଟର ଦୀପେଶ ଦେବେନ୍ଦ୍ରନ ସର୍ବାଧିକ ୩୬ ଓ ବୈଭବ ସୂର୍ଯ୍ୟବଂଶୀ ୨୬ ରନ କରିବାକୁ ସକ୍ଷମ ହୋଇଥିଲେ। ୬ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ। ପାକିସ୍ତାନ ପକ୍ଷରୁ ଅଲୀ ରାଜା ୪ଟି ଏବଂ ମହମ୍ମଦ ସାୟାମ, ଅବଦୁଲ ସୁଭାନ ଓ ହୁଜାଇଫା ଏହସାନ ୨ଟି ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

୧୯ ବର୍ଷରୁ କମ୍ ପାକିସ୍ତାନ ୫୦ ଓଭରରେ ୩୪୭/୮ (ସମୀର ମିନହାସ-୧୭୨, ଅହମଦ ହୁସେନ-୫୬, ଦୀପେଶ ଦେବେନ୍ଦ୍ରନ-୩/୮୩, ହେନିଲ ପଟେଲ-୨/୬୨, ଖିଲାନ ପଟେଲ-୨/୪୪, କନିଷ୍କ ଚୌହାନ-୧/୭୨)। ୧୯ ବର୍ଷରୁ କମ୍ ଭାରତ ୨୬.୨ ଓଭରରେ ୧୫୬/ଅଲ୍‌ଆଉଟ (ଦୀପେଶ ଦେବେନ୍ଦ୍ରନ- ୩୬, ବୈଭବ ସୂର୍ଯ୍ୟବଂଶୀ-୨୬, ଅଲୀ ରାଜା-୪/୪୨, ମହମ୍ମଦ ସାୟାମ-୨/୩୮, ଅବଦୁଲ ସୁଭାନ-୨/୨୯, ହୁଜାଇଫା ଏହସାନ-୨/୧୨)।

# ଟାଟା ଏଚ୍‌ପିସିର ହକି ଗୋଲକିପିଂ କର୍ମଶାଳା



ଅତିଥିଙ୍କ ସହ କର୍ମଶାଳାରେ ଭାଗ ନେଇଥିବା ଖେଳାଳିମାନେ।

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)**

ତୃଣମୂଳ ସ୍ତରରେ ହକିକୁ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ନାଭାଲ ଟାଟା ହକି ହାଇ ପରଫରମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି) ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ହକି ଗୋଲକିପିଂ କର୍ମଶାଳା ରବିବାର ଶେଷ ହୋଇଛି। ୧୧ ଦିନ ବିଶିଷ୍ଟ ଏହି କର୍ମଶାଳାରେ ଆଧୁନିକ ଗୋଲକିପରଙ୍କ ପାଇଁ ଅତ୍ୟାବଶ୍ୟକୀୟ ଦକ୍ଷତା (ଗୋଲକିପିଂ କୌଶଳ, ମ୍ୟାଚ ସଚେତନତା, ରିଫ୍ଲେକ୍ସ ଟ୍ରେନିଂ, ପୋଜିଶନିଂ, ମାନସିକ ଦୃଢ଼ତାର ବିକାଶ) ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ଓଏନ୍‌ଟିଏଚ୍‌ଏଚ୍‌ପିସିର ଗୋଲକିପିଂ କୋଚ ଏମ.ଡି. ଇସମାଇଲଙ୍କ ନେତୃତ୍ୱରେ ଆୟୋଜିତ କର୍ମଶାଳାରେ କ୍ୟାଡେଟ ଅମିଶା କୁଲୁ, ମଙ୍ଗଳ ସାହୁ ଏବଂ ବିବେକ ଲାକ୍ରା ଯୁବ ଖେଳାଳିଙ୍କ ସହିତ ନିଜ ଅଭିଜ୍ଞତା ବାଣ୍ଟିଥିଲେ। କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସଏସଆଇ)ର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ସାର୍ଥକ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ଅଂଶଗ୍ରହଣକାରୀମାନଙ୍କୁ କ୍ରୀଡା ବିଜ୍ଞାନ, ଆଘାତ ପ୍ରତିରୋଧ ଏବଂ ଦୀର୍ଘକାଳୀନ କ୍ରୀଡାବିତ ବିକାଶର ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇଥିଲେ।

# ମହିଳା କ୍ରିକେଟ: ଭାରତର ସହଜ ବିଜୟ

**ବିଶାଖାପାଟଣା, ୨୧।୧୨**

ବୋଲରଙ୍କ ପ୍ରଭାବୀ ପ୍ରଦର୍ଶନ ଏବଂ ଜେମିମା ରୋଡ୍ରିଗୁଏଜଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ଭାରତୀୟ ମହିଳା କ୍ରିକେଟ ଦଳ ରବିବାର ଅନୁଷ୍ଠିତ ସିରିଜର ପ୍ରଥମ ଟି୨୦ ମ୍ୟାଚରେ ଶ୍ରୀଲଙ୍କାକୁ ୮ ଉଇକେଟରେ ପରାସ୍ତ କରିଛି। ଶ୍ରୀଲଙ୍କା ୨୦ ଓଭରରେ ୬ ଉଇକେଟ ହରାଇ ୧୨୧ ରନ କରିଥିବାବେଳେ ଭାରତ ୧୪.୪ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୨୨ ରନ ସଂଗ୍ରହ କରି ନେଇଥିଲା। ରୋଡ୍ରିଗୁଏଜ ୬୯ ଓ ଅଧିନାୟିକା ହରମନପ୍ରୀତ କୌର ୧୫ ରନରେ ଅପରାଜିତ ରହିଥିଲେ। ୨୫ ରନ କରିଥିବା ସ୍ମୃତି ମନ୍ଧାନା ଟି୨୦ ଅନ୍ତର୍ଜାତୀୟରେ ୪୦୦୦ ରନ ପୂରଣ କରିଥିଲେ। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ କାୱ୍ୟା କାଭିନ୍ଦି ଓ ଇନୋକା ରଣବୀରା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ରୋଡ୍ରିଗୁଏଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ୫ ମ୍ୟାଚ ବିଶିଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚ ୨୩ ତାରିଖରେ ଅନୁଷ୍ଠିତ ହେବ। ଗତ ନଭେମ୍ବରରେ ଦିନିକିଆ ବିଶ୍ୱକପ ଜିତିବାପରେ ଭାରତୀୟ ଦଳ ଏଠାରେ ପ୍ରଥମ ମ୍ୟାଚ ଖେଳିଥିଲା। ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ କୌର। ଅଧିନାୟିକାଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ଘରୋଇ ଦଳର ବୋଲରମାନେ ଚମତ୍କାର ବୋଲିଂ କରି ଶ୍ରୀଲଙ୍କା ବ୍ୟାଟରଙ୍କୁ ବାନ୍ଧି ରଖିଥିଲେ। ଓପନର ଭିସ୍ମି ଗୁଣରତ୍ନେ ସର୍ବାଧିକ ୩୯ ରନ କରିଥିବାବେଳେ ହର୍ଷିଥା ସମରବିକ୍ରମା ୨୧ ଓ ହସିନି ପେରେରା ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ସମସ୍ତ ଭାରତୀୟ ବୋଲର ଭଲ ବୋଲିଂ କରିଥିଲେ। କ୍ରାନ୍ତି ଗୌଡ଼, ଦୀପ୍ତି ଶର୍ମା ଓ ଶ୍ରୀ ଚରଣୀ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୩ ବ୍ୟାଟର ରନ୍‌ଆଉଟ ହୋଇଥିଲେ। ଗ୍ୱାଲିୟରରେ ଜନ୍ମିତ ୨୦ ବର୍ଷୀୟା ବାମହାତୀ ସ୍ପିନର ବୈଷ୍ଣବୀ ଶର୍ମା ଏଠାରେ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିଲେ।

**ବିଜୟ ହଜାରେ ଟ୍ରଫି**

# ସୌରାଷ୍ଟ୍ର ବିପକ୍ଷରୁ ଓଡ଼ିଶାର ଅଭିଯାନ

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)**

ବିଜୟ ହଜାରେ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଖେଳିବା ଲାଗି ଓଡ଼ିଶା ଦଳ ରବିବାର ବେଙ୍ଗାଲୁରୁ ଯାତ୍ରା କରିଛି। ସେଠାରେ ୨୪ ତାରିଖରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚ ସୌରାଷ୍ଟ୍ର ବିପକ୍ଷରେ ଖେଳିବ। ଏହାପରେ ୨୬ରେ ସର୍ଭିସେସ, ୨୯ରେ ଆନ୍ଧ୍ର ପ୍ରଦେଶ, ୩୧ରେ ଦିଲ୍ଲୀ, ଜାନୁଆରୀ ୩ରେ ହରିୟାଣା, ୬ରେ ଗୁଜରାଟ ଓ ୮ରେ ରେଲୱେ ସହିତ ମୁକାବିଲା କରିବ। ଓଡ଼ିଶା ଦଳ ସହ ମୁଖ୍ୟ କୋଚ୍ ସୁରେନ୍ଦ୍ର ଭାବେ, ସହକାରୀ କୋଚ୍ ସୌରଭ ସେହଗଲ, ମ୍ୟାନେଜର ବିଜୟ କୁମାର ଦାସ ଓ ଅନ୍ୟ ସପୋର୍ଟ ଷ୍ଟାଫ୍‌ମାନେ ବେଙ୍ଗାଲୁରୁ ଯାଇଛନ୍ତି। ପୂର୍ବତନ ଓଡ଼ିଶା ଖେଳାଳି ତଥା ବିସିସିଆଇ ମ୍ୟାଚ ରେଫରି ପି. ଜୟଚନ୍ଦ୍ର ମଧ୍ୟ ପ୍ରତିଯୋଗିତା ପରିଚାଳନା ଲାଗି ଦଳସହ ଯାତ୍ରା କରିଛନ୍ତି।

**ଓଡ଼ିଶା ଦଳ:** ବିପ୍ଳବ ସାମନ୍ତରାୟ (ଅଧିନାୟକ), ଶାନ୍ତନୁ ମିଶ୍ର, ସ୍ୱସ୍ତିକ ସାମଲ, ଓମ୍ ଟି. ମୁଣ୍ଡେ, ଦୀନେଶ କୁମାର ମାଝି (ଉଇକେଟ କିପର), ଆଶୀର୍ବାଦ ସ୍ୱାଇଁ (ଉଇକେଟ କିପର), ପ୍ରୟାସ କୁମାର ସିଂ, ସମ୍ବିତ ବରାଳ, ରାଜେଶ ମହାନ୍ତି (ଉପ-ଅଧିନାୟକ), ଦେବବ୍ରତ ପ୍ରଧାନ, ସୌମ୍ୟରଞ୍ଜନ ଲେଙ୍କା, ଅନିଲ ପରିଡ଼ା, ସନ୍ଦୀପ ପଟ୍ଟନାୟକ, ବାଦଲ ବିଶ୍ୱାଳ, ଗୋବିନ୍ଦ ପୋଦ୍ଦାର, ସୟଦ ତୁଫେଲ ଅହମଦ।

# ଅଲ୍ ଓଡ଼ିଶା ପୁରୁଷ କବାଡ଼ି ପ୍ରିମିୟର ଲିଗ୍ ୯ରୁ

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)**

ପଟିଆ ଗଡ଼ ସ୍ପୋର୍ଟ୍ସକ୍ଲବ ଆନୁକୂଲ୍ୟରେ ଜାନୁଆରୀ ୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି ୬ଷ୍ଠ ଅଲ ଓଡ଼ିଶା ପୁରୁଷ କବାଡି ପ୍ରିମିୟର ଲିଗ। ପଟିଆ ଦୋଳ ମେଳଣ ପଡିଆରେ ୩ ଦିନ ଧରି ଚାଲିବାକୁ ଥିବା ଏହି ଲିଗରେ ୬ଟି ଦଳ ଭାଗ ନେବେ। ଦଳ ଗୁଡିକ ହେଲେ ଶ୍ରୀଦେବ ୱାରିୟର୍ସ, ଜୟ ମହାକାଳ, ମହାଦେବ ୱାରିୟର୍ସ, ପରି ରେଞ୍ଜର, ରେନବୋ ବିଷ୍ଟ ଓ ମା' ମଙ୍ଗଳା ଫାଇଟର୍ସ। ଏହି ଲିଗ୍ ପାଇଁ ରବିବାର ଜର୍ସି ଉନ୍ମୋଚନ ଓ ଖେଳାଳି ନିଲାମ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଏଥିରେ ସାମିଲ ହୋଇଥିଲେ। ଦଳ ଗୁଡିକ ନିଜ ପସନ୍ଦର ଖେଳାଳି କ୍ରୟ କରିଥିଲେ।




ଅତିଥି ଓ କର୍ମକର୍ତ୍ତାମାନେ ଲିଗ୍‌ର ଜର୍ସି ଉନ୍ମୋଚନ କରୁଛନ୍ତି।

**ଭାଗନେବେ ୬ ଦଳ**

ବିଧାୟକ ସୁଶାନ୍ତ କୁମାର ରାଉତ, ଭାଜପା ଉପ ସଭାପତି ଗୋଲକ ମହାପାତ୍ର, କର୍ପୋରେଟର ଲକ୍ଷ୍ମୀ ପ୍ରିୟା ପରିଡା, ପଟିଆ ଗ୍ରାମ ମଙ୍ଗଳ ସମିତିର ସମ୍ପାଦକ ସନ୍ତୋଷ ପରିଡା, ସଭାପତି ଚିତ୍ତରଞ୍ଜନ ପାତ୍ର, ଜୟନ୍ତୀ ଜେନା, ସଞ୍ଜୟ ସେଠୀ, ବିନୟ ରାଉତ,ଅଜୟ ବେହେରା, ସୂର୍ଯ୍ୟକାନ୍ତ ମହାନ୍ତି, ସୁଭାଷ ପରିଡା ଓ ନୀଳକଣ୍ଠ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟରେ କବାଡି କ୍ରୀଡାର ବିକାଶ ଓ ଖେଳାଳିଙ୍କୁ ପ୍ରୋତ୍ସାହିତ କରିବା ଏହି ଲିଗ୍‌ର ଉଦ୍ଦେଶ୍ୟ ବୋଲି ଅନ୍ୟତମ କର୍ମକର୍ତ୍ତା ଜିତେନ୍ଦ୍ର କୁମାର ରାଉତ ପ୍ରକାଶ କରିଛନ୍ତି।

# ଜେଏମ୍ ସ୍ପୋର୍ଟ୍ସ ଏକାଡେମୀରେ ଜିଲାସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ



କୃତୀ ପ୍ରତିଯୋଗୀମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)**

ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ଆନୁକୂଲ୍ୟରେ ସମେଇଗାଡ଼ିଆସ୍ଥିତ ଜେଏମ୍ ସ୍ପୋର୍ଟ୍ସ ଏକାଡେମୀ ପରିସରରେ ରବିବାର ଜିଲାସ୍ତରୀୟ ଆର୍ଟିଷ୍ଟିକ ଜିମ୍ନାଷ୍ଟିକ ଚାମ୍ପିୟନଶିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୪ଟି ବୟସ ବର୍ଗରେ ୩୦ଟି ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୬ ଓ ୮ ବର୍ଷର ପିଲାମାନଙ୍କ ପାଇଁ କେବଳ ଫ୍ଲୋର ଏକ୍ସରସାଇଜ୍ ଇଭେଣ୍ଟ ଥିବାବେଳେ ୧୦ ବର୍ଷର ପିଲାମାନଙ୍କ ପାଇଁ ୨ଟି, ୧୨ ଓ ୧୪ ବର୍ଷରୁ କମ୍ ବାଳକ, ୧୩ ବର୍ଷରୁ କମ୍ ବାଳିକା ଏବଂ ଜୁନିୟର ଓ ସିନିୟର୍ ସ୍ତରରେ ଏଫ୍‌ଆଇଜି ନିୟମ ଅନୁସାରେ ପ୍ରତିଯୋଗିତା ହୋଇଥିଲା। ଉଭବ କେଜ୍ରିୱାଲ, ଜୟଶ୍ରୀ ପରମାଣିକ, ଭାସ୍କର ଭାବିକ ବେଉରା, ଦିବ୍ୟାଞ୍ଜଳି ମହନ୍ତ, ଦିବ୍ୟାଂଶ ପାଣିଗ୍ରାହୀ, ଯଶରାଜ ମହାନ୍ତି, ତନ୍ମୟ ପାଢ଼ୀ, ସୌମ୍ୟାଶ୍ରୀ ପ୍ରିୟଦର୍ଶିନୀ, ସରଣ୍ୟା ମିଶ୍ର, ମହମ୍ମଦ ବରକତ ଅଲୀ, ମନୀତ ମହାନ୍ତି, ବିଘ୍ନେଶା ଦାସ, ପ୍ରାଂଶୁଲ ଦାସ, କିଭା ପ୍ରିୟଦର୍ଶିନୀ, ସାଇ କୃପା ଦାଶ, ସଗୁନ ମିତେଶ ପଟେଲ, ଏସ. ଆର୍ଚି କ୍ରିଷ୍ଣା, ଶିଦୀକ୍ଷା ସାହୁ, ଦିବ୍ୟାଂଶ ସାହୁ, ଆମାଇରା ଅଗ୍ରୱାଲ, ସନ୍ମିତା ଖିଲାର, ବିଶ୍ୱଜିତ ଜେନା, ଦିବ୍ୟଜିତ ମହାରଣା, ପ୍ରିୟମ ପ୍ରଭାତୀ ଓ ଅଭିଶ୍ରୀ ଅସ୍ମିତା ପ୍ରମୁଖ ବିଭିନ୍ନ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ପୋଡିୟମ ମଣ୍ଡନ କରିଥିଲେ।

ପୁରସ୍କାର ବିତରଣୀ ଉତ୍ସବରେ ଓଡ଼ିଶା ଜିମ୍ନାଷ୍ଟିକ ଆସୋସିଏଶନର ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ ମୁଖ୍ୟ ଅତିଥି ଏବଂ ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ନରେନ୍ଦ୍ର କୁମାର ସେଠୀ, ସହ ସମ୍ପାଦକ ଗୁରୁ ପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏକାଡେମୀର ଅଧ୍ୟକ୍ଷା ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର ଉପସଭାପତି ମୀରାରାଣୀ ଦାସଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ଆୟୋଜନ ହୋଇଥିଲା। ସମ୍ପାଦକ ତଥା ଭୁବନେଶ୍ୱର ଜିମ୍ନାଷ୍ଟିକ ଆସୋସିଏଶନର କାର୍ଯ୍ୟକାରିଣୀ ସଦସ୍ୟ ଯଶୋବନ୍ତ ଦାସ ଓ ଆଇନ ପରାମର୍ଶଦାତା ସୁବ୍ରତ କୁମାର ମହାପାତ୍ର କାର୍ଯ୍ୟକ୍ରମକୁ ପରିଚାଳନା କରିଥଲେ। ଏକାଡେମୀର ସମସ୍ତ ଅଭିଭାବକ ଓ କର୍ମକର୍ତ୍ତାମାନେ ଏଥିରେ ସହଯୋଗ କରିଥିଲେ।

# କିଟ୍ ମହିଳା ଭଲିବଲ ଦଳକୁ ଯୋଗ୍ୟତା




ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଥିବା କିଟ୍ ମହିଳା ଭଲିବଲ୍ ଦଳ।

**ଭୁବନେଶ୍ୱର, ୨୧।୧୨ (ବିଜୟ ରଣା)**

ଜାତୀୟ ବିଶ୍ୱବିଦ୍ୟାଳୟ ସ୍ତରୀୟ ପ୍ରତିଯୋଗିତାରେ କିଟ୍ ଏହାର ପ୍ରଭାବୀ ପ୍ରଦର୍ଶନ ଜାରି ରଖିଛି। ଚେନ୍ନାଇସ୍ଥିତ ଏସ୍‌ଆର୍‌ଏମ୍ ୟୁନିଭର୍ସିଟିରେ ଚାଲିଥିବା ଆନ୍ତଃ-ବିଶ୍ୱବିଦ୍ୟାଳୟ ମହିଳା ଭଲିବଲ ଚାମ୍ପିୟନଶିପ୍‌ରେ କିଟ୍ ଦଳ ଏହାର ପ୍ରଥମ ଦୁଇଟି ମ୍ୟାଚରେ ବିଜୟ ଲାଭ କରି ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛି। ପ୍ରଥମ ମ୍ୟାଚରେ କିଟ୍ ୩-୦ରେ ମହର୍ଷି ଦୟାନନ୍ଦ ୟୁନିଭର୍ସିଟି ଏବଂ ଦ୍ୱିତୀୟ ମ୍ୟାଚରେ ଭେଲ୍ସ ୟୁନିଭର୍ସିଟିକୁ ୩-୨ରେ ହରାଇ ଦେଇଛି। ସେହିପରି କିଟ୍ ସନ୍ତରଣକାରୀମାନେ ମଧ୍ୟ ଆନ୍ତଃ-ବିଶ୍ୱବିଦ୍ୟାଳୟ ଜଳକ୍ରୀଡ଼ା (ପୁରୁଷ ଓ ମହିଳା)ରେ ଭଲ ପ୍ରଦର୍ଶନ କରିଛନ୍ତି। ୪ଜଣ ଖେଲୋ ଇଣ୍ଡିଆ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଦିବ୍ୟାଙ୍କ ପ୍ରଧାନ ୨୦୦ମିଟର ବଟରଫ୍ଲାଏରେ ୬ଷ୍ଠ ସ୍ଥାନ ଅଧିକାର କରି ଖେଲୋଇଣ୍ଡିଆ ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ନୀଳବଜା ଘୋଷ ୫୦ମିଟର ଫ୍ରିଷ୍ଟାଇଲ ବ୍ରୋଞ୍ଜ ସହ ଯୋଗ୍ୟତା ଅର୍ଜନ କରିଛନ୍ତି। ସେହିପରି ମିକ୍ସଡ ୪x୧୦୦ମିଟର ମିଡ୍‌ଲେ ରିଲେରେ ୪ର୍ଥ ସ୍ଥାନ ସହ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି।

# ଭୁବନେଶ୍ୱର ସାଇ ଇଲେଭେନ ଚାମ୍ପିୟନ

**ଭାପୁର, ୨୧।୧୨ ( ପ୍ରଭାତ ବରାଡ)**

ନୟାଗଡ଼ ଜିଲା ଭାପୁର ବ୍ଲକ ଅନ୍ତର୍ଗତ ଫତେଗଡ଼ ନାଲିସାଗର ଷ୍ଟାଡିୟମରେ ଚାଲିଥିବା ୧୬ତମ ସର୍ବଭାରତୀୟ ସଦାଶିବ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି। ସାଇ ଇଲେଭେନ ଭୁବନେଶ୍ୱର ୧୧୫ ରନରେ ଟିସିସି ଭୁବନେଶ୍ୱର ଟିମ୍‌କୁ ହରାଇ ଚଳିତବର୍ଷ ଚାମ୍ପିୟନ ହୋଇଛି।

ମ୍ୟାଚରେ ସାଇ ଇଲେଭେନ ଟିମ୍ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ଓଭରରେ ୪ ଉଇକେଟ୍ ହରାଇ ୨୫୩ରନ କରିଥିଲା। ଦଳ ପକ୍ଷରୁ ଆଦିତ୍ୟ ରାଉତ ୬୦ ବଲରେ ୧୭ଟି ଚୌକା ୯ ଛକା ସହାୟତାରେ ୧୩୭ ରନ, ସୌମ୍ୟ ବିଶ୍ୱାଳ ଅପରାଜିତ ରହି ୨୯ ବଲରେ ୨ଟି ଚଉକା ଓ ୮ଟି ଛକା ସହାୟତାରେ ୭୨ ରନ କରିଥିଲେ। ଜବାବରେ ଟିସିସି ଭୁବନେଶ୍ୱର (ତମାଣ୍ଡୋ) ଟିମ୍ ବ୍ୟାଟିଂ କରି ୧୪.୩ ଓଭରରେ ସମସ୍ତ ଉଇକେଟ୍ ହରାଇ ୧୩୮ ରନ କରି ରନର୍ସ ହୋଇଥିଲା। ଦଳ ପକ୍ଷରୁ ଅଭିଷେକ ପଟ୍ଟନାୟକ ୧୫ ବଲରେ ୪ ଚୌକା ୪ ଛକା ସହାୟତାରେ ୪୨ ରନ କରିଥିଲେ। ଚାମ୍ପିୟନ ଦଳର ଆଦିତ୍ୟ ରାଉତ ମ୍ୟାଚରେ ଶତକ କରିବା ଓ ସିରିଜରେ ମୋଟ ୨୩୬ରନ କରି ଥିବାରୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ମ୍ୟାଚ ଅଫ୍ ଦି ସିରିଜ ବିବେଚିତ ହୋଇ ରୁପା ମୁଦ୍ରା ସହ ଟ୍ରଫି ପୁରସ୍କୃତ ହୋଇଥିଲେ। ସେହିପରି ଚାମ୍ପିୟନ ଦଳର ସୂର୍ଯ୍ୟକାନ୍ତ ପ୍ରଧାନ ଏହି ଟୁର୍ନାମେଣ୍ଟରେ ବୋଲିଂ କରି ୯ ଉଇକେଟ ନେଇ ଶ୍ରେଷ୍ଠ ବୋଲର ପୁରସ୍କାର ପାଇଥିଲେ। ଏହି ମ୍ୟାଚରେ ଖେଳ ପରିଚାଳନା ଓସିଏ ଅମ୍ପାୟର ଦୁର୍ଗା ପ୍ରସାଦ ପଟ୍ଟନାୟକ ଏବଂ ଆଶୁତୋଷ ପାଣି କରିଥିଲେ। ଏଥିସହ ସ୍କୋରର ଦାୟିତ୍ୱ ପବିତ୍ର କୁମାର ସାହୁ ତୁଲାଇଥିବା ବେଳେ ସହାୟତା ବିଭୂତି ଭୂଷଣ ସାହୁ କରିଥିଲେ। ଡିଜିଟାଲ ସ୍କୋର କିରଣ ମନୋହର ମହାନ୍ତି କରିଥିଲେ। ମ୍ୟାଚ ୪ର୍ଥ ଅମ୍ପାୟର ଭାବେ ସୁଧୀ ରଞ୍ଜନ ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ଧାରା ବିବରଣୀ ପ୍ରଦାନ କରିଥିଲେ ବୁବୁ ସିହ୍ନା, ସରୋଜ କୁମାର ମହାପାତ୍ର, ଜନ୍ମେଜୟ ଦଲେଇ।

ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ସନ୍ଥ ତଥା ପୀଠାଧୀଶ୍ୱର ଶ୍ରୀକ୍ଷେତ୍ର ବାଲ୍ମୀକ ଧାମ, ଉତ୍ତରପ୍ରଦେଶ ରାଜ୍ୟ ସଭା ସଦସ୍ୟ ଉମେଶ ନାଥ ମହାରାଜଜୀ, ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବୋଲଗଡ଼, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ରଣପୁର ପୂର୍ବତନ ବିଧାୟକ ସତ୍ୟ ନାରାୟଣ ପ୍ରଧାନ, କ୍ରିକେଟ କୋଚ୍ କିଶୋର ମାଣିଆ, ସାମାଜିକ କର୍ମୀ ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ସାଇ ଇଲେଭେନ ଭୁବନେଶ୍ୱର ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ନଗଦ ଦେଢ଼ ଲକ୍ଷ ଟଙ୍କା ଓ ଟିସିସି ଭୁବନେଶ୍ୱର ଟିମ୍‌କୁ ରନର୍ସ ଟ୍ରଫି ସହିତ ଏକ ଲକ୍ଷ ଟଙ୍କା ପୁରସ୍କୃତ କରିଥିଲେ।

# ଆଇଆଇସି, ଗ୍ରୀନ୍ସ ଏକାଡେମୀ ବିଜୟୀ

**ଭୁବନେଶ୍ୱର, ୨୧।୧୨ (ତପନ ସ୍ୱାଇଁ)**

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ୨ଟି ମ୍ୟାଚ୍‌ରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ କ୍ରିକେଟ (ଆଇଆଇସି) ଓ ଗ୍ରୀନ୍ସ କ୍ରିକେଟ ଏକାଡେମୀ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ୍‌ରେ ଟସ୍ ଜିତି ବ୍ୟାଟିଂ କରିଥିବା ଆଇଆଇସି ୨୦ ଓଭରରେ ୯ ଉଇକେଟ ହରାଇ ୧୧୩ ରନ କରିଥିଲା। ଏସ.କେ. ରାହିଲ ଅଖତର ସର୍ବାଧିକ ୩୦ ରନ କରିଥିଲେ। ଖୋର୍ଦ୍ଧା ଜିଲା କ୍ରିକେଟ ଆସୋସିଏଶନ ବୋଲରଙ୍କ ମଧ୍ୟରେ ଅଗ୍ନିମିତ୍ର ମହାନ୍ତି ୩ଟି ଉଇକେଟ ନେଇଥିଲେ। ୧୧୪ ରନ ବିଜୟ ଲକ୍ଷ୍ୟରେ ଖୋର୍ଦ୍ଧା ଦଳ ୧୯.୧ ଓଭରରେ ୯୮ ରନରେ ଅଲ୍‌ଆଉଟ ହୋଇଯାଇଥିଲା। ଆଇଆଇସି ପକ୍ଷରୁ ରାଜବୀର ସାମନ୍ତରାୟ ୩ଟି ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ମୁକ୍ତେଶ୍ୱର କ୍ଲବର ପରାମର୍ଶଦାତା ପ୍ରକାଶ ଦାସ ଓ ମିହିର ମହାପାତ୍ର ପୁରସ୍କାର ପ୍ରଦାନ କରିଥିଲେ।

ଦ୍ୱିତୀୟ ମ୍ୟାଚରେ ଗ୍ରୀନ୍ସ ଏକାଡେମୀ ୮ ଉଇକେଟରେ ବିଶ୍ୱ ଭାରତୀକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ବିଶ୍ୱ ଭାରତୀ ୧୬.୩ ଓଭରରେ ୪୮ ରନକରି ସମସ୍ତ ଉଇକେଟ ହରାଇଥିଲା। ଗ୍ରୀନ୍ସ ପକ୍ଷରୁ ଓମ୍ ପ୍ରକାଶ ସାହୁ ୩ଟି ଏବଂ ଜଗନ୍ନାଥ ବେହେରା ଓ ଅନୁରାଗ ବାରିକ ୨ଟି ଲେଖାଏ ଉଇକେଟ ନେଇଥିଲେ। ୪୯ ରନ ବିଜୟ ଲକ୍ଷ୍ୟକୁ ଗ୍ରୀନ୍ସ ୧୩ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ୧୮ ରନ ଦେଇ ୩ ଉଇକେଟ ନେଇଥିବା ଓମ୍ ପ୍ରକାଶଙ୍କୁ ଅତିଥି ଲକ୍ଷ୍ମୀକାନ୍ତ ପାତ୍ର ଓ ପ୍ରଶାନ୍ତ ବିଶ୍ୱାଳ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ସୋମବାର ପ୍ରଗତି-କ୍ଲବ ଦି ରେଡ୍ ଷ୍ଟାର ଏବଂ ସହିଦ ସ୍ପୋର୍ଟିଂ-ସୋଲାର କ୍ରିକେଟ ଏକାଡେମୀ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ।

**ମୁକ୍ତେଶ୍ୱର କପ୍ କ୍ରିକେଟ**



ରାଜବୀର ସାମନ୍ତରାୟ ଏବଂ ଓମ୍ ପ୍ରକାଶ ସାହୁଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ